# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୩/୨୦୧୮ (୧୬ ପୃଷ୍ଠା) Sambalpur, Monday, September 3/ 2018 ★★

୧୪ଶ ଭାଗ ୨୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



DSPL-144

ଓଡ଼ିଶା ସରକାର

୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟର ବ୍ୟବଧାନ ପରେ ଆମ ରାଜ୍ୟରେ ପୁଣିଥରେ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ହେବାର ନୂଆ ଧାରା ଆରମ୍ଭ ହୋଇଛି।

ଗତବର୍ଷ ୪ ଓ ୬ ସେପ୍ଟେମ୍ବରରେ ଜନଜାତି ବହୁଳ କୋରାପୁଟ ଏବଂ ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ ସ୍ଥାପିତ ହେଲା ଦୁଇଟି ନୂଆ ମେଡିକାଲ କଲେଜ ଏବଂ ହସ୍ପିଟାଲ ।

ଏ ବର୍ଷ ଅଗଷ୍ଟ ୩୧ରେ ଆରମ୍ଭ ହେଲା ବଲାଙ୍ଗୀରଠାରେ ନୂଆ ମେଡିକାଲ କଲେଜ ଏବଂ ହସ୍ପିଟାଲ ।

ଆଜି ଲୋକାର୍ପିତ ହେଉଛି ବାଲେଶ୍ୱରଠାରେ ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଏକ ବିନମ୍ର ଶ୍ରଦ୍ଧାଞ୍ଜଳି ଭାବରେ ଉତ୍ସର୍ଗୀକୃତ

## ଫକୀର ମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ




ଆମ ରାଜ୍ୟର ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାକୁ ଏକ ନୂଆ ଦିଶା ଦେଇଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ।**



ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ




ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବାରିପଦା



ଭୀମ ଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, ବଲାଙ୍ଗୀର

ଆଗକୁ ଆହୁରି ୫ଟି ନୂଆ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେବ ଆମ ରାଜ୍ୟରେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ●●● ପୂର୍ତ୍ତ ବିଭାଗ ●●● ସୂଚନା ଓ ଲୋକସମ୍ପର୍କ ବିଭାଗ

10001/13/0021/1819

@Naveen_Odisha | CMO.Odisha | @CMO_Odisha

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା



କଶ୍ମୀରକୁ ନେଇ ଅତୀତରେ ଅନେକ ଭୁଲ କରିଛି ନୂଆଦିଲ୍ଲୀ। ଏବେ ଲୋକଙ୍କ ହୃଦୟ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବାର ବେଳ ଆସିଛି।

-ଫାରୁକ୍ ଅବ୍ଦୁଲ୍ଲା, ଏନ୍‌ସି ଅଧ୍ୟକ୍ଷ

■ ପାକିସ୍ତାନକୁ ୩୦୦ ନିୟୁତ ଡଲାର ସାମରିକ ସହାୟତା ବାତିଲ କଲା ଆମେରିକା

# ଇମ୍ରାନଙ୍କୁ ଟ୍ରମ୍ପ୍ ଝଟକା

**ଆତଙ୍କବାଦୀଙ୍କୁ ଲଗାମ ନ ଲଗାଇଲେ ସହାୟତାର ସବୁ ବାଟ ବନ୍ଦ: ପେଣ୍ଟାଗନ୍**



ୱାଶିଂଟନ,୨।୯(ପି.ଟି.)

ଆତଙ୍କବାଦୀଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ପାକିସ୍ତାନକୁ ପୁଣିଥରେ ମହଙ୍ଗା ପଡ଼ିଛି। ବିଶ୍ୱ ସମୁଦାୟର ବାରମ୍ବାର ତାଗିଦ୍ ସତ୍ତ୍ୱେ ଲଶ୍କର-ଇ-ତୋଇବା (ଏଲ୍ଇଟି), ତାଲିବାନ, ଅଲ୍-କାଏଦା ଓ ହକ୍କାନି ନେଟୱର୍କ ଭଳି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପ୍ରତି ଇସ୍‌ଲାମାବାଦର କୋହଳ ମନୋଭାବ ପାକିସ୍ତାନକୁ ଦେବାଳିଆ ସ୍ଥିତିରେ ଛିଡ଼ା କରାଇଛି। ହେଲେ ଏହି ଦେଶ ସୁଧୁରିବାର ନାଁ ନେଉନାହିଁ । ଏହାକୁ ନେଇ କ୍ଷୁବ୍ଧ ୱାଶିଂଟନ ପାକିସ୍ତାନକୁ ୩୦୦ ନିୟୁତ ଡଲାର ସାମରିକ ସହାୟତା ଦେବାକୁ ମନା କରିଦେଇଛି। ପେଣ୍ଟାଗନର ଏହି ସଦ୍ୟ ଘୋଷଣା ପରେ ଆମେରିକା ଓ ପାକିସ୍ତାନ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଛି। ଏଥିସହ ପାକିସ୍ତାନର ନବଗଠିତ ଇମ୍ରାନ ଖାନ୍ ସରକାରଙ୍କୁ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଶକ୍ତ ଝଟକା ଲାଗିଛି।

ଦଳ ନିର୍ବିଶେଷରେ ଯେଉଁ ସରକାର କ୍ଷମତାସୀନ ଥାଉନା କାହିଁକି ଆତଙ୍କବାଦ ଉପରେ ଲଗାମ ଲଗାଇବାରେ ପାକିସ୍ତାନ ସବୁବେଳେ ବିଫଳ। ହେଲେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାମରେ ଆମେରିକାଠାରୁ ପାକିସ୍ତାନ ହଜାର ହଜାର କୋଟି ଡଲାର ଠକି ନେଇଛି। ଏହାକୁ ନେଇ ବର୍ଷ ଆରମ୍ଭରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇସ୍‌ଲାମାବାଦ ଉପରେ ବର୍ଷିଥିଲେ। ଏଥିସହ ଆଗକୁ ଠକାମିରେ ନ ପଡ଼ିବା ପାଇଁ ପାକିସ୍ତାନକୁ ଅଧିକ ସହାୟତା ଦେବାକୁ ମନା କରିଦେଇଥିଲେ। ଫଳରେ ୧.୧୫ ବିଲିୟନ୍ ଡଲାର ସହାୟତା ପାଇବାରୁ ପାକିସ୍ତାନ ବଞ୍ଚିତ ହୋଇଥିଲା। ଏହାର ୮ ମାସ ପରେ ପିଟିଆଇ ଅଧ୍ୟକ୍ଷ ଇମ୍ରାନ ଖାନ ପାକିସ୍ତାନ ଶାସନର ମଙ୍ଗ ଧରିଛନ୍ତି। ହେଲେ ଆତଙ୍କବାଦ ପ୍ରତି ଏହି ଇସ୍‌ଲାମିକ୍ ରାଷ୍ଟ୍ରର ମନୋଭାବରେ କିଛି ପରିବର୍ତ୍ତନ ଆସିନାହିଁ। ଫଳରେ ଏହାକୁ ଆଜି ପରିଣାମ ଭୋଗିବାକୁ ପଡ଼ିଛି। ଟ୍ରମ୍ପ୍ ପ୍ରଶାସନର ଦକ୍ଷିଣ ଏସିଆ ନୀତି ସପକ୍ଷରେ ପାକିସ୍ତାନ ସକ୍ରିୟ ପଦକ୍ଷେପ ନେଉନାହିଁ। ଏଥିଯୋଗୁ ସାମରିକ ସହାୟତା ବାବଦକୁ ଅବଶିଷ୍ଟ ୩୦୦ ନିୟୁତ ଡଲାର ଦିଆଯିବ ନାହିଁ ବୋଲି ଶନିବାର ଆମେରିକାର ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନ୍ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କୋଲୋନେଲ୍ କୋନ୍ ଫଉକ୍‌ନେର ସ୍ପଷ୍ଟ କରିଛନ୍ତି। ଏହି ସହାୟତା ରାଶି ପାଇବାକୁ ହେଲେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ ପାକିସ୍ତାନକୁ ଲଗାମ ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପୋମ୍ପେଓ ଏଇ ସପ୍ତାହରେ ଇସ୍‌ଲାମାବଦ ଗସ୍ତ କରି ଇମ୍ରାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାର ଠିକ୍ ପୂର୍ବରୁ ଟ୍ରମ୍ପ୍ ପ୍ରଶାସନର ଝଟକା ଇମ୍ରାନଙ୍କ ଉପରେ ଚାପ ସୃଷ୍ଟି କରିଛି। ଏଥିସହ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେଠାର ନୂଆ ସରକାରକୁ ଏକରକମର ବାଧ୍ୟ କରିଛି ବୋଲି କୂଟନୀତିଜ୍ଞ ମହଲରେ ମତପ୍ରକାଶ ପାଇଛି।

# ଗଳିତ ଭ୍ରୂଣ ନେଇ ଆତଙ୍କ

**ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ମେଡିକାଲ ଆବର୍ଜନା**

କଲିକତା,୨।୯(ପି.ଟି.)

ନବଜାତକଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାକୁ ନେଇ ପଶ୍ଚିମବଙ୍ଗର କଲିକତା ସହରରେ ରବିବାର ଆତଙ୍କ ସୃଷ୍ଟି ହୋଇଥିଲା। ପୋଲିସ ମଧ୍ୟ ଏ ନେଇ ସ୍ପଷ୍ଟ କରିଥିଲା। କିନ୍ତୁ ଏବେ ସେଗୁଡ଼ିକ ପଚା ଭ୍ରୂଣ ନୁହେଁ, ବରଂ ମେଡିକାଲ ଆବର୍ଜନା ବୋଲି ପୋଲିସ ସ୍ପଷ୍ଟ କରିଛି।

ହରିଦେବପୁର ଥାନା ଅନ୍ତର୍ଗତ ରାଜା ରାମମୋହନ ରୟ ସରଣି ଅଞ୍ଚଳରେ ରବିବାର ସଫେଇ ଅଭିଯାନ ବେଳେ ଘାସଭରା ପଡ଼ିଆରୁ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ କିଛି ମାନବୀୟ ଅବଶେଷ ଉଦ୍ଧାର କରାଯାଇଥିଲା। ସେଗୁଡ଼ିକୁ ୧୪ଟି ନବଜାତକଙ୍କ ମୃତଦେହ ବୋଲି ଦାବି କରାଯାଇଥିଲା। ପ୍ଲାଷ୍ଟିକ୍ ବ୍ୟାଗ୍‌ରୁ ସମ୍ପୂର୍ଣ୍ଣ ପଚା ଏବଂ ଅଧାପଚା ଅବସ୍ଥାରେ ତାହା ଉଦ୍ଧାର କରାଯାଇଥିବା ପୋଲିସ ସୂଚନା ଦେଇଥିଲା। ତଦନ୍ତ ପରେ ଏହା ଡାକ୍ତରଖାନା ଅଳିଆ ବୋଲି ଜଣାପଡ଼ିଥିବା କଲିକତା ଦକ୍ଷିଣ-ପଶ୍ଚିମ ଡିଭିଜନର ଡିସିପି ନିଲଞ୍ଜନ ବିଶ୍ୱାସ ସୂଚନା ଦେଇଛନ୍ତି।

# ଭାଜପା ମଞ୍ଚରେ ପ୍ରଣବ



ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ସହ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ।

ନୂଆଦିଲ୍ଲୀ,୨।୯(ପି.ଟି.)

ଆର୍‌ଏସ୍‌ଏସ୍ ପରେ ଏବେ ଭାଜପା ମଞ୍ଚରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ। ଗୁରୁଗ୍ରାମର ଅଲିପୁରଠାରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସହ ସ୍ମାର୍ଟଗ୍ରାମ ଯୋଜନାର ଉଦ୍‌ଘାଟନ କରିଛନ୍ତି ପ୍ରଣବ। ସ୍ମାର୍ଟଗ୍ରାମ ଯୋଜନା ଅଧୀନରେ ୨୦୧୬ରେ ମୁଖାର୍ଜୀ ଅଲିପୁର, ଦୌଲା, ହରଚାନ୍ଦପୁର, ତେଜପୁର, ମେୱାଟ୍‌ର ରୋଜ୍ କା ମିଓ ଗ୍ରାମକୁ ପୋଷ୍ୟଭାବେ ଗ୍ରହଣ କରିଥିଲେ। ଏହି ଯୋଜନାରେ ସେ ସମ୍ପୃକ୍ତ ଗ୍ରାମାଞ୍ଚଳରେ ସୁଲଭ ତଥା ପ୍ରଭାବଶାଳୀ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱ ବହନ କରିଛନ୍ତି।

ପୂର୍ବତନ ରାଷ୍ଟ୍ରପତିଙ୍କ ଜନକଲ୍ୟାଣକାରୀ ସଂସ୍ଥା 'ପ୍ରଣବ ମୁଖାର୍ଜୀ ଫାଉଣ୍ଡେଶନ' କେତେକ ସାମାଜିକ ପ୍ରକଳ୍ପ ପାଇଁ ଆର୍‌ଏସ୍‌ଏସ୍ ସହ ହାତ ମିଶାଇବାକୁ ଯାଉଥିବା ନେଇ ପୂର୍ବରୁ ଚର୍ଚ୍ଚା ଚାଲିଥିଲା। ରବିବାର କାର୍ଯ୍ୟକ୍ରମରେ ମୁଖାର୍ଜୀ ଅନେକ ବରିଷ୍ଠ ଏବଂ କନିଷ୍ଠ ଆର୍‌ଏସ୍‌ଏସ୍ କର୍ମୀଙ୍କୁ ନିମନ୍ତ୍ରଣ ଦେଇଥିବା ମଧ୍ୟ କୁହାଯାଉଥିଲା। କିନ୍ତୁ ଏଭଳି ଚର୍ଚ୍ଚାକୁ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଖଣ୍ଡନ କରାଯାଇଥିଲା। ଏହାର ଦୁଇଦିନ ପରେ ମୁଖାର୍ଜୀ ପୁଣିଥରେ ଭାଜପା ମଞ୍ଚରେ ଉପସ୍ଥିତ ରହି ରାଜନୈତିକ ଉଷ୍ମତା ବଢ଼ାଇ ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁନ୍‌ରେ ପ୍ରଣବ ମୁଖାର୍ଜୀ ନାଗପୁରଠାରେ ଆର୍‌ଏସ୍‌ଏସ୍ ବୈଠକରେ ଉଦ୍‌ବୋଧନ ଦେବା ପରେ କେନ୍ଦ୍ର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ସଂଘ ମୁଖ୍ୟ ମୋହନ ଭାଗବତଙ୍କ ସହ ତାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଏଥିଲାଗି ବିରୋଧୀ ଦଳଗୁଡ଼ିକ ସମେତ ଅନେକ କଂଗ୍ରେସ ନେତା ମଧ୍ୟ ପ୍ରଣବଙ୍କୁ ସମାଲୋଚନା କରିଥିଲେ।

■ ରଣଯନ୍ତାରେ ଛନ୍ଦିଦେଲାଣି ଚାଇନା

# ବିଆର୍‌ଆଇ ବିଫଳ



ବେଜିଂ,୨।୯

ବେଜିଂର ବହୁମୁଖୀ ବିକାଶ ରଣନୀତି ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଲକ୍ଷ୍ୟଚ୍ୟୁତ ହୋଇଛି। ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସ୍ୱପ୍ନର ପ୍ରକଳ୍ପ ବିଆର୍‌ଆଇରେ ସାମିଲ ଥିବା ଦେଶଗୁଡ଼ିକ ରଣଯନ୍ତାରେ ଛନ୍ଦି ହୋଇଗଲେଣି। ଏହାକୁ ନେଇ ଅନେକ ଦେଶ ଖୋଲାଖୋଲି ଭାବେ ଚାଇନା ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି। ଫଳରେ ତିନୋଟି ମହାଦେଶର ଶତାଧିକ ରାଷ୍ଟ୍ରକୁ ନେଇ ଚାଇନାରୁ ୟୁରୋପକୁ ସ୍ଥଳପଥରୁ ଆକାଶମାର୍ଗରେ ଯୋଡ଼ିବା ପାଇଁ ବେଜିଂ ଚଳାଇଥିବା ଯୋଜନା ବିଫଳ ହେବାକୁ ବସିଲାଣି।

ଜିନ୍‌ପିଙ୍ଗ୍ ୨୦୧୩ରେ ଏହି ଭିତ୍ତିଭୂମି ପ୍ରକଳ୍ପର ଘୋଷଣା କରିଥିଲେ। ସେବେଠୁ ପାକିସ୍ତାନ ସମେତ ଅନେକ ରାଷ୍ଟ୍ର ରେଲୱେ, ରାସ୍ତା ଓ ବନ୍ଦର ପ୍ରତିଷ୍ଠା ପାଇଁ ଚାଇନାଠାରୁ ବହୁ ବିଲିୟନ୍ ଡଲାର ଋଣ ନେଇ ସାରିଲେଣି। ପ୍ରକଳ୍ପ ଆରମ୍ଭର ୫ ବର୍ଷ ପରେ ଋଣ ନେଇଥିବା ରାଷ୍ଟ୍ରଗୁଡ଼ିକ ତାହା ପରିଶୋଧ କରିପାରୁନାହାନ୍ତି। ଏଥିଯୋଗୁ ଚାଇନାର ରାଜକୋଷ ଉପରେ ବୋଝ ବଢ଼ିବାରେ ଲାଗିଛି। ଏହାକୁ ନେଇ ଜିନ୍‌ପିଙ୍ଗଙ୍କୁ ମଧ୍ୟ ଦେଶବାସୀଙ୍କ ଆଗରେ ସଫେଇ ଦେବାକୁ ପଡ଼ିଛି। ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର (ସିପିଇସି) ବିଆର୍‌ଆଇ ଅଧୀନରେ ଆସୁଛି। ଏଥିପାଇଁ ଚାଇନାଠାରୁ ନେଇଥିବା ଋଣ ପରିଶୋଧ କରିବା ଇସ୍‌ଲାମାବାଦ ପକ୍ଷରେ ଅସମ୍ଭବ ହୋଇପାରେ ବୋଲି ପାକିସ୍ତାନର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ଶ୍ରୀଲଙ୍କା, ମାଳଦ୍ୱୀପ, ମାଲେସିଆ, ଜିବୌତି, ମଙ୍ଗୋଲିଆ, ଲାଓସ୍, ତାଜିକିସ୍ତାନ ଓ କିର୍ଗିଜ୍‌ସ୍ତାନ ଭଳି ଦେଶ ମଧ୍ୟ ଚାଇନାର ଋଣଯନ୍ତାରୁ ମୁକୁଳି ପାରୁନାହାନ୍ତି। ଫଳରେ ଏହି ଦେଶଗୁଡ଼ିକ ଚାଇନାର ଉପନିବେଶବାଦର ଶିକାର ହୋଇ ବହୁମୂଲ୍ୟ ଦେଇପାରନ୍ତି।

## ସଂକ୍ଷେପରେ

### ୟୁପିରେ ବର୍ଷା ବିପ୍ଲାତ: ୧୬ ମୃତ

**ଲକ୍ଷ୍ନୌ,୨।୯(ପି.ଟି.):** ଉତ୍ତର ପ୍ରଦେଶ (ୟୁପି)ରେ ଲଗାତର ବର୍ଷା ଜାରିରହିଛି। ଏଥିଯୋଗୁ ଶନିବାର ସୁଦ୍ଧା ୧୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ ଆହତ ହୋଇଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁସାରେ ଆହୁରି ୨ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ଶାହାଜାହାନପୁରରେ ସବୁଠାରୁ ଅଧିକ ବର୍ଷା ହୋଇଛି। ଶନିବାର ମାତ୍ର ୨୪ ଘଣ୍ଟା ଭିତରେ ବଜ୍ରପାତ ଏବଂ ବର୍ଷା ଯୋଗୁ ୧୬ ଜଣଙ୍କର ଜୀବନ ଯାଇଛି।ଶାହାଜାହାନପୁରରେ ୬, ସୀତାପୁରରେ ୩, ଆୟୁରାୟିୟାରେ ୨, ଆମେଥିରେ ୨, ଲକ୍ଷ୍ମୀପୁର ଖିରି, ରାୟ ବରେଲି ଏବଂ ଉନ୍ନାଓରେ ୩ ଜଣ ପ୍ରାଣ ହରାଇଛନ୍ତି।

### 'ଯାହା କହିଛି, ତାହା କରିବି'



**ମଦୁରାଇ,୨।୯(ପି.ଟି):** ଡିଏମ୍‌କେର ପୂର୍ବତନ ଅଧ୍ୟକ୍ଷ ଏମ୍.କରୁଣାନିଧିଙ୍କ ପରଲୋକ ପରେ ଏବେ ତାଙ୍କ ପରିବାରରେ କ୍ଷମତା ପାଇଁ ବିବାଦ ଲାଗି ରହିଛି। ଦୁଇ ପୁଅ ଏମ.କେ. ଆଲାଗିରି ଏବଂ ଏମ.କେ. ଷ୍ଟାଲିନ୍ ଦଳ ଭିତରେ ନିଜର ପ୍ରାଧାନ୍ୟକୁ ନେଇ ମୁହାଁମୁହିଁ ପରିସ୍ଥିତିରେ। ଆଲାଗିରି ରବିବାର କହିଛନ୍ତି, ମୁଁ କରୁଣାନିଧିଙ୍କ ପୁଅ। ଯାହା କହିଛି ତାହା କରି ଦେଖାଇବି। ପୂର୍ବ ଘୋଷଣା ଅନୁସାରେ ୫ ତାରିଖରେ କରୁଣାନିଧିଙ୍କ ସ୍ମାରକୀ ସ୍ଥଳରେ ଏକ ବିରାଟ ରାଲିର ଆୟୋଜନ କରିବି।' ଉଲ୍ଲେଖଯୋଗ୍ୟ ଯେ, ଦଳର ନିଷ୍ଠାବାନ କର୍ମୀମାନେ ଏବେ ତାଙ୍କ ସପକ୍ଷରେ ରହିଥିବା କଥା ଆଲାଗିରି ବାରମ୍ବାର କହି ଆସୁଛନ୍ତି। ଏହି ରାଲି ଯୋଗେ ଆଲାଗିରି ନିଜର ଶକ୍ତିପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି।

### ବେଗୁସରାଇରୁ ନିର୍ବାଚନ ଲଢ଼ିବେ କହ୍ନେୟା

**ନୂଆଦିଲ୍ଲୀ,୨।୯:** ସକ୍ରିୟ ରାଜନୀତିରେ ଭାଗନେବାକୁ ଯାଉଛନ୍ତି ଜେଏନ୍‌ୟୁର ପୂର୍ବତନ ଛାତ୍ର ସଂସଦ ସଭାପତି କହ୍ନେୟା କୁମାର। ୨୦୧୯ ଲୋକ ସଭା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ



ବୋଲି ମଧ କୁହାଯାଉଛି। ଏକ ରିପୋର୍ଟ ମୁତାବକ, କହ୍ନେୟା ବିହାରର ବେଗୁସରାଇ ନିର୍ବାଚନମଣ୍ଡଳୀରୁ ସିପିଏମ୍ ଟିକେଟ୍‌ରେ ଲଢ଼ିବେ। କଂଗ୍ରେସ, ଆର୍‌ଜେଡି, ବାମଦଳ ଏବଂ ଅନ୍ୟାନ୍ୟ ଛୋଟ ଛୋଟ ଦଳକୁ ନେଇ ଗଠିତ ହେବାକୁ ଥିବା ମହାମେଣ୍ଟର ସେ ଯୁଗ୍ମ ପ୍ରାର୍ଥୀ ହେବେ। ପ୍ରକାଶ ଯେ କହ୍ନେୟାଙ୍କ ବିରୋଧରେ ବର୍ତ୍ତମାନ ଦେଶଦ୍ରୋହ ମାମଲା ଚାଲିଛି।

### ୧୨୬ ବଦଳରେ ୩୬ ରାଫେଲ ବିମାନ ପାଇଁ ଚୁକ୍ତି କାହିଁକି

**ମଥୁରା,୨।୯(ପି.ଟି.):** ରାଫେଲ ଯୁଦ୍ଧବିମାନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ପୁଣି ଘେରିଛି କଂଗ୍ରେସ। ଯଦି ୧୨୬ଟି ଯୁଦ୍ଧବିମାନ ଫ୍ରାନ୍ସରୁ ଆସିବା ଦରକାର ଥିଲା ତେବେ ମାତ୍ର ୩୬ଟି ବିମାନ ଆଣିବା ପାଇଁ କାହିଁକି ଚୁକ୍ତି କରାଗଲା ବୋଲି ଦଳର ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

[ଇତିହାସର ଆଇନାରେ]

### ସେପ୍ଟେମ୍ବର ୩ର ପ୍ରମୁଖ ଘଟଣା

୧୯୭୧ ସେପ୍ଟେମ୍ବର ୩ରେ ଏସୀୟ ଦେଶ କାତାର ସ୍ୱାଧୀନ ହୋଇଥିଲା। ବିଶ୍ୱର ଅନ୍ୟ ଦେଶମାନଙ୍କ ତୁଳନାରେ କାତାରର ମୁଣ୍ଡପିଛା ଆୟ ସବୁଠାରୁ ଅଧିକ। ବିଶ୍ୱର ତୃତୀୟ ପ୍ରାକୃତିକ ଗ୍ୟାସ୍ ଓ ତୈଳ ଭଣ୍ଡାର ଏଠାରେ ରହିଛି।

୧୯୯୭ ସେପ୍ଟେମ୍ବର ୩ରେ ଭିଏତ୍‌ନାମ ଏୟାରଲାଇନ୍ସର ୮୧୫ ବିମାନ ଦୁର୍ଘଟଣା ଘଟି ୬୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଏହାର ଦୁର୍ଘଟଣା ଫୋନମ ପେହ ବିମାନବନ୍ଦରରେ ହୋଇଥିଲା। ରନ୍‌ୱେରେ ଅବତରଣ କରିବାର ମାତ୍ର ୮ ଶହ ମିଟର ଉଚ୍ଚତାରେ ଦୁର୍ଘଟଣା ଘଟିଥିଲା। ଏଥିରେ ସମ୍ପୂର୍ଣ୍ଣ ଭାବରେ ବିମାନଟି ନଷ୍ଟ ହୋଇଯାଇଥିଲା।

## ଫୁରସତ

# 'ଶିଶୁ ଭିକ୍ଷାବୃତ୍ତିମୁକ୍ତ ଭାରତ' ପାଇଁ ପଦଯାତ୍ରା



ଅଗରତାଲା

ଆଶିଷ ଶର୍ମା(୨୯) ନାମକ ଜଣେ ମେକାନିକାଲ ଇଞ୍ଜିନିୟର ତଥା ଶିଶୁ ଅଧିକାର କର୍ମୀ ଶିଶୁ ଭିକ୍ଷାବୃତ୍ତିମୁକ୍ତ ଭାରତ ଉଦ୍ଦେଶ୍ୟରେ ପଦଯାତ୍ରା କରୁଛନ୍ତି। ଏଥିପାଇଁ ସେ ମାସିକ ୫୦,୦୦୦ଟଙ୍କା ଦରମା ପାଉଥିବା ଏକ ଚାକିରି ଛାଡିଛନ୍ତି। ଏହି ଉଦ୍ଦେଶ୍ୟରେ ସେ ଏ ଦେଶବ୍ୟାପୀ ୧୭,୦୦୦ କିଲୋମିଟର ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଶିଷ ବୃତ୍ତିରେ ଜଣେ ବିମାନ ସୁରକ୍ଷା ମେକାନିକାଲ୍ ଇଞ୍ଜିନିୟର। ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋନଟିକ୍ସରୁ ଇଞ୍ଜିନିୟରିଂ ପାସ୍ କରିଛନ୍ତି। ସେ ୨୦୧୪ରେ ଗ୍ରାଜୁଏଶନ୍ ପାସ୍ କରିବାପରେ ଏକ କମ୍ପାନୀରେ ପ୍ରଡକ୍ସନ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ।

ଦିଲ୍ଲୀରେ ବଢ଼ିଥିବା ଏବଂ ପଢ଼ିଥିବା ଆଶିଷ ମାନବିକତାର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ମହାମାନବ ଡ. ଏପିଜେ ଅବଦୁଲ କଲାମ୍, ସ୍ୱାମୀ ବିବେକାନନ୍ଦ, ଗୌତମ ବୁଦ୍ଧ, ହଜରତ ମହମ୍ମଦ୍‌ଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ। ସେ ଅଫିସରୁ ଫେରିବା ସମୟରେ ଶିଶୁମାନେ ଦିଲ୍ଲୀର ରାସ୍ତାକଡରେ ଭିକ୍ଷା ମାଗୁଥିବାର ଦେଖନ୍ତି। ଏହା ତାଙ୍କୁ ଗଭୀର ଭାବରେ ଆଘାତ ଦିଏ। ସେମାନଙ୍କର ମାତାପିତାଙ୍କ ପରିଚୟ ନ ଥାଏ। ଏଭଳି ୯ ଜଣ ପିଲାଙ୍କୁ ଉଦ୍ଧାର କରି ବାଳାଶ୍ରମରେ ରଖାଇଥିବା ସେ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚୋରାଚାଲାଣର ଶିକାର ହୋଇଛନ୍ତି। ସେମାନଙ୍କୁ ଭିକ୍ଷା ମାଗିବା ପାଇଁ ବାଧ୍ୟ କରାଯାଉଛି। ଏଭଳି ଏକ କୁପ୍ରଥାର ବିଲୋପ ଲାଗି ସେ ମିଜୋରାମ୍ ଦେଇ ତ୍ରିପୁରାରେ ପହଞ୍ଚିଛନ୍ତି।

ଆଶିଷ ପିଠିରେ ଏକ ବ୍ୟାଗ୍, ଗୋଟିଏ ମୋବାଇଲ୍ ଫୋନ୍, କିଛି ଟଙ୍କା ଏବଂ ଜାତୀୟ ପତାକା ଧରି ପଦଯାତ୍ରା କରୁଛନ୍ତି। ସେ ବାଟରେ ଭେଟୁଥିବା ଲୋକଙ୍କୁ 'ଜୟ ହିନ୍ଦ୍' କହି ସମ୍ବୋଧନ କରନ୍ତି।

# ମିସ୍ ଇଂଲଣ୍ଡ ଫାଇନାଲ୍‌ରେ ପ୍ରତିଯୋଗୀ ପିନ୍ଧିବେ ହିଜାବ୍



**ଲଣ୍ଡନ:** ମିସ୍ ଇଂଲଣ୍ଡ ଫାଇନାଲ୍‌ରେ ୨୦ବର୍ଷ ବୟସ୍କା ଜଣେ ମୁସଲମାନ ତରୁଣୀ ହିଜାବ୍ ପରିଧାନ କରିବେ। ସାରା ଇଫ୍‌ତେଖର ନାମ୍ନୀ ଏହି ଛାତ୍ରୀ ମିସ୍ ଇଂଲଣ୍ଡ ମୁକୁଟ ପରିଧାନ କରିବାକୁ ଆଶା ରଖିଥିବା ବେଳେ ହେଡସ୍କାର୍ଫ୍ ଧାରଣ କରି ର୍‌ୟାମ୍ପ୍‌ରେ ଚାଲିବେ। ପ୍ରତିଯୋଗୀ ମହିଳାମାନେ ସାଧାରଣତଃ କ୍ୱାଲିଫାଇଂ ରାଉଣ୍ଡରେ ହିଜାବ୍ ପରିଧାନ କରୁଥିବା ବେଳେ ସାରା ଫାଇନାଲ୍‌ରେ ଏହାକୁ ପରିଧାନ କରିବା ହେବ ପ୍ରଥମ ଘଟଣା। ଆଇନ ବିଷୟ ଅଧ୍ୟୟନ କରୁଥିବା ଏହି ଛାତ୍ରୀ ମିସ୍ ହଡର୍ସଫିଲ୍ଡ ବିଜୟୀ ହେବା ସହିତ ୟର୍କଶାୟର ମିସ୍ ପପୁଲାରିଟି ରାଉଣ୍ଡ ଜିତିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୨ | ୨୩.୨ |
| ଚାନ୍ଦବାଲି | ୩୧.୦ | ୨୪.୦ |
| କଟକ | ୩୦.୦ | ୨୩.୪ |
| ପାରାଦ୍ୱୀପ | ୩୦.୫ | ୨୫.୪ |
| ଭୁବନେଶ୍ୱର | ୩୦.୨ | ୨୫.୦ |
| ଗୋପାଳପୁର | ୩୩.୧ | ୨୬.୦ |
| ପୁରୀ | ୩୨.୬ | ୨୪.୪ |
| ଅନୁଗୋଳ | ୩୦.୭ | ୨୩.୦ |
| ବାରିପଦା | ୩୧.୫ | ୨୫.୬ |
| ଝାରସୁଗୁଡ଼ା | ୨୯.୫ | ୨୫.୧ |
| କେନ୍ଦୁଝର | ୩୦.୩ | ୨୨.୨ |
| ସମ୍ବଲପୁର | ୨୯.୨ | ୨୨.୯ |
| ସୁନ୍ଦରଗଡ଼ | ୩୧.୦ | ୧୯.୦ |
| ହୀରାକୁଦ | ୨୯.୧ | ୨୧.୩ |
| ତାଳଚେର | ୩୦.୪ | ୨୪.୭ |
| ଭବାନୀପାଟଣା | ୩୦.୦ | ୨୪.୮ |
| ବଲାଙ୍ଗୀର | ୨୮.୫ | ୨୫.୦ |
| କୋରାପୁଟ | ୨୫.୬ | ୧୯.୬ |
| ଫୁଲବାଣୀ | --- | ୨୦.୨ |
| ଟିଟିଲାଗଡ଼ | ୨୯.୦ | ୨୨.୫ |
| ମାଲକାନଗିରି | ୨୬.୮ | ୨୪.୬ |
| ସୋନପୁର | ୨୮.୬ | ୨୩.୨ |
| ଦାରିଙ୍ଗିବାଡ଼ି | ୨୪.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# 'ହାଲ୍‌କା' ପ୍ରଚାର କରେନାହିଁ ସ୍ୱଚ୍ଛ ଭାରତ ଅଭିଯାନ



**ମୁମ୍ବାଇ:** ଆଗାମୀ ଫିଲ୍ମ 'ହାଲ୍‌କା' ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ପ୍ରଚାର ଉପରେ ପର୍ଯ୍ୟବସିତ ନୁହେଁ ବୋଲି ଅଭିନେତା ରଣବୀର ଶୋରେ ପ୍ରକାଶ କରିଛନ୍ତି। ଗୁରୁବାର 'ହାଲ୍‌କା' ପ୍ରମୋଶନ ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ରଣବୀର ଏହା କହିଛନ୍ତି। ଅକ୍ଷୟ କୁମାରଙ୍କ 'ଟଏଲେଟ୍-ଏକ ପ୍ରେମ୍ କଥା' ଏବଂ 'ହାଲ୍‌କା' ମଧ୍ୟରେ ତୁଳନା କରଯାଉଥିବାର କାରଣ ହେଉଛି ଉଭୟ ଫିଲ୍ମରେ ଖୋଲାରେ ଶୌଚହେବା(ଓପନ୍ ଡେଫିକେଶନ୍) ର କିଛି ସ୍ପର୍ଶ ଦିଆଯାଇଛି। ତେବେ, ଆମ ଫିଲ୍ମ ପଦାରେ ଶୌଚହେବା କିମ୍ବା ସ୍ୱଚ୍ଛ ଭାରତ ଅଭିଯାନ ପ୍ରସଙ୍ଗର ପ୍ରଚାରକ ନୁହେଁ। ଉକ୍ତ ଫିଲ୍ମରେ ଏକ ଶିଶୁର ନିରୀହତା ସମ୍ପର୍କରେ କିଛି ପ୍ରଦର୍ଶିତ ହୋଇଛି। ଶିଶୁଟିଏ ଉଲଗ୍ନ ହୋଇ ଏଣେତେଣେ ବୁଲୁଥାଏ। ବୟସ ବଢ଼ିଲେ ତାକୁ ପୋଷାକ ପିନ୍ଧିବାକୁ ଶିକ୍ଷା ଦିଆଯାଏ। କିନ୍ତୁ ଏହି ସମୟରେ ତାକୁ ଖୋଲାରେ ଶୌଚହେବାକୁ କୁହାଯାଏ। ତେଣୁ ପ୍ୟାଣ୍ଟ ପିନ୍ଧିବା ଏବଂ ଖୋଲାରେ ଶୌଚହେବା ଭଳି ପରିସ୍ଥିତି ଶିଶୁ ମନରେ ଦ୍ୱନ୍ଦ୍ୱ ସୃଷ୍ଟିକରେ। ଓପନ ଡେଫିକେଶନ୍ ହେଉଛି ଫିଲ୍ମ ପଛର ପରିଭାଷା କିନ୍ତୁ ଏହା ଫିଲ୍ମର କାହାଣୀ ନୁହେଁ। ଏହା ମୁଖ୍ୟତଃ ଶିଶୁର ନିରୀହତା ଉପରେ ଗଢ଼ିଉଠିଥିବା ଏକ କାହାଣୀ। 'ହାଲ୍‌କା' ଫିଲ୍ମରେ ଶିଶୁ କଳାକାର ତଥାସ୍ତୁ-ପିଚ୍‌କୁ ଭୂମିକାରେ ଏବଂ ରଣବୀର ଓ ପାଓଲି ଡ୍ୟାମ୍ ତାଙ୍କ ମାତାପିତା ଭୂମିକାରେ ଅଭିନୟ କରିଛନ୍ତି।

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୩/୨୦୧୮ (୧୬ ପୃଷ୍ଠା) Sambalpur, Monday, September 3/ 2018 ★★




## ଆମେରିକା କଟକଣା ଆଧାରରେ ପଦକ୍ଷେପ ନିଆଯିବ

ତେଲକୁ ନେଇ ଇରାନ ବିରୋଧରେ ଆମେରିକାର କଟକଣାର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ରହିଥିବା ଅର୍ଥ ମନ୍ତ୍ରଣାଳୟ ପ୍ରମୁଖ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ କହିଛନ୍ତି। ୧୧

୦୯

## ଫିଲ୍ମ ମୋ ଜୀବନର ଏକ ଅଂଶ: ରବିନା

୯୦ ଦଶକର ବଲିଉଡ୍ ଅଭିନେତ୍ରୀ ପୁଣି ଫିଲ୍ମ ଦୁନିଆକୁ ଫେରିଛନ୍ତି। କିନ୍ତୁ ରବିନା ଟଣ୍ଡନ୍ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ଫିଲ୍ମ ମୋ ଜୀବନର ସବୁକିଛି ନୁହେଁ, ଏହା ଏକ ଅଂଶ ବୋଲି ସେ ପ୍ରକାଶ କରିଛନ୍ତି।








## ଛତିଶଗଡ଼ରେ ଏନ୍‌କାଉଣ୍ଟର ୪ ମାଓବାଦୀ ନିହତ

ରାୟପୁର,୨।୯(ପି.ଟି.): ଛତିଶଗଡ଼ରେ ଯବାନଙ୍କ ଗୁଳିରେ ଟଳିଲେ ୪ ମାଓବାଦୀ। ରାଜ୍ୟର ନାରାୟଣପୁର ଜିଲାରେ ରବିବାର ସୁରକ୍ଷା ବାହିନୀର ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ ହେବା ସହ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ନାରାୟଣପୁର ଏସ୍‌ପି ଜିତେନ୍ଦ୍ର ଶୁକ୍ଲାଙ୍କ ସୂଚନା ମୁତାବକ, ଜିଲା ରଜର୍ଭ ଗାର୍ଡ (ଡିଆର୍‌ଜି)ର ଏକ ଟିମ୍ ରବିବାର ମାଓବାଦୀ ନିରୋଧୀ ଅପରେଶନ୍ ଚଳାଇଥିବାବେଳେ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଗୁମିୟାବେଡା ଗ୍ରାମରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଗୁଳିବିନିମୟ ଲାଗି ରହିଥିଲା। କିଛି ସମୟର ଲଢ଼େଇ ପରେ ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ। ମାଓବାଦୀଙ୍କ ପଳାୟନ ପରେ ଘଟଣାସ୍ଥଳରୁ ୪ ମୃତଦେହ ଏବଂ ବ୍ୟାପକ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଏହାସହ ଅଞ୍ଚଳରେ ଏବେ ବି କୋମ୍ବିଂ ଅପରେଶନ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୯(ବ୍ୟୁରୋ): ଉତ୍ତର ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ଅପରାହ୍ନ ସାଢେ ୫ଟା ସୁଦ୍ଧା କେତେକ ସ୍ଥାନରେ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ମାଲକାନଗିରି ଏବଂ ପାରାଦୀପରେ ସର୍ବାଧିକ ୨୩ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ବାରିପଦାରେ ୯ ମିମି, ଭୁବନେଶ୍ୱରରେ ୩.୬ ମିମି, କଟକରେ ୩ ମିମି, ଟିଟିଲାଗଡରେ ୨ ମିମି ବର୍ଷା ହୋଇଛି। ଅନୁଗୋଳ, ଝାରସୁଗୁଡା, ଏବଂ ଭବାନୀପାଟଣାରେ ୧ ମିମି ଲେଖାଏ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ତେବେ ଆସନ୍ତା ୨ ଦିନ ବର୍ଷାର ମାତ୍ରା କମିବ। ୫ ତାରିଖରୁ ପୁଣି ବର୍ଷା ବଢ଼ିବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଆଜିର ସମ୍ପାଦକୀୟ

**ବିକଳ୍ପ ଲୋଡ଼ା**

### ଆଜିର ମନ୍ତବ୍ୟ

"ଆଜିକାଲି ଶୃଙ୍ଖଳା ପାଇଁ ଆହ୍ୱାନ ଦେଲେ ତାକୁ ସ୍ୱେଚ୍ଛାଚାରିତାର ରୂପ ଦିଆଯାଉଛି।

**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ଦେଶରେ କୋଇଲା ଆମଦାନୀ ୧୧.୯% ବୃଦ୍ଧି ପାଇ ୭୮.୭ ମିଲିୟନ ଟନ୍‌ରେ ପହଞ୍ଚିଛି। ୨୦୧୭-୧୮ ଆର୍ଥିକ ବର୍ଷର ସମାନ ସମୟରେ ଏହା ୭୦.୩ ମିଲିୟନ ଟନ୍‌ରେ ସୀମିତ ଥିଲା।

**–ସରକାରଙ୍କ ପ୍ରଦତ୍ତ ତଥ୍ୟ**


NATIONAL EGG CO-ORDINATION COMMITTEE 02.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply

**Eggs Retail Price- 43/-Dozen**

Issued in the Interest of Consumers


# ଆର୍‌ଟିଆଇରେ ସୂଚନା ମାଗି ଗଣିଲେ ଜିଏସ୍‌ଟି

**ଭୋପାଳ,୨।୯**

ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ ବଳରେ ତଥ୍ୟ ମାଗିଥିବା ଜଣେ ଆବେଦନକାରୀଙ୍କୁ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଦେବାକୁ ପଡ଼ିଛି। ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ସାମାଜିକ କର୍ମୀ ଅଜୟ ଦୁବେଙ୍କ କ୍ଷେତ୍ରରେ ଏଭଳି ଅଜବ ଘଟଣା ଦେଖିବାକୁ ମିଳିଛି।

ଅଜୟ ଗତ ଜୁଲାଇରେ ମଧ୍ୟପ୍ରଦେଶ ଗୃହନିର୍ମାଣ ଓ ଭିତ୍ତିଭୂମି ବିକାଶ ବୋର୍ଡକୁ ଆର୍‌ଟିଆଇ ଅଧୀନରେ ରିୟଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ (ରେରା) କାର୍ଯ୍ୟାଳୟର ମରାମତି ଖର୍ଚ୍ଚ ସମ୍ପର୍କିତ ସୂଚନା ମାଗିଥିଲେ। ଉକ୍ତ ସୂଚନା ପାଇଁ ୪୩ ଟଙ୍କା ପଇଠ କରିବାକୁ ଅଗଷ୍ଟ ୩ରେ ବୋର୍ଡ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ସେ ଆବଶ୍ୟକ ସୂଚନା ପାଇବା ଲାଗି ଗତ ୬ ତାରିଖରେ ବୋର୍ଡରେ ୪୩ ଟଙ୍କା ପଇଠ କରିଥିଲେ। ମୋଟ ୧୮ଟି ଦସ୍ତାବିଜ ପାଇଁ ୨ ଟଙ୍କା ହିସାବରେ ସେ ୩୬ ଟଙ୍କା ଦେବା କଥା। କିନ୍ତୁ ୯% ଲେଖାଏ ଉଭୟ କେନ୍ଦ୍ରୀୟ ଜିଏସ୍‌ଟି ଏବଂ ରାଜ୍ୟ ଜିଏସ୍‌ଟି ବାବଦକୁ ୩ଟଙ୍କା ୫୦ ପଇସା ହିସାବରେ ଅଜୟଙ୍କଠାରୁ ଅଧିକ ୭ ଟଙ୍କା ଆଦାୟ କରିନେଇଛି ବୋର୍ଡ। ଅଜୟ ଏହା ଜାଣିବା ପରେ ବିସ୍ମିତ ହୋଇଯାଇଛନ୍ତି। ଆର୍‌ଟିଆଇ



ଅଜୟ ଦୁବେ

ତଥ୍ୟ ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଜିଏସ୍‌ଟି ଆଦାୟକୁ ଅଜୟ ବେଆଇନ ବୋଲି ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅପିଲ କରିବେ ବୋଲି ଅଜୟ କହିଛନ୍ତି।

ପ୍ରକାଶ ଯେ, ଆର୍‌ଟିଆଇ ଆଇନ ଅଧୀନରେ ସୂଚନା ପ୍ରଦାନ ସେବାକୁ ଜିଏସ୍‌ଟି ମୁକ୍ତ କରିବା ପାଇଁ ଗତ ଜାନୁୟାରୀରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ପରିଷଦ ବୈଠକରେ ସୁପାରିସ କରାଯାଇଥିଲା। ସେହିପରି କୌଣସି ସରକାରୀ କର୍ତ୍ତୃପକ୍ଷ ସୂଚନାକୁ ପଣ୍ୟ ସାମଗ୍ରୀ ବିବେଚନା କରି ଏହା ଉପରେ ଜିଏସ୍‌ଟି ବସାଇ ପାରିବେ ନାହିଁ। କେବଳ ସରକାରୀ ରାଜକୋଷ ଉପରେ ବୋଝ ଏଡାଇବା ଲାଗି ତଥ୍ୟ ପ୍ରଦାନ ବେଳେ ନକଲ ପାଇଁ ଆବଶ୍ୟକ ଖର୍ଚ୍ଚ ଆବେଦନକାରୀଙ୍କଠାରୁ ଆଦାୟ କରାଯିବ ବୋଲି ଫେବୃୟାରୀରେ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ଏମ୍. ଶ୍ରୀଧର ଆଚାର୍ଯ୍ୟୁଲୁ ସ୍ପଷ୍ଟ କରିଥିଲେ।

# ଶ୍ୱାସରୁଦ୍ଧ ହୋଇ ୫ ଜୀବନ ଗଲା

**ବିଷମକଟକ,୨।୯(ଡ଼ି.ଏନ.ଏ)**

ଜଣେ ମହିଳା ଶ୍ରମିକଙ୍କୁ ବଞ୍ଚାଇବାକୁ ଯାଇ ୫ ଜଣଙ୍କ ଜୀବନ ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାୟଗଡା ଜିଲା ବିଷମକଟକ ଅଞ୍ଚଳରେ। ରବିବାର ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ଗ୍ରାମରେ ଏକ ନବନିର୍ମିତ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ରାଜ ମିସ୍ତ୍ରି ପୂର୍ଣ୍ଣଚନ୍ଦ୍ର ଟାକ୍ରୀ, ମହିଳା ଶ୍ରମିକ ରଶ୍ମିତା ଉର୍ଲାକା, ବୈରାଗୀ କଲକା, ସୂର୍ଯ୍ୟନାରାୟଣ ପାତ୍ର ଓ ତାଙ୍କ ଭାଇ ବଂଶୀଧର ପାତ୍ର। ମୃତ ରଶ୍ମିତା ଓ ବୈରାଗୀଙ୍କ ଘର ଦୁର୍ଗୀ ନିକଟସ୍ଥ ଲାଞ୍ଜି ଗ୍ରାମରେ ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର, ସୂର୍ଯ୍ୟନାରାୟଣ ଓ ବଂଶୀଧରଙ୍କ ଘର ଦୁର୍ଗୀ ପାଇକସାହିରେ। ଏଥିରେ ଗୁରୁତର ହୋଇଥିବା କାର୍ତ୍ତିକ ଗୌଡ ବିଷମକଟକ ଖ୍ରୀଷ୍ଟିଆନ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି।

ଦୁର୍ଗୀ ଗ୍ରାମରେ ଏମ୍.ସତ୍ୟନାରାୟଣଙ୍କ ନୂତନ ଗୃହର ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। ରବିବାର ଉକ୍ତ ନିର୍ମାଣାଧୀନ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲାଯିବାର ଥିଲା। ତେଣୁ ପୂର୍ବାହ୍ନ ୯ଟା ବେଳେ ମିସ୍ତ୍ରୀ ପୂର୍ଣ୍ଣଚନ୍ଦ୍ର, ଦୁଇ ଶ୍ରମିକ ରଶ୍ମିତା ଓ ବୈରାଗୀ କାମରେ ଲାଗିଥିଲେ। ଏଥିରେ ଲାଗିଥିବା ପଟା ଖୋଲିବାକୁ ରଶ୍ମିତା ପ୍ରଥମେ ଟାଙ୍କି ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ନ ଫେରିବାରୁ ବୈରାଗୀ ମଧ୍ୟ ଟାଙ୍କି ଭିତରକୁ ଯାଇଥିଲେ। ହେଲେ ସେ ମଧ୍ୟ ବାହାରକୁ ଆସି ନ ଥିଲେ। ଏହା ଦେଖି ମିସ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଭିତରକୁ ଯାଇଥିଲେ। ସେ ଭିତରେ ଚିତ୍କାର କରିବାରୁ ନିକଟରେ ଭଲିବଲ ଖେଳୁଥିବା ତିନିଜଣ ଯୁବକ ସୂର୍ଯ୍ୟନାରାୟଣ, ବଂଶୀଧର ☞ ପୃଷ୍ଠା-୨

### ପାଇଖାନା ଟାଙ୍କିରେ ଅଘଟଣ



- ଜଣକୁ ବଞ୍ଚାଇବାକୁ ଯାଇ ଗଲା ୫ ଜୀବନ
- ଗୁରୁତର ଆହତ ହସ୍ପିଟାଲରେ ଚିକିତ୍ସିତ
- ଜେସିବି ସାହାଯ୍ୟରେ କଢାଗଲା ଟାଙ୍କି ଛାତ

ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇ ବ୍ଲାକମେଲିଂ

# ଜେଲରଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ,୨।୯**

- ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ
- ଦିଲ୍ଲୀ ଟ୍ରେନିଂରେ ଯାଇଛନ୍ତି ଜେଲର

ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରଖି ତାଙ୍କୁ ବ୍ଲାକମେଲିଂ କରି ନିର୍ଯାତନା ଦିଆଯିବା ଭଳି ଘଟଣା ପଦାକୁ ଆସିଛି। ଏନେଇ ପୀଡିତା ଶନିବାର ସନ୍ଧ୍ୟାରେ ଭଦ୍ରକ ଟାଉନ ଥାନାରେ ବର୍ତ୍ତମାନର ଭଦ୍ରକ ଜେଲର ଚିନ୍ମୟ ପାତ୍ରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଚିନ୍ମୟଙ୍କ ବିରୋଧରେ ୪୯୮(ଏ), ୪୯୯, ୪୯୫, ୪୦୬, ୪୧୭, ୫୦୬ ଆଇପିସିରେ ଏକ ମାମଲା ( ନଂ. ୨୨୫/୧୮ ) ରୁଜୁକରି ତଦନ୍ତ ଚଳାଇଛି। ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ସମ୍ପୃକ୍ତ ଜେଲରଙ୍କୁ ଫୋନ ଯୋଗେ ପଚରାଯିବାରୁ ସେ ତାଙ୍କ ପ୍ରତିକ୍ରିୟାରେ ଅଭିଯୋଗକାରିଣୀ ଯୁବତୀଙ୍କୁ ଚିହ୍ନି ନ ଥିବା ଏବଂ ସେ କାହିଁକି ଏଭଳି ଅଭିଯୋଗ ଆଣିଛନ୍ତି ତାହା ଜାଣି ନ ଥିବା କହିଛନ୍ତି।

ଟାଉନ ଥାନାଧିକାରୀ ଦିଲୀପ ଦାସଙ୍କ ସୂଚନା ଅନୁସାରେ ପୀଡିତାଙ୍କ ଅଭିଯୋଗ ଅନୁଯାୟୀ ଭଦ୍ରକ ଜେଲ୍‌ର ଚିନ୍ମୟ ପୂର୍ବରୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଜେଲ୍‌ରେ ଜେଲର ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ଇଞ୍ଜିନିୟରିଂ ପଢିଥିବା ଏହି ଛାତ୍ରୀଙ୍କୁ ଖିଚିଂ ମନ୍ଦିରକୁ ନେଇ ସିନ୍ଦୂର ପିନ୍ଧାଇ ବିବାହ କରିଥିଲେ। ପରେ ତାଙ୍କୁ ସ୍ତ୍ରୀ ଭାବେ କରଞ୍ଜିଆ ଜେଲ କ୍ୱାର୍ଟର୍ସରେ ପ୍ରାୟ ୨ ମାସ ରଖିଥିଲେ। ପାତ୍ର ପୂର୍ବରୁ ବିବାହ କରିଥିବା ଓ ତାଙ୍କର ଦୁଇଟି ପିଲାଥିବା ଜାଣିବା ପରେ ଛାତ୍ରୀଜଣଙ୍କ ଦୂରେଇ ଯାଇଥିଲେ। ☞ ପୃଷ୍ଠା-୨

# ମହାବଳ ବାଘ 'ମନୀଷ'ର ମୃତ୍ୟୁ

**ବାରଙ୍ଗ,୨।୯(ଡି.ଏନ୍.ଏ.)**

ବାରଙ୍ଗସ୍ଥିତ ନନ୍ଦନକାନନ ପ୍ରାଣୀଉଦ୍ୟାନର ମହାବଳ ବାଘ 'ମନୀଷ'ର ରବିବାର ଅପରାହ୍ନ ସାଢେ ୪ଟାରେ ମୃତ୍ୟୁ ହୋଇଛି। ମୃତ୍ୟୁବେଳକୁ ତାକୁ ୧୦ବର୍ଷ ହୋଇଥିଲା। ସେ ଗତ ୬ମାସ ହେବ ଅସୁସ୍ଥ ହୋଇ ନନ୍ଦନକାନନ ପରିସରରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲା। ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ଜଳଉଦରୀ, ଜୁଲାଇରେ ତରଳଝାଡା ଓ ଏବେ ରକ୍ତଜନିତ ସଂକ୍ରମଣରେ ମନୀଷ ଆକ୍ରାନ୍ତ ହୋଇ ଚିକିତ୍ସାଳୟର କ୍ୱାରେଂଟଟାଇନରେ ଚିକିତ୍ସିତ ହେଉଥିଲା। ଟେକ୍ନିକାଲ କମିଟି ଓ ଓୟୁଏଟିର ବିଶେଷଜ୍ଞମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସା ଚାଲିଥିଲେ ମଧ୍ୟ ତା'ର ମୃତ୍ୟୁ ଘଟିଥିଲା। ମନୀଷର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ୨୪ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଟି ଅଣ୍ଡିରା ଓ ୧୩ଟି ମାଈ ଅଛନ୍ତି। ଏଥିରେ ୮ଟି ଧଳାବାଘ ଅଛନ୍ତି। ୨୮ଫେବୃୟାରୀ ୨୦୦୮ରେ ରୋହିତ ଓ ଶୈଳଜା ଔରଷରୁ ମନୀଷ ଜନ୍ମ ହୋଇଥିଲା। ଧଳାବାଘୁଣୀ ସ୍ନେହା ସହ ମନୀଷର ମିଳନରୁ ୨୮ଜୁଲାଇ ୨୦୧୪ରେ ସ୍ନେହାର ପ୍ରଥମ ଗର୍ଭରୁ କଳାଲୋମଯୁକ୍ତ ବାଘଛୁଆ କ୍ରିଷ୍ଣା ଜନ୍ମ ହୋଇଥିଲା। ପୁଣିଥରେ ସ୍ନେହା ସହ ମନୀଷର ଦ୍ୱିତୀୟଥର ପାଇଁ ମିଳନ ହୋଇ ୫ଅଗଷ୍ଟ ୨୦୧୬ରେ ଭିକି ନାମକ କଳାଲୋମଯୁକ୍ତ ବାଘଛୁଆ ଜନ୍ମ ହୋଇଥିଲା। ଫଳରେ ନନ୍ଦନକାନନରେ ମନୀଷର ଗୁରୁତ୍ୱ ବଢ଼ିବା ସହ ନନ୍ଦନକାନନକୁ ନେଇ ଅନ୍ୟ ଚିଡ଼ିଆଖାନାଗୁଡିକ ଚର୍ଚ୍ଚା କରିବାକୁ ଲଗିଥିଲେ। ଏ ନେଇ ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କୁହନ୍ତି, ମନୀଷ ଗତ ୬ମାସ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲା। ତା'ର ରକ୍ତଜନିତ ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି।



ମୃତ ମହାବଳ ମନୀଷ।



ଏସିଆନ ଗେମ୍ସର ଉଦ୍‌ଯାପନୀ ଅବସରରେ ରବିବାର ଗେଲୋରା ବୁଙ୍ଗ କାର୍ନୋ ଷ୍ଟାଡିୟମରେ ଅନୁଷ୍ଠିତ ଆତସବାଜି କାର୍ଯ୍ୟକ୍ରମ। **(ରିପୋର୍ଟ ଖେଳ ପୃଷ୍ଠାରେ)**

# ଏସିଆନ ଗେମ୍ସ ଉଦ୍‌ଯାପିତ

**ଜାକର୍ତ୍ତା, ୨।୯(ପି.ଟି.)**

୧୮ତମ ଏସିଆନ ଗେମ୍ସର ରଙ୍ଗାରଙ୍ଗ ଉଦ୍‌ଯାପନ ହୋଇଛି। ବେଶ୍ ସଫଳତାର ସହ ବିଶ୍ୱର ଏହି ଦ୍ୱିତୀୟ ସର୍ବବୃହତ କ୍ରୀଡ଼ା ମହାକୁମ୍ଭକୁ ଇଣ୍ଡୋନେସିଆ ଆୟୋଜନ କରିଛି। ୧୫ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପୂର୍ବ ସଂସ୍କରଣ ଭଳି ଲୋକପ୍ରିୟ ହୋଇ ପାରିଛି। ୭୬ ହଜାର ଦର୍ଶକଙ୍କ ଉପସ୍ଥିତିରେ ସ୍ଥାନୀୟ ଗେଲୋରା ବୁଙ୍ଗ୍ କାର୍ନୋ ଷ୍ଟାଡିୟମରେ ରବିବାର ଉଦ୍‌ଯାପନୀ ଉତ୍ସବ ବେଶ୍ ମନମୋହକ ଥିଲା। ଏହି ଷ୍ଟାଡିୟମରେ ଟ୍ରାକ ଆଣ୍ଡ ଫିଲ୍ଡ ଇଭେଣ୍ଟ ଦେଖିବାକୁ ଗ୍ୟାଲେରିରେ ଦର୍ଶକଙ୍କ ଭିଡ ଆଦୌ ପରିଲକ୍ଷିତ ହୋଇ ନ ଥିଲା। ତେବେ ଦୀର୍ଘ ୨ ଘଣ୍ଟା ଧରି ଚାଲିଥିବା ଉଦ୍‌ଯାପନ ଉତ୍ସବକୁ ଦେଖିବା ଓ ଅଙ୍ଗେ ନିଭାଇବା ପାଇଁ ଦର୍ଶକମାନେ ପିମ୍ପୁଡି ଭଳି ଷ୍ଟାଡିୟମ ବାହାରେ ଲାଇନ ଲଗାଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଏହି ଉତ୍ସବରେ ଦର୍ଶକଙ୍କୁ ଜବରଦସ୍ତ ମନୋରଞ୍ଜନର ଖୋରାକ ମିଳିଥିଲା।

ଯେମିତି ଆଶା କରାଯାଉଥିଲା ଚାଇନା, ଜାପାନ ପଦକ ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ତାଲିକାରେ ଯଥେଷ୍ଟ ଉନ୍ନତି କରି ଇଣ୍ଡୋନେସିଆ ଚତୁର୍ଥ ସ୍ଥାନରେ ରହିଛି। ୪ ବର୍ଷ ତଳେ ଇଞ୍ଚିଅନ ଏସିଆଡ୍‌ରେ ଇଣ୍ଡୋନେସିଆ ଶ୍ରେଷ୍ଠ ୨୦ରେ ସ୍ଥାନ ପାଇଥିଲା। ଭାରତ ୧୫ଟି ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ଟି ବ୍ରୋଞ୍ଜ୍ ସହ ମୋଟ ୬୯ଟି ପଦକ ହାସଲ କରିଛି। ୪ ବର୍ଷ ତଳେ ଇଞ୍ଚିଅନ୍ ଏସିଆନ ଗେମ୍ସରେ ଭାରତ ୬୫ଟି ପଦକ ହାସଲ କରିଥିଲା। ଏଥର କିନ୍ତୁ ଏଥିରେ ଉନ୍ନତି ଆଣିଛି। ୧୫ଟି ସ୍ୱର୍ଣ୍ଣ ଜିତି ଭାରତ ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ପୂର୍ବରୁ ୧୯୫୧ରେ ଏସିଆନ ଗେମ୍ସର ପ୍ରାରମ୍ଭିକ ସଂସ୍କରଣରେ ଭାରତ ୧୫ଟି ସ୍ୱର୍ଣ୍ଣ ଜିତିଥିଲା। ପୂର୍ବରୁ କେବେବି ଭାରତ ୨୪ଟି ରୌପ୍ୟ ଜିତି ନ ଥିଲା। ଏଥର ଭାରତ ପଦକ ତାଲିକାର ଅଷ୍ଟମ ସ୍ଥାନ ଅଧିକାର କରି ଟପ୍-୧୦ରେ ତା'ର ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି। ୨୦୧୪ ଇଞ୍ଚିଅନ୍ ସଂସ୍କରଣରେ ୧୧ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ସହ ଭାରତ ଅଷ୍ଟମ ସ୍ଥାନରେ ଥିଲା। ଏଥର ସ୍ୱର୍ଣ୍ଣ ଓ ରୌପ୍ୟ ସଂଖ୍ୟାରେ ବୃଦ୍ଧି ହୋଇଥିଲେ ମଧ୍ୟ ବ୍ରୋଞ୍ଜ୍ ସଂଖ୍ୟା କମିଛି। ☞ ପୃଷ୍ଠା-୨



ନେପାଳ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଘଟିଛି ଏକ ଅଘଟଣା ଏଠାରେ ଏକ ବିମାନ ରନ୍‌ୱେରୁ ଖସିଯାଇଛି। ବିମାନ ଚାଳକ ସତର୍କତା ସହିତ ବିମାନକୁ ଅଟକାଇଥିଲେ। ବିମାନରେ ୨୧ ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ଆହତ ହୋଇଥିବା ବିମାନ ବନ୍ଦର ସାଧାରଣ ପରିଚାଳକ ରାଜକୁମାର ଛେତ୍ରୀ ସୂଚନା ଦେଇଛନ୍ତି। ବିମାନ ବନ୍ଦରର ରନ୍‌ୱେ ପୁରୁଣା ହୋଇଯାଇଥିବାରୁ ଏପରି ହୋଇଥିବା କୁହାଯାଉଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



କୁମାର
ପରିବାରବର୍ଗ



ସୋହନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅର୍ଥ ଲଗାଣ ସଂସ୍ଥା ବିରୋଧରେ ଠକେଇ ଅଭିଯୋଗ

ବଲାଙ୍ଗୀର ଅଫିସ,୨।୯

ବଲାଙ୍ଗୀର ସହରର ସୁଦପଡ଼ା, ରାଧାରାଣୀପଡା ଓ ଶାନ୍ତିପଡାରେ ଏସ୍‌ବିଆଇ ଗ୍ରୁପ୍ ଅଫ୍ କମ୍ପାନୀ ଅଫିସ ଖୋଲି ଲୋକଙ୍କଠାରୁ ପ୍ରାୟ ୩ କୋଟି ଟଙ୍କା ଠକି ନେଇଛି । ଠକେଇର ଶିକାର ହୋଇଥିବା ଜାଣିପାରି ଏବେ ଶତାଧିକ ଜମାକାରୀ ବଲାଙ୍ଗୀର ଟାଉନ୍ ଥାନାରେ ଏହି ସଂସ୍ଥା ବିରୋଧରେ ଅଭିଯୋଗ କରିଛନ୍ତି। ଏମାନେ ଏତଲାରେ ଦର୍ଶାଇଛନ୍ତି ଯେ, ଏହି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ହୋତା ୨୦୧୨ ମସିହାରୁ ଏଭଳି କାର୍ଯ୍ୟକଳାପ ଚଳାଇ ଆସିଥିଲେ। ଜମା ଟଙ୍କା ଫେରସ୍ତ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ନିର୍ଦ୍ଦେଶକ ହୋତାଙ୍କୁ ଟଙ୍କା ଫେରାଇବାକୁ ଜମାକାରୀ କହିଥିଲେ। ହେଲେ ଏହାପରେ ଅଫିସ ବନ୍ଦ ହୋଇଯାଇଥିଲା । ଏହାକୁ ନେଇ ଜମାକାରୀ ଚିଟଫଣ୍ଡ ସଂସ୍ଥାଗୁଡିକର ଠକେଇ ବିରୋଧରେ ଲଢ଼େଇ କରୁଥିବା ଜମାକାରୀ ମିଳିତ ମଞ୍ଚ ପାଖକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ସମସ୍ତେ ଟାଉନ୍ ଥାନାକୁ ଆସି ଅଭିଯୋଗ କରିଥିଲେ।


Classified

real estate

**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

ଉତ୍ତରାଛକରୁ 5km. ଦୁରରେ ଘରବାରି boundary road ସହିତ ମିଳୁଛି। 8480447967. D-63083

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64123

ଝାରପଡା Jagannath nagar ରେ ଘରବାରି yellowzone plot immediate ଘରକରିବା ପାଇଁ ମିଳୁଛି। 8480447967. D-63081

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

1BHK & 2BHK flat sale at SBI Colony Kesura. 8480447967. D-63084

କେଶୁରାରେ ଘରବାରି corner plot black top roadକୁ ଲାଗି boundary ଓ electric ସହିତ ମିଳୁଛି। 8480447967. D-63082

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64301

healthcare

All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**Aaryan Dash (Sohan)**

ଅନେକ ଅନେକ ଶୁଭେଚ୍ଛା ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ଡାଡି, ମାଆ, ମାମା, ପାପା, ବଡପାପା, ମମ୍, ବୁଢା ଅଜା, ବୁଢୀଆଇ, ବଡଅଜା, ବଡଆଇ, ବୁଢୀମା, ଅଜା, ଆଈ, ମିଟୁମାମୁ, ମାଇଁ, ପିଣ୍ଟୁ ମାମୁ, ଗୁଡୁ କାକା, ଡିନି, ସୃଷ୍ଟି, ଶ୍ରୀଯା, ସ୍ୱସ୍ତିକ, ଇଷାନ୍, ଚିନୁ, ମଉସା ଓ ମାଉସୀମାନେ।
ଧ-୮୧୮୪

**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**



**କୁମାର ଆୟୁଷ୍ମାନ**

QR NO-A/E-7, Bhimatangi Housing Board Colony, Kapila Prasad, Bhubaneswar

ଈଶ୍ୱର ସର୍ବଦା ତୁମକୁ ଖୁସୀରେ ରଖନ୍ତୁ। ଭଗବାନଙ୍କ ଆଶୀର୍ବାଦରେ ସଫଳତାର ଶୀର୍ଷରେ ପହଞ୍ଚିବାର ଆଶୀର୍ବାଦ ମିଳୁ। ଶୁଭେଚ୍ଛା ସହ: ଅଜା, ଆଈ, ମା, ବାବା, ମାମୁ, ବଡ଼ମା, ବଡବାପା, ଲକି ଭାଇନା ଓ ସମସ୍ତ ପରିବାରବର୍ଗ।
ଧ-୮୧୪୬


## ଟଙ୍କା ନ ଫେରାଇବାରୁ ଜେଲ ଗଲେ ଟ୍ୟୁସନ୍ ସାର୍

ବଲାଙ୍ଗୀର ଅଫିସ, ୨।୯- ଯୁକ୍ତଦୁଇ ପରୀକ୍ଷାରେ ଭଲ ମାର୍କ ରଖି ପାଶ୍ ସହ ଆଇଆଇଟି ଟ୍ୟୁସନ୍ ପାଇଁ ଜଣେ ପିଲାଙ୍କଠାରୁ ୩ ଲକ୍ଷ ୩୦ ହଜାର ଟଙ୍କା ନେଇ ପରେ ନ ଫେରାଇବା ଜଣେ ଟ୍ୟୁଶନ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ ଶିକ୍ଷକଙ୍କୁ ରବିବାର ଟାଉନ୍‌ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ୍ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ଯିବାକୁ ପଡିଛି। ଏହି ଟ୍ୟୁସନ୍ ଶିକ୍ଷକ ଜଣକ ହେଲେ ବସନ୍ତ ମହାରଣା। ବଲାଙ୍ଗୀର ସହର ବ୍ରାହ୍ମଣପଡା ନିବାସୀ ବଦ୍ରି ନାରାୟଣ ରାଓ ତାଙ୍କ ପୁଅଙ୍କୁ ଟ୍ୟୁସନ୍ ପଠାଇବା ପାଇଁ ବସନ୍ତ ମହାରଣାଙ୍କ ସହ ଚୁକ୍ତି କରିଥିଲେ। ଚୁକ୍ତି ମୁତାବକ ଯୁକ୍ତଦୁଇ ପାଠ ସହ ଆଇଆଇଟି ପାଇଁ ଟ୍ୟୁଶନ ପାଇଁ ଆଡଭାନ୍ସ ଆକାରରେ ୬ ଲକ୍ଷ ଟଙ୍କା ନେବେ ବୋଲି ଟ୍ୟୁସନ୍ ଶିକ୍ଷକ ମହାରଣା କହିଥିଲେ। ଏଣୁ ପ୍ରଥମ ପର୍ଯ୍ୟାୟରେ ରାଓ ୩ ଲକ୍ଷ ୩୦ ହଜାର ଟଙ୍କା ମହାରଣାଙ୍କୁ ଦେଇ ବାକି ଟଙ୍କାର ଚେକ୍ ଦେଇଥିଲେ। ପରେ କିନ୍ତୁ ବିଭିନ୍ନ କାରଣ ଦର୍ଶାଇ ରାଓଙ୍କ ପୁଅ ସେଠାରେ ପାଠ ପଢ଼ିବେ ନାହିଁ ବୋଲି କହିଥିଲେ। ଏଣୁ ରାଓ ଟ୍ୟୁସନ୍ ଶିକ୍ଷକଙ୍କୁ ବାକି ଟଙ୍କା ଓ ଚେକ୍ ମାଗିଥିଲେ। ହେଲେ ସେ ଦେଇ ନ ଥିଲେ ବରଂ ବିଭିନ୍ନ ଚେତାବନୀ ଦେଇଥିଲେ। ରାଓଙ୍କଠାରୁ ଏଭଳି ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା (୩୮୦/୨୦୧୮) ରୁଜୁ କରି ଶନିବାର ଶିକ୍ଷକ ମହାରଣାଙ୍କୁ ଅଟକ ରଖିଥିଲା।

## ଉଗଡ଼ମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଖୁଦ ପାଆ**
**ନୋଟା ନେଇ ଗାଧୋଇ ଯାଆ ।**

ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜକୁ ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ଦରିଦ୍ର ବ୍ୟକ୍ତିର ବୃଥା ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଡ଼ିରୁ ତେଲ ନ ସରୁ**
**ପୁଅ ମୁଣ୍ଡ ନୁଖୁରା ନ ରହୁ ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ସେଥିରେ ତେଲ ଲଗାଯାଇଥାଏ। ତେବେ ତେଲ ସରିଯିବା ଭୟରେ ଚୁଟିରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଗୋଟିଏ ପଟେ କେଶ ବା ଚୁଟି ନୁଖୁରା ନ ହୋଇଯିବା ଚିନ୍ତା ଓ ଅନ୍ୟପଟେ ଅର୍ଥ ଖର୍ଚ୍ଚର ଭୟ। ବ୍ୟକ୍ତିର ଏପରି ସଞ୍ଚୟ ମନୋବୃତ୍ତି ତଥା ଅତି କୃପଣତାର ଲକ୍ଷଣକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଉଗଡ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିସର୍ସ

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ହୋମଗାର୍ଡଙ୍କ ପୁଅଙ୍କୁ ଗୁଳିମାଡ଼

ଭୁବନେଶ୍ୱର, ୨।୯(ବ୍ୟୁରୋ)

ରାଜଧାନୀରେ ଘଟିଥିବା ଏକାଧିକ ହତ୍ୟା ମାମଲା ଉପରୁ କମିଶନରେଟ ପୋଲିସ ପରଦା ହଟାଇପାରି ନ ଥିବାବେଳେ ରବିବାର ଜଣେ ପୋଲିସ କର୍ମଚାରୀଙ୍କ ପୁଅକୁ ଗୁଳିମାଡ଼ ହୋଇଛି। ଏହାର ଶିକାର ହୋଇଛନ୍ତି ଶିଶୁପାଳଗଡ଼ ଡଇଳା ଭୋଇସାହିରେ ରହୁଥିବା ହୋମଗାର୍ଡ ପର୍ଶୁରାମ ଭୋଇଙ୍କ ପୁଅ ସୁଶାନ୍ତ କୁମାର ଭୋଇ(୨୪)। ଶହୀଦନଗର ଥାନା ଅନ୍ତର୍ଗତ ବାଙ୍କୁଆଳ ଗ୍ରାମ ନିକଟ ବାସୁଆଘାଇ ବ୍ରିଜ ପାଖରେ ଏହି ଘଟଣା ଘଟିଛି। ଅପରାହ୍ନ ପ୍ରାୟ ୨ଟା ୧୫ରେ ୪ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ଗୁଳି କରିଛନ୍ତି। ସୁଶାନ୍ତଙ୍କ ଜଙ୍ଘ ଏବଂ ପିଠିରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଲେଜ ନିର୍ବାଚନକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

# ୧୦ରେ ଆନ୍ଦୋଳନକୁ ଓହ୍ଲାଇବ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ

ଭୁବନେଶ୍ୱର, ୨।୯(ବ୍ୟୁରୋ)

ଆସନ୍ତା ୧୦ ତାରିଖରେ ରାଜ୍ୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନେ ୬ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଡ଼ାକରା ଦେଇଛନ୍ତି। ବିଭିନ୍ନ ବ୍ଲକ ଏବଂ ସହରାଞ୍ଚଳରେ କର୍ମରତ ଏହି କର୍ମଚାରୀମାନେ ସେହିଦିନ ଲୋୟର ପିଏମ୍‌ଜିକୁ ଆସି ପ୍ରତିବାଦ ସଭା କରିବେ ବୋଲି ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସଭାପତି ରବୀନ୍ଦ୍ର କୁମାର ଜେନା ରବିବାର ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି।

ସଂଘ ସଭାପତି ଜେନା ଆହୁରି କହିଛନ୍ତି, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) କାର୍ଯ୍ୟକାରୀ ହେବାଠାରୁ ବିଗତ ୧୨ବର୍ଷ ହେଲା କାର୍ଯ୍ୟରତ ୪ ହଜାରରୁ ଅଧିକ ପରିଚାଳନା କର୍ମଚାରୀ ଏବେ ନାନାଦି ଅଭାବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୨ ବର୍ଷରୁ ଅଧିକ କର୍ମଚାରୀମାନେ କାର୍ଯ୍ୟ କରି ଆସୁଥିଲେ ମଧ ଏହି କର୍ମଚାରୀଙ୍କ ଚାକିରି ସ୍ଥାୟୀ କରାଯାଉନି। ଚୁକ୍ତିଭିତ୍ତିକ ଚାକିରି ହୋଇଥିଲେ ହେଁ ଦରମା ଓ ଭତ୍ତା ବୃଦ୍ଧି କରାଯାଉ ନାହିଁ। ଏଭଳି ଅସୁବିଧାକୁ ଦୂର କରିବା ପାଇଁ ସଂଘ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀ ଏବଂ ସରକାରଙ୍କ ନିକଟରେ ଦାବି ଜଣାଇଲେ ମଧ ସରକାର ବିଚାର କରୁନାହାନ୍ତି ବୋଲି ଜେନା କହିଛନ୍ତି। ସମ୍ମିଳନୀରେ ସଂଘର ଆବାହକ କବି ପ୍ରସାଦ ସାହୁ ଏବଂ ସମ୍ପାଦକ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**√ ଜ୍ୟୋତ୍ସ୍ନା ରାଣୀ ପତି**

ଆବିର୍ଭାବ- ୦୮.୦୮.୧୯୭୮ (ରାକ୍ଷୀ ପୂର୍ଣ୍ଣିମା)
ତିରୋଧାନ- ୨୦.୦୮.୨୦୦୩ ( ଜନ୍ମାଷ୍ଟମୀ)

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

ଶୋକ ସନ୍ତପ୍ତ
ତୁମର- ଚନ୍ଦ୍ରଶେଖର, ଫୁଟୁ, ପାପୁ, ଝୁନୁ, ମିତା, ଚିତ, ତିତୁନା, ପ୍ରାନ୍ସ, ସାହେବ, ନାନ୍‌ସୀ, ଆର୍ଚ୍ଚି, ଓମ୍, ନବାବ୍, ସମ୍ରାଟ, ପରୀ ଓ ପତି ପରିବାର।
D-8183


# ସୁରଟରେ ମନ ମୋହିଲା ପିପିଲି ଚାନ୍ଦୁଆ

ଭୁବନେଶ୍ୱର,୨।୯(ବ୍ୟୁରୋ)

ପିପିଲି ଚାନ୍ଦୁଆର ଆଦର ସାରା ବିଶ୍ୱରେ ରହିଛି। ଓଡ଼ିଆ ଚାନ୍ଦୁଆ ଶିଳ୍ପୀଙ୍କ କାରୁକାର୍ଯ୍ୟ ପଲ୍ଲୀଠାରୁ ଦିଲ୍ଲୀ ସବୁଠି ପ୍ରସିଦ୍ଧି ଆଣିଛି। ଗୁଜରାଟର ସୁରଟରେ ରବିବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଓଡ଼ିଶା ପରବ। ସେଠାକାର ଓଡ଼ିଆଙ୍କ ସମେତ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତି ମଧ ଦେଖିବାକୁ ମିଳିଛି। ସେଠାରେ ହୋଇଥିବା ସାଜସଜ୍ଜା ବି ମିନି ଓଡ଼ିଶାର ଭ୍ରମ ସୃଷ୍ଟି କରୁଛି। ପ୍ରସିଦ୍ଧ ଚାନ୍ଦୁଆ ଶିଳ୍ପୀ ସୁରେଶ ମହାପାତ୍ର ସୁରଟ୍‌ରେ ହୋଇଥିବା ଚାନ୍ଦୁଆ ସଜ୍ଜାକୁ ଭିନ୍ନ ରୂପ ଦେଇଛନ୍ତି।

ସୁରେଶ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ୪୦ଫୁଟ ଉଚ୍ଚ ବର୍ଣ୍ଣାଢ଼୍ୟ ତୋରଣ ଏବଂ ୭୫ ଫୁଟ ଉଚ୍ଚତା ବିଶିଷ୍ଟ ୩ ରଥର ପ୍ରଜ୍ଞାପନ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଉକ୍ତ କାରୁକାର୍ଯ୍ୟରେ ପ୍ରାୟ ୧୨ ହଜାର ମିଟର କପଡ଼ା ଲାଗିଛି। ଏହାକୁ ଉପଯୁକ୍ତ ଭାବେ ପ୍ରସ୍ତୁତ କରିବା ପାଇଁ ୮୦ ଜଣ କାରିଗର ପ୍ରାୟ ୧୫ ଦିନ ସମୟ ନେଇଥିବା ଜଣାପଡିଛି। ସେହିଭଳି ପାଖାପାଖି ୪୦୦୦ ଲ୍ୟାମ୍ପ ସେଟ୍, ୬୦ ଛତା, ୬୦ ଛତ୍ରୀ, ୬୦ ଡ୍ରାସ ଉତ୍ସବର ଶୋଭାବର୍ଦ୍ଧନ କରୁଛି।

ନିଜର କାର୍ଯ୍ୟ ଏବଂ ସୁରଟ ଅନୁଭୂତି ସମ୍ପର୍କରେ ସୁରେଶ କହିଛନ୍ତି ଯେ, ଚାନ୍ଦୁଆର ସବୁଠି ଚାହିଦା ରହିଛି। ଏହାର ଉତ୍କଳୀୟ କାରୁକାର୍ଯ୍ୟ ଏବଂ ପରମ୍ପରା ଅନନ୍ୟ ନିଦର୍ଶନ। ଓଡ଼ିଶାଠାରୁ ଅନେକ ଦୂରରେ ଥିବା ସୁରଟରେ ଚାନ୍ଦୁଆ କାମ କରି ଆତ୍ମତୃପ୍ତି ମିଳିଛି। ଏହିଭଳି ପରିବେଶ ଏବଂ କାର୍ଯ୍ୟକ୍ରମ ଆୟୋଜନର ଯଥାର୍ଥତା ରହିଥିବା ସୁରେଶ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜେଲରଙ୍କ ନାଁରେ...

ଏହାମଧରେ ଜେଲର ଚିନ୍ମୟଙ୍କର କରଞ୍ଜିଆରୁ ଭଦ୍ରକ ଜେଲକୁ ବଦଳି ହୋଇଥିଲା। ପୀଡିତା ଭଦ୍ରକ ଆସି ତାଙ୍କ କ୍ୱାର୍ଟର୍ସରେ ଏ ସମ୍ପର୍କରେ ପଚାରିବାରୁ ସେ ବାହାଘରର ସମସ୍ତ କାଗଜପତ୍ର, ଲାପଟପ୍ ଓ ମୋବାଇଲ ଫୋନ ତାଙ୍କଠାରୁ ନେଇଯାଇ ପାଟି ବନ୍ଦ ରଖିବାକୁ ଧମକ ଦେଇଥିଲେ। ଏପରି କି ନିଜ ପାଖରେ ରଖିଥିବା କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଦେଖାଇ ବ୍ଲାକମେଲିଂ କରି ହତ୍ୟା ଧମକ ଦେଇଥିବା ପୀଡିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଛାତ୍ରୀଙ୍କ ଅଭିଯୋଗରେ ଛନ୍ଦି ହୋଇପଡିଥିବା ଜେଲର ଚିନ୍ମୟ ଏବେ ଦିଲ୍ଲୀକୁ ଟ୍ରେନିଂରେ ଯାଇଛନ୍ତି। ଏଥି ସକାଶେ ତଦନ୍ତ ପ୍ରକ୍ରିୟା ଆଗେଇ ପାରୁନାହିଁ ବୋଲି ଟାଉନ ଥାନା ଅଧିକାରୀ ଦାସ କହିଛନ୍ତି। ପୀଡିତା ତାଙ୍କ ଏତଲାରେ ଆହୁରି ଦର୍ଶାଇଛନ୍ତି ଯେ, ସେ ଟାଉନ ଥାନାର ଦ୍ୱାରସ୍ଥ ହେବା ଆଗରୁ ଜେଲ ଡିଆଇଜି ଗୋପବନ୍ଧୁ ମଲ୍ଲିକଙ୍କୁ ଭେଟି ସମାନ ଅଭିଯୋଗ କରିଥିଲେ। ଗତ ମାସ ୨୩ ତାରିଖରେ ଡିଆଇଜି ମଲ୍ଲିକ ତଦନ୍ତ ପାଇଁ ଭଦ୍ରକ ଜେଲକୁ ଆସି ଜେଲ୍‌ର ଚିନ୍ମୟଙ୍କ ସମେତ ୱାର୍ଡର, କେତେକ କର୍ମଚାରୀ ଓ ଅନ୍ତେବାସୀଙ୍କୁ ପଚରାଉଚରା କରି ଫେରି ଯାଇଥିଲେ। ପୀଡିତାଙ୍କ ଅଭିଯୋଗକୁ ଜେଲର ଚିନ୍ମୟ ଖଣ୍ଡନ କରିଥିବାରୁ ପୋଲିସ ତାଙ୍କ ଦିଲ୍ଲୀ ଫେରନ୍ତା ବାଟକୁ ଚାହିଁ ବସିଛି। ପୀଡିତାଙ୍କୁ ପୋଲିସ ଡାକ୍ତରୀ ମାଇନା କରାଇ ନ ଥିବାରୁ ସାଧାରଣରେ ନାନା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଏସଡିପିଓ ଜଳନ୍ଧର ଜାଲିଙ୍କୁ ପଚାରିବାରୁ ପୀଡିତାଙ୍କ ବୟାନ ରେକର୍ଡ କରାଯାଇ ଘଟଣାର ତଦନ୍ତ କରାଯାଉଛି । ଜେଲର ଆସିବା ପରେ ତଦନ୍ତ ଆଗେଇବ । ଏ ଦିଗରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜାଲି କହିଛନ୍ତି।

### ଏସିଆନ ଗେମ୍ସ...

ତେବେ ଭାରତ ଅଷ୍ଟମ ସ୍ଥାନ ବଜାୟ ରଖିଛି। ଉଦ୍‌ଯାପନ ଉତ୍ସବରେ ଇଣ୍ଡୋନେସିଆର ବଲିଉଡ ପ୍ରେମ ତଥା ଲୋକପ୍ରିୟତାର ଝଲକ ଦେଖିବାକୁ ମିଳିଥିଲା। ଗାୟକ ସିଦ୍ଧାର୍ଥ ସ୍ଲାଥିଆ ଓ ଡେନେଡା 'କୋଇ ମିଲ ଗୟା', 'କୁଛ କୁଛ୍ ହୋତା ହେ' ଓ 'ଜୟ ହୋ' ନମ୍ବର ତଥା ଅନ୍ୟ ଗୀତ ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ତେବେ ଉଦ୍‌ଘାଟନ ଭଳି ଉଦ୍‌ଯାପନୀ ଉତ୍ସବ ଆଶାନୁରୂପ ଭାବେ ଦର୍ଶନୀୟ ହୋଇପାରି ନ ଥିଲା। ଉଦ୍‌ଘାଟନୀ ଉତ୍ସବରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ବାଇକରେ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ସେତେବେଳେ ୱିଡୋଡୋଙ୍କ ଭିଡିଓ ମେସେଜ ସାରା ଏସିଆ ମହାଦେଶରେ ଲୋକପ୍ରିୟ ହୋଇଥିଲା। ଅନ୍ୟପଟେ ଉଦ୍‌ଯାପନୀରେ ଜବରଦସ୍ତ ଗୀତ, ନାଚ ଓ ଆତସବାଜି ଦେଖିବାକୁ ମିଳିଥିଲା। ଆୟୋଜକଙ୍କ ପାଇଁ ମଧ ସଫଳ ଅଭିଯାନର ପରିସମାପ୍ତି ହୋଇଛି। ଭିଏତ୍‌ନାମ ଆୟୋଜନ ଦୌଡ଼ରୁ ଓହରିଯିବା ଫଳରେ ମାତ୍ର ୪ ବର୍ଷ ମଧରେ ଇଣ୍ଡୋନେସିଆ ଆୟୋଜକଙ୍କୁ ସବୁପ୍ରକାର ପ୍ରସ୍ତୁତି କରିବାକୁ ପଡିଥିଲା। ରାଜଧାନୀ ଜାକର୍ତ୍ତା ଓ ପାଲେମବାଙ୍ଗ ମିଳିତ ଭାବେ ଏହି କ୍ରୀଡ଼ାର ସଫଳ ଆୟୋଜନ କରିଥିଲେ।

ଏହି କ୍ରୀଡ଼ା ମହାକୁମ୍ଭରେ ୪୫ଟି ଦେଶର ୧୧,୦୦୦ରୁ ଉର୍ଦ୍ଧ୍ୱ ଆଥଲେଟ ଅଂଶଗ୍ରହଣ କରିଥିଲେ। ଇଣ୍ଡୋନେସିଆ ପାଇଁ ଏହି କ୍ରୀଡ଼ାର ଆୟୋଜନ ଏକ ମସ୍ତବଡ଼ ପରୀକ୍ଷା ତଥା ଚ୍ୟାଲେଞ୍ଜ୍ ଥିଲା। ତେବେ ଇଣ୍ଡୋନେସିଆ ଏଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛି। ଆତଙ୍କବାଦ, ଅପରାଧ ଓ ଟ୍ରାଫିକ୍ ସମସ୍ୟା ଚ୍ୟାଲେଞ୍ଜ୍ ସୃଷ୍ଟି କରିଥିଲା। ଆୟୋଜନରେ ସାରା ଇଣ୍ଡୋନେସିଆ ଏକ ହୋଇଯାଇଥିଲା ଓ ସବୁ ମିଶି ଏହାକୁ ଭରପୂର ସମର୍ଥନ କରିଥିଲେ। ଆୟୋଜକମାନଙ୍କ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା। ତେବେ ଆମେ ଶତପ୍ରତିଶତ ସଫଳ ହୋଇପାରି ନାହୁଁ ବୋଲି ଆୟୋଜକ କମିଟି ମୁଖ୍ୟ ଏରିକ ଥାହିର ସ୍ୱିକାର କରିଛନ୍ତି। ୧୯୬୨ ପରେ ପ୍ରଥମଥର ପାଇଁ ଇଣ୍ଡୋନେସିଆ କୌଣସି କ୍ରୀଡ଼ାର ସଫଳ ଆୟୋଜନ କରିଛି। ଏଥିସହ ୨୦୩୨ ଅଲିମ୍ପିକ୍ସର ବିଡ୍ ଦାଖଲ ପାଇଁ ଆତ୍ମବିଶ୍ୱାସ ହାସଲ କରିଛି ଏହି ଦେଶ। ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତିକ ଅଲିମ୍ପିକ କମିଟି (ଆଇଓଏ) ଅଧକ୍ଷ ଥୋମାସ ବାକ, ଅଲିମ୍ପିକ କାଉନସିଲ ଅଫ ଏସିଆ (ଓସିଏ) ମୁଖ୍ୟ ଅହମ୍ମଦ ଅଲ ଫାହଦ ଅଲ ସାବା ଓ ଇଣ୍ଡୋନେସିଆ ଉପରାଷ୍ଟ୍ରପତି ଉପସ୍ଥିତ ଥିଲେ। ବାକ୍ ଇଣ୍ଡୋନେସିଆର ଅଲିମ୍ପିକ ବିଡ ଦାଖଲକୁ ସମର୍ଥନ କରିଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଇଣ୍ଡୋନେସିଆର ବଳିଷ୍ଠ ଐତିହ୍ୟ ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଭାରତ, ଚାଇନା ଓ କୋରିଆର କଳାକାରମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭାରତୀୟ ଗାୟକ ସାଥିଆ ସ୍ଥାନୀୟ ଭାଷାରେ କ୍ରୀଡ଼ା ସଂଗୀତ ଗାନ କରିଥିଲେ। ତାଙ୍କୁ ଅନ୍ୟ ୫ଜଣ ସହଯୋଗ କରିଥିଲେ। ଆଇକନ , ଆଇସ୍ୟାନା ସରସ୍ୱତୀ, ଦିରା ସୁଗାଣ୍ଡି, ରାନ ଓ ବୁଙ୍ଗା ସିଟ୍ରା ଲେଷ୍ଟାର୍‌ଙ୍କ ପରି ତାରକା ମଧ ସଂଗୀତ ପରିବେଷଣ କରିଥିଲେ।

ଏହି ଉତ୍ସବରେ ତ୍ରିରଙ୍ଗା ଧରି ରାଣୀ ରାମପାଲ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। କ୍ରୀଡ଼ାର ସଫଳ ଆୟୋଜନ ପାଇଁ ୧୩,୦୦୦ ଭଲ୍ୟୁଣ୍ଟିର୍ସ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଥିଲେ। ଚାଇନାର ହାଙ୍ଗଝଉ ସହରରେ ୨୦୨୨ ଏସିଆନ ଗେମ୍ସ ଆୟୋଜନ ହେବ। ସେଥିପାଇଁ ପରମ୍ପରା ଅନୁଯାୟୀ ଓସିଏ ପତାକା ହାଙ୍ଗଝଉ ମେୟର ଜୁ ଲି ଯିଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ହାଙ୍ଗଝଉ ସହରର ଏକ ଭିଡିଓ ଷ୍ଟାଡିୟମର ବଡ଼ ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇଥିଲା ଓ ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଶ୍ୱାସରୁଦ୍ଧ ହୋଇ...

ଓ କାର୍ତ୍ତିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମଧ୍ୟ ଜଣକ ପରେ ଜଣେ ଟାଙ୍କି ମଧ୍ୟକୁ ଉଦ୍ଧାର ପାଇଁ ପଶିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୨ ଜଣ ମଧ୍ୟ ସେହି ମୃତ୍ୟୁ ଜାଲରେ ଫସିଯାଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗୁରୁତର କାର୍ତ୍ତିକଙ୍କ ଆର୍ତ୍ତ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଜମା ହୋଇଥିଲେ। ସେଠାରେ ଉପସ୍ଥିତ ଲୋକମାନେ ଅନ୍ୟ କୌଣସି ଉପାୟ ନ ପାଇ ଏକ ଜେସିବି ଯୋଗେ ଟାଙ୍କିର ଉପର ଛାତକୁ ଭାଙ୍ଗି ଭିତରେ ଫସିଥିବା ସମସ୍ତ ୬ ଜଣଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ୬ଜଣଙ୍କୁ ଅଚେତ ଅବସ୍ଥାରେ ତୁରନ୍ତ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ହସ୍ପିଟାଲ ପରିସରରେ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା। ଖବରପାଇ ପୋଲିସ ହସପିଟାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଷମକଟକ ବିଧାୟକ ଜଗନ୍ନାଥ ସାରକା ହସପିଟାଲ ଯାଇ ମୃତକଙ୍କ ପରିବାରକୁ ବିଜୁ ପକ୍କା ଘର ପ୍ରଦାନ କରାଯିବ ବୋଲି କହିଛନ୍ତି। ସେହିପରି ଉପଜିଲାପାଳ ଅମ୍ରିତ ରତୁରାଜ ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ଯୋଜନାବୋର୍ଡ ସଦସ୍ୟ ସୁଧୀର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ହସ୍ପିଟାଲରେ ପହଞ୍ଚିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ବୁଧାଦିତ୍ୟ, ମକର ମଙ୍ଗଳ, ଗୁରୁ ଶୁକ୍ର, ରୋହିଣୀ ଚନ୍ଦ୍ର ପ୍ରଭୃତି ଅସାଧାରଣ ଗ୍ରହଯୋଗ ନିଜ ନିଜ ସ୍ତରରେ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଦୃଢ଼ ମନୋବଳ ଓ ସୁଚିନ୍ତିତ ବିଚାରଧାରା ହେତୁ କିଛି ଅସୁବିଧା ହେବନାହିଁ । ଆର୍ଥିକ ସଙ୍କଟ ଦୂର ହେବା ସହ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ।

**ବୃଷ**
ରାଶିରେ ଚନ୍ଦ୍ର ଓ ତୃତୀୟସ୍ଥ ରାହୁ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, ଯାହାକି ଆପଣଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିବ। ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ ହେବେ। ଆର୍ଥିକ ସ୍ଥିତି ଭଲ ରହିବ।

**ମିଥୁନ**
ସୁଖଭାବରେ ରବି ଓ ବୁଧ ପ୍ରଭାବରୁ ସର୍ବୈକ୍ତିକ ମନ୍ତବ୍ୟ ବୁଦ୍ଧିଜୀବୀ, କର୍ମକ୍ଷେତ୍ର ଓ ସାମାଜିକ ଜୀବନରେ ପ୍ରଶଂସନୀୟ କରାଇବ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ନୀରବ ରହିବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଫାଇଲ୍ ପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ**
ଚନ୍ଦ୍ର ପ୍ରଭାବରୁ ଆପଣଙ୍କ ସଫଳତା ଓ ସମ୍ମାନ ପ୍ରତ୍ୟେକ ସ୍ଥାନରେ ପ୍ରଶଂସିତ ହେଲେ ମଧ ଆପଣଙ୍କୁ ତାହା ପୂର୍ଣ୍ଣ ସନ୍ତୋଷ ଦେଇ ନ ପାରେ। ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡିବ। ନିର୍ମାଣ, ବାଣିଜ୍ୟ ତଥା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ**
ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରିବା ସହ ସାମାଜିକ ପ୍ରତିଷ୍ଠା ଲାଭ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଜୀବନରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ସ୍ତରରେ କିମ୍ବା ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**
ପରୋକ୍ଷ ଶତ୍ରୁତା, ଧାରକରଜ, ନିଜ ଲୋକଙ୍କ ଅନାଦରଭାବ ମାନସିକ ଦୁଶ୍ଚିନ୍ତାର କାରଣ ହେବ। କିଛି କହିଥିବା କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରତିବନ୍ଧକ ଲାଗି ରହିବା କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବାର ସୂଚନା ରହିଛି। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଆଜି ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବ।

**ତୁଳା**
ଦୁଇ ପଣ୍ଡିତଙ୍କ ରାଶିରେ ଅବସ୍ଥାନ ନୂଆ ନୂଆ ଗଠନମୂଳକ କାମ କରିବା ପାଇଁ ପ୍ରେରଣା ଯୋଗାଇବ। ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ କରିବା ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ, ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି।

**ବିଛା**
ଯିଏ ଯେତେ ଶତ୍ରୁତା କରୁନା କାହିଁକି ଆପଣଙ୍କ କୌଣସି ଅସୁବିଧା ହେବନାହିଁ। ଧନସ୍ଥାନସ୍ଥ ଶନି ହେତୁ ଅଧିକାଂଶ କ୍ଷେତ୍ରରେ ନୀରବତାକୁ ଅଧିକ ପସନ୍ଦ କରିପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କଳା, ସାହିତ୍ୟ, ସଂଗୀତ, କ୍ରୀଡା, ଚଳଚ୍ଚିତ୍ର ପ୍ରଭୃତିରେ ସୁନାମ ଅର୍ଜନ କରିବେ।

**ଧନୁ**
ବୃହସ୍ପତି ଏକାଦଶସ୍ଥ ହେଲେ ମଧ ପାରିବାରିକ ଜୀବନ ପାଇଁ ବିଶେଷ ଲାଭଦାୟକ ହୋଇପାରିବେ ନାହିଁ। ସାମାଜିକ ସ୍ତରରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବିବାଦୀୟ ଘଟଣାରେ,ପରିବହନରେ, ବ୍ୟବସାୟରେ, ଆଧାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହୀ ହେବେ।

**ମକର**
ରାଶ୍ୟାଧିପତି ଦ୍ୱାଦଶସ୍ଥ ହେତୁ ସାମାନ୍ୟ ଅସୁସ୍ଥତା ଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ। କିନ୍ତୁ ଉଚ୍ଚସ୍ଥ ମଙ୍ଗଳ ପ୍ରଭାବରୁ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, କଳା, ସାହିତ୍ୟ, ପରିବାର, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ଯେତେ ଭଲକଥା କହିଲେ ମଧ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କ ସୁସମ୍ପର୍କ ଭଲ ରହିବ ନାହିଁ।

**କୁମ୍ଭ**
ଶୁକ୍ରଙ୍କ ଦୁର୍ବଳତା କାରଣରୁ ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟମାନଙ୍କ ସହାୟତା ନେବାକୁ ପଡିପାରେ । ଅବଶ୍ୟ ଉଚ୍ଚସ୍ଥ ମଙ୍ଗଳ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**ମୀନ**
କେତେକ ଛୋଟବଡ ସମସ୍ୟାକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଉପଭୋଗ୍ୟ ହେବ। ନୂଆ କାମ ଆରମ୍ଭ କରି ଖୁସୀ ରହିବେ ଏବଂ ବନ୍ଧୁମାନଙ୍କ ପ୍ରିୟଭାଜନ ମଧ ହେବେ। ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ।

ଆଜି ଭାଦ୍ରବ କୃଷ୍ଣ ଅଷ୍ଟମୀ ସୋମବାର, ବୈଷ୍ଣବ ମତାନୁସାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ସ୍ମାର୍ତ୍ତ ମତାନୁସାରେ ନନ୍ଦୋତ୍ସବ, ବିଜୁଳିକନ୍ୟା ପୂଜା ସେପ୍ଟେମ୍ବର ୩ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୫୨ମି. ମଧ୍ୟେ, ଘ୧।୫୨ମି. ଗତେ, ଘ୨।୪୫ମି. ମଧ୍ୟେ, ଘ୪।୪୫ମି. ଗତେ, ଘ୬।୨୪ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୩୦ମି. ଗତେ, ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୦୭ମି. ଗତେ, ଘ୮।୪୧ମି. ମଧ୍ୟେ ରାହୁକାଳ ।



ଲଣ୍ଡନର ମେୟର ସାଦିକ ଖାଁଙ୍କ ୨୯ ଫୁଟ ଲମ୍ବର ଏକ ବିକିନି ପିନ୍ଧା ବେଲୁନ୍ ଉଡ଼ିବାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ବେଲୁନ୍‌କୁ ଉଡ଼ାଇବାକୁ ପ୍ରାୟ ୩୫ ହଜାର ୪ ଶହ ଲୋକ ୫୮ ହଜାର ୧୮୨ ପାଉଣ୍ଡ ଦାନ କରିଥିଲେ। ୨୦୨୦ରେ ହେବାକୁଥିବା ନିର୍ବାଚନରେ ସାଦିକଙ୍କୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ଏହି ବେଲୁନ୍ ଉଡ଼ାଯାଇଥିଲା। ବ୍ରିଟେନ୍ ରାଜଧାନୀରେ ଅପରାଧ ଉପରେ ସେ ନିୟନ୍ତ୍ରଣ ରଖି ପାରି ନ ଥିବାରୁ ତାଙ୍କ ବିରୋଧରେ ଏପରି ପ୍ରଦର୍ଶନ କରାଯାଇଥିବା ଆୟୋଜକମାନେ କହିଛନ୍ତି।

## ସଂକ୍ଷେପରେ

### ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ସନ୍ଧ୍ୟା ୬.୧୫ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ସରକାର କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର କରିବେ। କ୍ୟାବିନେଟ୍‌ରେ ବିଶେଷକରି ୫ ପ୍ରସ୍ତାବ ଉପରେ ମୋହର ଲାଗିବ ବୋଲି ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଏବଂ ପରିବହନ ବିଭାଗର କେତେଗୁଡ଼ିଏ ପ୍ରସ୍ତାବ ଉପରେ ମୋହର ଲାଗିବ ବୋଲି ଜଣାପଡ଼ିଛି।

### ୫୯୬ ଡାକ୍ତର ନିଯୁକ୍ତି ପାଇଁ ଆଜିଠୁ କାଉନ୍‌ସେଲିଂ ଆରମ୍ଭ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟ ସରକାର ଖାଲି ପଡ଼ିଥିବା ଡାକ୍ତରୀ ପଦବୀ ପୂରଣ କରିବେ। ଏଥିପାଇଁ ସୋମବାରଠାରୁ କାଉନ୍‌ସେଲିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାଉନ୍‌ସେଲିଂ ମାଧ୍ୟମରେ ୧୧୩ ଜଣ ବିଶେଷଜ୍ଞଙ୍କ ସହିତ ୪୮୩ ଏମ୍‌ବିବିଏସ୍ ଡାକ୍ତରଙ୍କୁ ମିଶାଇ ମୋଟ ୫୯୬ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। କାଉନ୍‌ସେଲିଂ ସରିବା ପରେ ତୁରନ୍ତ ନିଯୁକ୍ତି ମିଳିବ ବୋଲି ବିଭାଗ କହିଛି। ସେହିପରି ୧୭୧ ଜଣ ଦନ୍ତ ଚିକିତ୍ସକଙ୍କୁ ମଧ ବିଭାଗ ନିଯୁକ୍ତି ପ୍ରଦାନ କରିବ ବୋଲି ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ନୂତନ କ୍ୟାଡର ରୁଲ୍ ଅନୁଯାୟୀ ରାଜ୍ୟରେ ଆହୁରି ଅଧିକ ୨୦୦୦ ନୂତନ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦେବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ନୂତନ ନିଯୁକ୍ତି ପ୍ରକ୍ରିୟା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଗୁଜରାଟରେ 'ପରବ ଓଡ଼ିଶା' ଉଦ୍‌ଘାଟିତ

- ଗୁଜରାଟ ବିକାଶରେ ଓଡ଼ିଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ରୂପାନୀ
- ଓଡ଼ିଆ ଏବେ ଶ୍ରମିକ ନୁହେଁ ମାଲିକ ହେବେ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨।୯(ବ୍ୟୁରୋ)



'ପରବ ଓଡ଼ିଶା' ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ସୁରଟ ଓ ଗୁଜରାଟ ବିକାଶରେ ଓଡିଆ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁରଟଠାରେ ଦୁଇଦିନିଆ ଓଡିଆ ପର୍ବ ଉଦ୍‌ଘାଟନ ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏହା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡିଆ ଓ ଗୁଜରାଟବାସୀଙ୍କ ମଧ୍ୟରେ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ ଅତି ନିବିଡ଼। ଓଡିଶାର କୋଣାର୍କରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡୁଥିବାବେଳେ ଗୁଜୁରାଟର ମୋଧେରାରେ ଶେଷ କିରଣ ପଡିଥାଏ । ଗୁଜରାଟର ଅର୍ଥନୀତି ପରିବର୍ତ୍ତନରେ ଓଡିଆଙ୍କ ପ୍ରମୁଖ ଭୂମିକା ରହିଛି। ଗୁଜରାଟ ଓ ଓଡିଶାର ଭାବାବେଗ ସମ୍ପର୍କରେ ଏହି ଓଡିଆ ପରବ ଏକ ଆବେଗର ବାର୍ତ୍ତା ବହନ କରୁଛି। ସୁରଟରେ ଏବେ ଓଡିଆ ସଂସ୍କୃତି, ପରମ୍ପରା, ଜଗନ୍ନାଥ ସଂସ୍କୃତିକୁ ପ୍ରତିଷ୍ଠା କରାଯାଇଛି, ସେଥିପାଇଁ ଆମେ ଗର୍ବ ଅନୁଭବ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ଭାରତର ପରିକଳ୍ପନା କରିଥିବା ବେଳେ ଆମେ ନୂଆ ଓଡିଶାର ପରିକଳ୍ପନା କରୁଛୁ। ଫଳରେ ଓଡିଶା ଏବଂ ଓଡିଆ ଭାଉଣୀ ଓ ଭାଇମାନେ ଆଗରେ ରହିବେ। ଦୁଇ ରାଜ୍ୟର ସମ୍ପର୍କ ଅତି ନିବିଡ଼। ଓଡିଶା ସହ ମହାତ୍ମା ଗାନ୍ଧୀ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମ୍ପର୍କ ଅନନ୍ୟ।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ରବିବାର ସୁରଟରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଗୁଜରାଟରେ ଯେପରି ପେଟ୍ରୋକେମିକାଲ, ପ୍ଲାଷ୍ଟିକ, କେମିକାଲ କ୍ଲଷ୍ଟର ହୋଇଛି, ଓଡିଶାରେ ମଧ ସେହିପରି ହେବ। ସ୍ୱାଧୀନତାର ୭୦ବର୍ଷ ପରେ ଓଡିଆ ଲୋକ ଖାଲି ଶ୍ରମିକ ନୁହେଁ ମାଲିକ ହେବେ। ଓଡିଆ ଲୋକମାନେ ମାଲିକ ହେବାର ସୁଯୋଗ ଆସିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଯେ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ରାଜ୍ୟର ବିକାଶ ହୋଇନାହିଁ ସେ ପର୍ଯ୍ୟନ୍ତ ଭାରତର ବିକାଶ ଅସମ୍ଭବ। ଓଡିଆ ଜାତି କୋଣାର୍କ, ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଗଢ଼ିଥିଲେ। ଏବେ ଓଡିଆ ଜାତି ନିଜ ଗୋଡରେ ଠିଆ ହେବା ପାଇଁ ପ୍ରୟାସ ଆରମ୍ଭ କରିବେ। ପାରାଦୀପ ରିଫାଇନେରିର ପେଟ୍ରୋକେମିକାଲ ପଲିମରରୁ ସୂତା ବାହାର କରାଯାଇ ଓଡିଶାରେ ଦ୍ୱିତୀୟ ସୁରଟ କରାଯିବ। ଓଡିଶାରେ ଶିଳ୍ପାୟନର ନୂତନ ପରମ୍ପରା ସୃଷ୍ଟି ହେବ। ଆଗାମୀ ଦିନରେ ଓଡିଆ ପର୍ବ କିପରି ସ୍ଥାୟୀ ହେବ ତା' ଉପରେ ଗୁରୁତ୍ୱ ଦିଆଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଭାଜପାର ପରବ ଓଡିଶା କାର୍ଯ୍ୟକ୍ରମ ସୋମବାର ଶେଷ ହେବ। ରବିବାର ଅନୁଷ୍ଠିତ ହୋଇଥିବା ପ୍ରଥମ ଦିନ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତକ କାର୍ଯ୍ୟକ୍ରମ କରାଯାଇଛି।

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮

## ଚାଇନା, ଜାପାନ, ଦକ୍ଷିଣ କୋରିଆ ଗସ୍ତ ସାରି ଫେରିଲା ପ୍ରତିନିଧି ଦଳ

ଭୁବନେଶ୍ୱର,୨।୯(ବ୍ୟୁରୋ)

ଚଳିତ ବର୍ଷ ଶେଷଆଡ଼କୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଏହାକୁ ସଫଳ ଭାବେ ଆୟୋଜନ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି। ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ଏବଂ ଅନ୍ୟ ଅଧିକାରୀମାନେ ବିଦେଶ ଗସ୍ତ ଜାରି ରଖିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ମୁମ୍ବାଇ ଗସ୍ତ କରି ବଡ଼ ବଡ଼ ପୁଞ୍ଜି ନିବେଶକାରୀଙ୍କୁ ଭେଟିଥିଲେ। ସେହି କ୍ରମରେ ବିଭାଗୀୟ ମନ୍ତ୍ରୀ ବିଦେଶ ଗସ୍ତ ସାରି ଓଡ଼ିଶା ଫେରିଛନ୍ତି। ଏ ନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶନିବାର ଅନନ୍ତ କହିଛନ୍ତି ଯେ, ରାଜ୍ୟ ପ୍ରତିନିଧି ଦଳ ଚାଇନା, ଜାପାନ, ଦକ୍ଷିଣ କୋରିଆ ଗସ୍ତ ସାରିଛନ୍ତି। ଜାପାନରେ ଅନୁଷ୍ଠିତ ହୋଇଥିବା ରୋଡ୍ ଶୋ'ରେ ୧୫୦ କମ୍ପାନୀ ଭାଗ ନେଇଛନ୍ତି। ସେହିପରି ଚାଇନା ଓ ଦକ୍ଷିଣ କୋରିଆରେ ମଧ ୧୫୦ଟି ଲେଖାଏଁ କମ୍ପାନୀ ରୋଡ୍ ଶୋ'ରେ ଭାଗ ନେଇଥିଲେ। ୬ଟି କ୍ଷେତ୍ରରେ ନିବେଶ କରିବା ପାଇଁ କମ୍ପାନୀମାନଙ୍କୁ କୁହାଯାଇଥିବା ଅନନ୍ତ କହିଛନ୍ତି। ଇସ୍ପାତ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ବୟନ ଶିଳ୍ପ ଇତ୍ୟାଦିକୁ ପ୍ରାଧାନ୍ୟ ଦିଆଯାଇଛି। ଇଟାଲୀର ୨୦ କମ୍ପାନୀ ରାଜ୍ୟରେ ୨୦ଟି ରୁମ୍ ବୁକ୍ କରିସାରିଥିବା ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି। ଗୁଜରାଟସ୍ଥିତ ସୁରଟରେ ପେଟ୍ରୋଲିୟମ ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଇନ୍‌ଭେଷ୍ଟମେଣ୍ଟ ସମ୍ମିଟ୍ ଆୟୋଜନ କରାଯାଉଛି। ଶିଳ୍ପ ମନ୍ତ୍ରୀ ହିସାବରେ ତାଙ୍କୁ ସେଠାକୁ ନିମନ୍ତ୍ରଣ କରାଯାଇଛି କି ବୋଲି ଖବରଦାତାମାନେ ଅନନ୍ତ ଦାସଙ୍କୁ ପଚାରିଥିଲେ। ଉତ୍ତରରେ ସେ କହିଛନ୍ତି ଯେ, ସୁରଟ ସମ୍ମିଳନୀ ନେଇ ତାଙ୍କୁ କେହି ଜଣାଇ ନାହାନ୍ତି। ତାଙ୍କୁ ବ୍ୟକ୍ତିଗତ ଭାବେ ମଧ ଜଣାଇ ଦିଆଯାଇ ନାହିଁ। ଓଡ଼ିଶାକୁ କୌଣସି ଶିଳ୍ପସଂସ୍ଥା ଆସିବା ମନା ନାହିଁ ହେଲେ ଏ କଥା କିନ୍ତୁ ମନେରଖିବା ଉଚିତ ଯେ, ରାଜ୍ୟର ସହଯୋଗ ବିନା ଓଡ଼ିଶାରେ ଶିଳ୍ପ ଅସମ୍ଭବ। ପ୍ରକାଶ ଯେ, ଚଳିତ ବର୍ଷ ନଭେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ରାଜଧାନୀରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁଷ୍ଠିତ ହେବ। ଜାପାନ ଏଥିରେ କଣ୍ଟ୍ରି ପାର୍ଟନର ରହିଛି। ଏହି ୪ ଦିନରେ ୧୩ଟି ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ରହିଛି।

# ବୟନ, ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ରହିଛି ବ୍ୟାପକ ସୁଯୋଗ

- ଗୁଜରାଟର ସୁରଟରେ ଓଡ଼ିଶା କନ୍‌କ୍ଲେଭ୍
- ନିବେଶକଙ୍କୁ ପାରାଦୀପ ଆସିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ପାରାଦୀପ,୨।୯(ସ୍ୱ.ପ୍ର.)

ଓଡ଼ିଶାରେ ବୟନ ଓ ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ବ୍ୟାପକ ସୁଯୋଗ ରହିଛି। ଏଠାରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା, ପାରାଦୀପ ତୈଳ ବିଶୋଧନାଗାରର କଞ୍ଚାମାଲ, ବିଦ୍ୟୁତ୍ ଶକ୍ତି ପାଇଁ ପ୍ରଚୁର ପରିମାଣର କୋଇଲା, ପାରାଦୀପ ଓ ଧାମରା ଭଳି ବିଶ୍ୱସ୍ତରୀୟ ବନ୍ଦର ଅଛି। ତେଣୁ ଓଡ଼ିଶାର ପାରାଦୀପ ଓ ଭଦ୍ରକରେ ପୁଞ୍ଜି ନିବେଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ତୈଳ ନିଗମ ପ୍ରଥମଥର ପାଇଁ ଗୁଜରାଟର ସୁରଟଠାରେ ଆୟୋଜନ କରିଥିବା ଓଡ଼ିଶା କନ୍‌କ୍ଲେଭ୍ ନିବେଶକ ସମ୍ମିଳନୀରେ ଯୋଗଦେଇ ରବିବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ଏହି ସମ୍ମିଳନୀରେ ୧୯ ଉଦ୍ୟୋଗପତି ଓ ଦେଶ ବିଦେଶରୁ ପ୍ରାୟ ୧୦୦୦ ପୁଞ୍ଜି ନିବେଶକାରୀ ଯୋଗ ଦେଇଥିଲେ। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଥିବା ବ୍ୟାପକ ସୁବିଧା ସମ୍ପର୍କରେ ତଥ୍ୟଗତ ପ୍ରମାଣ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟର ଆଇନମନ୍ତ୍ରୀ ପ୍ରଦୀପ ସିଂ ଜାଡେଜା, ଇଣ୍ଡିଆନ ଅଏଲର ଅଧ୍ୟକ୍ଷ ସଞ୍ଜୀବ ସିଂ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସମ୍ପ୍ରତି ଭାରତରେ ମୁଣ୍ଡପିଛା ପ୍ଲାଷ୍ଟିକର ବ୍ୟବହାର ୧୦ କିଲୋରେ ପହଞ୍ଚିଛି। ପୋଷାକ, କଲମ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀରେ ୮୦ ପ୍ରତିଶତ ପେଟ୍ରୋ କେମିକାଲ ରହୁଛି। ପାରାଦୀପରେ ଭାରତୀୟ ତୈଳ ନିଗମର ବୃହତ୍ ବିଶୋଧନାଗାର ଥିବାରୁ ସେଥିରୁ ବାହାରୁଥିବା ପିଟିଏ (ପ୍ୟୁରିଫାଏଡ୍ ଟେରେଫଟିଲିକ ଏସିଡ୍), ଏମ୍‌ଇଜି (ମନୋଇଥେଲିନ ଗ୍ଲାଇକେନ୍), ପିପି (ପଲି ପ୍ରପଲିନ), ପଲିଥାଇଲେ। ଓ ଅନ୍ୟାନ୍ୟ ମୌଳିକ କଞ୍ଚାମାଲର ଉପଯୋଗ ହୋଇପାରିବ। ପାରାଦୀପକୁ କେନ୍ଦ୍ର ସରକାର ପିସିପିଆଇଆର (ପେଟ୍ରୋଲିୟମ, କେମିକାଲ ଓ ପେଟ୍ରୋକେମିକାଲ ନିବେଶ ଅଞ୍ଚଳ) ଭାବେ ଚିହ୍ନଟ କରିଛନ୍ତି। ବିଶୋଧନାଗାରରୁ ୭୦୦ କିଲୋ ଟନ୍ ୟୁନିଟ୍ ନୂଆ ପଲି ପ୍ରପ୍‌ଲିନ୍ ପ୍ରସ୍ତୁତ ହେବାକୁ ଯାଉଛି, ଯାହା ୩୧୫୦ କୋଟି ଟଙ୍କାର ବୟନ ଓ ପ୍ଲାଷ୍ଟିକ ଶିଳ୍ପକୁ ସହାୟତା କରିପାରିବ। ଇଡ୍‌କୋ ଓ ଇଣ୍ଡିଆନ ଅଏଲର ଯୁଗ୍ମ ଉଦ୍ୟମରେ ପ୍ଲାଷ୍ଟିକ ପାର୍କ ହେବାକୁ ଯାଉଛି। ୧୨୦ ଏକର ଜାଗାରେ ଏହି ପଲିମର ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ହେବ। ଏହି ବୟନ ଶିଳ୍ପରେ ବୁଣିବା, ସିଲେଇ କରିବା, ରଙ୍ଗ ମାରିବା, ପୋଷାକ ତିଆରି କରିବା, କାଟିବା ଆଦି କାମ ଥିବାରୁ ସିଧାସଳଖ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗୁଜରାଟର ସୁରଟରେ ଏବେ ୬ଲକ୍ଷ ଓଡ଼ିଆ ଏହି କାମ କରୁଛନ୍ତି। କିନ୍ତୁ ଓଡ଼ିଶାରେ ଏଭଳି ଶିଳ୍ପ ହବ୍ ହେଲେ ଅନ୍ୟ ରାଜ୍ୟର ଲୋକ ଓଡ଼ିଶା ଆସିବେ ବୋଲି ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ।

ADMISSION OPEN
2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

ADMISSION OPEN
GNM — Duration : 3 Years. Eligibility: 2 Arts , Science & Commerce. Age: Both Male & Female 17 to 30 Years
ANM — Duration : 2 Years. Eligibility: +2 in any Stream or its equivalent examination. Age: 17 to 30 year
Clinical Training at : □ District Head Quarter Hospital, SBP □ VIMSAR, Burla
Details Contact
KOSHAL ANM & GNM TRAINING SCHOOL
At/Po:Dhanupali(Naxapali) Sambalpur-768005(Odisha)
Phone: (0663) 2546997: Mobile 9938569414
Permitted by: Health & Family Welfare Deptt. Govt of Odisha, Bhubaneswar
Affiliated By : Indian Nursing Council New Delhi and Odisha Nursing Council, Bhubaneswar

GANDHI INSTITUTE
Balangir, Sambalpur
9348898852
9777988870
www.gandhiinstitute.in
Admission Going On
B.ED
Andhra University
Dear Students, 2017-19 First Semester Result Announced...
Congratulation to All Passout Students and those who have not cleared the papers; Do not get panicked. You have another Chance to clear your Back Papers.
Topper of 1st Semester: Miss. Priyanka Lahoti Sambalpur



ନରନାରୀଙ୍କୁ ଭଲ ପାଇବା–ପଦାର୍ଥକୁ ଭଲ ପାଇବା–କୁଟୁମ୍ବ ପରିଜନଙ୍କୁ ଭଲ ପାଇବା–ଦେଶକୁ–ମାନବ ଜାତିକୁ–ଜୀବଜନ୍ତୁ ପ୍ରଭୃତିଙ୍କୁ ଭଲ ପାଇବା ଏ ସବୁ ଭଲ ପାଇବା– ହେଲା ଭଗବାନଙ୍କୁ ଭଲ ପାଇବାର ପ୍ରତିବିମ୍ବ ସେହିସବୁ ଜୀବନ୍ତ ମୂର୍ତ୍ତିଗୁଡିକ ଭିତରେ। ଭଲପାଅ। ବଳବୀର୍ଯ୍ୟବନ୍ତ ମଣିଷ ଭଳି ସମସ୍ତଙ୍କୁ ଭଲପାଅ ଓ ଆନନ୍ଦ ଅନୁଭବ କର। ସାହାଯ୍ୟକର ସମସ୍ତଙ୍କୁ। ଚିରକାଳ ପାଇଁ ଭଲପାଅ।

–ଶ୍ରୀଅରବିନ୍ଦ

# ବିକଳ୍ପ ଲୋଡ଼ା

ଓଡ଼ିଆରେ ଢଗ ଅଛି– 'ଗୋଦରୀଲୋ ନିଜ ଗୋଡ଼କୁ ଅନା'। ଅର୍ଥାତ୍ ନିଜର ଦୋଷ ଦୁର୍ବଳତା ଦେଖିପାରୁ ନ ଥିବା ବ୍ୟକ୍ତି ଅନ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଆନ୍ତି। ବର୍ତ୍ତମାନ ଭାରତୀୟ ମୁଦ୍ରାର ସ୍ଥିତିକୁ ଦେଖିଲେ ଏନ୍‌ଡିଏ ସରକାରଙ୍କ ଅପରିଣାମଦର୍ଶୀ ନୀତି ଆଖି ସାମ୍ନାକୁ ଆସୁଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୧ ସ୍ତରରେ ରହିଛି। ଟଙ୍କାର ମୂଲ୍ୟ ଦ୍ରୁତଗତିରେ ଦୁର୍ବଳ ହେବାରେ ଏପରି ଲାଗିଛି ଯେ, ଆଗାମୀ ଦିନ ପାଇଁ ବିପଦର ସଂକେତ ଦେଲାଣି। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟାଙ୍କରେ ବୃଦ୍ଧି ପାଇଥିବା ଅନାଦାୟ ଋଣ ବା ଏନ୍‌ପିଏ ପାଇଁ ଉପା ସରକାରଙ୍କୁ ଦାୟୀ କରିଛନ୍ତି। ଦେଖିବାକୁ ଗଲେ ମୋଦି ସରକାରଙ୍କ ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ ଦ୍ୱାରା ଦେଶର ଅର୍ଥନୀତି କିଭଳି ନିମ୍ନଗାମୀ ହୋଇଚାଲିଛି ତାହାର ଅସଂଖ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଲାଣି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସଦ୍ୟ ରିପୋର୍ଟ ଦେଖିଲେ ଆହୁରି ଚକିତ ହେବାକୁ ପଡ଼ିବ। ୨୦୧୮ ଅଗଷ୍ଟ ୨୯ରେ ଏହି ଶୀର୍ଷ ବ୍ୟାଙ୍କ ପକ୍ଷରୁ ବାର୍ଷିକ ରିପୋର୍ଟରେ ଦର୍ଶାଯାଇଛି ଯେ, ବିମୁଦ୍ରୀକରଣ ଯୋଗୁ ଅଚଳ କରାଯାଇଥିବା ନୋଟ୍‌ର ୯୯.୩ ପ୍ରତିଶତ ବ୍ୟାଙ୍କକୁ ଫେରିଛି। ଅର୍ଥାତ୍ ୦.୭% ବା ମାତ୍ର ୧୦,୭୨୦ କୋଟି ଟଙ୍କା ବ୍ୟାଙ୍କ ପରିସରଭୁକ୍ତ ହୋଇନାହିଁ। ଏହି ସାମାନ୍ୟ ପରିମାଣର ଅର୍ଥ ଲାଗି ସମଗ୍ର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଦିଆଯିବା ସହ ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଅର୍ଥନୀତିଜ୍ଞମାନେ କହିଲେଣି। ଏହିଭଳି ମତ ପୋଷଣ କରୁଥିବା ହେତୁ ପୂର୍ବରୁ ସରକାରଙ୍କ ଗେହ୍ଲା ପୁଅ ଭାବେ ପରିଚିତ ଥିବା ଅରବିନ୍ଦ ସୁବ୍ରମଣ୍ୟମ୍ ନିକଟରେ ତାଙ୍କ ପଦବୀରୁ ଓହରିଗଲେ। ଅନ୍ୟପକ୍ଷରେ ବିମୁଦ୍ରୀକରଣ ବ୍ୟକ୍ତିଗତ ସ୍ତରରେ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ଭାଜପାକୁ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ସଫଳତା ଦେଇଥିଲା।

କଳାଧନ ଠାବ, ନକଲି ନୋଟ୍ ପ୍ରସାରଣ ବନ୍ଦ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଲାଗି ପାଣ୍ଠି ଯୋଗାଣ ଦିଗରେ ବିମୁଦ୍ରୀକରଣ ଶକ୍ତ ଧକ୍କା ପହଞ୍ଚାଇବ ବୋଲି ଡିଣ୍ଡିମ ପିଟି କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ଏଭଳି ନିଷ୍ପତ୍ତି ନେଇଥିଲେ। ଏହି ପଦକ୍ଷେପକୁ ୨ ବର୍ଷ ପୂରିବାକୁ ୨ ମାସ ବାକି ଥିବା ବେଳେ ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଭିନ୍ନ ଚିତ୍ର ପ୍ରଦର୍ଶନ କରିଛି। ବିମୁଦ୍ରୀକରଣ ପରେ ଛପା ଯାଇଥିବା ନୂଆ ୨୦୦୦ ଟଙ୍କିଆ ଏବଂ ୫୦୦ ଓ ୨୦୦ ଟଙ୍କିଆ ନୋଟ୍ ଲାଗି ଆର୍‌ବିଆଇକୁ ୧୨,୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଛି। ଏହି ପରିପ୍ରେକ୍ଷୀରେ ପରିସଂଖ୍ୟାନ ଦେଖିଲେ ବ୍ୟାଙ୍କକୁ ଫେରି ନ ଥିବା ୧୦, ୭୨୦ କୋଟି ଟଙ୍କା ଅଚଳ ନୋଟ୍ ଅପେକ୍ଷା ନୂଆ ନୋଟ୍ ଛପାଇବା ଓ ଏହାର ନିରାପତ୍ତାଜନିତ ଖର୍ଚ୍ଚ ଅଧିକ ହୋଇଛି । ସେହିପରି ୨୦୧୭ ଜୁଲାଇ ୧ରେ ପ୍ରଚଳିତ ଜିଏସ୍‌ଟି ଲଘୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ କେଉଁଭଳି ଭାବେ ଧରାଶାୟୀ କରିଦେଇଛି, ତାହାର ପ୍ରମାଣ ଆମ ଚାରିକଡ଼େ ଛୋଟ ଉଦ୍ୟୋଗରେ ଝୁଲୁଥିବା ତାଲାକୁ ଦେଖିଲେ ବୁଝି ହେଉଛି।

ବିମୁଦ୍ରୀକରଣ ଯେବେ ଘୋଷଣା କରାଗଲା, ସେତେବେଳେ ଦେଶବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରାଗଲା ଯେ ଧନୀ ଲୋକଙ୍କ ପାଖରେ ରହିଥିବା କଳାଧନକୁ ସହଜରେ ଠାବ କରାଯାଇପାରିବ। ଫଳରେ ସାଧାରଣ ଲୋକେ ଏନ୍‌ଡିଏ ସରକାରଙ୍କ ପଦକ୍ଷେପରେ ଖୁସି ହୋଇ ଆଗକୁ ସେମାନଙ୍କ ପାଇଁ ଭଲ ଦିନ ଆସୁଛି ବୋଲି ଧରିନେଲେ। ଯେତେବେଳେ ନିଜର କଷ୍ଟାର୍ଜିତ ଟଙ୍କା (ଘୋଷଣା ପରେ ଅଚଳ)କୁ ବଦଳାଇବା ପାଇଁ ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡ଼ିଲା, ସେତେବେଳେ ସୀମାନ୍ତରେ ସୈନିକମାନେ ଦେଶର ସୁରକ୍ଷା ଲାଗି କିଭଳି କଷ୍ଟ କରୁଛନ୍ତି ତାହାର ଦୃଷ୍ଟାନ୍ତ ଦିଆଗଲା। ସେତେବେଳେ ଲୋକେ ଏହିସବୁ କାହାଣୀକୁ ସ୍ୱୀକାର କରିନେଇଥିଲେ। ହେଲେ ନିଜ ସଞ୍ଚିତ ଅର୍ଥ ପାଇବାରେ ଦିନ ଦିନ ଗଡ଼ିଯିବାରୁ ପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ଏବେ ଆର୍‌ବିଆଇ ରିପୋର୍ଟ ଦେବା ପରେ ସରଳିଆ ଲୋକେ ବୁଝିଗଲେଣି ଯେ, ଧନୀ ଲୋକମାନେ କଳାଧନ ନଗଦ ଆକାରରେ ନିଜ ପାଖରେ ଗଚ୍ଛିତ ରଖନ୍ତି ନାହିଁ । ରିୟଲ ଇଷ୍ଟେଟ୍ ଅର୍ଥାତ୍ ଜମି ଓ ଘର, ବଡ଼ କମ୍ପାନୀରେ ଶେୟାର, ସୁନା, ହୀରା ଏବଂ ବିଦେଶୀ ମୁଦ୍ରା ଆକାରରେ ସେମାନେ ସଞ୍ଚୟ କରିଥାଆନ୍ତି। ଅନ୍ୟପକ୍ଷରେ ବ୍ୟାଙ୍କ ନିକଟରେ ପହଞ୍ଚିବାର ସୁଯୋଗ ପାଇ ନ ଥିବା କିମ୍ବା ବ୍ୟାଙ୍କିଙ୍ଗ ବ୍ୟବସ୍ଥା ବିଷୟରେ ଅଜ୍ଞ ଥିବାରୁ ଗରିବ ଲୋକେ ଟଙ୍କାକୁ ଘରେ ବିଭିନ୍ନ ଉପାୟରେ ସାଇତି ରଖନ୍ତି। ସେହିଭଳି ମହିଳାମାନେ ମଧ୍ୟ ପରିବାରର ସୁରକ୍ଷା ପାଇଁ ନଗଦ ଟଙ୍କା ସାଇତି ରଖୁଥିଲେ। ଏପରି ନଗଦ ଅର୍ଥ ସଞ୍ଚି ରଖୁଥିବା ବ୍ୟକ୍ତିଙ୍କୁ ବିମୁଦ୍ରୀକରଣ କ୍ଷତି ପହଞ୍ଚାଇଥିଲା। ସୁନା କିଣିବା ବା ପରିବାରର ସ୍ୱାସ୍ଥ୍ୟ ସମସ୍ୟା ଭଳି ଜରୁରିକାଳୀନ ସ୍ଥିତିର ମୁକାବିଲା କରିବା ପାଇଁ ସ୍ୱାମୀଙ୍କଠାରୁ ଲୁଚାଇ ରଖିଥିବା ନଗଦ ଅର୍ଥ ବିମୁଦ୍ରୀକରଣ ଯୋଗୁ କ୍ଷତିରେ ପଡ଼ିଥିବା ଦେଖିବାକୁ ମିଳିଛି।

କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ଅଚାନକ ନେଉଥିବା ପଦକ୍ଷେପ ଦେଖି ସାଧାରଣ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେମାନେ ବ୍ୟାଙ୍କରେ ଟଙ୍କା ଜମା କରିବା ଅପେକ୍ଷା ଘରେ ସାଇତିବାକୁ ବେଶି ପସନ୍ଦ କରୁଛନ୍ତି। ଫଳରେ ବ୍ୟାଙ୍କରେ ଜମା ପରିମାଣ କମିବାରେ ଲାଗିଛି। ଅନ୍ୟପକ୍ଷରେ ବିମୁଦ୍ରୀକରଣ ଯୋଗୁ ଅଧିକାଂଶ କ୍ଷୁଦ୍ର ଶିଳ୍ପ ବନ୍ଦ ହୋଇଯିବା କାରଣରୁ ୧ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ହ୍ରାସ ପାଇଛି। ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ ହେବା ଯୋଗୁ ଆଉ ଗୋଟିଏ ଫାଇଦା ମିଳିଛି। ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ କରଦାତାଙ୍କ ସଂଖ୍ୟା ବଢ଼ିଛି। ହେଲେ ବିମୁଦ୍ରୀକରଣ ପାଇଁ କିମ୍ବା ଜିଏସ୍‌ଟି ସକାଶେ ଏହା ହୋଇଛି, ତାହା ସ୍ପଷ୍ଟ ଜଣାପଡ଼ି ନାହିଁ।

ବିମୁଦ୍ରୀକରଣକୁ ସବୁଆଡ଼ୁ ସମାଲୋଚନା କରାଯିବା ପରେ ଜନସାଧାରଣଙ୍କୁ ବିଭିନ୍ନ ଜନହିତକର ଯୋଜନାର ଲୋଭ ଦେଖାଇ ଦିଆଯାଉଛି। ଜନପ୍ରିୟ ଯୋଜନା ଶାସକ ଦଳ ପାଇଁ ଭୋଟ ପାଇବାରେ ସହାୟକ ହୋଇପାରେ। କିନ୍ତୁ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରତିଫଳନ କରେନାହିଁ। ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ କରି ସରକାର ଅର୍ଥନୀତିର ଯେଉଁ ବିରାଟ କ୍ଷତି କରିଛନ୍ତି, ତାହାକୁ ଭରଣା କରିବା ଲାଗି ବାସ୍ତବଧର୍ମୀ ବିକଳ୍ପ ସୃଷ୍ଟି କରିବା ଦରକାର।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | | | | | 6 | | | | 3 | 9 | 7 | |
| 8 | A | | | | E | | 7 | | | | | | | 6 |
| | | | | | | 3 | D | | | 2 | | 4 | B | A |
| 3 | | 1 | | | 8 | | | | B | | 0 | | C | |
| | | D | 4 | | | | | | 5 | | 8 | 3 | | |
| | | | | | | | 5 | 9 | | | | | | 3 |
| | | | | | | 7 | | | | 4 | | C | E | |
| | | | 8 | 7 | | B | | | C | E | 5 | | D | 9 |
| | 4 | | | | | | | | 8 | 7 | | 5 | 1 | |
| 0 | | | | 2 | | D | | | 9 | B | | | 8 | |
| | | | | 3 | | | | | | | E | 8 | 2 | D |
| 7 | | | | A | 1 | | | | | | | | | |
| | | | | | | 6 | 9 | | 2 | | C | | | 7 |
| | | 5 | | B | 0 | 8 | 3 | | 4 | | | E | | |
| | | 3 | 9 | | 5 | | E | C | D | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | E | 1 | 4 | A | 7 | C | 0 | 6 | 5 | 9 | 8 | B | D |
| C | 8 | 1 | E | 5 | 6 | 9 | A | D | 3 | B | 4 | 7 | 2 | 0 |
| B | 0 | 6 | 2 | C | 8 | 4 | 3 | 1 | D | E | 7 | 5 | A | 9 |
| 9 | A | 5 | D | B | 7 | 2 | E | 6 | 0 | 8 | C | 4 | 3 | 1 |
| 4 | D | 7 | 9 | 3 | 0 | 8 | B | 5 | A | 2 | 1 | C | E | 6 |
| 0 | 4 | D | 5 | 8 | B | C | 2 | 9 | E | 3 | 6 | A | 1 | 7 |
| 2 | 5 | C | 7 | 6 | 3 | 0 | 8 | 4 | 9 | 1 | A | E | D | B |
| E | 3 | 8 | 4 | 9 | D | 6 | 1 | A | 7 | 0 | B | 2 | C | 5 |
| 1 | 9 | A | C | E | 2 | B | D | 7 | 8 | 4 | 5 | 6 | 0 | 3 |
| 7 | 6 | B | 0 | A | 1 | E | 5 | 3 | 2 | C | D | 9 | 4 | 8 |
| A | E | 4 | B | 0 | C | 5 | 9 | 8 | 1 | 6 | 3 | D | 7 | 2 |
| 5 | 1 | 2 | A | 7 | 4 | 3 | 6 | B | C | D | 8 | 0 | 9 | E |
| 6 | B | 0 | 8 | 1 | E | D | 7 | C | 4 | 9 | 2 | 3 | 5 | A |
| D | 7 | 3 | 6 | 2 | 9 | 1 | 4 | E | 5 | A | 0 | B | 8 | C |
| 8 | C | 9 | 3 | D | 5 | A | 0 | 2 | B | 7 | E | 1 | 6 | 4 |

ଗତକାଲିର ଉତ୍ତର

# ପରମାଣୁ ବୋମାଠାରୁ ବିପଜ୍ଜନକ ପ୍ଲାଷ୍ଟିକ୍



ଅଲେଖ ଚନ୍ଦ୍ର ସାମଲ

ପ୍ରତି ମିନିଟରେ ୧୦ଲକ୍ଷ ପଲିଥିନ୍ ବ୍ୟାଗ, ପ୍ରତିବର୍ଷ ୮୮ଲକ୍ଷ ଟନ୍ ପ୍ଲାଷ୍ଟିକ୍ ସମୁଦ୍ରକୁ ଯାଉଛି। ଦୁଗ୍ଧ ପ୍ୟାକେଟ୍‌ଠାରୁ ଆରମ୍ଭ କରି ଔଷଧ ବୋତଲ ପର୍ଯ୍ୟନ୍ତ ସବୁଥିରେ ଆଜି ଆମେ ଆଖିବୁଜି ପ୍ଲାଷ୍ଟିକ୍‌ର ବ୍ୟବହାର କରିଚାଲିଛେ। ପ୍ରତିବର୍ଷ ପୃଥିବୀରେ ୫ଶହ ମିଲିୟନ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ହେଉଛି। ପ୍ରତି ମିନିଟ୍‌ରେ ଲକ୍ଷ ଲକ୍ଷ ପ୍ଲାଷ୍ଟିକ୍ ବ୍ୟାଗ୍ ଫୋପଡ଼ା ହେଉଛି। ପ୍ଲାଷ୍ଟିକ୍ ଆମକୁ ଅନେକ ସୁବିଧା ଦେଇଛି, ତେବେ ବିପଦକୁ ବରଣ କରିବାର ସର୍ତ୍ତ ସହ। ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣରେ ଭାରତ ଦୁନିଆର ଶୀର୍ଷ ୨୦ ଦେଶ ମଧ୍ୟରେ ଅନ୍ୟତମ। ଭାରତରେ ପ୍ରତିଦିନ ୧୫୩୪୨ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହେଉଛି। ଏ ମଧ୍ୟରୁ ୯୨୦୫ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ଏକତ୍ର କରାଯାଉଛି ଏବଂ ୬୧୩୭ଟନ୍ ବିପର୍ଯ୍ୟସ୍ତ ଭାବରେ ଖେଳେଇ ହୋଇରହୁଛି। ପ୍ଲାଷ୍ଟିକ୍ ଉପରେ କଟକଣା ପାଇଁ କେନ୍ଦ୍ର ନିୟମ କରିଛି, ରାଜ୍ୟଗୁଡ଼ିକରେ ନିଷେଧାଜ୍ଞା ଜାରି ହୋଇଛି, ହେଲେ ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ ହୋଇନି। ୨୦୧୬ରେ କେନ୍ଦ୍ର ସରକାର ନୂତନ ପ୍ଲାଷ୍ଟିକ୍ ନିୟମ ଲାଗୁ କଲେ। ପଲିଥିନ୍‌ର ମୋଟେଇ ୪୦ ମାଇକ୍ରନ୍‌ରୁ ୫୦ ମାଇକ୍ରନ୍ କରାଗଲା। ପ୍ଲାଷ୍ଟିକ୍ ଉତ୍ପାଦନକୁ କଲେକ୍ଟ ବ୍ୟାକ୍ ପ୍ରଣାଳୀ ସହ ଯୋଡ଼ାଗଲା। ଅର୍ଥାତ୍ ନିର୍ମାତାଙ୍କ ଉପରେ ବଜାରରୁ ପ୍ଲାଷ୍ଟିକ୍ ଫେରାଇ ନେବାର ଦାୟିତ୍ୱ ଦିଆଗଲା। ପଞ୍ଜାବ, ମଧ୍ୟପ୍ରଦେଶ, ଜମ୍ମୁ–କଶ୍ମୀର, ଦିଲ୍ଲୀ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ରାଜସ୍ଥାନ, ହିମାଚଳପ୍ରଦେଶ, ଗୋଆ ଓ ପଶ୍ଚିମବଙ୍ଗ ମଧ୍ୟ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ବର୍ତ୍ତମାନ ପ୍ଲାଷ୍ଟିକ୍ ଆବର୍ଜନା ଉତ୍ପାଦନରେ ସବୁଠାରୁ ଆଗରେ ମହାରାଷ୍ଟ୍ର, ଗୁଜରାଟ ଓ ତାମିଲନାଡୁ ଅଛନ୍ତି। ଦିଲ୍ଲୀରେ ପରିବେଶର ସର୍ବାଧିକ କ୍ଷତି କରୁଥିବା ଡିସ୍ପୋଜେବ୍‌ଲ ବାସନ ଓ ଅନ୍ୟାନ୍ୟ ଉପକରଣର ବ୍ୟବହାର ଉପରେ କଟକଣା ଜାରି ହୋଇଛି।

ପ୍ଲାଷ୍ଟିକ୍ ବାସନକୁସନ ପରିବେଶ ପାଇଁ ଯେତିକି କ୍ଷତିକାରକ ତା'ଠାରୁ ଅଧିକ କ୍ଷତିକାରକ ଶରୀର ନିମନ୍ତେ। କିନ୍ତୁ ଦିଲ୍ଲୀ ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ଏହା ଉପରେ କଟକଣା ନାହିଁ। ପ୍ଲାଷ୍ଟିକ୍ ସହଜରେ ମାଟିରେ ମିଶେନି। ୫୦ ମାଇକ୍ରନ୍‌ଠାରୁ ପତଳା ପଲିଥିନ୍ ଚିରି ଖଣ୍ଡ ଖଣ୍ଡ ହୋଇ ରହିବା ଫଳରେ ଭୂତଳ ଜଳ ବିଷାକ୍ତ ହୁଏ। ପ୍ଲାଷ୍ଟିକ୍ ଯୋଗୁ ଜଳଜୀବମାନଙ୍କ ଜୀବନ ଉପରେ ବିପଦ ସୃଷ୍ଟି ହେଉଛି। ମୁମ୍ବାଇ, ଆଣ୍ଡାମାନ–ନିକୋବର ଓ କେରଳର ବେଳାଭୂମି ପ୍ଲାଷ୍ଟିକ୍ ଆବର୍ଜନା ଦ୍ୱାରା ସବୁଠାରୁ ପ୍ରଦୂଷିତ। ପ୍ଲାଷ୍ଟିକ୍ ଆବର୍ଜନାକୁ ଗର୍ତ୍ତ ପୂରଣ ପାଇଁ ବ୍ୟବହାର କରିବା ନିମନ୍ତେ ଏହାକୁ ଜଳାଇ ଦିଆଯାଉଛି। ଫଳରେ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସ୍ ମିଶି ବାୟୁ ପ୍ରଦୂଷଣ ହେଉଛି। ପ୍ଲାଷ୍ଟିକ୍ କେବଳ ଭୂପୃଷ୍ଠକୁ ନୁହେଁ ସମୁଦ୍ରକୁ ମଧ୍ୟ ଡମ୍ପିଂୟାର୍ଡରେ ପରିଣତ କରିଦେଇଛି। ପ୍ରତିବର୍ଷ ୧ବିଲିୟନ ପଲିଥିନ୍ ବ୍ୟାଗ୍ ଉତ୍ପାଦନ ହେଉଛି। ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶିବା ପାଇଁ ହଜାରେ ବର୍ଷ ଲାଗେ। ଆମେ ପ୍ରତିବର୍ଷ ଯେଉଁ ୩୫ ଲକ୍ଷ ପଲିଥିନ୍ ବ୍ୟାଗ୍ ଫିଙ୍ଗୁଛୁ ତାହା କିଭଳି ଆବର୍ଜନା ବଢ଼ାଉଥିବ ତାହା ସହଜରେ ଅନୁମେୟ। ପଲିଥିନ୍ ବ୍ୟାଗ୍‌ଜନିତ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ଏକଲକ୍ଷରୁ ଅଧିକ ସାମୁଦ୍ରିକ ଜୀବ ପ୍ରାଣ ହରାଉଛନ୍ତି। ସମୁଦ୍ରରେ ଏକ ବର୍ଗମାଇଲ ପରିମିତ ଅଞ୍ଚଳରେ ୪୫ ହଜାର ପଲିଥିନ୍ ଜମା ହୋଇରହୁଛି। ପ୍ରତିବର୍ଷ ପଲିଥିନ୍ ବ୍ୟାଗ୍ ପ୍ରସ୍ତୁତି ପାଇଁ ୪.୩ ବିଲିୟନ ଗ୍ୟାଲନ୍ ଅଶୋଧିତ ତୈଳ ବ୍ୟବହାର କରାଯାଉଛି। ସୋସାଇଟି ଅଫ୍ ଦି ପ୍ଲାଷ୍ଟିକ୍ ଇଣ୍ଡଷ୍ଟ୍ରିର ସୂଚନା ଅନୁଯାୟୀ ପ୍ଲାଷ୍ଟିକ୍ ୭ ପ୍ରକାର। ତେବେ ୬ ପ୍ରକାର ପ୍ଲାଷ୍ଟିକ୍ ସାଧାରଣତଃ ବ୍ୟବହାର କରାଯାଏ। ସାଧାରଣରେ ଧାରଣା ଥାଏ ଖାଦ୍ୟପଦାର୍ଥ ପ୍ଲାଷ୍ଟିକ୍ ବଟଲରେ ସୁରକ୍ଷିତ ରହେ। କିନ୍ତୁ ଖରାଦିନେ ଏଥିପାଇଁ ଆମକୁ ସାବଧାନ ହେବାକୁ ପଡ଼ିବ। ହାଲ୍‌କା ମାନର ପ୍ଲାଷ୍ଟିକ୍‌ରୁ ପରିବେଶର ଉତ୍ତାପ ଦ୍ୱାରା ବିଷାକ୍ତ ଉପାଦାନ ନିର୍ଗତ ହୁଏ। ଚଳିତବର୍ଷ ଆମ ଦେଶରେ ପ୍ଲାଷ୍ଟିକ୍ ବ୍ୟବହାର ଆହୁରି ୨୦ ପ୍ରତିଶତ ବଢ଼ିଯିବ, ଅର୍ଥାତ୍ ୧୭୮ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବ୍ୟବହାର ହେବ। ୨୦୧୫–୧୬ରେ ଏହି ପରିମାଣ ୧୪୮ ଲକ୍ଷ ଟନ୍ ଥିଲା। ସୋସାଇଟିର ସୂଚନା ଅନୁଯାୟୀ ପେଟ୍ ପ୍ଲାଷ୍ଟିକ୍ ଅର୍ଥାତ୍ ପାଣି, ତେଲ ଆଦିର ବଟଲ ଯେଉଁ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ହୁଏ, ତାହା ଅଧିକ ବିପଜ୍ଜନକ ନୁହେଁ। ସେହିପରି ଦୁଗ୍ଧ ବଟଲ, ପାଣିଜଗ୍, ଜୁସ୍ ବଟଲ, ଶାମ୍ପୁ ବଟଲ ଏବଂ ଖେଳନା ଆଦି ପ୍ରସ୍ତୁତ ହେଉଥିବା ଏଚ୍‌ଡିପିଆଇ ପ୍ଲାଷ୍ଟିକ୍ ଓ ଏଲ୍‌ଡିପିଇ ପ୍ଲାଷ୍ଟିକ୍ କମ୍ ବିପଜ୍ଜନକ ଏବଂ ଏହାକୁ ସହଜରେ ପୁନର୍ବ୍ୟବହାର କରାଯାଇପାରେ। କିନ୍ତୁ ପିଭିସି ପ୍ଲାଷ୍ଟିକ୍ ଖୁବ୍ ବିପଜ୍ଜନକ। ଏହାଛଡ଼ା ପିପିପଲି ପ୍ଲାଷ୍ଟିକ୍‌କୁ ପୁନଃଚକ୍ରଣ କରି ବ୍ୟବହାର କରାଯାଇପାରେ। ଏହି ପ୍ରକାର ପ୍ଲାଷ୍ଟିକ୍‌ରୁ ଖାଦ୍ୟ ପ୍ୟାକିଂ ହେଉଥିବା ଡବା ଏବଂ ଔଷଧ ବଟଲ ପ୍ରସ୍ତୁତ ହୁଏ। ପିଏସ୍ ପ୍ଲାଷ୍ଟିକ୍‌କୁ ପୁନର୍ବାର ବ୍ୟବହାର କରାଯାଇପାରେ ନାହିଁ। ପ୍ରକୃତି ଆମକୁ ଯେଉଁ ପାଣି ମାଗଣାରେ ଦେଇଛି ଏବେ ତାହାର ବଜାରୀକରଣ ହୋଇସାରିଛି। କେବଳ ଭାରତରେ ପାଣି ବୋତଲର ବ୍ୟବସାୟ ୧୦୬ ମିଲିୟନ ଟଙ୍କା। ୨୦୨୦ ମସିହା ସୁଦ୍ଧା ସାରା ବିଶ୍ୱରେ ବୋତଲ ବନ୍ଦ ପାଣିର ବ୍ୟବସାୟ ୨୮୦ ମିଲିୟନ ଡଲାରରେ ପହଞ୍ଚିବ। ପ୍ଲାଷ୍ଟିକ୍ ଆବର୍ଜନାଜନିତ ସମସ୍ୟାର ସମାଧାନ ରହିଛି ପୁନଃଚକ୍ରଣରେ। ଏକ ଟନ୍ ପୁନଃଚକ୍ରିତ ପ୍ଲାଷ୍ଟିକ୍ ଦ୍ୱାରା ୬୮୫ ଗ୍ୟାଲନ୍ ଅଶୋଧିତ ତୈଳର ବ୍ୟବହାର କମ୍ ହୋଇଥାଏ, ୫୭୭୪ କିଲୋୱାଟ୍ ବିଦ୍ୟୁତ୍ ଖର୍ଚ୍ଚ କମ୍ ହୁଏ। ସବୁଠାରୁ ବଡ଼କଥା ପକ୍ଷୀ, ପ୍ରଜାପତି ଏବଂ ଡଲ୍‌ଫିନ୍‌କୁ ସୁରକ୍ଷା ମିଳେ। ପ୍ରକୃତି ଆମକୁ ଅନେକ କିଛି ଦେଇଛି। ସମସ୍ତ ଆବଶ୍ୟକତା ପୂରଣ କରିବାର କ୍ଷମତା ପ୍ରକୃତିର ରହିଛି। ପ୍ରକୃତି ଆମକୁ ୩ ବିଲିୟନ ବୃକ୍ଷ ଦେଇଛି। ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ପାଇଁ ୪୨୨ଟି ଗଛ। ବ୍ୟକ୍ତି ପିଛା ଗଛ ହିସାବରେ କାନାଡ଼ା ସବୁଠାରୁ ଆଗରେ ରହିଛି। ଏଠାରେ ବ୍ୟକ୍ତି ପିଛା ଗଛ ସଂଖ୍ୟା ୮୯୫୩। ସବୁଠାରୁ କମ୍ ଗଛ ଅଛି ମିଶରବାସୀଙ୍କ ପାଇଁ। ଏଠାରେ ବ୍ୟକ୍ତି ପିଛା ଗଛ ସଂଖ୍ୟା ମାତ୍ର ୧। ଫିନ୍‌ଲାଣ୍ଡରେ ପ୍ରତି ବର୍ଗକିଲୋମିଟରରେ ୭୨ ହଜାର ଗଛ ରହିଛି। ଏହା ବିଶ୍ୱରେ ସର୍ବାଧିକ। ଏହି କାରଣରୁ ଫିନ୍‌ଲାଣ୍ଡ ବିଶୁଦ୍ଧ ବାୟୁ ମାମଲାରେ ବିଶ୍ୱରେ ତୃତୀୟ ସ୍ଥାନରେ ରହିଥିବା ବେଳେ ସୁଖୀ ଦେଶ ତାଲିକାରେ ପଞ୍ଚମ ସ୍ଥାନରେ ରହିଛି। ଗଛ ଆମକୁ ପ୍ରତିବର୍ଷ ୬ ମିଲିୟନ ଟନ୍ ଅମ୍ଳଜାନ ଦେଉଛି। ନାଇଟ୍ରୋଜେନ ଓ ଅମ୍ଳଜାନ ପରି ୧୦ଟି ଗ୍ୟାସ୍ ମିଶି ଆମ ବାୟୁମଣ୍ଡଳ ସୃଷ୍ଟି ହୋଇଛି। ଏ ମଧ୍ୟରୁ ସବୁଠାରୁ ଜରୁରୀ ଅମ୍ଳଜାନ। ବାୟୁମଣ୍ଡଳରେ ଏହାର ପରିମାଣ ୨୧ ପ୍ରତିଶତ। ଆମ ଜୀବନ ପାଇଁ ଆବଶ୍ୟକ ଥିବା ଅମ୍ଳଜାନ ଗଛରୁ ମିଳୁଛି। କିନ୍ତୁ ମଣିଷ ନିଜର ଲୋଭ ଯୋଗୁ ଗଛ କାଟିବା ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ ପରିମାଣ କମ୍ ହେବାରେ ଲାଗିଛି। ଏଥିସହ ବାୟୁମଣ୍ଡଳର ପ୍ରଦୂଷଣ ଯୋଗୁ ଏହା କ୍ରମଶଃ ବିଷାକ୍ତ ହେଉଛି। ମାନବ ସଭ୍ୟତାର ବୃଦ୍ଧି ସହ ପୃଥିବୀପୃଷ୍ଠରୁ ୪୬ ପ୍ରତିଶତ ବୃକ୍ଷ ହ୍ରାସ ପାଇସାରିଛି। ପ୍ରତିବର୍ଷ ୭୩ ଲକ୍ଷ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଏହାଫଳରେ ଅମ୍ଳଜାନ ପରିମାଣ ମଧ୍ୟ କମ୍ ହେଉଛି। ଆଧୁନିକୀକରଣ ଯୋଗୁ ପ୍ରତିବର୍ଷ ୪୦ ମିଲିୟନ ଟନ୍ କାର୍ବନ୍‌ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ମିଶୁଛି। ଏହାର ମୁଖ୍ୟ କାରଣ ପ୍ଲାଷ୍ଟିକ୍ ଏବଂ କଳକାରଖାନା ଓ ଯାନବାହନରୁ ନିର୍ଗତ ଧୂଆଁ। ଏହା ବ୍ୟତୀତ ପ୍ଲାଷ୍ଟିକ୍ ଜଳସମ୍ପଦର ପ୍ରଦୂଷଣ ନିମନ୍ତେ ମଧ୍ୟ ଦାୟୀ। ମନୁଷ୍ୟ ୭୦ ପ୍ରତିଶତ ଆବର୍ଜନା ନଦୀକୁ ଛାଡ଼ି ଦେଉଛି। ଫଳରେ ଆମ ଜଳସ୍ରୋତଗୁଡ଼ିକ ପ୍ରଦୂଷିତ ହେଉଛି। କେବଳ ମଣିଷ ନୁହେଁ, ପ୍ରଦୂଷଣ ଜୀବଜଗତ ପାଇଁ ମଧ୍ୟ ବିପଦର କାରଣ ହୋଇଛି। ଭାରତରେ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ତାଲିକା ଦିନକୁ ଦିନ ଲମ୍ବା ହୋଇଯାଉଛି। ୨୦୧୪ ମସିହାର ଲିଭିଂ ପ୍ଲାନେଟ୍ ରିପୋର୍ଟ ଅନୁଯାୟୀ ୧୯୭୦–୨୦୧୦ ମଧ୍ୟରେ ଜୀବଜନ୍ତୁଙ୍କ ସଂଖ୍ୟା ୫୨ ପ୍ରତିଶତ ହ୍ରାସ ପାଇଛି। କାରଣ ସେମାନଙ୍କ ବାସସ୍ଥାନ ଜଙ୍ଗଲ ଏବେ ମନୁଷ୍ୟ କବ୍‌ଜାରେ ରହିଛି। ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ପ୍ରଦୂଷଣ ଯୋଗୁ ସାମୁଦ୍ରିକ ଜୀବଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି।

ସହକାରୀ ବନ୍ୟ ସଂରକ୍ଷକ, ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା, ମୋ– ୯୪୩୭୨୫୭୧୨୩

# ଗବେଷଣା ଓ ଆତଙ୍କ



କମଳାକାନ୍ତ ଜେନା

୧୦ ବର୍ଷ ତଳର ଘଟଣା। ୨୦୦୮ ମସିହା ସେପ୍ଟେମ୍ବର ୧୦ ତାରିଖ ପାଖେଇ ଆସୁଥିଲା। ଲୋକମାନେ ଭୟରେ ଜଡସଡ ହୋଇଉଠୁଥିଲେ। ବିଜ୍ଞାନର ଏକ ଯୁଗାନ୍ତକାରୀ ଗବେଷଣାକୁ ନେଇ ବିଭିନ୍ନ ଟିଭି ଚାନେଲରେ ପ୍ରଚାରିତ ଦୃଶ୍ୟ ଲୋକମାନଙ୍କ ହୃଦୟରେ ଅଯଥା ଆତଙ୍କ ସୃଷ୍ଟି କରିଥିଲା। କିଏ କହୁଥିଲା, ପୃଥିବୀ ସଂକୁଚିତ ହୋଇ ବିନ୍ଦୁ ପାଲଟିଯିବ। ଆଉ କିଏ କହୁଥିଲା, କ୍ଷୁଦ୍ର ବ୍ଲାକ୍‌ହୋଲ ଭିତରେ ସମସ୍ତେ ଚିପି ହୋଇଯିବା। ଏପରି କି ସାରା ବ୍ରହ୍ମାଣ୍ଡ ଧ୍ୱଂସ ହେଇଯିବ ବୋଲି କେତେକ ଚାନେଲରେ ପ୍ରଚାରିତ ହେଉଥିଲା। ଏସବୁର କାରଣ ବୈଜ୍ଞାନିକ ଗବେଷଣା ବୋଲି କୁହାଯାଉଥିଲା। ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ସମୟରେ ଘଟିଥିବା ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣ ଉପରେ ହେଉଥିବା ଗବେଷଣା ସକାଶେ ସେପ୍ଟେମ୍ବର ୧୦ ତାରିଖରେ ପୃଥିବୀ ଧ୍ୱଂସ ହେବ ବୋଲି ଲୋକଙ୍କୁ ସନ୍ଦେଶ ମିଳୁଥିଲା। ତେଣୁ ସାଧାରଣ ଜନତା ବୈଜ୍ଞାନିକମାନଙ୍କୁ ଗାଳିଦେବା ଆରମ୍ଭ କଲେ। ବୈଜ୍ଞାନିକ ବଦଳରେ ସେମାନେ ଟିଭି ଚାନେଲରେ ଉଡୁଥିବା ସୂଚନାକୁ ବିଶ୍ୱାସ କରୁଥିଲେ। ସେପ୍ଟେମ୍ବର ୧୦ ତାରିଖରେ ମୃତ୍ୟୁ ନିଶ୍ଚିତ ବୋଲି ଭାବିନେଲେ। ତେଣୁ ମରିବା ପୂର୍ବରୁ କିଛି ଲୋକ ନିଜର ପଇସାପତ୍ର ସାରିବାକୁ ଲାଗିଲେ। କିଛି ଲୋକ ମନ ଭରି ମାଛମାଂସ ବି ଖାଇଲେ।

ବହୁ ବିଳମ୍ବରେ ଗୋଟିଏ ଦୁଇଟା ଚାନେଲରେ ବୈଜ୍ଞାନିକମାନେ ବସି ସାଧାରଣ ଲୋକଙ୍କୁ ପ୍ରକୃତ ଘଟଣାକୁ ବୁଝେଇବା ପାଇଁ ଚେଷ୍ଟା କଲେ। କିନ୍ତୁ ସେତେବେଳେ ଲୋକମାନେ ଆଉ ବୁଝିବା ଅବସ୍ଥାରେ ନ ଥିଲେ। ବୈଜ୍ଞାନିକମାନଙ୍କୁ ବିଶ୍ୱାସ କରିବାକୁ ସେମାନଙ୍କର ଇଚ୍ଛା ବି ନ ଥିଲା। ଭୟ ଓ ସନ୍ଦେହ ଭିତରେ ସେପ୍ଟେମ୍ବର ୧୦ ତାରିଖ ଆସିଲା। ୟୁରୋପର ଜେନିଭାଠାରେ ବିଗ୍‌ବ୍ୟାଙ୍ଗ୍ ମେଶିନ୍‌ରେ ପରୀକ୍ଷଣ ଆରମ୍ଭ ହେଲା। କାହିଁ, ପୃଥିବୀ ତ ଧ୍ୱଂସ ହେଲା ନାହିଁ। ବ୍ଲାକ୍‌ହୋଲ ଭିତରେ ସମସ୍ତେ ଚିପି ହୋଇଗଲେ ନାହିଁ। ସାଧାରଣ ଲୋକଙ୍କ ଉପରେ ଏହାର କୌଣସି କୁପ୍ରଭାବ ପରିଲକ୍ଷିତ ହେଲା ନାହିଁ। ସବୁ ଆତଙ୍କ ଓ ମିଥ୍ୟା ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡିଲା।

ଏମିତି ଅନେକ ପରିବେଶରେ ଲୋକମାନେ ବୈଜ୍ଞାନିକ ଗବେଷଣାକୁ ନେଇ ଅନ୍ଧବୁଝାମଣାର ଶିକାର ହେବାର ଉଦାହରଣ ରହିଛି। ଏମିତି ଭୁଲ ବୁଝାମଣା ହେବା ପଛରେ ଅନେକ କାରଣ ରହିଛି। ମୁଖ୍ୟ କାରଣ ହେଉଛି ସେମାନଙ୍କ ଗବେଷଣା ସମ୍ପର୍କିତ ଅନଭିଜ୍ଞତା। କାହିଁକି ନା, ଏକଥା ସତ, ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ସାଧାରଣ ଲୋକଙ୍କୁ ସୁବିଧା ଦେଇଛି। ସେମାନଙ୍କର ଜୀବନକୁ ସହଜ ଓ ସୁଖମୟ କରିପାରିଛି। ସେମାନଙ୍କର ସ୍ୱପ୍ନକୁ ବିଜ୍ଞାନ ଆଜି ସାକାର କରିଛି। ଟିଭି, ରେଡିଓ, ମୋବାଇଲ ଓ ଅନ୍ତର୍ଜାଲ ବ୍ୟବସ୍ଥା ଦେଇଛି। କିନ୍ତୁ ସେସବୁ ଯନ୍ତ୍ରପାତି ଓ ବ୍ୟବସ୍ଥାର ଆବିଷ୍କାର ଓ ଉଦ୍ଭାବନ ପଛରେ ରହିଥିବା ଗବେଷଣା ବିଷୟରେ ସାଧାରଣ ଲୋକ ଜାଣନ୍ତି ନାହିଁ। ଗବେଷଣା ଓ ପରୀକ୍ଷଣ ପଛରେ ରହିଥିବା ବିଭିନ୍ନ ପ୍ରକାରର ବାଧାବିଘ୍ନ ବିଷୟରେ ସେମାନେ ଅନଭିଜ୍ଞ। ପ୍ରକୃତ କଥା ହେଉଛି, ସେମାନଙ୍କୁ ସେକଥା କୁହାଯାଇ ନାହିଁ କିମ୍ବା ସେମାନେ ଜାଣିବାର ସୁଯୋଗ ପାଇନାହାନ୍ତି। ବୈଜ୍ଞାନିକ ଗବେଷଣା ସହିତ ସେମାନଙ୍କୁ ପରିଚିତ କରାଇବା ଦରକାର। କେମିତି ପରୀକ୍ଷଣ ପରେ ପରୀକ୍ଷଣ, ବିଫଳତା ପରେ ବିଫଳତା ଏବଂ କେତେ ଏକାଗ୍ରତା ଓ କଠିନ ପରିଶ୍ରମ ପରେ ସଫଳତାର ସ୍ୱାଦ ମିଳେ, ସେକଥା ସେମାନେ ଅନୁଭବ କରିପାରିବେ। ଏହା ସେମାନଙ୍କ ହୃଦୟରେ ବୈଜ୍ଞାନିକମାନଙ୍କ ପ୍ରତି ଯଥେଷ୍ଟ ବିଶ୍ୱାସ ସୃଷ୍ଟି କରିପାରିବ।

ଆମର ବିଜ୍ଞାନ ଗବେଷଣା ଓ ସାଧାରଣ ଜନତାଙ୍କ ଭିତରେ ରହିଥିବା ବ୍ୟବଧାନ ସକାଶେ ସାଧାରଣ ଲୋକଙ୍କୁ କିଛି ମାତ୍ରାରେ ଦାୟୀ କରିପାରିବା। କାରଣ ସେମାନେ ଟିଭି, ମୋବାଇଲ ଓ ଅନ୍ତର୍ଜାଲ ବ୍ୟବସ୍ଥାରେ ମନୋରଞ୍ଜନ କରିବାରେ ସବୁ ସମୟ ଦେଉଛନ୍ତି। ବିଜ୍ଞାନକୁ ବୁଝିବା ଦିଗରେ କିମ୍ବା ନୂଆ ନୂଆ ବୈଜ୍ଞାନିକ ଗବେଷଣା ବିଷୟରେ ଜାଣିବା ଦିଗରେ ଇଚ୍ଛା ପ୍ରକାଶ କରୁନାହାନ୍ତି। ବର୍ତ୍ତମାନର ଯୁଗ ବିଜ୍ଞାନର ଯୁଗ, ସମସ୍ତେ ବିଜ୍ଞାନ ଓ ବୈଜ୍ଞାନିକ ଗବେଷଣା ସହିତ ପରିଚିତ ହେବା ଦରକାର। ସମସ୍ତଙ୍କୁ ବିଜ୍ଞାନଯୁଗ ସହିତ ପରିଚିତ କରାଇବା କ୍ଷେତ୍ରରେ ଗବେଷଣାରତ ବୈଜ୍ଞାନିକମାନଙ୍କର ବିଶେଷ ଭୂମିକା ରହିଛି। ଯେଉଁମାନେ ବିଜ୍ଞାନ ସହିତ ଜଡିତ ଓ ବୈଜ୍ଞାନିକ ଗବେଷଣାରତ, ସେମାନେ କିଛି ସମୟ ଜନସଚେତନତା କ୍ଷେତ୍ରରେ ପ୍ରୟାସ କରିବା ଆବଶ୍ୟକ। ନଚେତ୍ ଲୋକମାନେ ଗୁଜବ ଓ ଭୁଲ ସୂଚନାର ଶିକାର ହେବେ।

୨୦୦୮ ମସିହାରେ ଠିକ୍ ଏଇ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଚଣ୍ଡ ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣରୁ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହୋଇଥିଲା। ତେଣୁ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବା ପାଇଁ ବୈଜ୍ଞାନିକମାନେ ଜେନିଭାରେ ୨୭ କିଲୋମିଟର ଲମ୍ବ ବିଶାଳ ଯନ୍ତ୍ରଟିଏ ତିଆରି କରିଥିଲେ। ସେହି ଯନ୍ତ୍ର ଭିତରେ ସୂର୍ଯ୍ୟର ଏକ ଲକ୍ଷ ଗୁଣ ତାପମାତ୍ରା ସୃଷ୍ଟି କରି ସେପ୍ଟେମ୍ବର ୧୦ ତାରିଖ ଦିନ ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣ ଆରମ୍ଭ କରିବାର ଯୋଜନା କରିଥିଲେ। ସବୁଠାରୁ ବଡ କଥା, ତାହା ଥିଲା ସମ୍ପୂର୍ଣ୍ଣ ନିୟନ୍ତ୍ରିତ। ବିସ୍ଫୋରଣ ତାପଶକ୍ତିକୁ ଧୂଳିକଣା ପରି କ୍ଷୁଦ୍ରାତିକ୍ଷୁଦ୍ର ଆୟତନ ଭିତରେ ଆବଦ୍ଧ କରି ରଖିବାର ସୁରକ୍ଷିତ ବ୍ୟବସ୍ଥା ଥିଲା। ପୃଥିବୀର ୮୫ ଦେଶରୁ ପ୍ରାୟ ୧୦୦୦୦ ବୈଜ୍ଞାନିକ ୨୫ ବର୍ଷ ଧରି ସେଇ ବିସ୍ଫୋରଣ ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲେ। ଗବେଷଣାରେ ଏତେ ସବୁ ଯୋଜନା ପୃଥିବୀକୁ ଧ୍ୱଂସ କରିବା ପାଇଁ କରାଯାଇ ନ ଥିଲା। କିନ୍ତୁ ସାଧାରଣ ଜନତାଙ୍କ ନିକଟରେ ଭୁଲ ସନ୍ଦେଶ ପହଞ୍ଚିଥିଲା। ବିସ୍ଫୋରଣରେ ପୃଥିବୀ ଧ୍ୱଂସ ହେବ ବୋଲି ପ୍ରଚାରିତ ହେଲା। ଗବେଷଣାର ଆଭିମୁଖ୍ୟ, ସେଥିରେ ବ୍ୟବହୃତ ଯନ୍ତ୍ରପାତି ଓ ପରୀକ୍ଷଣ ପଦ୍ଧତି ସମ୍ପର୍କରେ ସାଧାରଣ ଲୋକ ଅବଗତ ରହିଥିଲେ ସେତେବେଳେ ଏମିତି ଆତଙ୍କ ସୃଷ୍ଟି ହୋଇ ନ ଥାନ୍ତା।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୋ–୯୪୩୯୫୦୧୬୫୧

## ଏଇ ଭାରତରେ

ସମ୍ପର୍କରେ ବାପ–ଝିଅ। ଝିଅ ଦୃଷ୍ଟିରେ ବାପା ସମ୍ମାନନୀୟ। କିନ୍ତୁ ବୃତ୍ତିକୁ ବିଚାରକୁ ନେଲେ ଝିଅ ଜଣେ ଆଇପିଏସ୍ ଅଫିସର ଏବଂ ବାପା ଅଧସ୍ତନ ପୋଲିସ ଅଫିସର। କର୍ତ୍ତବ୍ୟର ଦ୍ୱାହିରେ ବାପା କନ୍ୟାକୁ ସାଲ୍ୟୁଟ୍ କରିଛନ୍ତି। ଏପରି ଏକ ଘଟଣା ହାଇଦ୍ରାବାଦରେ ଘଟିଛି। ଦୀର୍ଘ ୩୦ ବର୍ଷ ହେଲା ଉମାମହେଶ୍ୱର ଶର୍ମା ପୋଲିସ ଚାକିରି କରିଛନ୍ତି। କିନ୍ତୁ ତାଙ୍କ ଝିଅ ଚାରିବର୍ଷ ତଳେ ଆଇପିଏସ୍ ଅଫିସର ଭାବେ ଜଏନ କରିଛନ୍ତି। ରବିବାର କର୍ତ୍ତବ୍ୟ ପାଳନ ବେଳେ ସେମାନେ ହଠାତ୍ ମୁହାଁମୁହିଁ ହୋଇ ଯିବା ପରେ ଉମାମହେଶ୍ୱର ତାଙ୍କ ବରିଷ୍ଠ ଅଫିସର ତଥା କନ୍ୟା ସିନ୍ଧୁ ଶର୍ମାଙ୍କୁ ସାଲ୍ୟୁଟ୍ କରିଥିଲେ। ବର୍ତ୍ତମାନ ସିନ୍ଧୁ ତେଲେଙ୍ଗାନାର ଜାଗତିୟାଲ ଜିଲାରେ ଏସ୍‌ପି ଭାବରେ କାର୍ଯ୍ୟରତ। ଉମାମହେଶ୍ୱର ଆସନ୍ତା ବର୍ଷ ଅବସର ନେବେ। କିନ୍ତୁ ସିନ୍ଧୁ ଶର୍ମା ହେଉଛନ୍ତି ୨୦୧୪ ବ୍ୟାଚ୍‌ର ଆଇପିଏସ୍ ଅଫିସର। ରବିବାର ହାଇଦ୍ରାବାଦ୍ ନିକଟବର୍ତ୍ତୀ କୋଙ୍ଗାରା କଲନ୍‌ଠାରେ ତେଲେଙ୍ଗାନା ରାଷ୍ଟ୍ର ସମିତିର ସାଧାରଣ ବୈଠକ ବେଳେ ବାପା–ଝିଅ ପରସ୍ପର ଭେଟ ହୋଇଯାଇଥିଲେ। ପ୍ରଥମ ଥର ପାଇଁ ଝିଅ ସହ ଭେଟ ହୋଇଥିବାରୁ ନିଜକୁ ଭାଗ୍ୟବାନ୍ ମନେକରନ୍ତି ବୋଲି ଉମାମହେଶ୍ୱର ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଦେଖରେ ପିକ ଦେଖରେ ଶୁକ ଲଭିଛି କବି କି ଗୁରୁ ଦୁଃଖ
ତୁମରି ସ୍ୱର ନୁହେଁ ମଧୁର, କରିଛି ତାକୁ ମଉନ ମୂକ।

(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୯୩

- ରୁଷିଆ ଓ ଆମେରିକା ମଧ୍ୟରେ କ୍ଷେପଣାସ୍ତ୍ର ରପ୍ତାନି ନିୟନ୍ତ୍ରଣ ଉପରେ ଏକ ରାଜିନାମା ସ୍ୱାକ୍ଷରିତ।
- କ୍ରାୟୋଜେନିକ ରକେଟ ଇଞ୍ଜିନ ଜ୍ଞାନକୌଶଳ ଯୋଗାଣ ସଂକ୍ରାନ୍ତ ରାଜିନାମା ବାତିଲ ହେବା ଯୋଗୁ ଭାରତର ଯେଉଁ କ୍ଷତି ହୋଇଛି, ତା'ର ଭରଣା ଦେବା ଲାଗି ରୁଷିଆ ସ୍ଥିର କରିଛି।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୨୬– ଫ୍ଲୋରିଡ଼ାର ଜାକ୍‌ନୋଭିଲେ ସହରସ୍ଥିତ ଏକ ଶପିଂ ମଲରେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନାରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି।

୨୭– କୋର୍ଟରେ ଅଟକି ରହିଥିବା ଛାଡ଼ପତ୍ର ମାମଲାର ସମାଧାନ ନ ହେବା ଯାଏ ସ୍ୱାମୀ କିମ୍ବା ସ୍ତ୍ରୀ ଦ୍ୱିତୀୟ ବିବାହ କରିପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ପ୍ରକାଶ କରିଛନ୍ତି।

୨୮– ମାଓବାଦୀଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ମହାରାଷ୍ଟ୍ର ପୋଲିସ କେତେଜଣ ବାମପନ୍ଥୀ ଓ ଅଧିକାର କର୍ମୀଙ୍କ ଘରେ ଚଢ଼ାଉ କରି ବିପ୍ଳବୀ କବି ବାର୍‌ବରା ରାଓଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି।

୨୯– ଏସୀୟ କ୍ରୀଡ଼ାରେ ୧୦୦ ପରେ ୨୦୦ ମିଟର ଦୌଡ଼ରେ ମଧ୍ୟ ଦୂତୀ ଚାନ୍ଦଙ୍କ ରୌପ୍ୟ ପଦକ ହାସଲ।

୩୦– ପାକିସ୍ତାନରୁ ହାୱାଲା ମାଧ୍ୟମରେ ଆଗତ ଅର୍ଥ ବାପାଙ୍କଠାରୁ ଗ୍ରହଣ କରି ଆତଙ୍କବାଦୀଙ୍କୁ ଯୋଗାଇବା ଅଭିଯୋଗରେ ହିଜ୍‌ବୁଲ ମୁଜାହିଦ୍ଦିନ ମୁଖ୍ୟ ସୟିଦ ସଲାହୁଦ୍ଦିନଙ୍କ ପୁଅ ସୟିଦ ସକିଲ ୟୁସୁଫ ଏନ୍‌ଆଇଏ ଦ୍ୱାରା ଗିରଫ ହୋଇଛନ୍ତି।

୩୧– ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବଲାଙ୍ଗୀର ମେଡିକାଲ କଲେଜ ଲୋକାର୍ପିତ।

## ଆମ ସମସ୍ୟା

### ତୈଳଦର ବୃଦ୍ଧି ଓ ଅସହାୟ ଜନତା

ମହାଶୟ,

ତୈଳଦର ବୃଦ୍ଧିକୁ ନେଇ ଦେଶର ସାଧାରଣ ଜନତାଙ୍କ ମନରେ କ୍ଷୋଭ ଓ ଅସନ୍ତୋଷ ବଢିବାରେ ଲାଗିଛି। ଦେଶବ୍ୟାପୀ ଜନଆନ୍ଦୋଳନ, ବିକ୍ଷୋଭ, ଧାରଣା, ରାସ୍ତାରୋକୋ, ଧର୍ମଘଟ ଚାଲିଛି। ବିଭିନ୍ନ ରାଜନୈତିକ ଦଳ ସ୍ୱର ଉତ୍ତୋଳନ କରୁଛନ୍ତି। ହେଲେ କିଛି ପ୍ରଭାବ ପଡୁନାହିଁ। ପେଟ୍ରୋଲ ଡିଜେଲ ଉପରୁ ଭାଟ୍ ବା ଉତ୍ପାଦ ଶୁଳ୍କ ହ୍ରାସ କଲେ, ଦର କମିପାରନ୍ତା। ହେଲେ କେହି ବି କିଛି ଛାଡିବାକୁ ପ୍ରସ୍ତୁତ ନୁହନ୍ତି। ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା କଥା କହିବା ଲୋକଦେଖାଣିଆ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ଜଳ ବିନା ପାଇଖାନା

ତିଆରି ସରିଥିବା ସ୍ୱଚ୍ଛ ଭାରତ ଗାନ୍ଧୀଙ୍କ ଚଷମା ମାର୍କା ପାଇଖାନା ମଧ୍ୟରୁ ଅଧିକାଂଶ ସ୍ଥିତି ଭଲ ନାହିଁ। ଉତ୍କଟ ଜଳ ସମସ୍ୟା ଲାଗିରହିଥିବା ଅଞ୍ଚଳରେ ତାହା ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି। ଯେଉଁମାନେ ପୂର୍ବରୁ ନିର୍ମାଣ କରି ବ୍ୟବହାର କରିଆସୁଥିଲେ କେବଳ ଚଷମା ଚିହ୍ନ ବସେଇଦେଇ ଫାଇଦାରେ ରହିଲେ। ଶତ ପ୍ରତିଶତ ସଫଳତା ପାଇଁ ହାତପାଆନ୍ତାରେ ଜଳ ମିଳିବା ବ୍ୟବସ୍ଥା ମଧ୍ୟ ହେବା ଦରକାର। ଏ ଯୁଗରେ ସବୁ ପରିବାରକୁ ପାଇପ ଯୋଗେ ଜଳ ଯୋଗାଣ କିଛି ଅସମ୍ଭବ କାମ ନୁହେଁ। ସୁବିଧାରେ ପାଣି ମିଳୁ ନ ଥିଲେ ଘରେ ପାଇଖାନା ଥାଇ ଲାଭ କ'ଣ ?

–ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କୌଣସି କଥାରେ ମତପ୍ରକାଶ କରିବି ନାହିଁ ବୋଲି ଯେ କହେ,
ଶେଷରେ ସେ ଜଣେ ଦୁର୍ବଳମନା ବ୍ୟକ୍ତି ବୋଲି ପରିଚିତ ହୋଇଯାଏ।
- ଲିଓ ଟଲଷ୍ଟୟ

## ସଂକ୍ଷେପରେ

### ହୀରାକୁଦ ଡ୍ୟାମ ଜଳସ୍ତର ୬୨୩.୯୫ ଫୁଟ
### ଆଉ ୫ ଗେଟ୍ ବନ୍ଦ

ସମ୍ବଲପୁର,୨।୯(ବ୍ୟୁରୋ)

ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୮୨ ହଜାର ୪୨୨ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଏଣୁ ହୀରାକୁଦ ଡ୍ୟାମର ଜଳସ୍ତର ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ୬୨୩.୯୫ଫୁଟ ରହିଛି। ଡ୍ୟାମ ଉପରମୁଣ୍ଡରେ ବର୍ଷା କମିଥିବାରୁ ଡ୍ୟାମକୁ ଜଳ ପ୍ରବେଶ ପରିମାଣ ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି ସକାଳ ୬ଟାରେ ଖୋଲାଯାଇଥିବା ୧୦ ସ୍ଲୁଇସ୍ ଗେଟ ମଧ୍ୟରୁ ୫ ବନ୍ଦ କରାଯାଇଛି। ଡ୍ୟାମ ବାମ ପାର୍ଶ୍ୱର ୩ ଓ ଡାହାଣ ପାର୍ଶ୍ୱର ୨ ସ୍ଲୁଇସ୍ ଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ସେହିପରି ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୫ ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟେରୀ, ପାୱାର ଚ୍ୟାନେଲ୍ ମାଧ୍ୟମରେ ୯୫, ୦୫୨ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି।

### ସଂକୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ରେଙ୍ଗାଲି,୨।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବୁର୍ଲା ସଂକୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶନିବାର ରେଙ୍ଗାଲି ହାଇସ୍କୁଲ ଖେଳପଡ଼ିଆଠାରେ ବୁର୍ଲା, ହୀରାକୁଦ, ମାଝିପାଲ, ଗୋବିନ୍ଦପାଲି, ଲପଙ୍ଗା, କତରବଗା ଓ ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାଲ୍ ବିଭାଗ ଓ କିଶୋର ବିଭାଗରେ ମୋଟ ୧୩୦ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ରେଙ୍ଗାଲିସ୍ଥିତ ନୂଆ ରମ୍ପେଲା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାମିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ରାଜୀବ ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ସହସମ୍ପାଦକ ଜଗଦୀଶ ପୂଜାରୀ, ସ୍କୁଲ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର ନାଏକ ଓ ସଂକୁଳ ପ୍ରମୁଖ ଦେବରାଜ ତ୍ରିପାଠୀ, ଶାରୀରିକ ପ୍ରମୁଖ ଗୋବିନ୍ଦ ନାଥ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତକାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କୁ ମେଡାଲ ପ୍ରଦାନ କରିଥିଲେ। ମମତା ମୁଣ୍ଡା, ଏଶାନ୍ତ ସାନ୍ତର, ରିତିକି ମୁଣ୍ଡା, ସୁନୀତା ମିଞ୍ଜ, ବି. ବିକ୍ରମ ରାଜ ଓ ସଂଜନା ବାହାଦୂର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଗାଁର ବିକାଶ ପାଇଁ ଦାବି କଲେ ଗ୍ରାମବାସୀ

**ଅବହେଳିତ ଡିମିରିମୁଣ୍ଡା**

ରେଢ଼ାଖୋଲ,୨।୯(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତର ଡିମିରିମୁଣ୍ଡା ଗ୍ରାମ ଅବହେଳିତ ହୋଇ ପଡିରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟିଛନ୍ତି। ଗାଁର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ଗାଁର ବିକାଶ ଉପରେ ଗୁରୁତ୍ୱ ଦେଇ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଗାଁର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି। ହେଲେ ଡିମିରିମୁଣ୍ଡା ଗ୍ରାମରେ ଦୀର୍ଘବର୍ଷ ହେବ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ। ଗାଁ ଦାଣ୍ଡର କଂକ୍ରୀଟକରଣ, ବନ୍ଧକଟାର ଉନ୍ନତି, ମନ୍ଦିର, ପଞ୍ଚାୟତ ସଦର ମହକୁମାକୁ ସବୁଦିନିଆ ରାସ୍ତାଟିଏ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ସେହିପରି ଡିମିରିମୁଣ୍ଡା ଗ୍ରାମରୁ ସାମସିଙ୍ଗା ଗ୍ରାମକୁ ଯାଇଥିବା ରାସ୍ତାର ଉନ୍ନତି କରଣ, ବିଦ୍ୟାଳୟର ଖେଳ ପଡିଆ ଓ ଶ୍ରେଣୀ କୋଠରୀର ମରାମତି, ପଣ୍ଡକିମାଲ ଛକର ପୂର୍ତ୍ତବିଭାଗ ରାସ୍ତାରୁ ମହୁଲମୁଣ୍ଡା ଗ୍ରାମକୁ ଯାଇଥିବା ପିଚୁ ରାସ୍ତାର ସଂପୂର୍ଣ୍ଣ କରିବା, ଡିମିରିମୁଣ୍ଡା ଛକରେ ଏକ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ଓ ଗ୍ରାମରେ ଜଳ ଯୋଗାଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବୃଷକେତୁ ପ୍ରଧାନ, ନରୋତ୍ତମ ପ୍ରଧାନ, ହେମନ୍ତ ମାଝି, ବିଭୁତି ମୁଣ୍ଡା, ଦୁଃଖିଶ୍ୟାମ ପ୍ରଧାନ, ବିକାଶ ପ୍ରଧାନ, ଜଗତ ଥାପ୍ପା, ସୁଲୋଚନା ବେହେରା, ଅଞ୍ଜଳି ରାଉଳଙ୍କ ସମେତ ଶତାଧିକ ଗ୍ରାମବାସୀ ଶନିବାର ଏଠାକୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ବର୍ଷାରେ ଅସହାୟ ମହିଳାଙ୍କ ଘର ଭାଙ୍ଗିଲା

ଜମନକିରା,୨।୯(ଡି.ଏନ୍.ଏ.)



ନିଜ ଘର ଆଗରେ ଅସହାୟ ମହିଳା।

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ଭୂୟାଁପଡ଼ାର ବିଧବା ମହିଳା ଚନ୍ଦ୍ରା ଦେହୁରୀ (୭୫)ଙ୍କ ଘର ଲଘୁଚାପ ବର୍ଷାରେ ଭାଙ୍ଗିଯାଇଛି। ଫଳରେ ଚନ୍ଦ୍ରା ଓ ତାଙ୍କ ଅବିବାହିତା ଝିଅ ମଙ୍ଗୁଳି (୪୫) ବାସଚ୍ୟୁତ ହୋଇଯାଇଛନ୍ତି। ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବା ସହ ଶୀଘ୍ର ସହାୟତା ପ୍ରଦାନ ପାଇଁ ପଡ଼ାବାସୀ ଦାବି କରିଛନ୍ତି।

ଗତ କିଛିଦିନ ହେଲା ବାରମ୍ବାର ଲଘୁଚାପ ବର୍ଷା ଲାଗିରହିଛି। ଶନିବାର ରାତିରେ ଚନ୍ଦ୍ରା ଓ ମଙ୍ଗୁଳି ଘରେ ଶୋଇଥିବା ବେଳେ ପ୍ରବଳ ବର୍ଷା ହୋଇ ଘର ଭାଙ୍ଗିଯାଇଥିଲା। ତେବେ ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ୧୫ ବର୍ଷ ତଳେ ଚନ୍ଦ୍ରାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ଏବେ ସେ ମାତ୍ର ୩ ଶହ ଟଙ୍କା ଭତ୍ତା ପାଉଛନ୍ତି। ମଙ୍ଗୁଳିଙ୍କ ବୟସ ୪୫ ହୋଇଥିଲେ ମଧ୍ୟ ଅର୍ଥାଭାବରୁ ବିବାହ ହୋଇପାରିନାହିଁ। ଚନ୍ଦ୍ରାଙ୍କ ଭତ୍ତା ଓ ମଙ୍ଗୁଳି ମୂଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ମା'ଝିଅ ଚଳନ୍ତି। ଏହି ପରିବାରକୁ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ନଭେମ୍ବରରୁ ଆରମ୍ଭ ହେବ ଧୂଳି ଯୋର ବ୍ରିଜ ନିର୍ମାଣ

ସମ୍ବଲପୁର,୨।୯(ବ୍ୟୁରୋ)

ସମ୍ବଲପୁର ଜିଲା ରେଢାଖୋଲ ନିର୍ବାଚନ ମଣ୍ଡଳୀ ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ ଧୂଳି ଯୋର ବ୍ରିଜ ନିର୍ମାଣ କାର୍ଯ୍ୟ ନଭେମ୍ବରରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏ ନେଇ ବିଧାୟକ ଇଂ.ରୋହିତ କୁମାର ପୁଜାରୀ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରେଢାଖୋଲ ନିର୍ବାଚନ ମଣ୍ଡଳୀର ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତବାସୀ ବ୍ରିଜ୍ ନିର୍ମାଣ ଦାବି କରିଆସୁଥିଲେ। ଏହି ବ୍ରିଜ୍ ନିର୍ମାଣ ହେଲେ ଧମାରୁ ଯୁଯୁମୁରା ଅଞ୍ଚଳକୁ ରାସ୍ତାର ଦୂରତା ୨୫ କିଲୋମିଟର କମିବ।

# ଜିଲାବ୍ୟାପୀ ଜନ୍ମାଷ୍ଟମୀ



ରାଧାକୃଷ୍ଣ ବେଶରେ କୁନି କୁନି ଛାତ୍ରୀଛାତ୍ରମାନେ।

ନାକଟିଦେଉଳ,୨।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସ୍ଥାନୀୟ ଜଗନ୍ନାଥ ପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ମହୋତ୍ସବ ପାଳନ ଅବସରରେ କୁନିକୁନି ଛାତ୍ରୀଛାତ୍ରମାନଙ୍କୁ ନେଇ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିଶୁ ବାଟିକାର ଭଉଣୀ ଓ ଭାଇମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃଷ୍ଣ ବେଶରେ ୧୫ ଓ ରାଧା ବେଶରେ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସପ୍ତମ ଓ ଅଷ୍ଟମ ଶ୍ରେଣୀର ଭଉଣୀ ଭାଇମାନେ ବାସୁଦେବ, ଦେବକୀ, ଗୋପାଳ, ଗୋପଲକ୍ଷ୍ମୀ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ପ୍ରତିଯୋଗିତାରେ ନାକଟୀଦେଉଳ ସିଆରସିସି ମୁରଲୀଧର ଦାସ, ଜଗନ୍ନାଥ ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ନାକଟିଦେଉଳ ଯୁକ୍ତ ତିନି କଲେଜର ଓଡ଼ିଆ ଅଧ୍ୟାପିକା ପୁଷ୍ପାଞ୍ଜଳୀ ରବଣା, ରମେଶ ମେହେର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାର କୃଷ୍ଣ ବେଶରେ ପ୍ରତ୍ୟୁଷରଞ୍ଜନ ସାହୁ ପ୍ରଥମ, ପ୍ରୀତମ ମେହେର ୨ୟ, ଭିଷ୍ଣଲ ପୋଢ ୩ୟ ସ୍ଥାନ ଅଧିକାର କରିଥିଲେ। ରାଧା ବେଶରେ ପ୍ରଜ୍ଞାପାରମିତା ଗଡ଼ନାୟକ, ପ୍ରୀତିକ୍ରିଷ୍ଟା ସାହୁ ଓ ଶ୍ରୀମୟୀ ସାହୁ ଏବଂ ସ୍ୱୟଂଶ୍ରୀ ବିଶି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରା, ଉତ୍ସବ ପ୍ରମୁଖ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସମ୍ପାଦିତ ହୋଇଥିଲା। ଶେଷରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

ରେଙ୍ଗାଲି,୨।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରବିବାର ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ରମ୍ପେଲାସ୍ଥିତ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ବିଦ୍ୟାଳୟର ସହସମ୍ପାଦକ ଜଗଦୀଶ ପୂଜାରୀ ଶିଶୁମାନଙ୍କୁ ଜନ୍ମାଷ୍ଟମୀ ଉତ୍ସବ ବିଷୟରେ ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ରାଜୀବ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର ନାଏକ, ଶିଶୁ ବାଟିକା ପ୍ରମୁଖ ନମତା କୁମାରୀ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ବିଦ୍ୟାଳୟର କୁନିକୁନି ଶିଶୁମାନେ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ

ଜମନକିରା,୨।୯(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ପୂର୍ବାହ୍ନ ସାଢ଼େ ୭ଟାରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ସୁରଲୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଗୁରୁମା ଡିଲେଶ୍ୱରୀ ଖମାରୀ ସ୍ୱାଗତ ଭାଷଣ, ଗୁରୁମା ମିନତୀ ପାଣିଗ୍ରାହୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ଦର୍ଶାଇଥିଲେ। ସମ୍ମାନିତ ଅତିଥିଭାବେ ପଦ୍ମିନୀ ରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ୧୦୦ ଜଣ ଶିଶୁ ଭାଇ ଓ ଭଉଣୀ ରାଧାକୃଷ୍ଣ ବେଶରେ ସଜେଇ ହୋଇ ବିଭିନ୍ନ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସୁବର୍ଣ୍ଣପାଲିରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ

ଜମନକିରା,୨।୯(ଡି.ଏନ୍.ଏ.)



ସମ୍ବଲପୁର ଜିଲା ଜମନକିରା ବ୍ଲକ ସୁବର୍ଣ୍ଣପାଲି ପଞ୍ଚାୟତ ସଦର ମହକୁମାସ୍ଥିତ ପ୍ରାଥମିକ ସ୍କୁଲରେ ବରିଷ୍ଠ କବୟିତ୍ରୀ ଅନ୍ନପୂର୍ଣ୍ଣା ମହାକୁଳଙ୍କ ଅଧ୍ୟକ୍ଷତାରେ ରବିବାର ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜମନକିରା ବିଡିଓ ମୁରଲୀଧର ନାୟକ, ମୁଖ୍ୟବକ୍ତା ଭାବେ କୁଚୁରାଚୁଆଁ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସଚନ୍ଦ୍ର ନାୟକ ଯୋଗଦେଇ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୀବନୀ ଏବଂ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାମଣ୍ଡା ସାରସ୍ୱତ ସାହିତ୍ୟ ସଂସଦ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର, ଫାଶିମାଲ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ଦଳବେହେରା, ସରପଞ୍ଚ ସେବତୀ କିଣ୍ଡୋ ଯୋଗଦେଇଥିଲେ। ସୁଶୀଲ ମହାକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ସଭ୍ୟ ପ୍ରମୋଦ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୫୦ରୁ ଅଧିକ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ୧୫ ଜଣ କଳାକାର କଳା ପ୍ରଦର୍ଶନ କରିଥିଲେ। ଶେଷଦେବ ପଟେଲ, ରଜନୀ ପଟେଲ, ଶଙ୍କରଲାଲ ପୃଷେଠ, ପ୍ରଦୀପ ଜେନା, ନନ୍ଦଲାଲ ସାହୁ, ପ୍ରବୋଧ ନାୟକ, ଅକ୍ଷୟ କୁମାର ଦେହୁରୀ, ପ୍ରଦୀପ ପଟେଲ, ଶ୍ରୀନିବାସ ପଧାନ, ଟିକେଶ୍ୱର ପଟେଲ, ଅଶ୍ୱିନୀ ମହାକୁଳ ଓ ଯଶୋବନ୍ତ ମହାକୁଳ ସହଯୋଗ କରିଥିଲେ।

# କଳା ଶିକ୍ଷକ ସଂଘର ଜରୁରିକାଳୀନ ବୈଠକ



ରବିବାର ସମ୍ବଲପୁର ଜିଲା କଳା ଶିକ୍ଷକ ସଂଘର ଜରୁରିକାଳୀନ ବୈଠକରେ ଭାଗ ନେଇଥିବା ସଭ୍ୟ ଓ କର୍ମକର୍ତ୍ତା।

ସମ୍ବଲପୁର,୨।୯(ବ୍ୟୁରୋ)

ଜିଲା କଳା ଶିକ୍ଷକ ସଂଘର ଜରୁରୀକାଳୀନ ବୈଠକ ରବିବାର ସମଲେଶ୍ୱରୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମୋହିତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସେପ୍ଟେମ୍ବର ୫ ତାରିଖ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନର କାର୍ଯ୍ୟପନ୍ଥା ସ୍ଥିର ହୋଇଛି। ଏଥିସହ କଳା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ନେଇ ସଭ୍ୟମାନେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଭାରତ ଗୌରବ ଦାସ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନଙ୍ଗ ସାଏଦେଓ, କୃଷ୍ଣଚନ୍ଦ୍ର ବାଗ, ପ୍ରକାଶ ପଣ୍ଡା, ଦିଲୀପ ପଣ୍ଡା, ଅତିଶ ଶତପଥି, ଶଶାଙ୍କଶେଖର ଦୁବେ, ରଞ୍ଜିତ ସାହୁ, ମହେଶ ପଟେଲ, ବିକାଶ ପ୍ରଧାନ, ସରୋଜ ମେହେର, ଇତିଶ୍ରୀ ପାଣିଗ୍ରାହୀ, ସୁଚିତ୍ରା ଦାଶ, ସଂଗୀତା ସାହୁ, ସଂଗୀତା ଭୋଇ, ଡିଲେଶ୍ୱରୀ ଖଟି, ଇପଶିତା ପତି, ସୁଚିସ୍ମିତା ବେହେରା, ନିକିତା ବେହେର, ମାନସ ମିଶ୍ର, ପ୍ଲାବନ ମିଶ୍ର, ପ୍ରମୋଦ ଦାଶ, ମନୋଜ ପ୍ରଧାନ, ଚନ୍ଦ୍ରଶେଖର ଦୁବେ ଭାଗ ନେଇଥିଲେ।

# ଶିଶୁମନ୍ଦିରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା



ରେଢାଖୋଲ ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜେଇ ହୋଇଛନ୍ତି।

ରେଢ଼ାଖୋଲ,୨।୯(ଡି.ଏନ.ଏ.)

ରେଢ଼ାଖୋଲ ସହର ସମେତ ପୁରପଲ୍ଲୀରେ ଜନ୍ମାଷ୍ଟମୀ ଉତ୍ସବ ହର୍ଷ ଉଲ୍ଲାସ ମଧ୍ୟରେ ପାଳିତ ହୋଇଛି। ସହରର ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର, ରଘୁନାଥ ମନ୍ଦିର ସମେତ ପଡାରେ ଶ୍ରଦ୍ଧାଳୁ ଶ୍ରୀ କୃଷ୍ଣଙ୍କ ପୂଜାର୍ଚ୍ଚାନା କରିଛନ୍ତି। ପୁରୋହିତ ହୋମଯଜ୍ଞ କରିବା ସହିତ ହରିବଂଶ ପୁରାଣ ପଠନ କରିଥିଲେ। ଶ୍ରଦ୍ଧାଳୁ ଓ ଉପାସକମାନେ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ଶ୍ରବଣ କରିବାକୁ ସାରା ରାତି ଉଜାଗର ରହି ପୂଜାର୍ଚ୍ଚନା କରିଛନ୍ତି। ଜନ୍ମଷ୍ଟମୀ ଉତ୍ସବ ରେଢ଼ାଖୋଲ ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ପାଳିତ ହୋଇଛି। କୁନି କୁନି ଛାତ୍ରୀଛାତ୍ର ରାଧା କୃଷ୍ଣବେଶରେ ସଜ୍ଜିତ ହୋଇଥିଲେ। ଏକ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରକୁ ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ହେମରାଜ ପ୍ରଧାନ, ଗୁରୁମା ଭାଗ୍ୟସିନୀ ପଣ୍ଡା, ଅନିତା ରଥ, ଶୁଭଶ୍ରୀ ପୋଢ, ଗୁରୁଜୀ ବିପିନ ପ୍ରଧାନ, ଅଗସ୍ତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଧାନ ଚାଷ ନଷ୍ଟ କଲେ ହାତୀ ପଲ

ରେଢ଼ାଖୋଲ,୨।୯(ଡି.ଏନ.ଏ.)

ରେଢ଼ାଖୋଲ ବନଖଣ୍ଡର ବଡମାଲ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ବଢିବାରେ ଲାଗିଛି। ଗତ କିଛି ଦିନ ଧରି ୧୦ରୁ ଊର୍ଦ୍ଧ୍ୱ ହାତୀ ଥିବା ଏକ ହାତୀ ପଲ ବଡମାଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉପଦ୍ରବ ଚଳାଇଛନ୍ତି। ବେଉଷଣ ସରିଯାଇଥିବା ଧାନ କ୍ଷେତ ଗୁଡିକରେ ପଶି ଖାଇବା ସହିତ ମାଡିଦଳି ନଷ୍ଟ କରିଦେଉଛନ୍ତି। ଗତ ଶୁକ୍ରବାର ବଡମାଳ ଗ୍ରାମର ରାମ ନାଏକ, ରଂଜିତ ନାଏକ, ମିନକେତନ ନାଏକ, ସାନ ନାଏକଙ୍କ ପ୍ରାୟ ୧୦ ଏକର ଜମି ହାତୀ ପଲ ମାଡିଦଳି ନଷ୍ଟ କରିଦେଇଥିବା ବେଳେ ଶନିବାର ରାତିରେ ପୁଣି ଉପଦ୍ରବ କରି ଦିନବନ୍ଧୁ ସାହୁ ଓ ଗୋବିନ୍ଦ ସାହୁଙ୍କ ୨ ଏକର ପରିମିତ ଧାନଫସଲ ମାଡିଦଳି ନଷ୍ଟ କରିଦେଇଛନ୍ତି। ବଡମାଳ ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣ ହାତୀ ପଲ ନଷ୍ଟ କରିଥିବା ଧାନ ଫସଲ ଅନୁଧ୍ୟାନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ଅପରପକ୍ଷରେ ଦନ୍ତା ହାତୀଟି ଗତ ଶୁକ୍ରବାର ଭାଲିଅକଟା ପଞ୍ଚାୟତର କଉଡିଆପାଲି ପ୍ରାଥମିକ ବିଦ୍ୟାଳୟକୁ ଭାଙ୍ଗି ଛାତ୍ରୀଛାତ୍ରଙ୍କ ପାଇଁ ଥିବା ୩ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳ ଖାଇବା ସହିତ ମାଡିଦଳି ନଷ୍ଟ କରିଦେଇଥିଲା। ସେହିଦିନ ଏହି ଗ୍ରାମର ଗିରିଧାରି ସାହୁଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଦେଇଥିବା ବେଳେ ବଲପଡସ ପଡୁର ଗ୍ରାମର କୀର୍ତ୍ତନ ମିର୍ଦ୍ଧାଙ୍କ ଘର ଭାଙ୍ଗି ଦେଇଥିଲା। ବଡମାଳ ଅଞ୍ଚଳରେ ଏକ ଦନ୍ତା ହାତୀ କ୍ରମାଗତ ଭାବେ ଗତ ଦେଢ ବର୍ଷ ହେବ ଉପଦ୍ରବ ଚଳାଇ ଆସିଥିବା ବେଳେ ବହୁଧନ ଜୀବନ ନଷ୍ଟ କଲାଣି। ଅଞ୍ଚଳବାସୀ ବନ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ହାତୀ ଘଉଡାଇବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନଥିବାରୁ ଅସନ୍ତୋଷ ଦେଖା ଦେଇଛି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜମେଣ୍ଟ ଶାଖା, ଭୁବନେଶ୍ୱର
**ସଂଶୋଧନ ପତ୍ର**
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୮ ରେ ଦର୍ଶିତ ଋଣଗ୍ରହୀତା: ମେସର୍ସ ପାବନି ଫେରୋ ଆଲଏଜ୍ ପ୍ରା. ଲି.ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ "ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର, ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, ୨) ବିଶ୍ୱଜିତ ମିଶ୍ର, ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, ୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର, ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪) ରବିନ୍ଦ୍ର ନାଥ ପଟ୍ଟନାୟକ, ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

# ଜେଲ-କଚେରି ଛକ ରାସ୍ତାରେ ବୃକ୍ଷରୋପଣ

ସମ୍ବଲପୁର,୨।୯(ବ୍ୟୁରୋ)



ରବିବାର ସମ୍ବଲପୁର ଜେଲ ଛକ- କଚେରି ଛକ ରାସ୍ତାରେ ଅତିଥିଙ୍କ ସହ ବାଳାଶ୍ରମ ଅନ୍ତେବାସୀମାନେ ବୃକ୍ଷରୋପଣ କରୁଛନ୍ତି। (ବାମ) ରକ୍ଷା କବଚ ବାନ୍ଧୁଛନ୍ତି।

ସବୁଜ ମହାନଦୀ ମିଶନ ଓ ସବୁଜ ସମ୍ବଲପୁରିଆ ମିଳିତ ଆୟୋଜନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ରବିବାର ଜେଲ-କଚେରୀ ଛକ ରାସ୍ତାରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଜନ୍ମାଷ୍ଟମୀ ତିଥିରେ ଧନକଉଡ଼ା ବାଳିକାମାନେ ବିଭିନ୍ନ ବୃକ୍ଷର ଚାରାରୋପଣ କରିଥିଲେ। ସମ୍ବଲପୁର ଡିଏଫଓ ଡ. ସଞ୍ଜିତ କୁମାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଜିଲାପାଳ ସମର୍ଥ ବର୍ମା, ଏସପି ସଞ୍ଜୀବ ଅରୋରା ଯୋଗଦେଇ ବାଳାଶ୍ରମ ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ। ସବୁଜ ସମ୍ବଲପୁରିଆ ସଭ୍ୟ ସନ୍ତୋଷ ବଡ଼େଇ, ସୂର୍ଯ୍ୟପ୍ରକାଶ ଗୁରୁ, ରୀତା ଅଗ୍ରୱାଲ, ରାମଦାସ ପଣ୍ଡା, ବ୍ୟୋମକେଶ ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ୟୁନିଟର ସୁଚିସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବୃକ୍ଷରୋପଣ ପରେ ଅନ୍ତେବାସୀମାନେ ଭୀମଭୋଇ ଶିଶୁ ଉଦ୍ୟାନ ଆୟୋଜିତ ବଣଭୋଜିରେ ସାମିଲ ହୋଇଥିଲେ।

SBC **ସମ୍ବଲପୁରୀ ବସ୍ତ୍ରାଳୟ**



**ଗଣେଶ ପୂଜା ଓ ନୂଆଁଖାଇ**
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
**ବିଶେଷ ସରକାରୀ ରିହାତି**
**୧୦% + ୨୦%**
ଅବଧି ତା୦୨।୦୯।୨୦୧୮ରୁ ତା୧୩।୦୯।୨୦୧୮ ପର୍ଯ୍ୟନ୍ତ
**ନୂତନ ବସ୍ତ୍ରର ସମ୍ଭାର**
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ଆତ୍ମରକ୍ଷା ପ୍ରଶିକ୍ଷଣ ଗ୍ରେଡିଂ ଶିବିର

**ବୁର୍ଲା,୨।୯(ଡି.ଏନ.ଏ)-** ସମ୍ବଲପୁର ଜିଲା ବୁର୍ଲାରେ ଜିଲାସ୍ତରୀୟ ଟେନସିନ୍‌କାନ କରାଟେ ଆସୋସିଏଶନ ଓଡ଼ିଶା ଆନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ସମ୍ପର୍କିତ ଗ୍ରେଡିଂ ପରୀକ୍ଷା ବୁର୍ଲା ଜଳବିଦ୍ୟୁତ ଅଫିସର୍ସ କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିବିରରେ ଭାଗ ନେଇଥିଲେ। ଟେନସିନକାନ୍ କରାଟେ ଆସୋସିଏଶନ ଓଡ଼ିଶା ସଭାପତି ଯୁବରାଜ ସାନଖେମୁଣ୍ଡି ସେନସେଇ ନୀରକିଶୋର ଦେବ, ଯୁଗ୍ମ ସଂଯୋଜକ ସେନସେଇ ସାରଦା ପ୍ରସାଦ କହଁର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆୟୋଜିତ ଗ୍ରେଡିଂ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଆୟୋଜିତ ଶିବିରରେ ସମ୍ବଲପୁର ମୁଖ୍ୟ ଇଂ. ଘନଶ୍ୟାମ ହାଁସଦା, ଇଂ. ସନ୍ତୋଷ ଆନନ୍ଦ ନାୟକ, ଜ୍ୟୋତି କୁମାର ନନ୍ଦ, ଦୀଲିପ ନାୟକ, ଅନୀଶ ବାଗ, ତାପସ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

### ମିଳିତ ଶିକ୍ଷକ ସଂଘର ବୈଠକ

**ରେଢ଼ାଖୋଲ,୨।୯(ଡି.ଏନ.ଏ.)-** ରାଜ୍ୟ ମିଳିତ ଶିକ୍ଷକ ସଂଘ ରେଢ଼ାଖୋଲ ଶାଖାର ଏକ ବୈଠକ ସ୍ଥାନୀୟ ଖନ୍ଦାଡିପ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏନ.ପି.ଏସ ଶିକ୍ଷକମାନେ ଯୋଗ ଦେଇଥିଲେ। ଆସନ୍ତା ୬ ତାରିଖ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ଧାରଣାରେ ଯୋଗ ଦେବା ପାଇଁ ଆଲୋଚନା କରାଯିବା ସହ ସଂଘ ପକ୍ଷରୁ ଗ୍ରେଡପେ ବୃଦ୍ଧି ଓ ନୂତନ ପେନସନ ଯୋଜନା ପରିବର୍ତ୍ତେ ପୁରୁଣା ପେନସନ ଯୋଜନା ଲାଗୁ କରାଯିବାକୁ କରାଯାଇଥିବା ଦାବି ସଂପର୍କରେ ଆଲୋଚନା କରାଯାଇଥିଲା। ବ୍ଲକର ଏନପିଏସ ଶିକ୍ଷକମାନଙ୍କ ଏକ ନୂତନ ସଂଘ ଗଠନ କରାଯାଇଥିଲା। ଏଥିରେ ଶ୍ରୀଧର ଭୋଇ ସଭାପତି, ନମିତା ପ୍ରଧାନ ଉପ-ସଭାପତି, ଭରତ କୁମାର ପ୍ରଧାନ ସଂପାଦକ, ବିଦ୍ୟାଧର ପ୍ରଧାନ ସହ ସଂପାଦକ, ସନ୍ତୋଷ କୁମାର ପ୍ରଧାନ କୋଷାଧ୍ୟକ୍ଷ, ତରୁଣ କାନ୍ତ ନାଏକ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

# ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହେବେ ସମଲେଇ

- ସହଯୋଗ ଲୋଡ଼ିଲା ଟ୍ରଷ୍ଟବୋର୍ଡ଼
- ୭ ଲକ୍ଷ ଦେବ ସମଲେଶ୍ୱରୀ କ୍ଲବ

**ସମ୍ବଲପୁର,୨।୯(ବ୍ୟୁରୋ)**

ଦଶହରା ପର୍ବରେ ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ସମଲେଇ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ । ଏ ନେଇ ମନ୍ଦିର ଟ୍ରଷ୍ଟବୋର୍ଡ଼ ଭକ୍ତ ଓ ଜନସାଧାରଣଙ୍କ ସହଯୋଗ କାମନା କରିଛି। ସମଲେଇ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ରେ ପୂଜିତ ହେଉଛନ୍ତି । ତେବେ ମୂଳପୀଠ ସମ୍ବଲପୁରରେ ଦେବୀଙ୍କ ସୁନା ଚୁଡ଼ି ଓ ଗୋଟିଏ ଛତ୍ରକୁ ମିଶାଇ ସର୍ବମୋଟ ୨୦୦ ଗ୍ରାମରୁ ସାମାନ୍ୟ ଅଧିକ ସୁନା ରହିଛି। ଛତ୍ର ଓ ଅନ୍ୟାନ୍ୟ ଅଳଙ୍କାରକୁ ମିଶାଇଲେ ୧୫ କେଜି ରୁପା ରହିଛି। ଦେବୀଙ୍କୁ ସ୍ୱର୍ଣ୍ଣାଳଙ୍କାରରେ ଭୂଷିତ କରିବାକୁ ଟ୍ରଷ୍ଟବୋର୍ଡ଼ ଯୋଜନା କରିଛି । ରବିବାର ସମଲେଇ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟବୋର୍ଡ଼ ସଭାପତି ସଞ୍ଜୟ ବାବୁ ଏହା କହିଛନ୍ତି । ସେ ଜଣାଇଛନ୍ତି ଯେ, ମା'ଙ୍କ କିରୀଟ ଓ ଅନ୍ୟାନ୍ୟ ଭୂଷଣ ସୁନାରେ ତିଆରି କରିବାକୁ ଭକ୍ତମାନେ ଅନେକ ଦିନରୁ ଆଗ୍ରହ କରି ଆସୁଥିଲେ। ଭକ୍ତମାନେ ସର୍ବନିମ୍ନ ୧୦ ଗ୍ରାମ ଅଥବା ନିଜ ସାମର୍ଥ୍ୟମତେ ସୁନା ବଦଳରେ ଅର୍ଥଦେଇ ମନ୍ଦିର ଟ୍ରଷ୍ଟବୋର୍ଡ଼ରୁ ରସିଦ ନେଇପାରିବେ। ଏହି ଅର୍ଥରେ ମା'ଙ୍କ କଙ୍କଣ, ମଥାମଣି, କର୍ଣ୍ଣାଞ୍ଚଳ ଓ ପଦ୍ମମୁଖ ସହ କିରୀଟ ତିଆରି କରାଯିବ। ମନ୍ଦିର କମିଟି ପାଖରେ ବର୍ତ୍ତମାନ ୨୦୦ ଗ୍ରାମରୁ ସାମାନ୍ୟ ଅଧିକ ସୁନା ଅଳଙ୍କାର ରହିଛି। ଏହାକୁ ତ଼ଳିବା ପରେ ସୁନାର ପ୍ରକୃତ ପରିମାଣ ଜଣାପଡ଼ିବ। ମନ୍ଦିର ସ୍ଥାୟୀ ଜମା ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅଳଙ୍କାର ପ୍ରସ୍ତୁତିରେ ବିନିଯୋଗ କରାଯିବ । ଏଥିପାଇଁ ଦେବୋତ୍ତର ବିଭାଗର ଅନୁମତି ମିଳିସାରିଛି। ଅପରପକ୍ଷେ ଦଶହରା ପୂଜା କମିଟି ପାଖରେ ୭ ଲକ୍ଷ ଟଙ୍କା ରହିଛି । ସେମାନେ ମଧ୍ୟ ସୁନା ଅଳଙ୍କାର ପ୍ରସ୍ତୁତିରେ ଉକ୍ତ ଟଙ୍କା ଦେବାକୁ ସହମତି ପ୍ରକାଶ କରିଛନ୍ତି । ଏପରି ସ୍ଥଳେ ୨୦ ଲକ୍ଷ ଟଙ୍କା ମୂଲ୍ୟର ୬୫୦ ଗ୍ରାମ ସୁନାର ବ୍ୟବସ୍ଥା ହୋଇଛି। ଭକ୍ତ ଓ ଜନସାଧାରଣଙ୍କ ଅନୁଦାନରୁ ଆହୁରି ୮ କେଜି ସୁନାର ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଇଛି । ଜଣେ ଭକ୍ତ ଏକୁଟିଆ ମା'ଙ୍କ ସୁନାର ବେଲପତ୍ର ପ୍ରସ୍ତୁତ କରିବେ ବୋଲି ପ୍ରସ୍ତାବ ଦେଇ ସାରିଛନ୍ତି। ଭକ୍ତଙ୍କଠାରୁ ଏଭଳି ପ୍ରସ୍ତାବର ଆଗମନକୁ ସ୍ୱାଗତ କରାଯାଉଛି। ଭକ୍ତଙ୍କ ସୂତ୍ରରୁ ସାଢ଼େ ଆଠ କେଜି ସୁନା ସଂଗ୍ରହ ହୋଇପାରିଲେ ଯୋଜନା ସଫଳ ହେବ।

ସୂଚନାଯୋଗ୍ୟ ଯେ, ଆଧୁନିକ ସମ୍ବଲପୁରର ପ୍ରତିଷ୍ଠାତା ମହାରାଜା ବଳରାମ ଦେବ ୧୫୬୦ ବେଳକୁ ସମଲେଶ୍ୱରୀ ମନ୍ଦିର ନିର୍ମାଣ କରିଥିଲେ। ସପ୍ତମ ରାଜା ଛତ୍ର ସାଏ ୧୭୦୦ ମସିହା ବେଳକୁ ମନ୍ଦିରର ବିକାଶ ସାଧନ କରିଥିଲେ। ମନ୍ଦିରର ପୂଜା କରିବାକୁ ଅନେକ ଗ୍ରାମ ପ୍ରଦାନ କରିଥିଲେ। ହେଲେ ସମଲେଇଙ୍କ ନାମରେ ଆଦୌ ଜମିଜମା ନାହିଁ। ଦୀର୍ଘ ବର୍ଷର ବ୍ୟବଧାନ ପରେ ମନ୍ଦିର ଗର୍ଭଗୃହର ମରାମତି କରାଯାଇଛି। ମନ୍ଦିରର ଚୂନ ଛଡ଼ାଇବାରେ କାନ୍ଥର କେତେକ ସ୍ଥାନରେ ଫାଟ ଦେଖାଦେଇଛି। ଏଣୁ ଦଶହରା ପରେ ତାହା ମରାମତି କରିବାକୁ ଯୋଜନା କରାଯାଇଛି । ପ୍ରଥମଥର ସମଲେଶ୍ୱରୀ ମନ୍ଦିର ଦେବୋତ୍ତର ବିଭାଗଠାରୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରାପ୍ତ କରାଯାଇଛି। ଏଥିସହ ସଂସ୍କୃତି ବିଭାଗ ୧୦ ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମତି ଜଣାଇଛନ୍ତି। ମନ୍ଦିରରେ ବିତରଣ କରାଯାଉଥିବା ଅନ୍ନଭୋଗର ଚାହିଦା ବଢ଼ିଛି। ମନ୍ଦିରର ମ୍ୟାପ ପ୍ରସ୍ତୁତ କରାଯାଇଥିବା ବେଳେ ବଗିଚା, ପାଣି ଫୁଆରା, ଆଲୋକ ସଜ୍ଜାରେ ଆକର୍ଷଣୀୟ କରାଯାଇଛି ବୋଲି ବୋର୍ଡ଼ ସଭାପତି କହିଛନ୍ତି । ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ ସଭ୍ୟ ବୀରେନ୍ଦ୍ର ରାଏ, ସନ୍ତୋଷ ପୃଷେଠ, ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ହେମନ୍ତ ମିଶ୍ର, ଦଶହରା କମିଟି ସାଧାରଣ ସମ୍ପାଦକ ଇନ୍ଦ୍ରନୀଳ ପ୍ରିୟଦର୍ଶୀ, କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂ, ମନ୍ଦିର ପୂଜକ ସଗନ ରାୟ, ଟ୍ରଷ୍ଟ ବୋର୍ଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମରାଜ ପାଣିଗ୍ରାହୀ ଉପସ୍ଥିତ ଥିଲେ।



ରବିବାର ସମଲେଇ ମନ୍ଦିର ପରିସରରେ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଉଛନ୍ତି ।

### ହୀରାକୁଦ ଡ୍ୟାମରୁ ଗଳିତ ଶବ ଉଦ୍ଧାର

**ସମ୍ବଲପୁର,୨।୯(ବ୍ୟୁରୋ)**

ସମ୍ବଲପୁର ଜିଲା ହୀରାକୁଦ ଥାନା ବାମ ଡାଇକ ଫିସରୀ ନିକଟରେ ଶନିବାରଠାରୁ ଠାବ ହୋଇଥିବା ଏକ ଗଳିତ ଶବ ରବିବାର ଉଦ୍ଧାର କରାଯାଇଛି । ଅଗ୍ନିଶମ ବିଭାଗର ଏକ ଟିମ ଯାଇ ଶବକୁ ଉଦ୍ଧାର କରିଥିଲେ । ଶବଟି ପଚିସଢ଼ି ଯାଇଛି। ମୃତଦେହରେ ଗୋଟିଏ ଧୋତି ଓ ବେକରେ ତୁଳସୀ ମାଳି ରହିଛି। ଛତିଶଗଡ଼ରୁ ବନ୍ୟା ପାଣିରେ ମୃତଦେହଟି ଭାସିଆସିଥିବା ପୋଲିସ ସନ୍ଦେହ କରାଯାଉଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରୋହିଦାସ ନଗରରେ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର,୨।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ରୋହିଦାସ ନଗରରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଡା. ଶଙ୍କର ରାମଚନ୍ଦାନୀ, ଡା. ମାଧବ ମୋଦି, ଶ୍ରୀକାନ୍ତ ଦାସ ଉପସ୍ଥିତ ରହି ୪୮ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଯକ୍ଷ୍ମାରୋଗ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଜିଲା ଚାଇଲ୍ଡ ଲାଇନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ଶନିବାର ସମ୍ବଲପୁର ଜିଏମୟୁ ଅଧ୍ୟାପନା ପ୍ରକୋଷ୍ଠ-୧ରେ ଆୟୋଜିତ କର୍ମଶାଳାରେ ଅତିଥି, ବକ୍ତା ଓ ଆୟୋଜକମାନେ ।

## କୃତ୍ରିମ ଉପାୟରେ ମାଛ ଚାଷ ସମ୍ଭାବନା କର୍ମଶାଳା

**ସମ୍ବଲପୁର,୨।୯(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ଅମୃତ ବିହାର ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧ରେ ଶନିବାର କୃତ୍ରିମ ଉପାୟରେ ମାଛ ଚାଷ ସମ୍ଭାବନା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗ ଆୟୋଜିତ କର୍ମଶାଳାରେ ଡ. ହେମ କୁମାର ନାୟକଙ୍କ ସଂଯୋଜନାରେ କାର୍ଯକ୍ରମ ହୋଇଥିଲା। କୁଳପତି ପ୍ରଫେସର ଅତନୁ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଛ ଚାହିଦାରେ ଅଭିବୃଦ୍ଧି ଏକ ସମ୍ଭାବନା ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମୁଖ୍ୟ ବକ୍ତା ମତ୍ସ୍ୟ ବିଭାଗ ଅବସରପ୍ରାପ୍ତ ଅଧିକାରୀ ଡ. ଅବଦୁଲ ରସିଦ୍ ଏହା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଅଶୋକ କୁମାର ଲାଲା ସମ୍ମାନିତ ବକ୍ତା ଭାବେ ମାଛ ଚାଷରେ ପ୍ରେରିତ ପ୍ରଜନନ ଉପରେ ଆଲୋଚନା କରିଥିଲେ। କୁଳସଚିବ ଗିରୀଶ ଚନ୍ଦ୍ର ସିଂ ସୂଚନା ଓ ଡ. ପ୍ରଶାନ୍ତି ମିଶ୍ର ଧନ୍ୟବାଦ ଦେଇଥିଲେ। ଉଦ୍ୟୋଗୀ ଜାହିଦ୍ ଅଲ୍ଲୀ ମାଛ ଚାଷର ସଫଳତା ଦିଗକୁ ଦର୍ଶାଇଥିଲେ। ଉପକୁଳସଚିବ ଉମାଚରଣ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କର୍ମଶାଳାରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ମତ୍ସ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

### ୩ ପଞ୍ଚାୟତରେ ଭତ୍ତା ବାଣ୍ଟିଲେ ବିଧାୟକ

**ସମ୍ବଲପୁର,୨।୯(ବ୍ୟୁରୋ)**

ସମ୍ବଲପୁର ଜିଲା ରେଢାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୁମୁରା ବ୍ଲକ ବାହାମ, କୁକୁଡ଼ାପାଲି, ମେଘପାଲ ପଞ୍ଚାୟତରେ ରବିବାର ବିଧାୟକ ଇଂ. ରୋହିତ ପୂଜାରୀ ଭତ୍ତା ବଣ୍ଟନ କରିଛନ୍ତି। ଏଥିସହ ଲୋକମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ପଞ୍ଚାୟତରେ ଥିବା ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ପାଢୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ବିଜେଡି ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା, ଆଶୀଷ ନାୟକ, ଗଣେଶ ତାଣ୍ଡିଆ, ବଳରାମ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଦେବଝରନ ଇକୋ ଟୁରିଜିମ୍ ଡିପିଆର ପ୍ରସ୍ତୁତ

**ସମ୍ବଲପୁର,୨।୯(ବ୍ୟୁରୋ)**

ସମ୍ବଲପୁର ଜିଲା ପର୍ଯ୍ୟଟନସ୍ଥଳୀ ଦେଓଝରନକୁ ଇକୋ ଟୁରିଜିମ୍‌ରେ ପରିଣତ କରିବାକୁ ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଶନିବାର ରାଜ୍ୟ ବାହାରୁ ଗୋଆର ଏକ ଆର୍ଚିଟେକ ଟିମ ସହ ଇଂ.ଏସ.ପ୍ରଭାକର ଓ ସବୀର ବକ୍ସ ଦେଓଝରନ ପହଞ୍ଚି ଥିଲେ। ଡିଏଫଓ ସଞ୍ଜୀତ୍ କୁମାରଙ୍କ ସହ ଏକ ଇକୋ ଟୁରିଜିମ୍ ପାଇଁ ତିଆରି ହୋଇଥିବା ମ୍ୟାପକୁ ଦେଖି ଆଲୋଚନା କରିଥିଲେ। ମ୍ୟାପ୍‌ରେ ରୋପ ବ୍ରିଜ ,ସାଇକେଲ ଷ୍ଟାଣ୍ଡ ଓ ଟ୍ରାକ, ଘର, ପାହାଡ ଚଢିବା ପାଇଁ ସୁବିଧା, ୱାଟର ଫଲର ଉନ୍ନତୀକରଣ, ମୁଖ୍ୟ ଗେଟ, ଶିଶୁଉଦ୍ୟାନ, ୱାଚ ଟାୱାର ଫୁଟ କୋଟ ବୋଟିଂ ଆଦି ଡିଜାଇନ ରହିଛି। ଏହି ଅବସରରେ ଏସିଏଫ ପଙ୍କଜ ପଣ୍ଡା, ସଦର ରେଞ୍ଜର ଗୌରୀ ଦାସ ଓ ଦେବଝରନ ବିକାଶ ମଞ୍ଚର ସଦସ୍ୟ ଉପସ୍ଥିତ ରହିଥିଲେ।

ସୂଚନା ଥାଉ କି, ରାଜ୍ୟ ସରକାରଙ୍କ ପକ୍ଷରୁ ଦେଓଝରନ ପର୍ଯ୍ୟଟନସ୍ଥଳୀକୁ ଇକୋ ଟୁରିଜିମ୍‌ର ମାନ୍ୟତା ପ୍ରଦାନ କରାଯାଇଛି। ଏହାର ଉନ୍ନତି ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟାୟ କ୍ରମେ ୧ କୋଟି ଟଙ୍କାର ଅନୁଦାନ ଅନୁମୋଦିତ ହୋଇସାରିଛି। ଏହି ଚୂଡ଼ାନ୍ତ ଡିପିଆରକୁ ବନ ବିଭାଗ ଅନୁମୋଦନ କଲେ କାମ ଶୀଘ୍ର ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି ।

■ ଚିପିଲିମା ଏକଦିବସୀୟ ଫୁଟବଲ

## ତୁଲଣ୍ଡି ଚାମ୍ପିୟନ, ଟିହିକିପାଲି ରନର୍ସଅପ

**ବୁର୍ଲା,୨।୯(ଡି.ଏନ.ଏ.)**

ସମ୍ବଲପୁର ଧନକଉଡ଼ା ବ୍ଲକ ଚିପିଲିମା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚିପିଲିମା ଖେଳପଡ଼ିଆରେ ଗ୍ରାମାଞ୍ଚଳ ୭ ଦଳକୁ ନେଇ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୁଲଣ୍ଡି ଦଳ ଟିହିକିପାଲି( ଘଣ୍ଟେଶ୍ୱରୀ) ଦଳକୁ ୨-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଧନକଉଡା ବ୍ଲକ କର୍ଡୋଲା,କୁଲୁଣ୍ଡି, ଖଗସିପାଲି, ମିସ୍ତ୍ରୀପଡ଼ା, ରୂପାପାଲି, ବରମପୁରା, ବାଗବିରା, ବରଗଡ ଜିଲା ସରଣ୍ଡା ଚକୁଳି ଦଳ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଘଣ୍ଟେଶ୍ୱରୀ ବାଗବିରା ଦଳ ଓ ରୂପାପାଲି ଦଳ ମଧ୍ୟରେ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସେମିଫାଇନାଲ ତୁଲୁଣ୍ଡି ଓ ରୁପାଲାଲି ଦଳ ଓ ଦ୍ୱିତୀୟ ସେମିଫାଇନାଲ ଟିହିକିପାଲି-ବରମପୁରା ଦଳ ମଧ୍ୟରେ ହୋଇଥିଲା। ସମସ୍ତ ମ୍ୟାଚକୁ ଉପେନ୍ଦ୍ର ବନଛୋର , ଉମେଶ ସେଠ, ବିମଳସେଠ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ଦୁରିଆ ମୁଖ୍ୟ ଅତିଥି, ଲପଙ୍ଗା ସରପଞ୍ଚ ପ୍ରଶାନ୍ତ ଗୁରୁ, ଭାରତୀୟ ମଜଦୁର ସଂଘ ଜିଲା ସଭାପତି ତପନ ହୋତା, ସମ୍ପାଦକ ବିମଲ ନାଥ, କୋଷାଧ୍ୟକ୍ଷ ଜୀବର୍ଦ୍ଧନ ମିର୍ଦ୍ଧା, ପୂର୍ବତନ ଜିଲା ପରିଷଦ ଉଦ୍ଧବ ବାରିକ, ସାମ୍ବାଦିକ ପ୍ରଦୀପ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚାମ୍ପିୟନ ଦଳକୁ ନଗଦ ୫୦୦୦ ଟ୍ରଫି ଓ ରନର୍ସ ଅପ ଦଳକୁ ନଗଦ ୩୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ସ୍କୋରର ଭାବେ ତୁଲୁଣ୍ଡି ଦଳର ଅରବିନ୍ଦ ବିଭାରଙ୍କୁ ପୁରସ୍କୃତ କରାଯାଇଥିଲା।



ଖେଳାଳିଙ୍କ ଗହଣରେ ଅତିଥି।

## ହୀରାକୁଦ ବନ୍ଧ ଅବସରପ୍ରାପ୍ତ କର୍ମଚାରୀ ଆନ୍ଦୋଳନରେ ସାମିଲ ଯୁବ ବିଜେଡି

**ସମ୍ବଲପୁର,୨।୯(ବ୍ୟୁରୋ)**

ସମ୍ବଲପୁର ହୀକାକୁଦ ବନ୍ଧ ଅବସରପ୍ରାପ୍ତ କର୍ମଚାରୀଙ୍କ ଆନ୍ଦୋଳନକୁ ଯୁବ ବିଜେଡ଼ି ପକ୍ଷରୁ ସମର୍ଥନ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଶନିବାର ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ସଞ୍ଜିତ୍ ମହାନ୍ତି ଏଥିରେ ସାମିଲ ହୋଇଥିଲେ। ଏପରି କି ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟୀ ରଥଙ୍କ ସହିତ କର୍ମଚାରୀଙ୍କ ଦାବି ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଠାରେ ସୂଚନାଯୋଗ୍ୟ, ୧୯୮୮ରୁ କାର୍ଯ୍ୟରତ ୮୭ କର୍ମଚାରୀଙ୍କ ପେନଶନ ଏବଂ ଦରମା ସୁଧ ସହ ଦେବାକୁ ନିର୍ଦ୍ଦେଶ ହୋଇଥିଲା। ହେଲେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ତାହା ମିଳିନାହିଁ । ଇତିମଧ୍ୟରେ ୧୭ ଅବସରପ୍ରାପ୍ତ କର୍ମଚାରୀ ପେନଶନ ଓ ଦରମା ବାବଦ ଟଙ୍କା ଅପେକ୍ଷାରେ ମୃତ୍ୟୁବରଣ କରିସାରିଛନ୍ତି । ଦୀର୍ଘ ୧୨ବର୍ଷ ଧରି ଏହି ଆନ୍ଦୋଳନ ଚାଲିଥିଲାବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ମୁଖ୍ୟଯନ୍ତ୍ରୀ ରଥ ଏହା ଉପରେ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହ ଆଲୋଚନା କରି ସମାଧାନ ବାଟ ବାହାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ସଂଘର ସାଧାରଣ ସମ୍ପାଦକ ଚର୍ତୁଭୁଜ ଭୋଇ, ବରୁଣ ବେହେରା, ରମ୍ଭା ଷଣ୍ଢ, ପଦ୍ମା ବେହେରା, ଛାତ୍ର ବିଜେଡି ସମ୍ପାଦକ ମିଲନ ହୋତା, ଯୁବ ବିଜେଡି ସଦସ୍ୟ କୈଳାଶ ପ୍ରଧାନ, ଜୟନ୍ତ ପଟ୍ଟନାୟକ, ଜଗା ସେଠୀ, ଦୁଷ୍ମନ୍ତ ସିଂ, ଅଂଶୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧ ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନାରତ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ସଞ୍ଜିତ୍ ମହାନ୍ତି।

## ଜାନୁୟାରୀରେ କୁଦଗୁଣ୍ଡେରପୁର ମହାନଦୀ ସେତୁ ସମ୍ପୂର୍ଣ୍ଣ ଲକ୍ଷ୍ୟଧାର୍ଯ୍ୟ

**ସମ୍ବଲପୁର,୨।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଅନ୍ତର୍ଗତ ମହାନଦୀ ମଝିରେ କୁଦଗୁଣ୍ଡେରପୁର ରହିଛି। କୁଦକୁ ସଂଯୋଗ କରିବାକୁ ମହାନଦୀ ଉପରେ ଚାରପାଲି ଘାଟରେ ସେତୁ ନିର୍ମାଣ କାମ ଚାଲିଛି। ମାତ୍ର ନିର୍ମାଣାଧିନ ସେତୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ଦେଖାଦେଇଛି। ପ୍ରବଳ ବର୍ଷା ଓ ଜଳସ୍ତର ବୃଦ୍ଧି ପାଇବାରୁ ଏହାର ନିର୍ମାଣ କାର୍ଯ୍ୟ ପ୍ରଭାବିତ ହୋଇଛି । ଆଗାମୀ ଡିସେମ୍ବର ବଦଳରେ ଆସନ୍ତା ବର୍ଷକୁ ଏହି ସେତୁ ସମ୍ପୂର୍ଣ୍ଣ କରାଯିବାକୁ କର୍ତ୍ତୃପକ୍ଷ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୯ କୋଟି ଟଙ୍କାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରାୟ ୧୧ ଥର ଟେଣ୍ଡର ହୋଇଥିଲେ ମଧ୍ୟ ବିଭିନ୍ନ ସମସ୍ୟା କାରଣରୁ ଠିକାଦାର ପୋଲ ନିର୍ମାଣ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଏହାପରେ ସରକାର ପୋଲ ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲା। ତେବେ ୨୦୧୬ ନଭେମ୍ବର ୨୧ ତାରିଖରେ ୪୪୬ ମିଟର ଲମ୍ବ ଓ ୧୦.୫ ମିଟର ଚଉଡ଼ା ୩ ଲେନ ବିଶିଷ୍ଟ ଏହି ପୋଲ ନିର୍ମାଣ କରିବାକୁ ଭୂମିପୂଜା ହୋଇଥିଲା। ପ୍ରାୟ ୩୪ କୋଟି ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ ଜାରି ରହିଛି। ନାବାର୍ଡ଼ ଅନୁଦାନ ଯୋଗାଇ ଦେଇଛି। ମୋଟ ୧୫ ପିଲର୍ ମଧ୍ୟରୁ ୧୨ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏଭଳି ପରିସ୍ଥିତିରେ ଧାର୍ଯ୍ୟ ସମୟ ମଧ୍ୟରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହେବାନେଇ ସନ୍ଦେହ ପ୍ରକାଶ ପାଇଛି। କିନ୍ତୁ ପୋଲ ନିର୍ମାଣ କାର୍ଯ୍ୟ ସମାପ୍ତ ହେଲେ ପଞ୍ଚାୟତବାସୀଙ୍କ ବହୁବିଧ ସମସ୍ୟା ସମାଧାନ ହୋଇପାରିବ। ସୂଚନାଯୋଗ୍ୟ ଯେ, ଏହି ପଞ୍ଚାୟତରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ରହିଛି। ଛାତ୍ରୀଛାତ୍ର ଅନ୍ୟତ୍ର ସମ୍ପର୍କୀୟଙ୍କଠାରେ ରହି ହାଇସ୍କୁଲ ପାଠ ପଢୁଛନ୍ତି । ପ୍ରାୟ ୨୫ କିମି ଦୂର ବୁର୍ଲାକୁ ରୋଗୀଙ୍କ ଚିକିତ୍ସା ପାଇଁ ଡଙ୍ଗାରେ ନେବା ବେଳେ ଅଘଟଣ ଘଟୁଛି। ୬ ଗ୍ରାମ କୁଦ ପାତଖାଇ, ଅମଲିପାଲି, ଗୁଣ୍ଡେରପୁର, ଜାମପାଲି ଓ ତବଡାକୁ ନେଇ କୁଦଗୁଣ୍ଡେରପୁର ପଞ୍ଚାୟତ ଗଠିତ ହୋଇଛି। ବର୍ତ୍ତମାନ ଏଠାରେ ୫ ହଜାର ଭୋଟର ରହିଛନ୍ତି । ପୂର୍ବରୁ ଏହି ଗ୍ରାମଗୁଡ଼ିକ କର୍ଡୋଲା ପଞ୍ଚାୟତ ଅଧୀନ ଥିଲା। ୧୯୮୪ରେ ସ୍ୱତନ୍ତ୍ର ପଞ୍ଚାୟତ ମାନ୍ୟତା ପାଇଥିଲା । ମହାନଦୀର ଟାପୁରେ ଅବସ୍ଥିତ ଓ ଉଭୟ ପାର୍ଶ୍ୱରେ ମହାନଦୀ ପ୍ରବାହିତ ହେଉଛି । ଅସୁବିଧା ହେତୁ ଏହି ପଞ୍ଚାୟତକୁ ବରଯାତ୍ରୀ ଆସିବାକୁ କୁଣ୍ଠିତ ହେଉଛନ୍ତି । ଅପରପକ୍ଷେ କୃଷି ଉପରେ ନିର୍ଭର କରି ଚଳି ଆସୁଥିବା ଗ୍ରାମବାସୀଙ୍କୁ ଧାନ ବିକ୍ରି କରିବାକୁ ମଧ୍ୟ ଘୋର ସସମ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ବାଧ୍ୟ ହୋଇ ଚାଷୀମାନେ ଦଲାଲଙ୍କ ଉପରେ ନିର୍ଭର କରୁଛନ୍ତି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପୋଲ ନିର୍ମାଣ ତ୍ୱରାନ୍ୱିତ କରିବାକୁ ପ୍ରତିକ୍ରିୟା ପ୍ରକାଶ ପାଇଛି।



“ ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍ବର୍ଟ ସ୍ପେନ୍ସର୍



## ସଂକ୍ଷେପରେ

### ଯାତ୍ରୀଭଡ଼ା ବୃଦ୍ଧିକୁ ନିନ୍ଦା

ବୁର୍ଲା,୨।୯(ଡି.ଏନ.ଏ.) ଡିଜେଲ ଦରବୃଦ୍ଧି ହୋଇ ପାଖାପାଖି ୮୦ ଟଙ୍କାରେ ପହଞ୍ଚିଥିବା ବେଳେ ଏହାର ପ୍ରଭାବ ସିଧାସଳଖ ଯାତ୍ରୀମାନଙ୍କ ଉପରେ ପଡ଼ିଛି। ଏ ନେଇ ଯାତ୍ରୀମାନଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗୋଶାଳାରୁ ଚିପିଲିମା ରାସ୍ତା ୧୦ କି.ମି.କୁ ଘରୋଇ ଗାଡିଗୁଡିକ ୧୦ ଟଙ୍କା ଯାତ୍ରୀ ଭଡା ନେଉଥିଲେ। ସେପ୍ଟମ୍ବର ୧ ତାରିଖରୁ ଭଡ଼ା ୨୦ ଟଙ୍କାକୁ ବୃଦ୍ଧି ହୋଇଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଦ୍ଧିଜୀବୀ ମହଲରେ ଏହାକୁ ପ୍ରତିବାଦ କରାଯାଇଛି। ଯାତ୍ରୀ ଭଡ଼ା ନିୟନ୍ତ୍ରଣ ଦିଗରେ ଜିଲା ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସଚେତନ ମହଲରେ ଦାବି ହେଉଛି ।

### ନୂଆଁଖାଇ ଦିନ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମକୁ ଭାଜପାର ବିରୋଧ

ସମ୍ବଲପୁର,୨।୯(ବ୍ୟୁରୋ)
ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଦିନ ସରକାରୀ ସ୍କୁଲମାନଙ୍କରେ ସ୍ୱଚ୍ଛତା ଅଭିଯାନ କରାଯିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସମ୍ବଲପୁର ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ନୂଆଁଖାଇ ପଶ୍ଚିମ ଓଡ଼ିଶାର ଗଣପର୍ବ ଅଟେ। ସମାଜର ବିଭିନ୍ନ ବର୍ଗର ଲୋକେ ଏହାକୁ ଧୁମଧାମରେ ପାଳନ କରିଥାନ୍ତି। ଏହି ଅବସରରେ ସକାଳୁ ରାତି ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହୋଇଥାଏ। ଏଣୁ ରାଜ୍ୟ ସରକାର ସେହି ସମୟରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଘୋଷଣା କରି ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱାଭିମାନକୁ କୁଠାରଘାତ କରିଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ସରକାର ଏହା ଉପରେ ପୁନଃବିଚାର କରି ଦିନ ପରିବର୍ତ୍ତନ କରିବାକୁ ସମ୍ବଲପୁର ଜିଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲା ମୁଖପାତ୍ର ସୂର୍ଯ୍ୟ ପାଣିଗ୍ରାହୀ, କୋଷାଧକ୍ଷ ମୁକେଶ ଜରିୱାଲା, ଓବିସି ମୋର୍ଚ୍ଚା ଜିଲା ସଭାପତି ସରୋଜ ସାହୁ ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି।

### ହୀରାକୁଦରେ ସଚେତନତା ରାଲି

ହୀରାକୁଦ,୨।୯(ଡି.ଏନ.ଏ.):ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏକ ସଚେତନତା ଶିବିର ରାଲି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ (ଏମଡିଡି) ନିରାକରଣ ପାଇଁ ଏକ ରାଲି ପୂର୍ବାହ୍ନ ୧୦ଟାରୁ ସହର ପରିକ୍ରମା କରିଥିଲା। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶା କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଯୋଗ ଦେଇଥିଲେ। ସୁଚିନ୍ତିତ ନିରାକରଣ ପାଇଁ ରୋଗୀମାନେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ, ଚିକିତ୍ସା କେନ୍ଦ୍ରକୁ ଯୋଗାଯୋଗ କରିବା ପାଇଁ ନିବେଦନ କରାଯାଇଛି।

ଫସଲ ବୀମା ଦେବାରେ ବିଳମ୍ବ

### ଜିଲାପାଳଙ୍କୁ ଭେଟିଲେ ଚାଷୀ ପ୍ରତିନିଧି

ସମ୍ବଲପୁର,୨।୯(ବ୍ୟୁରୋ): ଚାଷୀଙ୍କ ବାରମ୍ବାର ଦାବି, ଧାରଣା, ବିକ୍ଷୋଭ ପରେ ବୀମା କମ୍ପାନୀ ଫସଲ ବୀମା ଦେବାକୁ ଘୋଷଣା କରିଥିଲା। କ୍ଷୟକ୍ଷତି ଆକଳନ ଅନୁସାରେ ଚାଷୀଙ୍କୁ ବୀମାର ପ୍ରତିଶତ ଦିଆଯିବାକୁ ବୀମା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ମାତ୍ର ଏବେ ସୁଦ୍ଧା ମହାନଗର ଅଧୀନ କେତେକ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ଟଙ୍କା ମିଳିପାରି ନାହିଁ ଏ ସମ୍ପର୍କରେ ଶନିବାର ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ, ଉପସଭାପତି ଉମେଶ ମିଶ୍ର, ସମ୍ପାଦକ ବ୍ୟୋମକେଶ ଠାକୁର ଓ ଚନ୍ଦ୍ରଶେଖର ପଣ୍ଡା ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରାୟ ୨୦ରୁ ଅଧିକ ପଞ୍ଚାୟତରେ ଘୋଷିତ ବୀମା ପ୍ରତିଶତଠାରୁ କମ୍ ପରିମାଣର ଟଙ୍କା ଚାଷୀମାନଙ୍କ ଋଣ ଖାତାକୁ ଆସିଥିବା ଓ ଅନଲାଇନରେ ବୀମା କରିଥିବା ଚାଷୀଙ୍କୁ ଟଙ୍କାଟିଏ ବି ମିଳି ନ ଥିବା ବିଷୟରେ ଜିଲାପାଳଙ୍କୁ ଅବଗତ କରିଥିଲେ। ଏ ଦିଗରେ ତୁରନ୍ତ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେମାନେ ଦାବି ଜଣାଇଥିଲେ।

ରେଙ୍ଗାଲି ଟ୍ରକ ମାଲିକ ସଂଘ ନିର୍ବାଚନ

### ପ୍ରଶାନ୍ତ ପଣ୍ଡା ସଭାପତି ନିର୍ବାଚିତ

ରେଙ୍ଗାଲି,୨।୯(ଡି.ଏନ.ଏ.) :ସମ୍ବଲପୁର ଜିଲା ରେଙ୍ଗାଲି ଟ୍ରକ ମାଲିକ ସଂଘର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ପଣ୍ଡା ସଭାପତି, କିଶୋରୀ ଲାଲ ଅଗ୍ରୱାଲ ଉପସଭାପତି, ରଞ୍ଜିତ ସିଂ ଠାକୁର ସମ୍ପାଦକ, ବିଶ୍ୱନାଥ ବୋସ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ବଜରଙ୍ଗଲାଲ ଅଗ୍ରୱାଲ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ୪ ତାରିଖରେ ଶପଥ ଗ୍ରହଣ ସମାରୋହ ହେବ। ରବିନ୍ଦ୍ର ପ୍ରସାଦ କୁଅଁର ପ୍ରିଜାଇଡିଂ ଅଫିସର, ଉମେଶ ଶ୍ରୀରାମକା ଆସିଷ୍ଟାଣ୍ଡ ପ୍ରିଜାଇଡିଂ ଅଫିସର ଏବଂ ରାମ ସହାୟ ପଣ୍ଡା ଇଲେକନସ ଅଫିସର ଭାବେ ନିର୍ବାଚନ କାର୍ଯ୍ୟ ତୁଲାଇଥିଲେ।

# କୃଷ୍ଣମୟ ସହର : ରାଧାକୃଷ୍ଣ ମନ୍ଦିର ଚଳଚଞ୍ଚଳ

ସମ୍ବଲପୁର,୨।୯(ବ୍ୟୁରୋ)
ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ କୃଷ୍ଣମୟ ହୋଇଛି ସମ୍ବଲପୁର ସହର। ଜିଲାର ଗାଁରୁ ନେଇ ସହର ରାଧାକୃଷ୍ଣ ମନ୍ଦିରଗୁଡିକରେ ଭକ୍ତଙ୍କ ଭିଡ଼। ଶିକ୍ଷାନୁଷ୍ଠାନରେ ହର୍ଷ ଉଲ୍ଲାସ। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସମସ୍ତେ ରାଧାକୃଷ୍ଣଙ୍କ ପ୍ରେମରେ ନିମଜ୍ଜିତ। ଶ୍ରଦ୍ଧାଳୁଙ୍କ ନିର୍ଜଳା ଉପବାସ ଆଉ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରାରେ ଚଳଚଞ୍ଚଳ ପରିବେଶ। ଭଗବାନ ଶ୍ରୀକୃଷ୍ଣଙ୍କ ଅପାର କରୁଣା ଲାଭ କରିବାକୁ ଭକ୍ତଙ୍କ ମନ ବ୍ୟାକୁଳ। ଜନ୍ମାଷ୍ଟମୀରେ ଏଭଳି ଏକ ଉତ୍ସବମୁଖର, ଭକ୍ତିମୟ ପରିବେଶରେ ସମ୍ବଲପୁର ସହର ପୂରି ଉଠିଛି। ସମ୍ବଲପୁର ଫାଟକ ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ମନ୍ଦିର ପରିସର କୃଷ୍ଣମୟ ହୋଇଛି । ସକାଳ ସାଢ଼େ ୭ଟାରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ପଣ୍ଡିତ ଲକ୍ଷ୍ମୀନାରାୟଣ ଗଳିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଦର୍ଶନ କରି ସ୍କୁଲକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସ୍କୁଲ ଫାଟକରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ରାଧାକୃଷ୍ଣଙ୍କ ପାଦ ଧୌତକରି ଉତ୍ସବସ୍ଥଳୀକୁ ସ୍ୱାଗତ କରିଥିଲେ । ସେହିପରି ବୁଢ଼ାରଜା ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ସମ୍ବଲପୁର ଜିଲା ମୁଣ୍ଡେନପାଲି ଖର୍ସନମାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ହୋଇଥିଲା। ଗ୍ରାମବାସୀମାନେ ବେଶ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ। କିର୍ତ୍ତନ, ଘଣ୍ଟ, ଶଙ୍ଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ବାଗଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି, ସମ୍ପାଦକ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ସହଯୋଗନଗରସ୍ଥିତ ରାଧାକୃଷ୍ଣ ମନ୍ଦିରରେ ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ନିର୍ଜଳା ଉପବାସ କରିଥିବା ଭକ୍ତମାନେ ରାଧାକୃଷ୍ଣଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସୋମବାର ନନ୍ଦ ଉତ୍ସବ ପାଳନ କରାଯିବ। ଏହି ଉପଲକ୍ଷେ ମନ୍ଦିର ସମ୍ମୁଖ ପଡ଼ିଆରେ ସାଇ ଶିକ୍ଷା ପରିଷଦ ପ୍ରଶିକ୍ଷାର୍ଥୀ ଓ କଳାକାରମାନେ ଭଜନ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ସାକ୍ଷୀଗୋପୀନାଥପଡ଼ାସ୍ଥିତ ରାଧାମଦନ ଗୋପାଳ ମନ୍ଦିର ପରିସରରେ ଭକ୍ତମାନେ ଜନ୍ମାଷ୍ଟମୀ ମହୋତ୍ସବ ପାଳନ କରିଛନ୍ତି। ସୋମବାର ରୀତିନୀତି ଓ ପରମ୍ପରାନୁସାରେ ନନ୍ଦ ଉତ୍ସବ ହେବ। ମୁଦିପଡ଼ା ରାଧାକୃଷ୍ଣ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଜନ୍ମାଷ୍ଟମୀ ପାଳନ କରିଥିଲେ। ସେହିପରି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମନ୍ଦିର, କମ୍ୟୁନିଟି ସେଣ୍ଟର, ବିଭିନ୍ନ ପଡ଼ା ଛକଗୁଡ଼ିକରେ ଜନ୍ମାଷ୍ଟମୀ ପାଳିତ ହୋଇଛି।

■ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ରଙ୍କ ସହର ପରିକ୍ରମା
■ସୋମବାର ନନ୍ଦ ଉତ୍ସବ ପାଳନ ହେବ





ରବିବାର ସମ୍ବଲପୁର ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ କୃଷ୍ଣବେଶରେ ସଜ୍ଜିତ ହୋଇଥିବା ଛାତ୍ରଙ୍କ ପଦଧୌତ କରୁଛନ୍ତି (ବାମ)। ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ର ।





ଭୀମଭୋଇ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରାଧାକୃଷ୍ଣ ବେଶ (ବାମ) । ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ଘଣ୍ଟ ବାଦନ କରୁଛନ୍ତି ।

## ଡିଏମଏଲଟି, ଡିଏମଆରଟି ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ

ସମ୍ବଲପୁର,୨।୯(ବ୍ୟୁରୋ)

ବୁର୍ଲା ଭୀମସାର ସମ୍ମୁଖରେ ଡିଏମଏଲଟି, ଡିଏମଆରଟି ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଶୁକ୍ରବାର ସ୍ଥଗିତ ହୋଇଛି। ଗତ ଜୁଲାଇ୧୬ ତାରିଖରୁ ୫ ଦଫା ଦାବି ନେଇ ଆନ୍ଦୋଳନ ହୋଇଥିଲା। ଦୀର୍ଘଦିନ ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଛନ୍ତି। ଶନିବାର ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏ ସମ୍ପର୍କରେ ଛାତ୍ର ନେତା ପ୍ରତୀକ କୁମାର ମହାନ୍ତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ୫ଦଫା ଡିଏଚଏସ ଓ ଡିଏମଇଟି ବୋର୍ଡ ବୈଠକରେ ଗୃହୀତ ହୋଇଛି। ଏହା ଉପରେ ସକରାତ୍ମକ ପଦକ୍ଷେପ ନିଆଯିବ। ଯଦି ଏଥିରେ ଟାଳଟୁଳ ନୀତି ଅବଲମ୍ବନ ହୁଏ, ଆନ୍ଦୋଳନ ଦୁର୍ବାର ହେବ। ଏଠାରେ ସୂଚନାଯୋଗ୍ୟ, ନିଦାନ ଯୋଜନାକୁ ପିପିପି ମୋଡରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାକୁ ଚଳାଇଥିବା ଚକ୍ରାନ୍ତକୁ ବିରୋଧ କରାଯାଇଥିଲା। ସେହିପରି ବେଆଇନ ଭାବେ ଚାଲିଥିବା ଘରୋଇ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ବନ୍ଦ କରିବା, ଯେଉଁ କଲେଜ ଗୁଡିକରେ ପାଥୋଲୋଜିଷ୍ଟ, ମାଇକ୍ରୋ ବାୟୋଲୋଜିଷ୍ଟ, ବାୟୋକେମିଷ୍ଟ ପଢ଼ିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ, ସେଠାରେ ଉକ୍ତ ପାଠ୍ୟକ୍ରମଗୁଡ଼ିକୁ ବନ୍ଦ କରିବା, ସରକାରୀ ଡାକ୍ତରଖାନାଗୁଡ଼ିକୁ ଘରୋଇକରଣ ବନ୍ଦ କରିବା, ସରକାରୀ ପରୀକ୍ଷାଗାରଗୁଡ଼ିକରେ ଥିବା ଲାବ୍ ଟେକ୍ନିସିଆନ୍ ପଦବୀଗୁଡ଼ିକୁ ପୂରଣ, ପ୍ରତିବର୍ଷ ଆବଶ୍ୟକତା ଅନୁଯାୟୀ ନୂତନ ନିଯୁକ୍ତି ଆଦି ଦାବିରେ ଛାତ୍ରୀଛାତ୍ର ଆନ୍ଦୋଳନ କରିଥିଲେ। ୨୦୧୩ରୁ ୩ ମେଡିକାଲ କଲେଜର ଡିଏମଏଲଟି-ଡିଏମଆରଟି ଛାତ୍ରୀଛାତ୍ରମାନଙ୍କୁ ଏଆଇସିଟିଇ ସ୍ୱୀକୃତି ସାର୍ଟିଫିକେଟ୍ ଦିଆଯାଇନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ।

## ଭୋଟର ତାଲିକା ସଂଶୋଧନରେ ଜନପ୍ରତିନିଧି କରିବେ ସହଯୋଗ

ସମ୍ବଲପୁର,୨।୯(ବ୍ୟୁରୋ)
ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ହେବାକୁ ଥିବା ଭୋଟର କାର୍ଡ ତ୍ରୁଟି ସଂଶୋଧନରେ ସ୍ଥାନୀୟ ଜନ ପ୍ରତିନିଧିମାନେ ସହଯୋଗ କରିବେ। ଏଫଏଲସି ସମୟରେ ପ୍ରତିନିଧିମାନେ ନିର୍ଭୁଲ ଭାବେ ପ୍ରସ୍ତୁତିରେ ସହାୟକ ହେବେ। ଜିଲାପାଳ ସମ୍ମିଳନୀ କକ୍ଷରେ ଶନିବାର ଭୋଟର ତାଲିକା ସଂଶୋଧନ ପ୍ରସ୍ତୁତି ବୈଠକରେ ଏହା ଉପରେ ସହମତି ପ୍ରକାଶ ପାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜନୈତିକ ଦଳ ଭାଜପା, କଂଗ୍ରେସ, ବିଜେଡି, ବହୁଜନ ସମାଜପାର୍ଟି, କମ୍ୟୁନିଷ୍ଟ ପାର୍ଟି ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତା ସାମିଲ ଥିଲେ। ସମସ୍ତେ ନିଜସ୍ୱ ମତ ଦେବା ସହ ପ୍ରସ୍ତାବକୁ ସମର୍ଥନ କରିଥିଲେ। ୧ ସେପ୍ଟେମ୍ବରରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଆବେଦନକାରୀ ସଂଶୋଧନ ଓ ପରିବର୍ତ୍ତନ ପାଇଁ ଆବେଦନ କରିପାରିବେ। ଜାନୁୟାରୀ ୪ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଧାର୍ଯ୍ୟ ଦିନ ମଧ୍ୟରେ ନୂତନ ଭାବେ ପଞ୍ଜୀକରଣ, ଭୁଲ ସଂଶୋଧନ, ଗୋଟିଏ ବିଧାନସଭା କ୍ଷେତ୍ରରେ ଗୋଟିଏ ବୁଥରୁ ଅନ୍ୟ ବୁଥକୁ ନାମ ସ୍ଥାନାନ୍ତରଣ, ଭୋଟର କାର୍ଡ ହଜିଯାଇଥିଲେ ଆବେଦନ ଆଦି ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରଦୀପ ସାହୁ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ଭାଜପା ପୂର୍ବତନ ଜିଲା ସଭାପତି ନାଉରୀ ନାୟକ, ଦାମୋଦର କର, ଅଶୋକ ବିଶି, ପ୍ରଫୁଲ୍ଲ କୁମାର ଦାସ, ମହମ୍ମଦ ମୁସ୍ତିକିମ , ଜୟଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ସମ୍ମିଳନୀ କକ୍ଷରେ ଶନିବାର ଭୋଟର ତାଲିକା ସଂଶୋଧନ ପ୍ରସ୍ତୁତି ବୈଠକ।

# ଅମୃତ ଯୋଜନା ନିର୍ମାଣ କାମ ବଢ଼ାଉଛି ସମସ୍ୟା

ସମ୍ବଲପୁର,୨।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୪୦ ନମ୍ବର ୱାର୍ଡ ମାନେଶ୍ୱର ଅମୃତ ଯୋଜନାରେ ସାମିଲ କରାଯାଇଛି। ଟେଣ୍ଡର ପ୍ରକ୍ରିୟାରେ ଠିକାଦାର କାମ ମଧ୍ୟ ଆରମ୍ଭ କରିଛନ୍ତି। ହେଲେ ଆରମ୍ଭରୁ ସମସ୍ୟା ଗ୍ରାମବାସୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ମାନେଶ୍ୱର ଗ୍ରାମ ମଧ୍ୟଭାଗ କଂକ୍ରିଟ୍ ରାସ୍ତା ଜେସିବି ସାହାଯ୍ୟରେ ଖୋଳି ଦିଆଯାଇଛି। ବର୍ଷା ପାଣିରେ ଖାଲଗୁଡ଼ିକ ଭରି ରହୁଛି। ଗାଡି, ବାଇକ୍ ଏଥିଯୋଗୁ ଘଣ୍ଟା ଘଣ୍ଟା ଧରି ଫସି ରହୁଛି। ଯାନବାହନ ଚଳାଚଳ କଷ୍ଟସାଧ ବ୍ୟାପାର ହୋଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ଷା ସମୟରେ ନିର୍ମାଣ କାର୍ଯ୍ୟକୁ ଦହଗଞ୍ଜ ହେଉଥିବା ଲୋକେ ବିରୋଧ କରିଛନ୍ତି। କାମ ବନ୍ଦ କରି ତୁରନ୍ତ ଖୋଳାଯାଇଥିବା ସ୍ଥାନକୁ ପୂରଣ କରିବା ପାଇଁ ଅଡ଼ି ବସିଛନ୍ତି। ବର୍ଷାରେ କଂକ୍ରିଟ ରାସ୍ତା ବିକୃତ ହୋଇ କିମ୍ଭୂତ କିମ୍ଭାକାର ପାଲଟିଛି। ଅମୃତ ଯୋଜନା ଲୋକଙ୍କ ମନରେ ବିଶାଦ ଭରି ଦେଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ମାନେଶ୍ୱର ସମେତ ମିର୍ଗାମୁଣ୍ଡା, ରାଣନପୁର, କଣ୍ଟେଇପାଲି, ହାଲିପାଲି, ବ୍ରାହ୍ମଣୀପାଲି ଆଦି ଗ୍ରାମଗୁଡିକୁ ଜଳ ଯୋଗାଣ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଛି। ସ୍ଥାନୀୟ ମାଳତୀ ନଦୀରେ ଏକ ୱାର୍ଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରି ସେଥିରୁ ପାଣି ଯୋଗାଣ କରାଯିବାକୁ ନିଷ୍ପତ୍ତି କ୍ରମେ ଟେଣ୍ଡର ପ୍ରକ୍ରିୟାରେ ଠିକାଦାର ବଳଦେବ ପଣ୍ଡା ଉକ୍ତ କାର୍ଯ୍ୟାଦେଶ ପାଇଥିବା ଜଣାପଡିଛି। କାର୍ଯ୍ୟ ଠିକ୍ ଭାବେ କରାଯାଉନଥିବାରୁ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପିଏଚଡି ଏସଡିଓ ମଙ୍ଗଳ ସିଂଙ୍କୁ ପଚାରିବାରେ ଅଭିଯୋଗ ପରେ ଠିକାଦାରଙ୍କୁ ତାଗିଦ୍ କରାଯାଇଛି। ପ୍ରକଳ୍ପ କାର୍ଯ୍ୟ ସମୟରେ ଲୋକେ ଯେଭଳି ଅସୁବିଧାର ସମ୍ମୁଖୀନ ନ ହେବେ ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।





ଗାଁ ମଝିରେ ଖୋଳାଯାଇଥିବା କଂକ୍ରିଟ ରାସ୍ତା (ବାମ)। ମାନେଶ୍ୱର ଗ୍ରାମ ରାସ୍ତାରେ ଦବି ଯାଇଥିବା ଏକ ମିନିଟ୍ରକ ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୩/୨୦୧୮



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ଦୀପଙ୍କର



@ ଗୋପିନାଥ



@ ହରିଶ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଶ୍ରଦ୍ଧାଞ୍ଜଳି

ଦେବଗଡ଼,୨।୯(ସ୍ୱ.ପ୍ର.)

ଦେବଗଡ଼ ସଂସ୍କୃତି ଭବନଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଧର୍ମ ଜାଗରଣ ସମନ୍ୱୟ ବିଭାଗ ତରଫରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସମିତିର ପ୍ରାନ୍ତ ନିଧି ପ୍ରମୁଖ ଶୁଭ୍ରାଂଶୁ ଗୁରୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କ୍ଷେତ୍ର ଗ୍ରାମ ବିକାଶ ପ୍ରମୁଖ ଅଶୋକ ପାଢୀ ଯୋଗଦେଇ ସ୍ୱାମୀଜୀଙ୍କ ଓଡିଶା ଆଦିବାସୀ ସମାଜ ପାଇଁ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାତୃ କୁମାର ପ୍ରଫୁଲ୍ଲ, ପ୍ରକାଶ ପ୍ରଧାନ ଗୀତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମଣ ନାୟକ, ଅଜୟ ମିଶ୍ର, ପ୍ରଦ୍ୟୁମ୍ନ ମିଶ୍ର, ଅନନ୍ତ ଦାଶ, ତ୍ରିବିକ୍ରମ ଶତପଥୀ, ମିନାକ୍ଷୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ରାଧାକୃଷ୍ଣ ବେଶରେ ସଜେଇ ହେଲେ ଛାତ୍ରୀଛାତ୍ର

ଦେବଗଡ଼,୨।୯(ସ୍ୱ.ପ୍ର.)

ଦେବଗଡ଼ ଜିଲା ସଦର ଏବଂ ଗ୍ରାମାଞ୍ଚଳର ବିଭିନ୍ନ ମନ୍ଦିର, ଶିକ୍ଷାନୁଷ୍ଠାନ ଏବଂ କେତେକ କ୍ଲବମାନଙ୍କରେ ରବିବାର ଜନ୍ମାଷ୍ଟମୀ ଉତ୍ସବ ଆନନ୍ଦ ଓ ହର୍ଷ ଉଲ୍ଲାସ ମଧ୍ୟରେ ରବିବାର ପାଳିତ ହୋଇଯାଇଛି । ଏଥିପାଇଁ ମନ୍ଦିର ଗୁଡିକୁ ରଙ୍ଗୀନ ଆଲୋକମାଳା, ତୋରଣରେ ସାଜସଜା କରାଯାଇଥିଲା । ଏହି ଅବସରରେ ସହରର ମଠ ସାହିସ୍ଥିତ ଗୋପାଳଜୀଉ ମନ୍ଦିର, ଶାସନସାହିର ରାଧାକୃଷ୍ଣ ମନ୍ଦିର, ଗୋପୀନାଥ ମନ୍ଦିର, ମା' କନକ ଦୁର୍ଗା ମନ୍ଦିର, ମହୁଲଡିପା ସାହିର ରାଧାକୃଷ୍ଣ ମନ୍ଦିର, ପ୍ରଧାନପାଟସ୍ଥିତ ଗିରି ଗୋବର୍ଦ୍ଧନ ମନ୍ଦିର, ହାତୀଶାଳ ସାହି, ପୁରୁଣାଗଡ, ଭୁୟାଁ ସାହିର ରାଧାମାଧବ ମଣ୍ଡପ ଏହିପରି ଅନେକ ମନ୍ଦିରମାନଙ୍କରେ ଦର୍ଶନ ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟୁତ୍ ପରିଷଦ ସମ୍ପାଦକ ଫକୀର ମୋହନ ଦେହୁରୀ ଯୋଗଦେଇ ପବିତ୍ର ଜନ୍ମାଷ୍ଟମୀ ବିଷୟରେ ମାର୍ଗ ଦର୍ଶନ କରିଥିଲେ । ସ୍କୁଲର ପ୍ରଧାନ ଆଚାର୍ଯ୍ୟ ପ୍ରତାପ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍କୁଲର କୁନିକୁନି ଶିଶୁମାନେ ଶ୍ରୀକୃଷ୍ଣ ଓ ରାଧା ବେଶରେ ନିଜକୁ ସଜେଇ ହୋଇ ନୃତ୍ୟ ପରିବେଷଣ କରିଥିଲେ ।

# ଛାତ୍ର ଅଧିକାର ସମାବେଶ ପାଇଁ ବୈଠକ

ଦେବଗଡ଼,୨।୯ (ସ୍ୱ.ପ୍ର.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବିଭିପି ପକ୍ଷରୁ ଆଗାମୀ ୧୧ତାରିଖ ଭୁବନେଶ୍ୱରଠାରେ ହେବାକୁ ଥିବା ଛାତ୍ର ଅଧିକାର ସମାବେଶ ପାଇଁ ଦେବଗଡ ଜିଲାର କର୍ମକର୍ତ୍ତାଙ୍କୁ ନେଇ ରବିବାର ସ୍ଥାନୀୟ ବସନ୍ତ ନିବାସଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଶୁଭ୍ରାଂଶୁ ଗୁରୁ, ଅନନ୍ତ ଦାଶ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କଲେଜରୁ ଯୋଗଦେଇଥିବା ଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେବଗଡ କଲେଜ ସଭାପତି ବିଜୟ ଦେହୁରୀ ପରିଚାଳନା କରିଥିଲେ । ଏଥିରେ ଅରବିନ୍ଦ ପ୍ରଧାନ, ଜ୍ୟୋତି ରଞ୍ଜନ ପ୍ରଧାନ, ତନ୍ମୟ ପ୍ରଧାନ, ଚିନ୍ମୟ ଦେହୁରୀ, ଦେବାଶିଷ ସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ: ବନ୍ଧାଭୂଇଁ ଚାମ୍ପିୟନ

ଦେବଗଡ଼,୨।୯(ସ୍ୱ.ପ୍ର.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ବଣିଆଁକିଲିଣ୍ଡା ପଞ୍ଚାୟତ କଳାମାଟି ଗ୍ରାମର ନୂଆଟୋଲି ବ୍ଲୁ ଡାଇମଣ୍ଡ କ୍ଲବ ଆନୁକୂଲ୍ୟରେ ୪ଦିନ ଧରି ଚାଲିଥିବା ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବିଭିନ୍ନ ଅଞ୍ଚଳରୁ ୨୫ହକି ଟିମ୍ ଯୋଗଦେଇଥିବାବେଳେ ଫାଇନାଲ ମ୍ୟାଚ ବନ୍ଧାଭୂଇଁ ଓ ଭାତୁମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବନ୍ଧାଭୂଇଁ ଟିମ୍ ଭାତୁମୁଣ୍ଡାକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ସେମ୍ ହେମରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅଫ ଟିମକୁ ପୁରସ୍କୃତ ସ୍ୱରୂପ ଖାସି ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟ ଆୟୋଜନରେ ନୂଆଟୋଲି ବ୍ଲୁ ଡାଇମଣ୍ଡ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ ।

# ଫିଲ୍ମ ମୋ ଜୀବନର ଏକ ଅଂଶ, ସର୍ବସ୍ୱ ନୁହେଁ: ରବିନା

ମୁମ୍ବାଇ: ୯୦ ଦଶକରେ ଯେଉଁ ଅଭିନେତ୍ରୀମାନେ ବଲିଉଡ୍‌ରେ ନିଜର ଅଭିନୟ କିମିଆରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ, ସେମାନେ କିଛି ବର୍ଷର ଅନ୍ତର ପରେ ପୁଣି ଫିଲ୍ମ ଦୁନିଆକୁ ଫେରୁଛନ୍ତି। କିନ୍ତୁ ରବିନା ଟଣ୍ଡନ୍ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ତାଙ୍କର କହିବା କଥା- 'ଫିଲ୍ମ ମୋ ଜୀବନର ସବୁକିଛି ନୁହେଁ, ଏହା ଏକ ଅଂଶ ମାତ୍ର।' ତାଙ୍କର ସମସାମୟିକ ଅଭିନେତ୍ରୀମାନେ ହେଉଛନ୍ତି କାଜୋଲ୍, ଜୁହି ଚାଓ୍ୱଲା ଏବଂ ମାଧୁରୀ ଦୀକ୍ଷିତ। ସେମାନେ ଏବେ ଫିଲ୍ମମୁହାଁ ହୋଇଥିବା ବେଳେ ରବିନା କହନ୍ତି, 'ପ୍ରତ୍ୟେକ ଜିନିଷର ନିର୍ଦ୍ଦିଷ୍ଟ ସମୟ ଥାଏ। ମୁଁ ଯେତେବେଳେ ଫିଲ୍ମ କରୁଥିଲି, ସେତେବେଳେ ଶତ ପ୍ରତିଶତ ସମୟ ଦେଉଥିଲି। ମୋ ପରିବାର ଏଥିପାଇଁ ସହଯୋଗ କରୁଥିଲା। କିନ୍ତୁ ସମୟ ବଦଳିଯାଇଛି। ମୁଁ ଏବେ ବେଶ୍ ଭଲ ଭାବରେ ବଞ୍ଚିବାକୁ ଚାହେଁ। ଫିଲ୍ମ ମୋ ଜୀବନର ଏକ ଅଂଶବିଶେଷ, କିନ୍ତୁ ସର୍ବସ୍ୱ ନୁହେଁ। ବର୍ତ୍ତମାନ ଯେ କୌଣସି ଫିଲ୍ମରେ ଅଭିନୟ ପାଇଁ ସାଇନ୍ କରିବାକୁ ମୁଁ ଆଗ୍ରହୀ ନୁହେଁ।'



ରବିନା ଶେଷଥର ଲାଗି ୨୦୧୭ରେ 'ମାତର'ରେ ଦେଖା ଦେଇଥିଲେ। ତାଙ୍କ ପାଇଁ ଫିଲ୍ମରେ ଭୂମିକା ନାହିଁ ବୋଲି କହିବା ଭୁଲ୍ ହେବ। ବୟସକୁ ସମ୍ମାନ ଜଣାଇ ମର୍ଯ୍ୟାଦାର ସହିତ କୌଣସି ଭୂମିକା ନେଇପାରନ୍ତି ବୋଲି ୪୩ ବର୍ଷୀୟା ରବିନା ପ୍ରକାଶ କରିଛନ୍ତି।


## OFFICE OF THE DISTRICT JUDGE, DHENKANAL

### ADVERTISEMENT

Dated, Dhenkanal the 3rd September, 2018

Applications in the prescribed format given below/ available in the District Court website are invited from the desirous candidates for filling up of the following posts under Group-C category in the scale of pay Cell-I Level-4 Rs. 19900/- per month for the post of Junior Clerk / Copyist and Junior Typist and in the scale of pay Cell-I Level-7 Rs. 25500/- of per month for the post of Grade-III Stenographer in the judgeship of Dhenkanal on regular basis subject to the result of W.P. (C) case No. 1273 of 2014 of the Hon'ble High Court.

| Sl. No. | Categories of posts | SC | ST | SEBC | UR | Total | Physically Handicapped / Ex-Serviceman / Sports person / Woman |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Junior Clerk / Copyist | 2 | 2 | 1 | 4 | 9 | The vacancy reserved for P.H. / Ex-Serviceman / Sports person / Women is inclusive of respective category to which they below. |
| 2 | Grade-III Stenographer | - | 1 | - | 1 | 2 | |
| 3 | Junior Typist | - | 1 | 1 | 1 | 3 | |

**Note:** The vacancies may increase or decrease. The decision of the District judge with regard to the result of the examination shall be final. The authority reserves the right to cancel the recruitment process at any time without prior notice.

The last date of receipt of applications is fixed to 25.09.2018. Applications along with the required documents and self attested copies of certificates shall be sent by the candidates by Registered Post / Speed Post. Candidate may drop the application in the box available in the Civil Courts premises at Dhenkanal during the Office hour till 5.00PM. Applications received thereafter shall be summarily rejected.

Details of Advertisement, Application Form, eligibility criteria, scheme of Examination along with detail syllabus etc. are also available in the District Court website http://ecourts.gov.in/Odisha/Dhenkanaldc.

*Sd./- District Judge, Dhenkanal*

GOVT. OF ODISHA
DEPARTMENT OF WATER RESOURCES,

## O/O THE CHIEF CONSTRUCTION ENGINEER, RENGALI RIGHT IRRIGATION PROJECT, DHENKANAL

E mail Id – ccerrip@gmail.com PH-16762-223264

'e' Procurement Notice

**No.464-A:-** The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites online percentage basis bids for construction of the work as detailed below:

1. Name of the work : Excavation of Darpani Branch Canal from RD 22.350Km to RD 25.530KM including its structures of Right Bank Canal of Rengali irrigation Project
2. Tender Cost : Rs. 2304.71 lakh
3. Bid Document Cost : Rs. 10,000.00 (Online)
4. Bid Security : Rs. 23,04,800.00 (Online)
5. Class of Contractor : Super Class
6. Period of Completion : 17 calendar months (515 days)
7. Other details are as follows :

| Procurement Officer | Bid Identification No. | Availability of tender Online | | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|---|---|
| | | From | To | From | To | |
| Chief Construction Engineer, RRIP, Dhenkanal | CCERRIP-03/2018-19 | 6.09.2018 10.00 AM | 28.09.2018 5.00PM | 13.09.2018 10.00 AM | 28.09.2018 5.00 PM | 29.09.2018 11.00 AM |

8. Date, time & venue of pre-bid conference: 12.09.2018 at 11.00AM in the office of the Chief Construction Engineer, RRIP, Mahisapat, Dhenkanal.
9. For further details and on line bidding, visit Govt. website www.tendersodisha.gov.in.

32351/11/0006/1819
Chief Construction Engineer
Rengali Right Irrigation Project, Dhenkanal

## OFFICE OF THE EXECUTIVE ENGINEER, RWS&S DIVISION, PURI – 752002

Ph: (06752) 251276, Fax: (06752) 251276, E-mail:-eerwss_puri@nic.in

NATIONAL COMPETITIVE BIDDING THROUGH E-PROCUREMENT

**Bid Identification No. RWSSPURI 37 /2018-19**

**No. 671-O:-** The Executive Engineer, RWS&S Division, Puri on behalf of Governor of Odisha invites Lump Sum rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work | : | Piped Water Supply Scheme |
|---|---|---|---|
| 1. | No. of works | : | 1 (one) |
| 2. | Time for completion | : | Six months |
| 3. | Cost of bidding document | : | Rs. 10,000/- |
| 4. | Class of Contractors eligible | : | B&A |
| 5. | Availability of bids on-line | : | 17 hour of 5.09.2018 to 17.00 hours of 19.09.2018 |
| 6. | Last date and time for seeking clarification | : | 17.00 hours of 15.09.2018 |
| 7. | Date & time of opening of technical bids | : | On dt 20.09.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids | : | To be decided. |

Further details can be seen from the website https://www.tendersorissa.gov.in.

25017/11/0055/1819
*Executive Engineer*
*RWS&S Division, Puri*

## ବିଜ୍ଞାପନ

ତା୨୭।୦୮।୨୦୧୮

**ଶ୍ରୀ ସୁଧାକର ଜେନା**
ପିତା: ସୋମନାଥ ଜେନା
ଗ୍ରାମ: ନୂଆଁସାହି, ଗଞ୍ଜାମ
ଥାନା/ଜିଲ୍ଲା: ଗଞ୍ଜାମ

No.:197-D: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ପୁରୀ ଜିଲ୍ଲା କାରାଗାରକୁ ବଦଳି କରାଯାଇଥିଲା ଏବଂ ତା୨୪।୦୬।୨୦୧୮ରିଖ ଦିନ ଅପରାହ୍ନରେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ରିଲିଭ୍ କରାଯାଇ ପୁରୀ ଜିଲ୍ଲା କାରାଗାରରେ ନିଜ କାର୍ଯ୍ୟରେ ଠିକ୍ ସମୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା, କିନ୍ତୁ ଉକ୍ତ ଦିନଠାରୁ ଆପଣ ବର୍ତ୍ତମାନ ସୁଦ୍ଧା ବିନା ଅନୁମତିରେ ଅର୍ଥାତ୍ ବିନା ଛୁଟିରେ କାହାରିକୁ କିଛି ନ ଜଣାଇ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ଚିଠି ଦ୍ୱାରା ଓ ସ୍ୱତନ୍ତ୍ର ବାର୍ତ୍ତା ବାହକ ଦ୍ୱାରା କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଅବଗତ କରାଇଲେ ମଧ୍ୟ ଆପଣ ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି ଏବଂ ଆପଣଙ୍କ ପରିବାର ବର୍ଗ ସୂତ୍ରରୁ ପ୍ରକାଶ ଯେ, ଆପଣ ଉପରୋକ୍ତ ଠିକଣାରେ ରହୁନାହାନ୍ତି କିମ୍ବା ଆପଣଙ୍କ ସହ କୌଣସି ଯୋଗାଯୋଗ ମଧ୍ୟ ହୋଇପାରୁନାହିଁ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି କି, ଆପଣ ଉଦ୍ଦେଶ୍ୟ ମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ କାରା ବିଭାଗରେ ନିଯୁକ୍ତି ଦିଆଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ବିଜ୍ଞାପନର ସାତ ଦିନ ମଧ୍ୟରେ ଯଦି ଆପଣ ନିଜର ନୂତନ କର୍ମସ୍ଥଳୀ ତଥା ଜିଲ୍ଲା କାରାଗାର ପୁରୀରେ ଯୋଗଦାନ ନ କରନ୍ତି କିମ୍ବା ବରିଷ୍ଠ ଅଧୀକ୍ଷକ, ମଣ୍ଡଳ କାରାଗାର, ବ୍ରହ୍ମପୁରଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ନ ହୁଅନ୍ତି, ତେବେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।

ସ୍ୱାକ୍ଷର
12032/11/0001/1819 ବରିଷ୍ଠ ଅଧୀକ୍ଷକ, ମଣ୍ଡଳ କାରାଗାର, ବ୍ରହ୍ମପୁର




## ZILLA SWASTHYA SAMITI, BOUDH
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH

**Notification No.: 1839** **Date: 31.08.2018**

### SHORT TENDER CALL NOTICE

No.: 398-E: Sealed tenders are invited from the Agencies/Individuals for immediate **Purchase of One 50 KVA DG Set for DHH Boudh**. Interested Agencies/ Individuals may submit the tender papers along with terms & conditions which is available at district web portal **www.boudh.nic.in**. The tender containing technical & financial bid in separate sealed cover should reach to the "CDM&PHO Boudh, PIN - 762014 on or before **12.09.2018 (3 P.M.)** along with all the relevant documents through Regd. Post/Speed Post/Courier only. The tender will be opened on the **same day i.e. 12.09.2018 at 4 P.M.** in the office chamber of the undersigned. The undersigned reserves the right to reject any or all the tender without any reason thereof.

**Sd./- CDM&PHO-cum-District Mission Director, Boudh**
10107/11/0011/1819

## Directorate of Sch. Castes & Sch. Tribes Research & Training Institute (SCSTRTI)

**CRPF Square, Bhubaneswar-751003**
(Telephone & Fax no.0674-2561635
E-mail Id: scstrti@yahoo.co.in.)

No. 2445 /PUB-2/18 Dated:01.09.2018

### SHORT TENDER CALL NOTICE

No.42-V: Sealed Tenders are hereby invited from reputed firms/ agencies on printing of Wall Calendar for ST & SC Development Department, Govt. of Odisha. Addressed to Director & Spl. Secy. to Govt. SCSTRTI, CRPF Square, Near P.D. Market, Bhubaneswar-3. The last date of submission of the tender on **15.09.2018** by **3.00 PM**. The interested Agency/firms can log on to the Govt. website (**www.odisha.gov.in**) and office website (**www.scstrti.in**) for detail.

**Sd./- Director & Spl. Secy. to Govt. SCSTRTI, Bhubaneswar**
26026/11/0017/1819

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲାଞ୍ଜିଗଡ଼

ସଂଖ୍ୟା: ୧୪୪୬ ତା: ୧୬।୦୮।୨୦୧୮

### ବିଜ୍ଞାପନ

ଏତଦ୍ୱାରା ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଏବଂ IAY/BPGY ଅନ୍ତର୍ଗତ ୦୧।୧୦।୨୦୧୭ରୁ ୩୧।୦୩।୨୦୧୮ ଆର୍ଥିକ ବର୍ଷରେ ଅଦ୍ୟାବଧି ସମ୍ପାଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତପ୍ରତିଶତ ମଷ୍ଟରରୋଲ, ଭାଉଚର ଇତ୍ୟାଦି ଯାଞ୍ଚ ତଥା ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ସମ୍ପୃକ୍ତ ଗ୍ରା.ପ.ର କାର୍ଯ୍ୟାଳୟରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ। ଏହି ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଅନ୍ୟ ଅଧିକାରୀ ଉପସ୍ଥିତ ରହିବେ। ସମସ୍ତ ଜବ୍‌କାର୍ଡ଼ଧାରୀ କୁଶଳୀ, ଅଣକୁଶଳୀ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମସ୍ତ Line Department ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଉପାଦେୟତା ଓ ଗୁଣବତ୍ତା ନିମନ୍ତେ ଉଦ୍ଦିଷ୍ଟ ସାମାଜିକ ସମୀକ୍ଷା ଓ ମଷ୍ଟରରୋଲ ଯାଞ୍ଚ କରିବାରେ ସହଯୋଗ କରିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ**

| କ୍ର. ନଂ. | ସାମାଜିକ ସମୀକ୍ଷା ସମୟ ସାରଣୀ | ଗ୍ରାମପଞ୍ଚାୟତର ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ସମୟ | ଗ୍ରା.ପ.ର ନାମ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ ଓ ସ୍ଥାନ |
|---|---|---|---|---|---|
| ୧ | ୩୦।୦୮।୨୦୧୮ରୁ ୦୪।୦୯।୨୦୧୮ | ୦୪।୦୯।୨୦୧୮ | ସକାଳ ଘ.୧୦ | ବନ୍ଧପାରି, ବିଶ୍ୱନାଥପୁର, ପୋଖରିବନ୍ଧ, ଚମ୍ପାଦେଇପୁର, ଗୋବର୍ଦ୍ଧନପୁର, ଗୁଣ୍ଡୁରି, ଭଟାଙ୍ଗିପଦର, କମର୍ଦ୍ଧା, ଭୁର୍ଟିଗଡ଼ | ତା୨୫।୧୦।୨୦୧୮, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲାଞ୍ଜିଗଡ଼ |
| ୨ | ୦୫।୦୯।୨୦୧୮ରୁ ୧୧।୦୯।୨୦୧୮ | ୧୧।୦୯।୨୦୧୮ | ସକାଳ ଘ.୧୦ | ଲାଞ୍ଜିଗଡ଼ ରୋଡ଼, ବେଡାଗାଁ, କୁମଖାଲ, କଦମଗୁଡ଼ା, ବେନଗାଁ, ବିଜେପୁର, ଛତ୍ରପୁର, ବାତେରଲିମା, ଲାଞ୍ଜି | |
| ୩ | ୧୮।୦୯।୨୦୧୮ରୁ ୨୪।୦୯।୨୦୧୮ | ୨୪।୦୯।୨୦୧୮ | ସକାଳ ଘ.୧୦ | ଲାଞ୍ଜିଗଡ଼, ମାଲିଜୁଗାଙ୍ଗ, ପାହାଡ଼ପଦର, ଲାଖବାହାଲି, କାନକୁଟ୍ଟ, ତ୍ରିଲୋଚନପୁର, ବସନ୍ତପଡ଼ା, ଜଗନ୍ନାଥପୁର | |

ଉପରୋକ୍ତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ଗ୍ରା.ପ. ନୋଟିସ୍, ଢେଙ୍ଗୁରା ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଅନୁରୋଧ କରାଗଲା।

ସ୍ୱା./– କାର୍ଯ୍ୟକ୍ରମ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲାଞ୍ଜିଗଡ଼

### SHORT TENDER CALL NOTICE

## Office of the D.G & I.G. of Police, Odisha, Cuttack

1. Sealed tenders are invited from the Original Equipment Manufacturers (OEM) or their Authorized Agent for purchase of different equipment like Telescopic Manipulator, Under Vehicle Search Mirror, Portable DFMD Single Zone, Contraband Detector, Hand Held Metal Detector (Pocket size), Explosive Vapour Detector, Extension Search Mirror and Non-Linear Junction Detector for Odisha Police (Security Wing) under MPF Scheme during the current financial year, 2018-19.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. www.odisha.gov.in. The quantity may vary during indent of the items depending upon budgetary allocation.
3. Date of Issue of Tender documents from **dtd:03.09.2018** at **10.00 AM** to **dtd:28.09.2018** upto **5.00 PM**.
4. Last date for receipt of sealed Tender on **dtd:29.09.2018** up to **5.00 PM**.
5. Date for opening of sealed Tenders / Technical Bids on **dtd:01.10.02018** at **11.30 AM** at the Office of the Supdt. of Police, Security Wing, Odisha, Bhubaneswar.
6. For further clarification, if any, intending bidder may contact **Supdt. of Police, Security Wing, Odisha, Bhubaneswar** in his e-mail: spsecurity.orpol@nic.in (Phone-0674-2536603 / Telefax - 2531372).

No.196-D
**A.I.G. of Police (Provisioning)**
**Odisha, Cuttack**
**(Tender Calling Authority)**
12018/11/0026/1819

GOVERNMENT OF ODISHA
DEPARTMENT OF WATER RESOURCES (CAD)

## O/O THE JOINT DIRECTOR, SURVEY & PLANNING, SATYANAGAR, BHUBANESWAR-7

**E-mail: jointdirectorspbbsr@gmail.com, Phone: 0674-2570357**
**"e" PROCUREMENT NOTICE**
**Bid Identification NO. JDSP-04/2018-19**

**No.467-A:-** The Deputy Director, O/o the Joint Director, Survey & Planning, CAD, Odisha on behalf of Governer of Odisha invites Percentage Rate Bid in Single Cover System in ON LINE MODE from eligible class of Contractors/Registered Organisation or Firm as detailed below.

| | | |
|---|---|---|
| 1 | Name of the Work | Survey & Planning Works (CAD) |
| 2 | No. o f Works | 04 (Four) Nos. |
| 3 | Bid Identification No. | JDSP -04/2018-19 |
| 4 | Estimated Cost | Varies Approximately from 16.53 to 32.02 Lakhs |
| 5 | Earnest Money Deposit | Referred to DTCN |
| 6 | Cost of Tender Paper | Rs. 6000/- ( On line ) |
| 7 | Period of Completion | Referred to DTCN |
| 8 | Date & Time of availability of bid documents in the portal | 05.09.2018 (11.00 A.M) to 18.09.2018 (5.00 P.M) |
| 9 | Last Date/Time for receipt of bids in the portal | 18.09.2018 up to 5.00 P.M |
| 10 | Last Date & Time of submission of related original documents. | 22.09.2018 up to 5.00 P.M |
| 11 | Date & Time of opening of Technical Bid | 24.09.2018 at 11.00 A.M |
| 12 | Name and address of the Officer inviting Bid | Deputy Director, O/o – The Joint Director, Survey & Planning, Satyanagar, Implement Factory Campus, Bhubaneswar-7, E-mail: jointdirectorspbbsr@gmail.com, Phone: 0674-2570357 |

Further details can be seen from the e-procurement portal: "https://tendersodisha.gov.in."

**Sd./- Joint Director**
**Survey & Planning, Odisha, Bhubaneswar**
32369/11/0001/1819

# ଦୁଇଜଣ ପଦଚାରୀ ଗତିବିଜ୍ଞାନୀ

ପ୍ରଫେସର ଡିର୍କ ହେଲ୍‌ବିଂ ଜଣେ ପଦାର୍ଥ ବିଜ୍ଞାନୀ ଭାବେ ପ୍ରଥମେ ବୃତ୍ତି ଆପଣେଇଥିଲେ। ପରବର୍ତ୍ତୀ କାଳରେ ସେ ଟ୍ରାଫିକ୍ ଭିଡରେ ଆତଙ୍କିତ ପଦଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନିବଦ୍ଧ କଲେ । ସେ ଭିଜିଟିଂ ବୈଜ୍ଞାନିକ ଭାବେ ତେଲ୍ ଆଭିଭ ବିଶ୍ୱବିଦ୍ୟାଳୟ, ବୁଦାପେଷ୍ଟ ବିଶ୍ୱବିଦ୍ୟାଳୟ ଓ କାଲିଫର୍ନିଆର ପିଏଆରସିରେ କାର୍ଯ୍ୟରତ ଥିବା ସମୟରେ ଏଥିରେ ମନୋନିବେଶ କରିଥିଲେ। ତତ୍‌ପରେ ଟ୍ରାନ୍ସପୋର୍ଟ ଓ ଇକୋନୋମିକ୍ସ (ଡ୍ରେସଡେନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି)ର ପରିଚାଳନା ନିର୍ଦ୍ଦେଶକ ଭାବେ ସେ ଟ୍ରାଫିକ୍ ସହାୟକ ବ୍ୟବସ୍ଥା, ଆଲୋକ ନିୟନ୍ତ୍ରଣ ଆୟୋଜନ, ଭିଡ ସଙ୍କଟ ତଥା ବିଭ୍ରାଟ ଓ ଏହାର ନିରାକରଣ ଉପରେ ଗବେଷଣା କଲେ।



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ପଦଚାରୀ ଗତିବିଜ୍ଞାନ ପରି ଏକ ନୂତନ ବିଭାଗରେ ପାଦ ପକାଇ ହେଲବିଂ ଓ ଜନସନ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଏହାର ବିକାଶ ଘଟାଇ ସେମାନେ ସର୍ବସାଧାରଣଙ୍କ ଏକ ଉଦ୍‌ବେଗଜନକ ସମସ୍ୟା ସମାଧାନରେ ଆଗଭର ହୋଇଛନ୍ତି। ତେବେ ଉଭୟ ବୈଜ୍ଞାନିକଙ୍କ ବୃତ୍ତିଗତ ଗତିପଥର ସଂକ୍ଷିପ୍ତ ବିବରଣୀ ପ୍ରତି ଆମେ ଦୃଷ୍ଟି ପକାଇବା ଉଚିତ ମନେହୁଏ।

ପ୍ରଫେସର ଡିର୍କ ହେଲବିଂ ଜଣେ ପଦାର୍ଥ ବିଜ୍ଞାନୀ ଭାବେ ପ୍ରଥମେ ବୃତ୍ତି ଆପଣେଇଥିଲେ। ପରବର୍ତ୍ତୀ କାଳରେ ସେ ଟ୍ରାଫିକ୍ ଭିଡରେ ଆତଙ୍କିତ ପଦଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନିବଦ୍ଧ କଲେ। ସେ ଭିଜିଟିଂ ବୈଜ୍ଞାନିକ ଭାବେ ତେଲ୍ ଆଭିଭ ବିଶ୍ୱବିଦ୍ୟାଳୟ, ବୁଦାପେଷ୍ଟ ବିଶ୍ୱବିଦ୍ୟାଳୟ ଓ କାଲିଫର୍ନିଆର ପିଏଆରସିରେ କାର୍ଯ୍ୟରତ ଥିବା ସମୟରେ ଏଥିରେ ମନୋନିବେଶ କରିଥିଲେ। ତତ୍‌ପରେ ଟ୍ରାନ୍ସପୋର୍ଟ ଓ ଇକୋନୋମିକ୍ସ (ଡ୍ରେସଡେନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି)ର ପରିଚାଳନା ନିର୍ଦ୍ଦେଶକ ଭାବେ ସେ ଟ୍ରାଫିକ ସହାୟକ ବ୍ୟବସ୍ଥା, ଆଲୋକ ନିୟନ୍ତ୍ରଣ ଆୟୋଜନ, ଭିଡ ସଙ୍କଟ ତଥା ବିଭ୍ରାଟ ଓ ଏହାର ନିରାକରଣ ଉପରେ ଗବେଷଣା କଲେ। ତାଙ୍କର ଏ ସମ୍ପର୍କିତ ମୂଲ୍ୟବାନ ନିବନ୍ଧମାନ ମର୍ଯ୍ୟାଦାଜନକ ନେଚର, ସାଇନ୍ସ ଓ ପିଏଏନଏସ ପରି ଜର୍ନାଲଗୁଡ଼ିକରେ ପ୍ରକାଶିତ। ଅନେକ ପୁରସ୍କାର ଓ ପଦବୀରେ ସମ୍ମାନିତ ହେଲବିଂ ଇଡି ସୁସି ଆୱାର୍ଡ ପ୍ରାପ୍ତ ହୋଇଛନ୍ତି। ସମ୍ପ୍ରତି ସେ ଆମ ସମାଜର ଡିଜିଟାଲ ରୂପାନ୍ତରୀକରଣ ସମ୍ବନ୍ଧରେ ଗବେଷଣାରେ ମଗ୍ନ।

ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଏମଏସସି ଡିଗ୍ରୀ ପ୍ରାପ୍ତ ଆଣ୍ଡେରସ ଜନସନ ଚେୟାର ଅଫ ସୋସିଓଲୋଜି (ଇଟିଏଚ,ଜୁରିକ) ପାଇଁ ନିର୍ବାଚିତ ହୋଇ ତିନିବର୍ଷ ସେହି ପଦବୀରେ ରହିଥିଲେ। ତାଙ୍କ ଗବେଷଣାର ପ୍ରମୁଖ ବିଶେଷତ୍ୱ ହେଉଛି ଟ୍ରାଫିକ ଓ ଭିଡ ମଡେଲିଂ, ଗେମ ଥିଓରି ଇତ୍ୟାଦି। ଭିଡିଓ-ପର୍ଯ୍ୟବସିତ ବିଶ୍ଳେଷଣକୁ ଆଧାର କରି ସେ ଫ୍ରମ କ୍ରାଉଡ ଡାଇନାମିକ୍ସ ଟୁ କ୍ରାଉଡ ସେଫ୍‌ଟି ଶୀର୍ଷକ ଏକ ବହୁପଠିତ ନିବନ୍ଧର ସ୍ରଷ୍ଟା। ହେଲବିଂ ସହ ସେ ସହଯୋଗ କରି ଏହି ନୂତନ ବିଜ୍ଞାନ ବିଭାଗର ବିକଶିତ କରିପାରିଛନ୍ତି।

ଆମେ ଲକ୍ଷ୍ୟ କଲୁ ଯେ ଉଭୟ ଗବେଷକ ଚିରାଚରିତ ପାଠ୍ୟକ୍ରମ (ପଦାର୍ଥ ବିଜ୍ଞାନ ଓ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ)ରେ ଭବିଷ୍ୟତ ବୃତ୍ତି ନ ଆବୋରି ନବଦିଗନ୍ତ ପ୍ରତି ଆକର୍ଷିତ ହେଲେ ଏହା ନିଶ୍ଚୟ ଏକ ଆହ୍ୱାନମୂଳକ ଓ ଚ୍ୟାଲେଞ୍ଜ ଭରପୂର ପଦଚାଳନା। ଯେଉଁମାନେ ବିପଦ ଓ ଅନିଶ୍ଚିତତା ମୁଣ୍ଡେଇ ଅଗ୍ରସର ହୁଅନ୍ତି, ସେମାନଙ୍କ ଉଦ୍ୟମରେ ହିଁ ବିଜ୍ଞାନ ଅଗ୍ରଗତି ଘଟେ ଓ ବିଜ୍ଞାନ ବହୁମୁଖୀ ହୁଏ। ସେମାନେ ମାନବ ସମାଜର କଲ୍ୟାଣ ପାଇଁ ସ୍ୱାଗତଯୋଗ୍ୟ।



ପ୍ରଫେସର ଡିର୍କ ହେଲବିଂ

-ବ୍ରହ୍ମପୁର
ମୋ : ୯୪୩୭୦୨୬୬୫୧

# ଆପଣଙ୍କ ହୃତ୍‌ପିଣ୍ଡ କେତେ ସୁସ୍ଥ

"ଆପଣଙ୍କ ହୃତ୍‌ପିଣ୍ଡ ବେଶ୍ ସୁସ୍ଥ ଅଛି କି ନାହିଁ, ପରଖି ନେବାକୁ ଚାହୁଁଛନ୍ତି? ଏହା ପରଖି ନେବା ପାଇଁ ଆପଣଙ୍କୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ପଡ଼ିବ । ତେବେ ଉତ୍ତର ଦେବାରେ ମିଥ୍ୟାର ଆଶ୍ରୟ ନେବେ ନାହିଁ । ଆପଣଙ୍କ ଅଭିଜ୍ଞତାର ସବୁଠାରୁ ବେଶି ପାଖାପାଖି ହୋଇଥିବା ଉତ୍ତରକୁ ନିର୍ବାଚନ କରିବେ ।"



ଡା. ନିତ୍ୟାନନ୍ଦ ସ୍ୱାଇଁ



ଆପଣଙ୍କ ହୃତ୍‌ପିଣ୍ଡ ବେଶ୍ ସୁସ୍ଥ ଅଛି କି ନାହିଁ, ପରଖି ନେବାକୁ ଚାହୁଁଛନ୍ତି? ଏହି ପରଖି ନେବା ପାଇଁ ଆପଣଙ୍କୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ପଡ଼ିବ। ତେବେ ଉତ୍ତର ଦେବାରେ ମିଥ୍ୟାର ଆଶ୍ରୟ ନେବେ ନାହିଁ। ଆପଣଙ୍କ ଅଭିଜ୍ଞତାର ସବୁଠାରୁ ବେଶି ପାଖାପାଖି ହୋଇଥିବା ଉତ୍ତରକୁ ନିର୍ବାଚନ କରିବେ। ମନେରଖିବେ ଯେ, ଏହି ପରୀକ୍ଷାଟିରେ ପାସ୍ କି ଫେଲ୍‌ର ପ୍ରଶ୍ନ ନାହିଁ। ଆପଣ ପରୀକ୍ଷା ଦେଉଛନ୍ତି କେବଳ ନିଜ ପାଇଁ, ପୁଣି ନିଜ ଇଚ୍ଛାରେ।

**ଆପଣ କେତେ ଧୂମପାନ କରିଥାନ୍ତି**

-ମୁଁ ଆଦୌ ଧୂମପାନ କରେନି।

-ମୁଁ ଦିନକୁ ୨୦ ଖଣ୍ଡରୁ ବେଶି କି ୨୦ ଖଣ୍ଡ ପାଖାପାଖି ସିଗାରେଟ୍/ବିଡ଼ି ଟାଣିଥାଏ। ଯେତେ ଚେଷ୍ଟା କଲେ ବି ଧୂମପାନ ଛାଡିପାରୁନି।

-ଧୂମପାନ କରୁଥିଲି, କିନ୍ତୁ ଏକ ବର୍ଷରୁ ଊର୍ଦ୍ଧ୍ୱହେବ, ତାହା ଛାଡ଼ିସାରିଲିଣି।

-ଛାଡ଼ିଦେବା ପାଇଁ ଚେଷ୍ଟା କରିଛି, ତଥାପି କେତେବେଳେ କେମିତି ଧୂମପାନ କରିଥାଏ।

**ନିଜ ମାନସିକ ଚାପର ସ୍ତର ବା ଷ୍ଟ୍ରେସ୍ ଲେଭଲ୍**

-ମୁଁ ସବୁଥିରେ ଟିକିଏ ଉତ୍କଣ୍ଠିତ ହୋଇପଡ଼େ। କିନ୍ତୁ ମନର ଉଦ୍‌ବେଗ ବିଷୟକୁ ପରିବାର କିମ୍ବା ବନ୍ଧୁମାନଙ୍କ ନିକଟରେ ପ୍ରକାଶ କରିଦିଏ।

-ମୁଁ ଜାଣିନେଇ ସାରିଲିଣି ଯେ ସବୁକିଛି ମୁଁ ନିୟନ୍ତ୍ରଣ କରିପାରିବିନି। ତେଣୁ ପରିସ୍ଥିତିକୁ ଚାହିଁ କାମ ଚଳେଇ ନେଉଛି।

-ଟିକିଏ ଟିକିଏ କଥାରେ ମୁଁ ଚାପଗ୍ରସ୍ତ ହୋଇପଡ଼େ ଓ ରାଗିଯାଏ।

-ମୁଁ ସର୍ବଦା ଚାପଗ୍ରସ୍ତ ରହିଛି, ମୋ ପାଖରେ ଏହାର କୌଣସି ପ୍ରତିକାର ନାହିଁ।

**ଆପଣଙ୍କ ରକ୍ତରେ କୋଲେଷ୍ଟରଲ୍‌ର ମାତ୍ରା ଜାଣନ୍ତି**

-କୋଲେଷ୍ଟରଲ୍ ସମ୍ପର୍କରେ ମୋର କୌଣସି ଆଗ୍ରହ ନାହିଁ(କିମ୍ବା ମୁଁ ଜାଣିଛି ଯେ ମୋ ରକ୍ତରେ କୋଲେଷ୍ଟରଲ୍‌ର ମାତ୍ରା ଅଧିକ। ମାତ୍ର ମୁଁ ଏଥିରେ ବିଶେଷ ମୁଣ୍ଡ ଖେଳେଇ ନ ଥାଏ।)

-ମୁଁ ମୋ ରକ୍ତରେ କୋଲେଷ୍ଟରଲ୍‌ର ପରୀକ୍ଷା କରେଇଥିଲି। ଏହା ପ୍ରାୟତଃ ଭଲ ରହିଥିଲା। ତଥାପି ଏଥିରେ ଅଧିକ ଉନ୍ନତି ଅଣାଯାଇପାରିବ।

-ହଁ। ମୁଁ ଜାଣେ ଯେ ମୋ ରକ୍ତରେ ମୋଟ କୋଲେଷ୍ଟରଲ୍ (ଟୋଟାଲ୍ କୋଲେଷ୍ଟରଲ୍) ର ମାତ୍ରା ଅନୁମୋଦିତ ସ୍ତରରେ ରହିଛି।

-କୋଲେଷ୍ଟରଲ୍ ପରୀକ୍ଷା କରେଇ ନେବାପାଇଁ ମୁଁ ମନସ୍ଥ କରିଛି।

**ଆପଣଙ୍କ ନିଦ କେମିତି**

-ମୋତେ ଭଲ ନିଦ ହୁଏନି। ତେଣୁ ସମ୍ଭବ ହେଲେ ସକାଳେ ଡେରି ପର୍ଯ୍ୟନ୍ତ ଶୋଇଥାଏ।

-ମୋ ନିଦରେ କିଛି ଠିକ୍ ଠିକଣା ନ ଥାଏ। କିନ୍ତୁ ମୁଁ ପ୍ରାୟତଃ ଅନୁଭବ କରିଥାଏ ଯେ ମୋର ଯଥେଷ୍ଟ ନିଦ ହେଉଛି।

-ପ୍ରତ୍ୟେକ ରାତ୍ରିରେ ମୋର ସୁନିଦ୍ରା ହୋଇଥାଏ ଏବଂ ବେଶ୍ ଆରାମ୍ ଅନୁଭବ କରି ଶଯ୍ୟାତ୍ୟାଗ କରିଥାଏ।

-ନିଦ ହେବା ମୋ ପାଇଁ ବଡ଼ କଷ୍ଟ। ରାତିରେ ବି ବାରମ୍ବାର ନିଦ ଭାଙ୍ଗିଯାଏ। ତେଣୁ ସକାଳେ ଶଯ୍ୟାତ୍ୟାଗ କରିବାରେ ବଡ଼ ଅସ୍ୱସ୍ତି ଲାଗେ।

**ଆପଣ କେତେ ପରିମାଣରେ ସାଚୁରେଟଡ୍ ଫ୍ୟାଟ୍ ଖାଇଥାନ୍ତି**

- ମୁଁ ସରକଢ଼ା କ୍ଷୀର, ସରକଢ଼ା କ୍ଷୀରରୁ ପ୍ରସ୍ତୁତ ଦହି, ଛେନା, ଯଥେଷ୍ଟ ପରିମାଣରର ମାଛ, କାଜୁ, ଆଲମଣ୍ଡ, ଅଖରୋଟ ଏବଂ ସୋରିଷ ତେଲ ଓ ସୋୟାବିନ୍ ତେଲରେ ରନ୍ଧା ହୋଇଥିବା ଖାଦ୍ୟ ଖାଇଥାଏ। ତେଲରେ ଛଣାଛଣି ଓ ଭଜାଭଜି ଖାଦ୍ୟ ଏବଂ ମାଂସର ଚର୍ବିରୁ ଯଥା ସମ୍ଭବ ଦୂରେଇ ରହେ।

- ମୁଁ ପ୍ରାୟତଃ ମାଂସ ଓ ଛେନା ଖାଇଥାଏ, କିନ୍ତୁ ସବୁଦିନେ ନ ଖାଇବା ପାଇଁ ଚେଷ୍ଟା କରିଥାଏ।

- ଖାଇବାକୁ ମୁଁ ଏତେ ଭଲପାଇଥାଏ ଯେ ଫ୍ୟାଟ୍ କଥା ମୁଣ୍ଡକୁ ନିଏନି।

- ଅଳ୍ପ ଟିକିଏ ଛେନା ଖାଏ। ସୋରିଷ ତେଲ ଖାଏ। କଦବା କେମିତି ଅଲିଭ ତେଲ ଖାଇଥାଏ। ସପ୍ତାହରେ ଥରେ କି ଦୁଇଥର ମାଂସ ଓ ଅନ୍ତତଃ ଥରେ ମାଛ ଖାଇଥାଏ।

**ହସାହସି, ଥଟ୍ଟାମଜା, ରସିକତା କରିବା ଇତ୍ୟାଦି କେମିତି**

- ମୋ' ପକ୍ଷେ ଏ ସବୁ ବଡ଼ କଷ୍ଟ। କିନ୍ତୁ ସପ୍ତାହରେ ଅନ୍ତତଃ ଥରେ କୌତୁକ, ହସାହସି ଓ ମଉଜ ମଜଲିସ କରିଥାଏ।

- ଏସବୁ କରିବା ପାଇଁ ମୋତେ ଭଲ ଲାଗେ ଓ ସବୁଦିନେ ଏହା ଉପଭୋଗ କରିଥାଏ।

- ନିଜ ପାଇଁ ଉପଭୋଗୀ ହେବା ଭଳି କିଛି କରିବା ନିମନ୍ତେ ମୋ ପାଖରେ ବିଶେଷ ସମୟ ନ ଥାଏ। କିନ୍ତୁ ମୁଁ ଜାଣେ ଯେ ମୋର ଏହା କରିବା ଉଚିତ।

- ନିଜକୁ ଉପଭୋଗ୍ୟ ହେବା ଭଳି କାମ ମୁଁ କେବେ କରିଥିଲି, ତାହା ମୁଁ ମନେ ପକାଇପାରୁନି।

**ଆପଣଙ୍କ ବ୍ଲଡ ପ୍ରେସର୍ କେତେ**

- ହଁ, ଏହା ଅନୁମୋଦିତ ସ୍ତର-୧୨୦/୮୦ (mm of Hg)ରେ ରହିଛି।

-ହଁ, ଏହା ବେଶ୍ ବଢ଼ି ଯାଇଛି। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ମୁଁ ପରାମର୍ଶ ନେଉଛି।

-ମୋ'ର ରକ୍ତଚାପ ଅଧିକ। ଡାକ୍ତର ମୋତେ ଔଷଧ ଖାଇବା ପାଇଁ ପରାମର୍ଶ ଦେଇଛନ୍ତି। କିନ୍ତୁ ମୁଁ ପ୍ରାୟତଃ ତାହା ଖାଇ ନ ଥାଏ।

- ନା, ମୁଁ ଜାଣିନି। ମୁଁ ଜାଣେ ଯେ ମୋର ରକ୍ତଚାପ ପରୀକ୍ଷା କରେଇନେବା ଉଚିତ। ତେବେ ତୁରନ୍ତ ପରୀକ୍ଷା କରେଇନେବାକୁ କୌଣସି ଯୋଜନା ନାହିଁ।

**ଆପଣଙ୍କ ଅଣ୍ଟାର ଗୋଲେଇ**

- ଆପଣଙ୍କ ଅଣ୍ଟାର ଗୋଲେଇ ୮୦ ସେଣ୍ଟିମିଟର ( ୩୧.୫ ଇଞ୍ଚ)ରୁ ଅଧିକ କି (ମହିଳା ହୋଇଥିଲେ) ଏବଂ ୯୪ସେଣ୍ଟିମିଟର ( ୩୭ ଇଞ୍ଚ)ରୁ ଅଧିକ କି (ପୁରୁଷ ହୋଇଥିଲେ)।

- ହଁ , ଏହାଠାରୁ ବି ଯଥେଷ୍ଟ ଅଧିକ। ତେବେ ବ୍ୟାୟାମ କରିବା କି ଜିମ୍ ଯିବା ପାଇଁ ଯୋଜନା କରୁଛି।

-ହଁ । ପୁରୁଣା ପୋଷାକପତ୍ରକୁ ଏବେ ଆଉ ପିନ୍ଧିପାରୁନି। କିନ୍ତୁ ମୋର ଏଇ ବୟସରେ ଖାଦ୍ୟ କଟକଣାରେ ରହିବା ବା ଡାଏଟିଂ କରିବାର ପ୍ରଶ୍ନ ହିଁ ଉଠୁନାହିଁ।

-ନା, ତଥାପି ମୁଁ ଏହା ଉପରେ କଡ଼ା ନିଘା ରଖିଛି।

-ହଁ , ଟିକିଏ ଅଧିକା ଅଛି। କିନ୍ତୁ ଏହାକୁ କମେଇବାପାଇଁ ମୁଁ ପଦକ୍ଷେପ ନେଇ ସାରିଲିଣି।

**ଆପଣ ବେଶି ଫଳ ଓ ପନିପରିବା ଖାଇଥାନ୍ତି କି**

- ଅଧିକାଂଶ ଦିନରେ ଫଳ ଓ ପନିପରିବାକୁ ଅନ୍ତତଃ ପାଞ୍ଚଥର ଖାଇବା ନିମନ୍ତେ ମୁଁ ଚେଷ୍ଟା କରିଥାଏ। ହେଲେ ସବୁବେଳେ ଏହା ସମ୍ଭବ ହୋଇପାରେନି।

-କିଛି ଫଳ ଓ ପନିପରିବା ଖାଇଥାଏ, କିନ୍ତୁ ସବୁଦିନେ ନୁହେଁ।

-ହଁ, ଫଳ ଓ ପନିପରିବା ଖାଇବା ପାଇଁ ମୁଁ ଭଲପାଏ ଏବଂ ଦିନରେ ଅନ୍ତତଃ ପାଞ୍ଚଥର ଏହା ଖାଇଥାଏ।

- ନା, ମୁଁ ବିଶେଷ ଫଳ ଓ ପନିପରିବା ଖାଇ ନ ଥାଏ। ଏହା ବି ମୋତେ ମିଳିପାରିବା କଷ୍ଟ। ତେବେ ମୋର ଏବକର ସ୍ୱାସ୍ଥ୍ୟ ଯାହା, ବେଶି ଫଳ ଓ ପନିପରିବା ଖାଇଲେ ବିଶେଷ କିଛି ଫରକ ପଡ଼ିବ ବୋଲି ମୁଁ ନିଶ୍ଚିତ ନୁହେଁ।

(କ୍ରମଶଃ...)

-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ- ୧୧୩୧, ଅଭିନବ ବିଡ଼ାନାସୀ, କଟକ, ମୋ: ୯୪୩୭୭୬୬୧୧୭

# ଡେଙ୍ଗୁରୁ ରକ୍ଷା ପାଇବା ଲାଗି

ଡେଙ୍ଗୁର ଲକ୍ଷଣ ଜାଣିବା ମାତ୍ରେ ଏହାର ଚିକିତ୍ସା କରାଇନେବା ଜରୁରୀ। ନ ହେଲେ ଏହା ପ୍ରାଣଘାତକ ସାଜିପାରେ। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...

- ଘର ବାହାରେ ଖୋଲା ମାଠିଆ କିମ୍ବା କୌଣସି ପାତ୍ର ରଖନ୍ତୁ ନାହିଁ। କାରଣ ବର୍ଷାଦିନେ ଏଥିରେ ପାଣି ଜମାହୋଇ ରହିଥାଏ। ଏହା ଦ୍ୱାରା ଡେଙ୍ଗୁ ବାହକ ମଶା ସେମାନଙ୍କର ବଂଶ ଅକ୍ଳେଶରେ ବିସ୍ତାର କରିଥାଆନ୍ତି।
- ଘର ଚାରିପଟ ପରିଷ୍କାର ରଖନ୍ତୁ।
- ଘର ଚାରିପଟେ ଯଦି ଅଳିଆ ଆବର୍ଜନା ଜମା ହୋଇଛି ତେବେ ତାହାକୁ ତୁରନ୍ତ ସଫା କରନ୍ତୁ।
- ବର୍ଷାଦିନେ ମଶାଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଶରୀରକୁ ସମ୍ପୂର୍ଣ୍ଣ ଭାବରେ ଆବୃତ କରିପାରୁଥିବା ପୋଷାକ ପିନ୍ଧନ୍ତୁ।
- ଖାଦ୍ୟପଦାର୍ଥ ଏବଂ ପାଣି ରଖୁଥିବା ପାତ୍ରକୁ ଘୋଡ଼ାଇ ରଖନ୍ତୁ।



- ସାଧାରଣତଃ ବର୍ଷାଦିନେ ମଶାଙ୍କର ପ୍ରାଦୁର୍ଭାବ ଅଧିକ ଥାଏ। ତେଣୁ ଝରକା ବାଟ ଦେଇ ଯେପରି ମଶା ନ ପଶିବେ ତାହାର ବ୍ୟବସ୍ଥା କରନ୍ତୁ। ଏଥିପାଇଁ ସରୁ ଜାଲି ବଜାରରେ ମିଳୁଛି। ଅନ୍ୟପକ୍ଷରେ ମଶା ଆଶଙ୍କା ଅଧିକ ଥିଲେ ସନ୍ଧ୍ୟା ହେବା ମାତ୍ରେ ଝରକା କବାଟ ବନ୍ଦ କରିଦିଅନ୍ତୁ।
- ମଶାମାନେ ଅନ୍ଧାରିଆ ସ୍ଥାନରେ ରହିଥାଆନ୍ତି। ତେଣୁ ସନ୍ଧ୍ୟା ପରେ ଘରର ବାହାର ପାର୍ଶ୍ୱ ଲାଇଟ ଅନ୍ କରିଦିଅନ୍ତୁ।
- ଘର ଭିତରେ ଯେପରି ମଶା ବସା ନ ବାନ୍ଧନ୍ତି ତାହାର ସୁବ୍ୟବସ୍ଥା କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ଯେତେସମ୍ଭବ ଅବସାଦଠାରୁ ଦୂରରେ ରଖନ୍ତୁ। କାରଣ ଏଭଳି ସମସ୍ୟା ଯଦି ନିୟମିତ ଲାଗି ରହେ, ତେବେ ତାହା ନିଜର ମାନସିକତାକୁ ପ୍ରଭାବିତ କରିବା ସହ କେତେକ ରୋଗର ପରୋକ୍ଷ କାରଣ ସାଜିଥାଏ।
- ଏକ ସୁସ୍ଥ ଜୀବନଶୈଳୀ ପାଇଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ।
- ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ। ଏଭଳି ଖାଦ୍ୟକୁ ଅଭ୍ୟାସ କରନ୍ତୁ ନାହିଁ, ଯାହା ପାଇଁ ଅଯଥାରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବ।
- ଆପଣଙ୍କ ବୟସ ଯଦି ୪୦ ଟପିଗଲାଣି, ତେବେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।



# ସୁସ୍ଥ ଦାନ୍ତ ପାଇଁ

ଭଲ ଭାବରେ ଚୋବାଇ ଖାଇଲେ ଖାଦ୍ୟ ହଜମ ହୋଇଥାଏ, ଆଉ ଏହି କାମଟିକୁ ତୁଲାଏ ଦାନ୍ତ। ଦାନ୍ତରେ ଯଦି କିଛି ସମସ୍ୟା ଦେଖାଦେଲା, ତେବେ ଆମକୁ ଖାଇବାରେ ଅସୁବିଧା ହୋଇଥାଏ। ତେଣୁ ଦାନ୍ତ କିପରି ସୁସ୍ଥ ତଥା ସବଳ ରହିବ, ସେଥିପାଇଁ ଆମେ ପ୍ରତିଦିନ ସକାଳୁ ଦାନ୍ତ ଘଷୁ। କେତେକ ଅଳ୍ପ ସମୟ ଭିତରେ ଏହି କାମ ଶେଷ କରିଦିଅନ୍ତି। ଫଳରେ ଦାନ୍ତ ଭଲ ଭାବରେ ସଫା ହୋଇ ନ ଥାଏ। ଦାନ୍ତ ମାଢ଼ିରେ ଖାଦ୍ୟ ଅବଶିଷ୍ଟାଂଶ ରହିଯାଏ, ଯଦ୍ୱାରା ଦାନ୍ତଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। କେତେକେ ପ୍ରତିଦିନ ଦାନ୍ତ ଘଷି ନ ଥାନ୍ତି। ଏଭଳି ଅଭ୍ୟାସ ତୁରନ୍ତ ଛାଡ଼ନ୍ତୁ। ସକାଳୁ ଉଠିବା ପରେ ପ୍ରଥମ କାମ ହେଲା ଦାନ୍ତ ଘଷିବା। ଏଥିପାଇଁ ଭଲ ବ୍ରଶ ଏବଂ ପେଷ୍ଟ ଚଏସ୍ କରନ୍ତୁ। ନିଶାଦ୍ରବ୍ୟ ସେବନ କିମ୍ବା ଗୁଟ୍‌ଖା ଆଦି ଖାଇଲେ ଦାନ୍ତ କଳା ପଡିଥାଏ ଏବଂ ପରବର୍ତ୍ତୀ ସମୟରେ ମୁଖଗହ୍ୱର କ୍ୟାନ୍ସର ହେବାର ଆଶଙ୍କା ରହିଛି। ତେଣୁ ସୁସ୍ଥ ଦାନ୍ତ ପାଇଁ ନିଶାଦ୍ରବ୍ୟ ଖାଆନ୍ତୁ ନାହିଁ। ପ୍ରତି ୨-୩ ମାସରେ ଟୁଥ ବ୍ରଶ ବଦଳାନ୍ତୁ। ଟୁଥବ୍ରଶ ଅଧିକ ଦିନ ଧରି ବ୍ୟବହାର କଲେ ତାହା ଦାନ୍ତମୂଳରେ ବ୍ୟାକ୍ଟେରିଆ ସୃଷ୍ଟି କରିଥାଏ। ବ୍ରଶ କରିବା ସମୟରେ ଟୁଥ୍‌ବ୍ରଶକୁ ୪୫ ଡିଗ୍ରୀ ଆଙ୍ଗେଲରେ ବୁଲାନ୍ତୁ। ବ୍ରଶ୍‌କୁ ସବୁବେଳେ ପେନ୍‌ସିଲ ଧରିବା ପରି ଧରନ୍ତୁ, ଏହାଦ୍ୱାରା ଭଲ ଭାବରେ ଦାନ୍ତ ଘଷି ହୋଇଥାଏ। ଦାନ୍ତକୁ ସୁସ୍ଥ ରଖିବା ପାଇଁ ଜିଭ ଭଲ ଭାବରେ ସଫା କରନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଦାନ୍ତ ଉପରେ ପଡିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା- ପ୍ରତିଦିନ ସକାଳେ ଏବଂ ରାତିରେ ଶୋଇବାକୁ ଯିବା ପୂର୍ବରୁ ଦାନ୍ତ ଘଷନ୍ତୁ।

ଦାନ୍ତ କିପରି ସୁସ୍ଥ ତଥା ସବଳ ରହିବ, ସେଥିପାଇଁ ଆମେ ପ୍ରତିଦିନ ସକାଳୁ ଦାନ୍ତ ଘଷୁ। କେତେକ ଅଳ୍ପ ସମୟ ଭିତରେ ଏହି କାମ ଶେଷ କରିଦିଅନ୍ତି। ଫଳରେ ଦାନ୍ତ ଭଲ ଭାବରେ ସଫା ହୋଇ ନ ଥାଏ। ଦାନ୍ତ ମାଢ଼ିରେ ଖାଦ୍ୟ ଅବଶିଷ୍ଟାଂଶ ରହିଯାଏ, ଯଦ୍ୱାରା ଦାନ୍ତଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ...



# ମେଦବହୁଳତା କମାଇବାର ଘରୋଇ ଉପାୟ

ମେଦବହୁଳତା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏହାକୁ ନିୟନ୍ତ୍ରଣରେ ରଖିବାକୁ ଆପଣ କେତୋଟି ଘରୋଇ ଉପାୟ ଆପଣେଇ ପାରନ୍ତି। ଦୈନନ୍ଦିନ ଜୀବନ ତାଲିକାରେ ଏକ୍ସରସାଇଜ ସାମିଲ କରନ୍ତୁ। ପ୍ରତିଦିନ ଏକ୍ସରସାଇଜ କରିବା ଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଦେଇ ନ ଥାଏ ଏବଂ ପେଟରୁ ଚର୍ବି କମିଥାଏ। ଏକ୍ସରସାଇଜ କରିବା ସହ ୱାର୍ମଅପ କରିବାକୁ ଭୁଲନ୍ତୁ ନାହିଁ। ଦୁଗ୍ଧଜାତୀୟ ଖାଦ୍ୟ ଖାଆନ୍ତୁ। କେତେକ ବିଶ୍ୱାସ କରନ୍ତି ଯେ ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଚର୍ବି ବଢ଼ିଥାଏ। ହେଲେ ଏହା ଏକ ଭ୍ରାନ୍ତ ଧାରଣା। ବରଂ ଏହା ଚର୍ବିକୁ କମ୍ କରାଇବାରେ ସହାୟକ ହୋଇଥାଏ। ପ୍ୟାକ୍‌ଡ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। କାରଣ ଏଭଳି ଖାଦ୍ୟ ଅଧିକ ଦିନ ଡବା ଭିତରେ ବନ୍ଦ ହୋଇ ରହୁଥିବାରୁ ତା' ଭିତରେ ଶରୀର ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ। ନିୟମିତ ସକାଳ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ। ଏଥିରେ ଜୁସ୍, ସାଲାଡ ସାମିଲ କରନ୍ତୁ କାରଣ ଏହା ଶରୀରରେ ଚର୍ବି କମାଇଥାଏ।





“ ବିମୁଦ୍ରୀକରଣ ପରେ ଦେଶରେ ଟିକସ ଆଦାୟ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବା ସହିତ ଟିକସ ରାଜସ୍ୱ ମଧ୍ୟ ବୃଦ୍ଧି ପାଇଛି।
**– ଶମିକା ରବି, ସଦସ୍ୟ, ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ**



“ କର୍ପୋରେଟ୍ ଗଭର୍ନାନ୍ସ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି। ଏଥିପାଇଁ ପରୀକ୍ଷା ମାଧ୍ୟମରେ ସ୍ୱାଧୀନ ନିର୍ଦ୍ଦେଶକ ଚୟନ କରାଯିବ।
**– ପି.ପି. ଚୌଧୁରୀ, କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ**

## ସଂକ୍ଷେପରେ

### ୱିପ୍ରୋକୁ ୧.୫ ବିଲିୟନ ଡଲାର କଣ୍ଟ୍ରାକ୍ଟ

**ବେଙ୍ଗାଲୁରୁ, ୨-୯:** ଦେଶର ଅନ୍ୟତମ ଅଗ୍ରଣୀ ଆଇଟି କମ୍ପାନୀ ୱିପ୍ରୋକୁ ଏହାର ଇତିହାସରେ ସର୍ବବୃହତ କଣ୍ଟ୍ରାକ୍ଟ ମିଳିଛି। ରବିବାର କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏହା ଆମେରିକାର ଇଲିନଏସ ସ୍ଥିତ ଆଲାଇଟ୍ ସଲ୍ୟୁସନ୍ସ ଏଲଏଲସିରୁ ୧୦ ବର୍ଷିଆ ଭିତ୍ତିରେ ୧.୫ ବିଲିୟନ ଡଲାର କଣ୍ଟ୍ରାକ୍ଟ ମିଳିଛି। ଡିଜିଟାଲ ସର୍ଭିସ କ୍ଷେତ୍ରରୁ ମିଳୁଥିବା ଚ୍ୟାଲେଞ୍ଜ ଯୋଗୁ ଆଉଟସୋର୍ସିଂ ସେବା ଉଦ୍ୟୋଗ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏଭଳି ସ୍ଥିତିରେ ବଡ଼ କଣ୍ଟ୍ରାକ୍ଟ ପାଇବା କ୍ଷେତ୍ରରେ ଟାଟା କନ୍ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ସହ ସମକକ୍ଷ ହେବାରେ ୱିପ୍ରୋ ସଫଳ ହୋଇଛି। ଆବିଦ ଅଲୀ ନିମୁଚାୱାଲା ସିଇଓ ଭାବେ ଯୋଗ ଦେବା ପରେ ୱିପ୍ରୋର ଏହା ସବୁଠାରୁ ବଡ଼ ଡିଲ୍ କୁହାଯାଉଛି। ସେ ଦାୟିତ୍ୱ ନେବା ପରେ କମ୍ପାନୀର ରାଜସ୍ୱ ଆୟ କ୍ରମାଗତ ବଢ଼ିଚାଲିଛି।

### ନିୟନ୍ତ୍ରଣାଧୀନ ହେବ ଅନ୍‌ଲାଇନ ମେଡିସିନ ବିକ୍ରି

**ନୂଆଦିଲ୍ଲୀ, ୨-୯:** ନେଟ୍‌ମେଡ୍, ୧ଏମ୍‌ଜି ଏବଂ ଫାର୍ମଇଜି ଭଳି ଅନ୍‌ଲାଇନରେ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକ ଏଣିକି ନିୟନ୍ତ୍ରଣାଧୀନ ହେବେ। ସେମାନଙ୍କ ପାଇଁ ଏକ ରେଗୁଲେଟୋରୀ ବା ନିୟାମକ ଗଠନ କରାଯିବ। ଏସଂକ୍ରାନ୍ତରେ ସେଣ୍ଟ୍ରାଲ ଷ୍ଟାଣ୍ଡାର୍ଡ ଡ୍ରଗ୍ସ କଣ୍ଟ୍ରୋଲ ଅର୍ଗାନାଇଜେଶନ ପକ୍ଷରୁ ନିୟମ ପ୍ରଣୟନ ପାଇଁ ଚିଠା ପ୍ରସ୍ତାବ ଦିଆଯାଇଛି। ଡ୍ରଗ୍ ଆଇନ ଅଧୀନରେ ଅନ୍‌ଲାଇନ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକୁ ଆଣି ସେମାନଙ୍କୁ ନିୟନ୍ତ୍ରଣ କରାଯିବା ସହ ସେମାନଙ୍କ ବିକ୍ରି ଓ ବିତରଣ ଉପରେ ନଜର ରଖାଯିବ। ଜଣେ ଅଧିକାରୀ କହିଛନ୍ତି ଯେ, ଲାଗୁ ହେବାକୁ ଥିବା ନିୟମ ଅନୁଯାୟୀ ଅନ୍‌ଲାଇନରେ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକ ପଞ୍ଜୀକୃତ ହେବେ ଏବଂ ସେମାନଙ୍କୁ ମେଡିସିନର ଷ୍ଟକ, କାରବାର ଏବଂ ପ୍ରେସ୍‌କ୍ରିପଶନ ଆଧାରରେ ଔଷଧ ବିକ୍ରିର ତଥ୍ୟ ସଂଗ୍ରହ କରି ରଖିବାକୁ ହେବ। ବିଭିନ୍ନ ସମୟରେ ନିୟାମକଙ୍କ ପକ୍ଷରୁ କମ୍ପାନୀ ଗୁଡିକରେ ଚଢ଼ାଉ କରାଯିବ ଏବଂ ଠିକ ମାନର ଔଷଧ ବିକ୍ରି କରାଯାଉ ନଥିବା ଜଣାପଡିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବାର ବ୍ୟବସ୍ଥା ରହିବ। ସୂଚନାଥାଉକି, ଗତ ୨ ବର୍ଷ ଭିତରେ ପ୍ରାୟ ୫୦୦ କମ୍ପାନୀ ପ୍ରତିଯୋଗିତାରେ ଓହ୍ଲାଇଛନ୍ତି।

୨୭୦ କୋଟିର ଋଣ ଜାଲିଆତି

### ବିଦେଶ ଫେରାର ପୂର୍ବରୁ କାର ଡିଲର ଗିରଫ

**ନୂଆଦିଲ୍ଲୀ, ୨-୯:** ଋଣ ଟଙ୍କା ଫେରସ୍ତ ନ କରି ଏଣିକି କୌଣସି କମ୍ପାନୀର ପ୍ରମୋଟର ଆଉ ବିଦେଶ ପଳାୟନ କରିପାରିବେ ନାହିଁ। ବିମାନ ବନ୍ଦରରେ ହିଁ ସେମାନଙ୍କୁ ଗିରଫ କରାଯିବ। ବିଳାସମୟ ଅଡି ଓ ପୋର୍ସ ଗାଡି ବିକ୍ରି କରୁଥିବା କାର୍ ଡିଲର ରାଣ୍ ପାଲ୍ ସିଂହ ଟୋଡ୍ ଏବଂ ତାଙ୍କ ପିତା ମନ୍ଦିର ସିଂହ ଟୋଡ୍ ୨୭୦ କୋଟି ଟଙ୍କାର ବକେୟା ଋଣ ପରିଶୋଧ ନ କରି ବିଦେଶ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ବିମାନ ବନ୍ଦରରେ ଧରାପଡିଛନ୍ତି। ସେମାନେ ବ୍ରିଟେନରେ ନାଗରିକତ୍ୱ ହାସଲ କରିଥିବା ପ୍ରବାସୀ ଭାରତୀୟ। ଗୁରୁଗ୍ରାମରେ ସେମାନଙ୍କର ଜେନିକା ଗ୍ରୁପ ମାଲିକାନାରେ ପୋର୍ସ ସେଣ୍ଟର ଗୁରୁଗ୍ରାମ, ଅଡି ଗୁରୁଗ୍ରାମ, ଅଡି ଦିଲ୍ଲୀ ସେଣ୍ଟ୍ରାଲ, ଅଡି ଆପ୍ରୁଭ୍ଡ ପ୍ଲସ ଏବଂ ଅଡି ସର୍ଭିସ ଗୁରୁଗ୍ରାମ ସହିତ ଆଇଜେନିକା ଚେନ୍‌ରେ ଆପଲ୍ ଶୋରୁମ୍ ରହିଛି। ଦିଲ୍ଲୀ ଗୁରୁଗ୍ରାମ ପେଜ୍-୩ ସର୍କିଟରେ ରାଣ୍ ପାଲ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ଅଗଷ୍ଟ ୨୯ରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଠକେଇ ଓ ଜାଲିଆତି ଅଭିଯୋଗ ଅଣାଯିବା ପରେ ଦିଲ୍ଲୀ ପୋଲିସର ଇକୋନୋମିକ ଅଫେନ୍ସ ୱିଙ୍ଗର ଏକ ଦଳ ସେମାନଙ୍କୁ ବିମାନ ବନ୍ଦରରୁ ଗିରଫ କରିଛି। କମ୍ପାନୀର ବାଲାନ୍ସ ସିଟ୍‌ରେ ଲାଭ ଦର୍ଶାଯାଉଥିବା ବେଳେ ସେମାନେ ୪ ବର୍ଷ ହେଲା କ୍ଷତି ହେଉଥିବା କହି ଆସୁଥିଲେ।

# ମନି ଲଣ୍ଡରିଂ ଅର୍ଥରେ ସମ୍ପତ୍ତି କିଣିଛନ୍ତି ଚୋକ୍‌ସୀ

**ନୂଆଦିଲ୍ଲୀ, ୨-୯**

- ୧୨୧୦ କୋଟି ଟଙ୍କାରେ ୪୧ ସମ୍ପତ୍ତି
- ମାମଲା ସରିବା ପର୍ଯ୍ୟନ୍ତ ଇଡି ନିକଟରେ ରହିବ ଜବତ ସମ୍ପତ୍ତି
- ଜବତ ସମ୍ପତ୍ତି ବାଜ୍ୟାପ୍ତି ନେଇ ସ୍ଥିର କରିବେ ପିଏମ୍‌ଏଲ୍‌ଏ କୋର୍ଟ



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ୧୨୧୦ କୋଟି ଟଙ୍କାର ମନି ଲଣ୍ଡରିଂ ଅର୍ଥରେ ୪୧ଟି ସମ୍ପତ୍ତି କିଣିଛନ୍ତି ବୋଲି ପିଏମ୍‌ଏଲଏ ଅଥରିଟି କୋର୍ଟ କହିଛନ୍ତି। ଜବତ ହୋଇଥିବା ଏହି ସମ୍ପତ୍ତି ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ (ଇଡି) ନିକଟରେ ରହିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଇଡି ପିଏନ୍‌ବି ଦୁର୍ନୀତିର ପର୍ଦ୍ଦାଫାଶ ପରେ ସାରା ଦେଶରେ ଚଢ଼ାଉ କରି ଚୋକ୍‌ସୀଙ୍କ ମୁମ୍ବାଇସ୍ଥିତ ୧୫ଟି ଫ୍ଲାଟ୍ ଓ ୧୭ଟି ଅଫିସ ପରିସର, କୋଲକାତାର ଏକ ସପିଂ ମଲ୍, ଆଲିବାଗରେ ଥିବା ୪ ଏକର ଫାର୍ମ ହାଉସ, ମହାରାଷ୍ଟ୍ରର ନାସିକ, ନାଗପୁର, ପନଭେଲ ତଥା ତାମିଲନାଡୁର ଭେଲୁପୁରମରେ ଥିବା ୨୩୧ ଏକର ଜମି, ହାଇଦ୍ରାବାଦର ରଙ୍ଗାରେଡ୍ଡୀ ଜିଲାରେ ୫୦୦ କୋଟି ଟଙ୍କା ମୂଲ୍ୟର ୧୭୦ ଏକର ପାର୍କକୁ ଜବତ କରିଥିଲେ। ଏଗୁଡିକ ପିଏମ୍‌ଏଲଏ ଆଇନ ଅଧୀନରେ ଜବତ କରାଯାଇଥିଲା। ଚୋକ୍‌ସୀଙ୍କ ଜବତ ସମ୍ପତ୍ତି ଓ ତାଙ୍କର ଆୟ ସମ୍ପର୍କିତ ସମସ୍ତ ତଥ୍ୟକୁ ଯାଞ୍ଚ କରିବା ପରେ ଜବତ ହୋଇଥିବା ଉକ୍ତ ପରିମାଣର ସମ୍ପତ୍ତି ମନି ଲଣ୍ଡରିଂ ଅର୍ଥରେ କିଣାଯାଇଥିବା ହୃଦବୋଧ ହୋଇଛି ବୋଲି ବିଚାରପତି ତୁଷାର ଭି. ଶାହ୍ ତାଙ୍କ ରାୟରେ ଦର୍ଶାଇଛନ୍ତି। ଏହି ସମ୍ପତ୍ତିକୁ ୯୦ ଦିନ ଅଥବା ମାମଲା ଶେଷ ହେବା ପର୍ଯ୍ୟନ୍ତ ଇଡି ନିକଟରେ ରଖାଯିବାକୁ ସେ ଉଲ୍ଲେଖ କରିଛନ୍ତି। ଜବତ ସମ୍ପତ୍ତି ବାଜ୍ୟାପ୍ତ ହେବ କି ନା ତାହା ପିଏମ୍‌ଏଲ୍‌ଏ କୋର୍ଟ ସ୍ଥିର କରିବେ। ଉଲ୍ଲେଖଥାଉକି, ଉକ୍ତ ଅଥରିଟି ଏକ କ୍ୱାଜି-ଜୁଡିସିଆଲ ସଂସ୍ଥା ଭାବେ ପିଏମ୍‌ଏଲ୍‌ଏ ମାମଲାରେ ଜବତ ସମ୍ପତ୍ତି ସମ୍ପର୍କରେ ନିଷ୍ପତ୍ତି ନେଇଥାନ୍ତି। ଚୋକ୍‌ସୀ ଏବେ କ୍ୟାରିବିୟାନ ଦେଶ ଆଣ୍ଟିଗୁଆରେ ଲୁଚିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ପକ୍ଷରୁ ଉଦ୍ୟମ ଜାରି ରହିଛି। ଦୁର୍ନୀତି ମାମଲାର ଯାଞ୍ଚ କରୁଥିବା ସିବିଆଇ ପକ୍ଷରୁ ପ୍ରତ୍ୟର୍ପଣ ଲାଗି ଆଣ୍ଟିଗୁଆ ସରକାରଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି ବୋଲି ଚୋକ୍‌ସୀ ସଫେଇ ଦେଇ ସାରିଛନ୍ତି।

# ଶେୟାର ମୋବିଲିଟି ଲାଗି ହୋଣ୍ଡା ଟୁ ହ୍ୱିଲର୍ସ- ଡ୍ରାଇଭଜି ଚୁକ୍ତି



**ଭୁବନେଶ୍ୱର, ୨-୯**

ସେୟାର୍ଡ ମୋବିଲିଟି ଲାଗି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ 'ଡ୍ରାଇଭଜି' ନାମକ ସଂସ୍ଥା ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଡ୍ରାଇଭଜି ସେଲଫ୍ ଡ୍ରାଇଭ୍ ରେଣ୍ଟାଲ ବାଇକ୍ ସେବା ପ୍ରଦାନ କରୁଛି। ହୋଣ୍ଡା କମ୍ପାନୀ ପକ୍ଷରୁ ଉକ୍ତ ସଂସ୍ଥାକୁ ୩ ହଜାର ସ୍କୁଟର ପ୍ରଦାନ କରାଯାଇଛି। ଏହା ହାଇଦ୍ରାବାଦ ଏବଂ ବାଙ୍ଗାଲୋରରେ ପ୍ରଚଳନ କରିବ। ଉକ୍ତ କମ୍ପାନୀର ଫ୍ଲିଟରେ ଆକ୍ଟିଭା ୫ଜି ଏବଂ କ୍ଲିକ୍ ଭଳି ସ୍କୁଟରକୁ ସାମିଲ କରାଯାଇଛି। ବାଙ୍ଗାଲୋରର ହ୍ୱାଇଟ ଫିଲ୍ଡଠାରେ ଏହି ସେବା ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଅବସରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ, ଡ୍ରାଇଭଜିର ସିଇଓ ଅଶ୍ୱର୍ଯ୍ୟ ପ୍ରତାପ ସିଂହ, ସାଙ୍ଗରେ ହୋଣ୍ଡା ନିର୍ଦ୍ଦେଶକ ମହମ୍ମଦ ହାଫିଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଅନେକ ସେୟାର୍ଡ ମୋବିଲିଟି ସଂସ୍ଥା ନିଜ ଫ୍ଲିଟ୍‌ରେ ହୋଣ୍ଡା ସ୍କୁଟରକୁ ସାମିଲ କରୁଥିବା ଏଥିରେ ଗୁଲେରିଆ ସୂଚନା ଦେଇଛନ୍ତି।



# ବଜାରରେ ଏମ୍‌ଆଇ ଏ୨

**ଭୁବନେଶ୍ୱର, ୨-୯**

ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ଏମ୍‌ଆଇ ପକ୍ଷରୁ ଓଡିଶା ବଜାରରେ ଏହାର ନୂଆ ସ୍ମାର୍ଟଫୋନ ଏ୨ ପ୍ରବେଶ କରିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ପ୍ରଡକ୍ଟ ଲଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଲକ୍ଷ୍ମୀ ମୋବାଇଲ, ଟେକ୍ ଜୋନ୍, ଅମ୍ବିକା ମୋବାଇଲ, ମା ମୋବାଇଲ, ସିଷ୍ଟର ମୋବାଇଲ, ଭୂତନାଥ, ୟୁନିକର୍ଣ୍ଣ ଭଳି ଷ୍ଟୋରଗୁଡିକରେ ଏହାର ଉନ୍ମୋଚନ କରାଯାଇଥିଲା। ସେହିଭଳି କଟକର ଶ୍ରୀ ମୋବାଇଲ୍, ନ୍ୟୁୟର୍କ ମୋବାଇଲ୍, ଜେଡି ଏବଂ ନିଗମ ଭଳି ଷ୍ଟୋରରେ ମଡେଲଟିର ବଜାର ପ୍ରବେଶ ହୋଇଛି। କମ୍ପାନୀ ପକ୍ଷରୁ ଓଡିଶା ମୁଖ୍ୟ ଅମିତ କୁମାର ପଣ୍ଡା, ଭୁବନେଶ୍ୱର ଡିଷ୍ଟ୍ରିବ୍ୟୁଟର ଜୟ ସଦାନୀ, ଇଣ୍ଡିଆଜ୍ ଗଟ୍ ଟାଲେଣ୍ଟ ଫାଇନାଲିଷ୍ଟ ହରିହର ଦାସ, ମିସ୍ ଇଣ୍ଡିଆ ଫାଇନାଲିଷ୍ଟ ପୂଜା ମିଶ୍ର ଉପସ୍ଥିତ ରହି ଏହାକୁ ବଜାରକୁ ଛାଡ଼ିଛନ୍ତି। ଏମ୍‌ଆଇ ଏ୧ର ସଫଳତା ପରେ ଏହା ବଜାରକୁ ଆସିଛି। ଉନ୍ନତ କ୍ୟାମେରା, ଷ୍ଟାଇଲିସ୍ ଡିଜାଇନ୍, ୪ଜିବି ରାମ୍ ଏବଂ ୬୪ ଜିବି ଭାରିଆଣ୍ଟର ମୂଲ୍ୟ ୧୭,୪୯୯ ଟଙ୍କା ରହିଥିବା ବେଳେ ଏହା ବ୍ଲାକ୍, ଲେକ୍ ବ୍ଲୁ, ରୋଜ୍ ଗ୍ଲୋଡ ଏବଂ ଗୋଲ୍ଡ ଭଳି ରଙ୍ଗରେ ବଜାରକୁ ଆସିଛି। ଏଥିରେ ୫.୯୯ ଇଞ୍ଚର ଫୁଲ୍ ଏଚ୍‌ଡି ଡିସ୍‌ପ୍ଲେ, ୬୬୦ ଏସ୍‌ଓସି କ୍ୱାଲକମ୍ ସ୍ନାପଡ୍ରାଗନ, ଆଡ୍ରେନୋ ୫୧୨ ଜିପିୟୁ, ଆଣ୍ଡ୍ରଏଡ୍ ଓରିଓ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ଫିଚର ସୁବିଧା ରହିଛି। ଏହା ୩୦୧୦ ଏମ୍‌ଏଏଚ୍ ବ୍ୟାଟେରି କ୍ଷମତା ସହ ବଜାରକୁ ଆସିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଖଣ୍ଡପୀଠର ଆୟକର ବିଭାଗକୁ ଭର୍ତ୍ସନା

**ସୁପ୍ରିମକୋର୍ଟ ପିକ୍‌ନିକ୍‌ର ସ୍ଥାନ ନୁହେଁ**



**ବେଙ୍ଗାଲୁରୁ, ୨-୯**

ପଡି ରହିଥିବା ଏକ ପୁରୁଣା ମାମଲାରେ ଆୟକର ବିଭାଗ ଅଦାଲତକୁ ଠିକ ତଥ୍ୟ ଦେବାରେ ବିଫଳ ହେବାରୁ ସୁପ୍ରିମକୋର୍ଟ ଖଣ୍ଡପୀଠ କ୍ଷୁବ୍ଧ ହୋଇଛନ୍ତି। ଜଷ୍ଟିସ ମଦନ ବି.ଲୋକୁର, ଜଷ୍ଟିସ ଏସ.ଅବଦୁଲ୍ ନଜିର ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆୟକର ବିଭାଗକୁ ଭର୍ତ୍ସନା କରି ସୁପ୍ରିମକୋର୍ଟ ପିକ୍‌ନିକ କରିବାର ସ୍ଥାନ ନୁହେଁ ବୋଲି କହିବା ସହିତ ବିଭାଗକୁ ୧୦ ଲକ୍ଷ ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି।

ଉତ୍ତର ପ୍ରଦେଶ ଅର୍ବାନ ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟ ଆକ୍ଟ, ୧୯୭୩ ଅଧୀନରେ ହାପୁର ପିଲଖୁଆ ଡେଭଲପମେଣ୍ଟ ଅଥରିଟି(ଏଚ୍‌ପିଡିଏ) ଗଠନ କରାଯାଇଥିଲା। ଏହାର ଆୟକର ପ୍ରଦାନ ନେଇ ଇନକମ୍ ଟ୍ୟାକ୍ସ ଆପେଲାଟ ଟ୍ରିବ୍ୟୁନାଲରେ ଏକ ମାମଲା ହୋଇଥିଲା। ଟ୍ରିବ୍ୟୁନାଲ ଦେଇଥିବା ରାୟକୁ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହା ବିରୋଧରେ ଆୟକର ବିଭାଗ ସୁପ୍ରିମକୋର୍ଟରେ ମାମଲା ଦାୟର କରିଛନ୍ତି। ଉକ୍ତ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଆୟକର ବିଭାଗ କମିଶନର ଏଭଳି ଏକ ମାମଲା ୨୦୧୧ରୁ ସର୍ବୋଚ୍ଚ ଅଦାଲତରେ ଝୁଲି ରହିଛି ବୋଲି ଦର୍ଶାଇଥିଲେ। ପ୍ରକୃତରେ ୨୦୧୨ରେ ଏହାର ରାୟ ପ୍ରକାଶ ପାଇସାରିଛି। ଅନ୍ୟପକ୍ଷରେ ହାଇକୋର୍ଟ ରାୟକୁ ବିଭାଗ ଚ୍ୟାଲେଞ୍ଜ କରି ୫୯୬ ଦିନ ପରେ ସର୍ବୋଚ୍ଚ ଅଦାଲତରେ ମାମଲା ଦାୟର କରିଥିଲେ ବୋଲି ଖଣ୍ଡପୀଠ କହିଥିଲେ। କମିଶନରଙ୍କ ଏଭଳି ଢ଼ିଲାଢ଼ାଲା ମନୋଭାବକୁ ନେଇ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଥିଲେ ଏବଂ ଅଦାଲତରେ ମାମଲାର ଶୁଣାଣି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମୋବିଷ୍ଟାର ଆଣିଲା ୫ ନୂଆ ସ୍ମାର୍ଟଫୋନ



**ଭୁବନେଶ୍ୱର, ୨-୯**

ଅନ୍ତର୍ଜାତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ମୋବିଷ୍ଟାର ଓଡିଶା ବଜାରରେ ଅଫ ଲାଇନ୍ ବିଜନେସ ଅପରେଶନ ଆରମ୍ଭ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ଏଠାରେ ୫ ସେଲଫି ଭିତ୍ତିକ ସ୍ମାର୍ଟଫୋନକୁ ବଜାର ପ୍ରବେଶ କରାଇଛି। ଏହି ଅବସରରେ କମ୍ପାନୀର ଶାଖା ପ୍ରବନ୍ଧକ ରାମକ୍ରିଷ୍ଣ ସାହୁ, ଏରିଆ ବିକ୍ରି ପ୍ରବନ୍ଧକ ଅଖିଳ ପାଣିଗ୍ରାହୀ, ବିତରକ ପ୍ରଦୀପ ଜେନା ଉପସ୍ଥିତ ରହି ମଡେଲ ଗୁଡିକୁ ଉନ୍ମୋଚନ କରିଥିଲେ। ଏହି ଫୋନ୍‌ଗୁଡିକର ବଜାର ଦର ୪,୩୫୦ ଟଙ୍କାରୁ ୧୦,୫୦୦ ଟଙ୍କା ରହିଛି। ବିଶେଷ କରି ଯୁବାବର୍ଗ ତଥା ସେଲ୍‌ଫି ପ୍ରେମୀଙ୍କୁ ଧ୍ୟାନରେ ରଖି ଏଭଳି ପ୍ରଡକ୍ଟ ବଜାରକୁ ଛଡ଼ା ଯାଇଥିବା କମ୍ପାନୀ ସୂଚନା ଦେଇଛି। ବଜାରକୁ ଆସିଥିବା ମଡେଲଗୁଡିକ ମଧ୍ୟରେ ସିଂ ଲାଇଟ୍ , ସି୧, ସି ୨, ଇ୧ ସେଲ୍ଫି ଏବଂ ଏକ୍ସ୧ ଡୁଆଲ ରହିଛି। ଏଗୁଡିକର ମୂଲ୍ୟ ଯଥାକ୍ରମେ- ୪,୩୫୦ ଟଙ୍କା, ୫୪୦୦ ଟଙ୍କା, ୬,୩୦୦ ଟଙ୍କା, ୮,୪୦୦ ଟଙ୍କା ଏବଂ ୧୦,୫୦୦ ଟଙ୍କା ରହିଛି। କମ୍ପାନୀ ଘରୋଇ ବଜାରରେ ୬୦୦ ବିତରକଙ୍କ ସହ ଯୋଡି ହେବାକୁ ଯୋଜନା ରଖିଛି। ଅଫଲାଇନ ବଜାରରେ ନିଜର ସ୍ଥିତିକୁ ଦୃଢ଼ କରିବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି। ୧୦୦୦ ସର୍ଭିସ ସେଣ୍ଟର ନେଟୱର୍କ ସହ କାର୍ଯ୍ୟ କରିବାକୁ କମ୍ପାନୀ ସୂଚନା ଦେଇଛି।

# ଆଇସିଏଫ୍‌ଏଆଇ ବିଜନେସ୍ ସ୍କୁଲ୍‌ର ଅଧ୍ୟାପକ କର୍ମଶାଳା

**ଭୁବନେଶ୍ୱର, ୨-୯**




ଆଇସିଏଫ୍‌ଏଆଇ ବିଜନେସ୍ ସ୍କୁଲ ପକ୍ଷରୁ ବାର୍ଷିକ ଅଧ୍ୟାପକ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି ଡ.କୁମରବର ଦାସ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଇବିଏସ୍ କଲିକତା ଶାଖାର ପ୍ରାଧ୍ୟାପକ ସଂପ୍ରୀତ ଚକ୍ରବର୍ତ୍ତୀ, ଅଧ୍ୟାପିକା ଡ. ପଲ୍ଲବୀ ଘୋଷ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ବିଷୟ ବସ୍ତୁ 'ରିସର୍ଚ୍ଚ ମେଥୋଡୋଲୋଜି ୟୁଜିଂ ଏସ୍‌ପିଏସ୍‌ଏସ୍ ଆଣ୍ଡ ଏଏମ୍‌ଓଏସ୍' ଉପରେ ପର୍ଯ୍ୟବସିତ ରହିଥିଲା।

ରାଜ୍ୟର ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନର ଶିକ୍ଷାବିତ ଏଥିରେ ଯୋଗ ଦେଇଥିଲେ। ଆଧୁନିକ ଶିକ୍ଷା ବିଜ୍ଞାନ କ୍ଷେତ୍ରରେ ଜ୍ଞାନକୌଶଳ ଏବଂ ଏହାର ଉପଯୋଗିତା ଦ୍ୱାରା ଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କ ଉନ୍ନତୀକରଣ ନେଇ କର୍ମଶାଳାରେ ଆଲୋଚନା କରାଯାଇଥିଲା। ପ୍ରତିଷ୍ଠାନ ପକ୍ଷରୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଆଇବିଏସ୍ ଭୁବନେଶ୍ୱର ମାର୍କେଟିଂ ଶାଖାର ସଦସ୍ୟ ତଥା ଶାଖା ପ୍ରବନ୍ଧକ ଆଶୁତୋଷ ତ୍ରିପାଠୀ, ଅଜୟ କେତନ ନାୟକ ଏହି ଅବସରରେ ଉପସ୍ଥିତ ଥିଲେ।

ଇରାନ ବିରୋଧରେ ଆମେରିକାର କଟକଣା

# ମୁକାବିଲା ଲାଗି ଭାରତର ଯୋଜନା ପ୍ରସ୍ତୁତ

**ନୂଆଦିଲ୍ଲୀ, ୨-୯**

ତେଲକୁ ନେଇ ଇରାନ ବିରୋଧରେ ଆମେରିକା କଟକଣା କାର୍ଯ୍ୟକାରୀ ହେବା ସମୟ ପାଖେଇ ଆସୁଛି। ଏହା ସମ୍ପୂର୍ଣ୍ଣ ଲାଗୁ ହେବା ପରେ ସୃଷ୍ଟି ହେବାକୁ ଥିବା ପରିସ୍ଥିତିର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ରହିଛି ବୋଲି ଅର୍ଥ ମନ୍ତ୍ରଣାଳୟର ମୁଖ୍ୟ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, କଟକଣା ଲାଗୁ ହେବାକୁ ଅପେକ୍ଷା କରିବାକୁ ହେବ। ଏହା ଲାଗୁ ହୋଇଯିବା ପରେ ପରିସ୍ଥିତିକୁ ଦେଖି ଦ୍ରୁତ୍ ପଦକ୍ଷେପ ନିଆଯିବ। ଏହା ଉପରେ ଆଗୁଆ ଆକଳନ କରିବା ଅସମ୍ଭବ। ଦେଶର ଅର୍ଥନୀତି ବିକାଶ ପଥରେ ଆଗଉଛି। ଆମେରିକା-ଚାଇନା ଟ୍ରେଡ୍ ୱାର୍, ଆମେରିକାର ମୁଦ୍ରାନୀତି ଦୃଢ଼ ହେବା ତଥା ଅଶୋଧିତ ତୈଳ ଦର ବୃଦ୍ଧି ସାଙ୍ଗକୁ ଇରାନ ବିରୋଧରେ କଟକଣା ଯୋଗୁ ଏହା ପ୍ରଭାବିତ ହେବ।

# ନୋଟ୍‌ରୁ ବ୍ୟାପୁଛି ରୋଗ

**ନୂଆଦିଲ୍ଲୀ, ୨-୯**

**ଜେଟ୍‌ଲୀଙ୍କୁ ପତ୍ର ଲେଖିଲା ସିଏଆଇଟି**

ଆମେ ବ୍ୟବହାର କରୁଥିବା ନୋଟ୍ ଦ୍ୱାରା ମାରାତ୍ମକ ରୋଗ ବ୍ୟାପୁଛି। ଭୟଙ୍କର ଜୀବାଣୁ ନୋଟ୍ ମାଧ୍ୟମରେ ଆମ ଶରୀରରେ ପ୍ରବେଶ କରୁଛନ୍ତି। ଏନେଇ ବିଭିନ୍ନ ବିଜ୍ଞାନ ପତ୍ରିକା ଏବଂ ମିଡିଆରେ ରିପୋର୍ଟ ପ୍ରକାଶ ପାଇସାରିଛି। ତେବେ ଏହାକୁ ଟ୍ରେଡର ମହାସଂଘ କନ୍‌ଫେଡେରେଶନ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଗୁରୁତ୍ୱର ସହ ନେଇଛି। ପ୍ରକାଶିତ ରିପୋର୍ଟର ସତ୍ୟାସତ୍ୟ ଜାଣିବା ଲାଗି ମହାସଂଘ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ପତ୍ର ଲେଖାଯାଇଛି। ଏସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି.ନଡ୍ଡା ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ମଧ୍ୟ ଅବଗତ କରାଯାଇ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି।

ବିଭିନ୍ନ ରିପୋର୍ଟକୁ ଉଦ୍ଧାର କରି ମହାସଂଘ ପକ୍ଷରୁ ଦାବି କରାଯାଇଛି ଯେ, କାରବାର ଲାଗି ବ୍ୟବହୃତ ନୋଟ୍‌ରେ ମାରାତ୍ମକ ରୋଗ ଜୀବାଣୁ ଭରି ରହିଛି। ଏଗୁଡିକ ଯୋଗୁ ୟୁରିନାରୀ ଏବଂ ରେସ୍‌ପିରେଟୋରୀ ଟ୍ରାକ୍ ଇନଫେକ୍‌ଶନ, ସେପ୍ଟିସେମିଆ, ସ୍କିନ୍ ଇନଫେକ୍‌ଶନ, ରିକରେଣ୍ଟ ମେନିନଜାଇଟିସ୍, ଟକ୍ସିକ ସକ୍ ସିଣ୍ଡ୍ରୋମ ଏବଂ ବିଭିନ୍ନ ପ୍ରକାର ଗ୍ୟାସଟ୍ରୋ ଇଣ୍ଟେଷ୍ଟିନାଲ ରୋଗ ବ୍ୟାପୁଛି। ସିଏଆଇଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ନୋଟ୍ ବ୍ୟବହାର ଯୋଗୁ ରୋଗ ବ୍ୟାପୁଥିବା ନେଇ ପ୍ରତିବର୍ଷ ରିପୋର୍ଟ ପ୍ରକାଶ ପାଉଛି।

# ଟ୍ରେନ୍ ବଗିରେ ଲାଗିବନି ରିଜର୍ଭେଶନ ଚାର୍ଟ

**ନୂଆଦିଲ୍ଲୀ, ୨-୯**



ଟ୍ରେନ୍ ବଗିଗୁଡ଼ିକରେ ଆଉ ଏଣିକି ରିଜର୍ଭଶନ ଚାର୍ଟ (ସଂରକ୍ଷିତ ତାଲିକା ବା ଚିଠା) ଲଗାଯିବ ନାହିଁ। ଚଳିତ ମାସ ଆରମ୍ଭରୁ ଏହି ନିୟମ କାର୍ଯ୍ୟକାରୀ ହୋଇଛି। କାଗଜ ବ୍ୟବହାର ହ୍ରାସ କରିବା ଉଦ୍ଦେଶ୍ୟରେ ଏହା ଏକ ପ୍ରୟାସ ବୋଲି ଭାରତୀୟ ରେଳ ପକ୍ଷରୁ କୁହାଯାଇଛି।

ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ସାରା ଦେଶରେ ବର୍ତ୍ତମାନ ଦୈନିକ ପ୍ରାୟ ୧୧ ଲକ୍ଷ ରେଳ ଟିକେଟ୍ ବୁକ୍ ହେଉଛି। ସେଥି ମଧ୍ୟରୁ ପ୍ରାୟ ୭୦% ଟିକେଟ୍ ଅନ୍‌ଲାଇନ୍ ବୁକ୍ କରାଯାଉଛି। ଯାତ୍ରୀମାନେ ଅନ୍‌ଲାଇନ୍ ଟିକେଟ୍ ବୁକିଂ ଆଡକୁ ମୁହାଁଇ ଥିବା ବେଳେ କାଗଜ ବ୍ୟବହାରକୁ ହ୍ରାସ କରିବା ପାଇଁ ରେଳପଥ ନିଜ ପକ୍ଷରୁ ରିଜର୍ଭେଶନ ଚାର୍ଟକୁ ମଧ୍ୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛି।

ସୂଚନା ଅନୁସାରେ ଦେଶର କେତୋଟି ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ଏହି ରିଜର୍ଭେଶନ ଚାର୍ଟ ବ୍ୟବସ୍ଥା ଗତ ୪ ମାସ ହେବ ବନ୍ଦ କରି ଦିଆଯାଇଛି। ସେହିପରି ଉକ୍ତ ଷ୍ଟେଶନଗୁଡ଼ିକରୁ ଯେଉଁ ଟ୍ରେନ୍ ଯାତ୍ରା ଆରମ୍ଭ କରୁଛି ସେଥିରେ ମଧ୍ୟ ରିଜର୍ଭେଶନ ଚାର୍ଟ ଲଗାଯାଉ ନାହିଁ। ଏବେ ଦେଶବ୍ୟାପୀ ଏହି ଧାରା କାର୍ଯ୍ୟକାରୀ ହେବ ବୋଲି ରେଳପଥ ପ୍ରକାଶ କରିଛି। କିନ୍ତୁ ରେଳଯାତ୍ରୀଙ୍କ ସୁବିଧା ପାଇଁ ପ୍ଲାଟ୍‌ଫର୍ମରେ ଥିବା ସଫ୍ଟ ବୋର୍ଡରେ ଏହି ରିଜର୍ଭେଶନ ଚାର୍ଟ ଲଗାଯିବ।

ଚଳିତ ବର୍ଷ ଫେବୃୟାରୀରେ ରେଳ ମନ୍ତ୍ରଣାଳୟ ଏହାର ସମସ୍ତ ରେଳ ଜୋନ୍‌କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଥିଲା। ମାର୍ଚ୍ଚ ପହିଲାରୁ ୬ ମାସ ପାଇଁ ପରୀକ୍ଷାମୂଳକ ଭିତ୍ତିରେ ଏ୧, ଏ ଏବଂ ବି ବର୍ଗର ଷ୍ଟେଶନରୁ ବାହାରୁଥିବା ଟ୍ରେନ୍‌ଗୁଡିକର ସଂରକ୍ଷିତ ବଗିରେ ଏହି ଚାର୍ଟ ନ ଲଗାଇବା ପାଇଁ ନିର୍ଦ୍ଦେଶ ରହିଥିଲା।



## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୩୨ | ୯୨ | ୬୫ | ୨୮୯ |
| ଜାପାନ | ୭୫ | ୫୬ | ୭୪ | ୨୦୫ |
| ଦକ୍ଷିଣ କୋରିଆ | ୪୯ | ୫୮ | ୭୦ | ୧୭୭ |
| ଇଣ୍ଡୋନେସିଆ | ୩୧ | ୨୪ | ୪୩ | ୯୮ |
| ଉଜବେକିସ୍ତାନ | ୨୧ | ୨୪ | ୨୫ | ୭୦ |
| ଇରାନ | ୨୦ | ୨୦ | ୨୨ | ୬୨ |
| ଚାଇନିଜ୍ ତାଇପେ | ୧୭ | ୧୯ | ୩୧ | ୬୭ |
| ଭାରତ | ୧୫ | ୨୪ | ୩୦ | ୬୯ |
| କାଜାଖସ୍ତାନ | ୧୫ | ୧୭ | ୪୪ | ୭୬ |
| ଉତ୍ତର କୋରିଆ | ୧୨ | ୧୨ | ୧୩ | ୩୭ |
| ବାହାରିନ | ୧୨ | ୭ | ୭ | ୨୬ |
| ଥାଇଲାଣ୍ଡ | ୧୧ | ୧୬ | ୪୬ | ୭୩ |
| ହଂକଂ ଚାଇନା | ୮ | ୧୮ | ୨୦ | ୪୬ |
| ମାଲେସିଆ | ୭ | ୧୩ | ୧୬ | ୩୬ |
| କାତାର | ୬ | ୪ | ୩ | ୧୩ |
| ମଙ୍ଗୋଲିଆ | ୫ | ୯ | ୧୧ | ୨୫ |
| ଭିଏତ୍‌ନାମ | ୪ | ୧୬ | ୧୮ | ୩୮ |
| ସିଙ୍ଗାପୁର | ୪ | ୪ | ୧୪ | ୨୨ |
| ଫିଲିପାଇନ୍ସ | ୪ | ୨ | ୧୫ | ୨୧ |
| ୟୁଏଇ | ୩ | ୬ | ୫ | ୧୪ |
| କୁଏତ୍ | ୩ | ୧ | ୨ | ୬ |
| କିର୍ଗିଜସ୍ତାନ | ୨ | ୬ | ୧୨ | ୨୦ |
| ଜୋର୍ଡାନ | ୨ | ୧ | ୯ | ୧୨ |
| କାମ୍ବୋଡିଆ | ୨ | ୦ | ୧ | ୩ |
| ସୌଦୀ ଆରବ | ୧ | ୨ | ୩ | ୬ |
| ମାକାଉ, ଚାଇନା | ୧ | ୨ | ୨ | ୫ |
| ଇରାକ | ୧ | ୨ | ୦ | ୩ |
| କୋରିଆ | ୧ | ୧ | ୨ | ୪ |
| ଲେବାନନ | ୧ | ୧ | ୨ | ୪ |
| ତାଜିକିସ୍ତାନ | ୦ | ୪ | ୩ | ୭ |
| ଲାଓ ପିଡିଆର୍ | ୦ | ୨ | ୩ | ୫ |
| ତୁର୍କମେନିସ୍ତାନ | ୦ | ୧ | ୨ | ୩ |
| ନେପାଳ | ୦ | ୧ | ୦ | ୧ |
| ପାକିସ୍ତାନ | ୦ | ୦ | ୪ | ୪ |
| ଆଫଗାନିସ୍ତାନ | ୦ | ୦ | ୨ | ୨ |
| ମ୍ୟାଁମାର | ୦ | ୦ | ୨ | ୨ |
| ସିରିଆ | ୦ | ୦ | ୧ | ୧ |
| ମୋଟ୍ | ୪୬୫ | ୪୬୫ | ୬୨୨ | ୧୫୫୨ |



କଳାକାରଙ୍କ କାର୍ଯ୍ୟକ୍ରମ ପରିବେଷଣ।



ଅଫିସିଆଲ୍ ମାସ୍କଟ।



ଆଲିବାବା ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜ୍ୟାକ୍ ମା’ ଏକ ବଲ୍‌କୁ ଦର୍ଶକଙ୍କ ଆଡ଼କୁ ଫିଙ୍ଗୁଛନ୍ତି।





ପୁଣି ଦେଖାହେବ ହାଙ୍ଗଝୋଉରେ।



୨୦୨୨ ଏସିଆଡ୍ ଆୟୋଜକ ହାଙ୍ଗଝୋଉର ମେୟର ଜୁ ଲିୟିଙ୍କୁ ଅଲିମ୍ପିକ୍ସ କାଉନସିଲ ଅଫ ଏସିଆ ପତାକା ହସ୍ତାନ୍ତର କରାଯାଉଛି।

# ଭାରତୀୟ କ୍ରୀଡ଼ାର ଭବିଷ୍ୟତ ଉଜ୍ଜ୍ୱଳ

ଜାକର୍ତ୍ତା, ୨।୯(ପି.ଟି.)

ଭାରତୀୟ କ୍ରୀଡ଼ାରେ ଉନ୍ନତି ହୋଇଛି ଓ ଏହା ଠିକ୍ ଦିଶାରେ ଅଗ୍ରଗତି ହେଉଛି। ସଦ୍ୟ ସମାପ୍ତ ଏସିଆନ ଗେମ୍ସରେ ଭାରତୀୟ ଆଥଲେଟମାନେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି ଓ ଭାରତୀୟ କ୍ରୀଡ଼ାର ଭବିଷ୍ୟତ ଉଜ୍ଜ୍ୱଳ, ଏକଥା ଏସିଆଡରେ ପ୍ରମାଣିତ ହୋଇଛି। ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଭାବେ ପରିଗଣିତ ହେଉଥିବା ଏସିଆନ ଗେମ୍ସରେ ଭାରତ ରେକର୍ଡ ପ୍ରଦର୍ଶନ କରିଛି। ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ସଫଳତାର ସହ ସମ୍ପନ୍ନ ହୋଇଥିବା ଏସିଆନ ଗେମ୍ସର ଏହି ୧୮ତମ ସଂସ୍କରଣରେ ଭାରତୀୟ ଆଥଲେଟ୍‌ମାନେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ସର୍ବାଧିକ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଭାରତ ଏହି କ୍ରୀଡ଼ା ମହାକୁମ୍ଭରେ ମଧ୍ୟ ଦମ୍ ଦେଖାଇଛି। ଅଲିମ୍ପିକ୍ସ ପରେ ଦ୍ୱିତୀୟ ବୃହତ୍ତମ କ୍ରୀଡ଼ା ମହାକୁମ୍ଭ ରୂପେ ବିବେଚିତ ହେଉଥିବା ଏସିଆଡ଼ରେ ଭାରତ ପୂର୍ବରୁ କେବେ ଏତେ ସଫଳତା ହାସଲ କରି ନ ଥିଲା।

କ୍ରିକେଟ ପାଗଳ ଭାରତ ପାଇଁ ଅବଶ୍ୟ ଏହି ସଫଳତା ବେଶ୍ ଗୁରୁତ୍ୱ ବହନ କରୁଛି। ଅଲିମ୍ପିକ୍ସ କ୍ରୀଡ଼ା ପାଇଁ ଅବଶ୍ୟ ଏହା ଶୁଭଙ୍କର। ଏବେ ଆଥଲେଟମାନେ ଅଲିମ୍ପିକ୍ କ୍ରୀଡ଼ାଗୁଡ଼ିକୁ ବେଶ୍ ଗୁରୁତ୍ୱ ଦେବା ଆରମ୍ଭ କଲେଣି। ସ୍ୱଳ୍ପବୟସ୍କ ତଥା ୧୬ ବର୍ଷୀୟ ସୌରଭ ଚୌଧୁରୀଙ୍କଠାରୁ ଆରମ୍ଭ କରି ୬୦ ବର୍ଷୀୟ ପ୍ରଣବ ବର୍ଦ୍ଧନଙ୍କ ପର୍ଯ୍ୟନ୍ତ ଆଥଲେଟମାନଙ୍କ ମିଳିତ ପ୍ରୟାସ ଆଉ ପ୍ରଦର୍ଶନ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ଯଦିଓ ଭାରତର ପାରମ୍ପରିକ ଖେଳ କବାଡ଼ିରେ ସମସ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। କବାଡିରେ ଭାରତ ମହିଳା ଓ ପୁରୁଷ ବିଭାଗରେ ସବୁବେଳେ ସ୍ୱର୍ଣ୍ଣ ଜିତିଥାଏ। ତେବେ ଏଥର ଭାରତ ଏଥିରୁ ବଞ୍ଚିତ ହୋଇଛି। ହକିରେ ମଧ୍ୟ ମହିଳାଙ୍କୁ ରୌପ୍ୟ ଓ ପୁରୁଷଙ୍କୁ ବ୍ରୋଞ୍ଜ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ଭାରତ ୧୫ଟି ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ଟି ବ୍ରୋଞ୍ଜ୍ ମୋଟ ୬୯ଟି ପଦକ ହାସଲ କରିଛି। ୪ ବର୍ଷ ତଳେ ଇଞ୍ଚିଅନ୍ ଏସିଆନ ଗେମ୍ସ ଭାରତ ୬୫ଟି ପଦକ ହାସଲ କରିଥିଲା। ଏଥର କିନ୍ତୁ ଏଥିରେ ଉନ୍ନତି ଆଣିଛି।

୧୫ଟି ସ୍ୱର୍ଣ୍ଣ ଜିତି ଭାରତ ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ପୂର୍ବରୁ ୧୯୫୧ରେ ଏସିଆନ ଗେମ୍ସର ପ୍ରାରମ୍ଭିକ ସଂସ୍କରଣରେ ଭାରତ ୧୫ଟି ସ୍ୱର୍ଣ୍ଣ ଜିତିଥିଲା। ତେବେ ଭାରତ ପୂର୍ବରୁ କେବେବି ୨୪ଟି ରୌପ୍ୟ ଜିତି ନ ଥିଲା। ଏଥର ଭାରତ ପଦକ ତାଲିକାର ଅଷ୍ଟମ ସ୍ଥାନ ଅଧିକାର କରି ଟପ୍-୧୦ରେ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି।

ପ୍ରତ୍ୟେକ କ୍ରୀଡ଼ା ମହାକୁମ୍ଭରେ ବିବାଦ ଦେଖିବାକୁ ମିଳିଥାଏ। ଏଥର ମଧ୍ୟ ତାହା ହୋଇଛି। ତେବେ କ୍ରୀଡ଼ା ଆରମ୍ଭ ହେବାପରେ ଆଥଲେଟ ଓ ସେମାନଙ୍କ ପ୍ରଦର୍ଶନ ସବୁ ବିବାଦକୁ ଫିକା କରିଦେଇଛି।

ଟ୍ରାକ ଆଣ୍ଡ ଫିଲ୍ଡରେ ଭାରତ ସବୁବେଳେ ଦୁର୍ବଳ ବିବେଚିତ ହୋଇଆସୁଥିଲେ ମଧ୍ୟ ୧୫ଟିରୁ ୭ଟି ସ୍ୱର୍ଣ୍ଣ କେବଳ ଏହି ଇଭେଣ୍ଟଗୁଡ଼ିକରୁ ମିଳିଛି। ତେଜିନ୍ଦର ପାଲ ସିଂ ତୁର ପ୍ରଥମ ଆଥଲେଟିକ ସ୍ୱର୍ଣ୍ଣ ଦେଶ ପାଇଁ ଜିତିଥିଲେ। ଏହି ତାରକା ଭାରତୀୟ ଶଟ ପୁଟରେ ୨୦.୭୫ ମିଟର ଥ୍ରୋ କରି ରେକର୍ଡ କରିବା ସହ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେହିପରି ସ୍ୱପ୍ନା ବର୍ମନ ଦେଶର ପ୍ରଥମ ହେପ୍ଟାଥଲେଟ ଭାବେ ସ୍ୱର୍ଣ୍ଣ ଜିତି ଇତିହାସରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ।

ଦେଶର ଦ୍ରୁତତମ ଧାବିକା ତଥା ତାରକା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଏଥର ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଛନ୍ତି। ୧୦୦ ଓ ୨୦୦ ମିଟର ଦୌଡରେ ସେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ୧୦୦ମି ଦୌଡରେ କୌଣସି ଭାରତୀୟ ରୌପ୍ୟ ପଦକ ହାସଲ କରି ନ ଥିଲେ। କେତେକ ଆଫ୍ରିକୀୟ ବଂଶୋଦ୍ଭବ ଆଥଲେଟ କାତାର ଓ ବାହାରିନ ତରଫରୁ ଅଂଶଗ୍ରହଣ କରି ଟ୍ରାକ ଆଣ୍ଡ ଫିଲ୍ଡରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ନ ହେଲେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟାରେ ନିଶ୍ଚିତ ଭାବେ ବୃଦ୍ଧି ଘଟିଥାନ୍ତା। ଏହି କାରଣରୁ ୪୦୦ ମିଟର ଦୌଡରେ ହିମା ଦାସଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ନାଇଜେରିଆ ଜନ୍ମିତ ସାଲୱା ଇଦ୍ ନାସେର ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ।

ତାରକା ଆଥଲେଟ ନୀରଜ ଚୋପ୍ରା ଆଶାନୁରୂପ ପ୍ରଦର୍ଶନ କରି ଜାଭେଲିନରେ ରେକର୍ଡ ପ୍ରଦର୍ଶନ କରିବା ସହ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ସ୍ପ୍ରିଣ୍ଟର ମନଜିତ ସିଂ ଓ ଜିନ୍‌ସନ ଜନସନ ମଧ୍ୟ ଏଥର ଏସିଆଡରେ ବାଜି ମାରିଛନ୍ତି।

ଭାରତୀୟ ବ୍ୟାଡମିଣ୍ଟନ କୁଇନ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଆଶାନୁରୂପ ପ୍ରଦର୍ଶନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ଜିତିଛନ୍ତି। ସେହିପରି ଟେବୁଲ ଟେନିସରେ ଚାଇନା ଓ ଜାପାନ ବିପକ୍ଷରେ ଖେଳି ଭାରତୀୟ ଖେଳାଳିମାନେ ଟିମ୍ ଇଭେଣ୍ଟଗୁଡ଼ିକରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଛନ୍ତି। ମନିକା ବାତ୍ରା, ଶରତ କମଲ, ଜି. ସାଥିଆନ ଓ ହରମୀତ ଦେଶାଇଙ୍କ ଏଥିରେ ଉଲ୍ଲେଖନୀୟ ଯୋଗଦାନ ରହିଛି।

ପାଲେମବାଙ୍ଗରେ ୧୬ ବର୍ଷୀୟ ସୌରଭ ଚୌଧୁରୀ ଓ ୧୫ ବର୍ଷୀୟ ଶାର୍ଦ୍ଦୁଳ ବିହାନ ପଦକ ଜିତି ଭାରତରେ ଯଥେଷ୍ଟ ପ୍ରତିଭା ରହିଥିବାର ପ୍ରମାଣ ଦେଇଛନ୍ତି। ତେବେ ଯୁବ ଖେଳାଳି ମନୁ ଭାକର ଓ ଅନିଶ ଭାନୱାଲା ପଦକ ହାସଲ କରିବାରେ ବିଫଳ ହୋଇଥିଲେ। ଶୁଟିଂରେ ଦୁଇଟି ସ୍ୱର୍ଣ୍ଣ ମଧ୍ୟରୁ ସୌରଭ ଚୌଧୁରୀ ଗୋଟିଏ ଜିତିଥିଲେ। ସେହିପରି ରାନୀ ସାର୍ଣ୍ଣୋବତ ସ୍ୱର୍ଣ୍ଣ ଓ ଶାର୍ଦ୍ଦୁଳ ରୌପ୍ୟ ପଦକ ହାସଲ କରିଥିଲେ।

ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ ରେସଲିଂରେ ସ୍ୱର୍ଣ୍ଣ ଜିତିଥିଲେ। ତେବେ ଅଭିଜ୍ଞ ସୁଶୀଲ କୁମାର ଓ ସାକ୍ଷୀ ମଲିକ ନିରାଶ କରିଥିଲେ। ବ୍ରିଜ୍‌ରେ ପରିଣତ ବୟସରେ ବର୍ଦ୍ଧନ ଓ ଶିବନାଥ ସରକାର ପୁରୁଷ ପେୟାରରେ ସ୍ୱର୍ଣ୍ଣ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବକ୍ସିଂରେ ଅଲିମ୍ପିକ୍ସ ଚାମ୍ପିୟନଙ୍କୁ ହରାଇ ଏକମାତ୍ର ଭାରତୀୟ ଭାବେ ଅମିତ ପଙ୍ଘାଲ ସ୍ୱର୍ଣ୍ଣ ଜିତିଥିଲେ।

ଭାରତୀୟ ତୀରନ୍ଦାଜମାନେ କିନ୍ତୁ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। ପୂର୍ବରୁ ଭାରତ କବାଡିରେ ପୁରୁଷ ଓ ମହିଳା ଦଳ ୯ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ମଧ୍ୟ ଏଥର କିନ୍ତୁ କଥା ଅଲଗା ହୋଇଥିଲା। କବାଡ଼ି ପାୱାର ହାଉସ୍ ଭାବେ ଜଣାଥିବା ଭାରତ ଏଥର ପୁରୁଷ ଓ ମହିଳା ବିଭାଗରେ ରୌପ୍ୟ ଓ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

ପୁଲ ପର୍ଯ୍ୟାୟରେ ଭାରତୀୟ ପୁରୁଷ ହକି ଦଳ ୭୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଥିଲା। ତେବେ ମାଲେସିଆ ବିପକ୍ଷ ସେମିଫାଇନାଲରେ ଆମ ଖେଳାଳିମାନେ ଶେଷ ଦୁଇଟି ମିନିଟରେ ତ୍ରୁଟି କରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲେ। ଫଳରେ ପାକିସ୍ତାନକୁ ହରାଇ ଭାରତକୁ ଶେଷରେ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସେହିପରି ମହିଳା ଦଳ ଫାଇନାଲରେ ଜାପାନଠାରୁ ହାରି ରୌପ୍ୟ ଜିତିଥିଲା।

## ଏସିଆଡରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ



ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ପ୍ରତିନିଧି ଦଳର ମାର୍ଚ୍ଚପାଷ୍ଟ।

**ସଂକ୍ଷେପରେ**

ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍

## ଜୁନିୟରଙ୍କୁ ୨ ସ୍ୱର୍ଣ୍ଣ, ସିନିୟର ଫାଇନାଲରୁ ବଞ୍ଚିତ

ଚାଙ୍ଗ୍‌ୱନ (ଦକ୍ଷିଣ କୋରିଆ), ୨।୯(ପି.ଟି.): ଏଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ୫୨ତମ ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଜୁନିୟର ଭାରତୀୟ ଶୁଟର ଦୁଇ ସ୍ୱର୍ଣ୍ଣ ପଦକରୁ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ସିନିୟର ଦଳ ନିଜ ଇଭେଣ୍ଟରେ ଫାଇନାଲ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ଜୁନିୟର ୫୦ ମିଟର ପୁରୁଷ ପିସ୍ତଲ ଇଭେଣ୍ଟରେ ଅର୍ଜୁନ ସିଂ ଚିମା ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ଅର୍ଜୁନ ମୋଟ୍ ୫୫୯ ସ୍କୋର କରିଥିଲେ। କୋରିଆର ଓ୍ୱଜଙ୍ଗ୍ କିମ୍ (୫୫୪) ଓ ଭାରତର ଗୌରବ ରାଣା (୫୫୧) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିଭଳି ଏହି ଇଭେଣ୍ଟର ଦଳଗତ ବର୍ଗରେ ଅର୍ଜୁନ, ଗୌରବ ଓ ଅନମୋଲ ଜୈନଙ୍କୁ ନେଇ ଗଠିତ ଭାରତୀୟ ଦଳ ମୋଟ୍ ୧୬୫୯ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲା। ତେବେ ସିନିୟର ବର୍ଗର ମିକ୍ସଡ୍ ଟିମ୍ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଅପୂର୍ବୀ ଚାଣ୍ଡେଲା ଓ ରବି କୁମାର ଯୋଡ଼ି ୮୩୫.୬ ସ୍କୋର ରଖି ଯୋଗ୍ୟତା ପର୍ଯ୍ୟାୟରେ ୭ମ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ୨ୟ ଭାରତୀୟ ଯୋଡ଼ି ଭାବେ ଅଂଶଗ୍ରହଣ କରିଥିବା ଦୀପକ କୁମାର ଓ ମେହୁଲି ଘୋଷ ୮୩୧.୬ ସ୍କୋର ରଖି ୨୫ତମ ସ୍ଥାନ ହାସଲ କରିଥିଲେ। ମିକ୍ସଡ ଟିମ୍ ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ହୀନା ସିଦ୍ଧୁ ଓ ଶହଜର ରିଜଭି ଯୋଗ୍ୟତା ପର୍ଯ୍ୟାୟରେ ୧୦ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।



> କିଲିଆନ ଏମ୍‌ବାପେ ଜଣେ ଷ୍ଟାର ଷ୍ଟ୍ରାଇକର ହୋଇଥିବାରୁ ସେ ବିପକ୍ଷ ଦଳର ଡିଫେଣ୍ଡରଙ୍କ ଟାର୍ଗେଟରେ ରହିବା ସ୍ୱାଭାବିକ।
> –ଡିଡିଅର ଡେସ୍‌ଚାମ୍ପ, ଫ୍ରାନ୍ସ ଫୁଟ୍‌ବଲ ଟିମ୍ ମ୍ୟାନେଜର



> ଟୋକିଓ ଅଲିମ୍ପିକ୍ସରେ ଦୁଇ କୋରିଆ ଦେଶର ଆଥଲେଟ୍ ମିଳିତ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆଶା।
> –ଥୋମାସ ବ୍ୟାକ୍, ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି ମୁଖ୍ୟ

# ଇଂଲଣ୍ଡ ସିରିଜ ବିଜୟୀ

ସାଉଥମ୍ପଟନ, ୨।୯

ଅଧିନାୟକ ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେଙ୍କ ଶତକୀୟ ଭାଗୀଦାରି ପର୍ଯ୍ୟାପ୍ତ ହେଲାନି। ଅନ୍ୟବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୧୮୪ ରନ କରିବାକୁ ସକ୍ଷମ ହେଲା। ଫଳରେ ଇଂଲଣ୍ଡ ଏଠାରେ ଅନୁଷ୍ଠିତ ଚତୁର୍ଥ କ୍ରିକେଟ ଟେଷ୍ଟରେ ୬୦ ରନରେ ବିଜୟୀ ହେବା ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। ଭାରତ ସମ୍ମୁଖରେ ୨୪୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଚଳିତ ସିରିଜର ପ୍ରଥମ ଓ ଦ୍ୱିତୀୟ ଟେଷ୍ଟକୁ ଇଂଲଣ୍ଡ ଜିତିଥିବାବେଳେ ତୃତୀୟ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା।



ବିରାଟ କୋହଲିଙ୍କ ଉଇକେଟ୍ ପତନ ପରେ ଉଲ୍ଲସିତ ଇଂଲଣ୍ଡ ଖେଳାଳି ।

ଟାର୍ଗେଟ ବଡ଼ ନ ଥିଲେ ହେଁ ମ୍ୟାଚ ଜିତିବାକୁ ହେଲେ ଭାରତ ପାଇଁ ଦୃଢ଼ ଓପନିଂର ଆବଶ୍ୟକ ଥିଲା। ମାତ୍ର ତାହା ସମ୍ଭବ ନ ହେବାରୁ ମିଡିଲ ଅର୍ଡର ଉପରେ ଚାପ ପଡ଼ିଥିଲା। ଲୋକେଶ ରାହୁଲ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିବାବେଳେ ପ୍ରଥମ ଇନିଂସରେ ଶତକ ହାସଲ ସହ ଅପରାଜିତ ରହିଥିବା ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ମାତ୍ର ୫ ରନ କରି ଆଉଟ ହୋଇଥିଲେ। ଅନ୍ୟତମ ଓପନର ଶିଖର ଧାୱନ ମଧ୍ୟ ମାତ୍ର ୧୭ ରନ କରି ଆଉଟ ହେବାରୁ ଭାରତ ସ୍କୋର ୨୨/୩ ହୋଇ ଯାଇଥିଲା। ପୂଜାରା ଓ ଧାୱନଙ୍କୁ ଆଉଟ କରି ଜେମ୍ସ ଆଣ୍ଡରସନ ଇଂଲଣ୍ଡ ଶିବିରରେ ଖୁସି ଖେଳାଇ ଦେଇଥିଲେ। ଅଧିନାୟକ ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେ ଅର୍ଦ୍ଧଶତକ ହାସଲ କରିବା ସହ ୪ର୍ଥ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଭାରତ ପାଇଁ ଆଶା ଉଜ୍ଜୀବିତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଭାରତ ଇନିଂସ ତାସ୍ ଘରପରି ଭୁଶୁଡ଼ି ପଡ଼ିଥିଲା। ଭାରତୀୟ ଇନିଂସ ୬୦ତମ ଓଭରର ୫ମ ବଲ୍‌ରେ ଶର୍ଟ ଲେଗ୍ ଅଞ୍ଚଳରେ ଆଲିଷ୍ଟର କୁକ୍‌ଙ୍କ ହାତରେ କୋହଲିଙ୍କୁ କ୍ୟାଚ କରାଇ ମୋଇନ ଅଲୀ ଇଂଲଣ୍ଡକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ବଲ୍ ବ୍ୟାଟ୍‌କୁ ଟଚ୍ କରି ନ ଥିବା ଭାବି କୋହଲି ରିଭ୍ୟୁ କରିଥିଲେ। ମାତ୍ର ବଲ୍ ପ୍ୟାଡ୍‌ରେ ବାଜି କୁକ୍‌ଙ୍କ ହାତକୁ ଯିବା ପୂର୍ବରୁ କୋହଲିଙ୍କ ଗ୍ଲୋଭ୍ସରେ ବାଜିଥିବା ସ୍ନିକୋମିଟରରେ ଜଣା ପଡ଼ିଥିଲା। ୧୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୪ ଚୌକା ସହାୟତାରେ ୫୮ ରନ କରି ଆଉଟ ହୋଇଥିଲେ। କୋହଲି ଓ ରାହାନେଙ୍କ ପାର୍ଟନରଶିପ୍‌ରେ ୧୦୧ ରନ ସଂଗୃହୀତ ହୋଇଥିଲା। ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲି ପାରି ନଥିବା ବେଳେ ଏବଂ ଉଇକେଟ କିପର ରିଷଭ ପନ୍ତ ୧୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଧୈର୍ଯ୍ୟର ସହିତ ବ୍ୟାଟିଂ କରୁଥିବା ରାହାନେ ଏକାଗ୍ରତା ହରାଇ ମୋଇନ ଅଲୀଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇ ଯାଇଥିଲେ। ସେ ୧୫୯ ବଲ୍‌ର ସମ୍ମୁଖୀନ ହୋଇ ୧ ଚୌକା ସହ ୫୧ ରନ କରିଥିଲେ। ଇଶାନ୍ତ ଶର୍ମା ଖାତା ଖୋଲି ପାରି ନ ଥିବାବେଳେ ମହମ୍ମଦ ସାମି ମୋଇନଙ୍କ ଚତୁର୍ଥ ଶିକାର ବନିଥିଲେ। ୭୦ତମ ଓଭରର ୪ର୍ଥ ବଲ୍‌ରେ ରବିଚନ୍ଦ୍ରନ ଅଶ୍ୱିନ(୨୫ ରନ)ଙ୍କୁ ଆଉଟ କରି ସାମ୍ କୁରାନ ଭାରତୀୟ ଇନିଂସର ପରିସମାପ୍ତି ଘଟାଇଥିଲେ। ଇଂଲଣ୍ଡ ପକ୍ଷରୁ ମୋଇନ ୪ଟି, ଜେମ୍ସ ଆଣ୍ଡରସନ ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ ଏବଂ ଷ୍ଟୁଆର୍ଟ ବ୍ରଡ୍ ଓ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମୋଇନ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୨୬୦/୮ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୧୧ ରନ ଯୋଡ଼ି ଅବଶିଷ୍ଟ ୨ଟି ଉଇକେଟ ହରାଇଥିଲା। ସାମ୍ କୁରାନ ୪୬ ରନ କରି ଶେଷ ଖେଳାଳିଭାବେ ରନଆଉଟ ହୋଇଥିଲେ। ଫଳରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୨୭୧ରେ ଶେଷ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬।

ଭାରତ ପ୍ରଥମ ଇନିଂସ: ୨୭୩।

ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୧।

ଭାରତ ଦ୍ୱିତୀୟ ଇନିଂସ: ୧୮୪/ଅଲଆଉଟ(କୋହଲି–୫୮, ରାହାନେ–୫୧, ମୋଇନ–୪/୭୧, ଆଣ୍ଡରସନ–୨/୩୩, ଷ୍ଟୋକ୍ସ–୨/୩୪, ବ୍ରଡ୍–୧/୨୩, କୁରାନ–୧/୧)।

## ହାମିଲଟନ ରେକର୍ଡ ସମକକ୍ଷ

ମୋଞ୍ଜା (ଇଟାଲି), ୨।୯ (ଏଏଫ୍‌ପି)

ଚାମ୍ପିୟଶିପ୍ ଲିଡର ମର୍ସିଡିଜର ଲୁଇସ୍ ହାମିଲଟନ ୫ମ ଥର ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରି ୭ଥର ବିଶ୍ୱ ଚାମ୍ପିୟନ ମାଇକେଲ ସୁମାକରଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଫର୍ମୁଲା ୱାନରେ ହାମିଲଟନଙ୍କର ଥିଲା ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ଶନିବାର ଫର୍ମୁଲା ୱାନ ଇତିହାସରେ ରେକର୍ଡ ଟାଇମିଂ ସହ ପୋଲ ପୋଜିଶନ ହାସଲ କରିଥିବା କିମି ରାଇକୋନେନ ସ୍ଥାନୀୟ ଫେରାରି ଟିମ୍‌ଙ୍କ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ହାମିଲଟନ ତାଙ୍କୁ ୮.୭ ସେକେଣ୍ଡ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିନେଇଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ୬୮ତମ ଏବଂ ଚଳିତ ବର୍ଷର ୬ଷ୍ଠ ଟାଇଟଲ। ଏହି ବିଜୟ ଦ୍ୱାରା ଚାମ୍ପିୟନଶିପ୍ ଟେବୁଲରେ ଫେରାରିର ସେବାଷ୍ଟିଆନ ଭେଟେଲଙ୍କଠାରୁ ତାଙ୍କ ପଏଣ୍ଟ ବ୍ୟବଧାନ ୧୭ରୁ ୩୦କୁ ବୃଦ୍ଧି ପାଇଛି। ରେସ୍‌ରେ ଭେଟେଲଙ୍କୁ ପଛରେ ପକାଇ ହାମିଲଟନଙ୍କ ମର୍ସିଡିଜ ଟିମ୍‌ମେଟ ଭାଲ୍‌ଟେରି ବୋଟାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରୋଡ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଟାଇମ୍ ପେନାଲ୍ଟି ଯୋଗୁ କ୍ଲାସିଫିକେଶନ ଫଳାଫଳକୁ ଭିତ୍ତି କରି ମାକ୍ସ ଭର୍ଷ୍ଟାପେନ ୫ମ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଏଷ୍ଟିବାନ ଓପନ ଏବଂ ତାଙ୍କ ଫୋର୍ସ ଇଣ୍ଡିଆ ଟିମ୍‌ମେଟ ସର୍ଗିଓ ପେରେଜଙ୍କୁ ଯଥାକ୍ରମେ ପଛରେ ପକାଇ ହାସ୍‌ର ରୋମେନ ଗ୍ରୋସ୍‌ଜେଁ ୬ଷ୍ଠ ସ୍ଥାନ ହାସଲ କରିଥିଲେ। ରେନଲ୍ଟର କାର୍ଲୋସ ସେଞ୍ଜ୍ ଏବଂ ୱିଲିୟମ୍ସର ଲାନ୍ସ ଷ୍ଟ୍ରୋଲଙ୍କୁ ୯ମ ଓ ୧୦ମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ନିର୍ମଳ, ରଘୁନାଥଙ୍କୁ ସରୋଜ ମହାସୁଆର ପୁରସ୍କାର

ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)



ରଘୁନାଥ ମଲ୍ଲ



ନିର୍ମଳ କୁମାର ମିଶ୍ର

ଅଭିଜ୍ଞ ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ଯୁବ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଚଳିତ ବର୍ଷର ସରୋଜ ମହାସୁଆର କ୍ରୀଡ଼ା ପୁରସ୍କାର ପାଇବେ। ଶ୍ରେଷ୍ଠ ଅମ୍ପାୟର ଭାବେ ନିର୍ମଳ ଓ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଭାବେ ରଘୁନାଥ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ବୋଲି ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ଆସନ୍ତା ୬ ତାରିଖ ସରୋଜଙ୍କ ୧୬ତମ ଶ୍ରାଦ୍ଧ ଦିବସରେ ଏହି ପୁରସ୍କାର ପ୍ରଦାନ କରାଯିବ।

ନିର୍ମଳ ଦୀର୍ଘ ୨୫ ବର୍ଷ ଧରି ରାଜ୍ୟରେ କ୍ରିକେଟ ଅମ୍ପାୟରିଂକୁ ଏକ ନୂଆ ସ୍ତରକୁ ନେଇ ଯାଇଛନ୍ତି। ୨୦୦୨ରେ ରାଜ୍ୟ ପ୍ୟାନେଲ ଫୁଟ୍‌ବଲ ରେଫରି ଭାବେ ନିଜକୁ ପ୍ରତିଷ୍ଠା କରାଇ ପାରିଥିବା ଏହି ଦୂରଦ୍ରଷ୍ଟା ୨୦୦୬ରେ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ପ୍ୟାନେଲ ଅମ୍ପାୟର ହୋଇଥିଲେ। ନିମାପଡ଼ାର ଅଣ୍ଡିଆ ଶାସନରେ ତାଙ୍କ ଘର ହୋଇଥିଲେ ହେଁ ସେ ନିୟମିତ ଭାବେ ଭୁବନେଶ୍ୱର ଓ କଟକରେ ମ୍ୟାଚ୍ ପରିଚାଳନା କରିଆସୁଛନ୍ତି। ପଢ଼ିଆରେ ଅମ୍ପାୟରିଂ ଏବଂ ବୃତ୍ତିରେ ଶିକ୍ଷକତା ବ୍ୟତୀତ ଖେଳ ସମ୍ପର୍କିତ ଲେଖା ପାଇଁ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କ୍ରିକେଟର ନିୟମ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ରହିଛି। ଏହାଛଡ଼ା ଜଣେ ନିର୍ବିବାଦୀୟ, ସ୍ପଷ୍ଟବାଦୀ ଅମ୍ପାୟର ଭାବେ ଆୟୋଜକ ଓ ପ୍ରଶଂସକଙ୍କର ସେ ପ୍ରିୟପାତ୍ର ହୋଇପାରିଛନ୍ତି। କ୍ଲବ କ୍ରିକେଟ୍‌ଠାରୁ ଆରମ୍ଭ କରି ପୂର୍ବାଞ୍ଚଳ, ବିଶ୍ୱବିଦ୍ୟାଳୟ, ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତା, ଆନ୍ତଃ ଜିଲା କଳାହାଣ୍ଡି କପ୍, ଓଡ଼ିଶା ପ୍ରିମିୟର ଲିଗ୍, କିଟ୍ ପ୍ରିମିୟର ଲିଗ୍, ହାଇଟେକ୍ ପ୍ରିମିୟର ଲିଗ୍, ଆପୋଲୋ କପ୍, ରାଜ୍ୟ ମହିଳା ପ୍ରତିଯୋଗିତା, ଜୋନାଲ ଏକାଡେମୀ ଟ୍ରାଏଲ୍ସ ଆଦି ପ୍ରତିଯୋଗିତାଗୁଡ଼ିକୁ ସେ ସଫଳତାର ସହ ପରିଚାଳନା କରିଛନ୍ତି। କେନ୍ଦ୍ରାପଡ଼ାର ନେତୁଆ ନିବାସୀ ସରୋଜବାଳା ଓ ନିର୍ମଳ ଚନ୍ଦ୍ର ମଲ୍ଲଙ୍କ ପୁତ୍ର ରଘୁନାଥ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂରେ ପ୍ରତିଷ୍ଠିତ କୋଚ୍ କିଶୋର ମାଣିଆ ଓ ଟୁନା ସାହୁଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ୁଛନ୍ତି। ସେ ୨୦୧୩–୧୪ ସିଜନରୁ ଓଡ଼ିଶା ପାଇଁ ଘରୋଇ କ୍ରିକେଟ ଖେଳି ଆସୁଛନ୍ତି। ରାଜ୍ୟର ଏକମାତ୍ର ଖେଳାଳି ଭାବେ ସେ କ୍ରମାଗତ ୪ ବର୍ଷ ଧରି ପୂର୍ବାଞ୍ଚଳ ଜୋନାଲ କ୍ରିକେଟ ଏକାଡେମୀ(ଜେଡ୍‌ସିଏ) ଲାଗି ମନୋନୀତ ହୋଇଛନ୍ତି। ପ୍ରତି ସିଜନରେ ଶତକ ହାସଲ କରିବାର ଅଭିଜ୍ଞତା ରଖିଥିବା ରଘୁନାଥ ଗତବର୍ଷ କୁଚ୍‌ବିହାର ଟ୍ରଫିରେ ଓଡ଼ିଶା ଦଳର ନେତୃତ୍ୱ ନେବା ସହ ମୋଟ ୪୯୨ ରନ୍ ସଂଗ୍ରହ କରିଥିଲେ। ତାମିଲନାଡୁ ବିପକ୍ଷରେ ୧୭୫, ସୌରାଷ୍ଟ୍ର ବିପକ୍ଷରେ ୧୨୬ ଓ ୭୮ ରନ୍ ସ୍କୋର କରି ସେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ହିମାଚଳ ପ୍ରଦେଶର ଉନାଠାରେ ଜୋନାଲ ପ୍ରତିଯୋଗିତାରେ ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରି ଶକ୍ତିଶାଳୀ ଉତ୍ତରାଞ୍ଚଳ ବିପକ୍ଷରେ ୧୩୦, ଉତ୍ତର ପୂର୍ବାଞ୍ଚଳ ବିପକ୍ଷରେ ୧୨୬ ରନ୍ କରିବା ସହ ସର୍ବୋଚ୍ଚ ରନ୍ ସଂଗ୍ରହକାରୀ ଭାବେ ବେଙ୍ଗାଲୁରସ୍ଥିତ ଜାତୀୟ କ୍ରିକେଟ ଏକାଡେମୀକୁ ଡାକରା ପାଇଥିଲେ। ୨୦୧୬–୧୭ ସିଜନରେ ଓଡ଼ିଶାର ଉପଅଧିନାୟକ ଭାବେ ଧ୍ରୁବ ପାଣ୍ଡବ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ସେହି ସିଜନରେ ସେ ୨ଟି ଶତକ ହାସଲ କରିବା ସହ ଆଉ ଏକ ଇନିଂସ୍‌ରେ ୯୯ ରନ୍ କରି ଅପରାଜିତ ରହିଥିଲେ। ପ୍ରକାଶଯୋଗ୍ୟ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା ପ୍ରତିଯୋଗିତାର ଏକ ମ୍ୟାଚ୍ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ୨୦୦୪ରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି।

## ସିରାଜଙ୍କୁ ୮ ଉଇକେଟ, ଅଷ୍ଟ୍ରେଲିଆ ଏ' ୨୪୩

ବେଙ୍ଗାଲୁରୁ, ୨।୯ (ପି.ଟି.)

ସ୍ଥାନୀୟ ଏନ୍. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ଏ' ବିପକ୍ଷ ପ୍ରଥମ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ'ର ମହମ୍ମଦ ସିରାଜ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଛନ୍ତି। ସେ ୫୯ରନ ବିନିମୟରେ ୮ଟି ଉଇକେଟ ନେଇଥିଲେ ମଧ୍ୟ ଉସ୍‌ମାନ ଖ୍ୱାଜାଙ୍କ ଚମତ୍କାର ଶତକ ଯୋଗୁ ଅଷ୍ଟ୍ରେଲିଆ ଏ' ୨୪୩ ରନ କରିପାରିଛି। ରବିବାର ପ୍ରଥମ ଦିବସ ଖେଳରେ ଅଷ୍ଟ୍ରେଲିଆ ଏ' ୭୮ ସ୍କୋରରେ ଏହାର ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ପରେ ହାଇଦ୍ରାବାଦ ପେସ୍ ବୋଲର ସିରାଜ ତାଙ୍କର ଗୋଟିଏ ସ୍ପେଲରେ ୪ଟି ଉଇକେଟ ଅକ୍ତିଆର କରି ଭ୍ରମଣକାରୀ ଦଳର ନାଟକୀୟ ବିପର୍ଯ୍ୟୟ ଘଟାଇଥିଲେ। ତାଙ୍କ ପ୍ରାଇଜ ଉଇକେଟ ମଧ୍ୟରେ ପ୍ରତିପକ୍ଷ ଅଧିନାୟକ ମିଚେଲ ମାର୍ଶ(୦) ଓ ଖ୍ୱାଜାଙ୍କ ଭଳି ଟେଷ୍ଟ ଖେଳାଳି ଥିଲେ। ମାର୍ଶଙ୍କ ବ୍ୟତୀତ ଖ୍ରିସ ଟ୍ରିମେନ ଓ ବ୍ରେଣ୍ଡନ ଡଗେଟ୍ ବିନା ସ୍କୋରରେ ପ୍ୟାଭିଲିଅନ ଫେରିଥିଲେ।



ମହମ୍ମଦ ସିରାଜ

ସିରାଜ ଆହୁରି ମଧ୍ୟ ପିଟର ହ୍ୟାଣ୍ଡ୍ସକମ୍ବ ଓ ମାଇକେଲ ସେସେରଙ୍କୁ ଖାତା ଖୋଲିବାକୁ ଦେଇ ନ ଥିଲେ। ଭାରତ ଏ' ତରଫରୁ ଉଇକେଟ ନେଇଥିବା ଅନ୍ୟତମ ବୋଲର ହେଲେ କୁଲଦୀପ ଯାଦବ। ସେ ୬୩ରନ ବିନିମୟରେ ଦୁଇଟି ଉଇକେଟ ହାସଲ କରିଥିଲେ। ସିରାଜଙ୍କ ବଲ୍‌ରେ ଉଇକେଟକିପର କୋନା ଭରତଙ୍କ ଦ୍ୱାରା ଅଷ୍ଟ୍ରେଲିଆ ଏ'ର ଶେଷ ବ୍ୟାଟ୍ସମ୍ୟାନ ଭାବେ କ୍ୟାଚ ଆଉଟ ହେବା ପୂର୍ବରୁ ଓପନର ଖ୍ୱାଜା ୧୨୭ ରନ କରି ସାରିଥିଲେ। ସେ ୨୨୮ ବଲ୍ ସାମ୍ନା କରିଥିବାବେଳେ ୨୦ଟି ଚୌକା ଲଗାଇଥିଲେ। ଖ୍ୱାଜା ଓ ମାର୍ନସ ଲାବୁସ୍କାନେ ୫ ଉଇକେଟରେ ଭାଗୀଦାରିରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ୧୧୪ ରନ ଯୋଗ କରିଥିଲେ। ଲାବୁସ୍କାନେ ୧୦୫ ବଲ୍ ସାମ୍ନା କରି ୧୧ ଚୌକା ସହ ୬୦ ରନ କରିଥିଲେ। ୧୫ରୁ ଅଧିକ ରନ ସଂଗ୍ରହ କରିଥିବା ଅନ୍ୟଜଣେ ବ୍ୟାଟ୍ସମ୍ୟାନ ଥିଲେ କୁର୍ଟିସ ପ୍ୟାଟରସନ(୩୧)। ଜବାବରେ ଭାରତ ଏ' ଷ୍ଟମ୍ପ ଅପସାରଣ ସୁଦ୍ଧା ବିନା କୌଣସି ଉଇକେଟରେ ୪୧ ରନ କରିଛି। ଦଳ ଅଷ୍ଟ୍ରେଲିଆ ଏ'ଠାରୁ ଆହୁରି ୨୦୨ ରନ ପଛରେ ରହିଛି। ଓପନର ମୟଙ୍କ ଅଗ୍ରୱାଲ ଓ ରବି କୁମାର ସମର୍ଥ ଯଥାକ୍ରମେ ୩୧ ଓ ୧୦ ରନ କରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ଏ'**: ୨୪୩ (ଉସ୍‌ମାନ ଖ୍ୱାଜା–୧୨୭, ମାର୍ନସ ଲାବୁସ୍କାନେ–୬୦ ; ମହମ୍ମଦ ସିରାଜ–୮/୫୯, କୁଲ୍‌ଦୀପ ଯାଦବ–୨/୬୩)।

**ଭାରତ ଏ'**: ୪୧/୦ (ମୟଙ୍କ ଅଗ୍ରୱାଲ–୩୧*, ରବିକୁମାର ସମର୍ଥ–୧୦*)।




## ରୋନାଲଡୋ ଜୁନିୟରଙ୍କ ୪ ଗୋଲ

ମିଲାନ, ୨।୯ (ଏଏଫ୍‌ପି)

ଇଟାଲିଆନ ଚାମ୍ପିୟନ ଜୁଭେଣ୍ଟସରେ ଯୋଗଦାନ ପରେ ପର୍ତ୍ତୁଗିଜ ସୁପର ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ତାଙ୍କ ନୂଆ କ୍ଲବ ତରଫରୁ ଏପର୍ଯ୍ୟନ୍ତ ଗୋଲ ସ୍କୋର କରିବାରେ ସଫଳ ହୋଇପାରି ନାହାନ୍ତି। ୫ଥର ବାଲନ ଡି'ଅର ପୁରସ୍କାର ବିଜେତାଙ୍କୁ ପଛରେ ପକାଇ ଏଥର ଲୁକା ମୋଡ୍ରିକ୍ ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା) 'ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ଜିତିଛନ୍ତି। ଏଭଳି ସ୍ଥିତିରେ ତାଙ୍କ ପୁଅ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଜୁନିୟର ଜୁଭେଣ୍ଟସ ଅଣ୍ଡର-୯ ଟିମ୍ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚରେ ୪ଟି ଗୋଲ ସ୍କୋର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖବର ଅନୁସାରେ ୮ ବର୍ଷୀୟ ରୋନାଲଡୋ ଜୁନିୟରଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଜୁଭେଣ୍ଟସ ଅଣ୍ଡର-୯ ଟିମ୍ ୫-୧ଗୋଲରେ ଲୁସେଣ୍ଟୋକୁ ପରାସ୍ତ କରିଥିଲା। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ସେ ଦୁଇଟି ଲେଖାଏଁ ଗୋଲ ସ୍କୋର କରିପାରିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୩/୨୦୧୮ Sambalpur, Monday, September 3/ 2018




ଶିଳ୍ପାନୁଷ୍ଠାନ କରୁଛି ପ୍ରଦୂଷଣ

# ଶିଳ୍ପପତିଙ୍କୁ କାରଣ ଦର୍ଶାଅ ନୋଟିସ୍

**ବରଗଡ଼ ଅଫିସ୍,୨।୯**

ବରଗଡ଼ ଜିଲାରେ କେତେକ ଶିଳ୍ପାନୁଷ୍ଠାନ ପ୍ରଦୂଷଣ ଆଇନ ଉଲ୍ଲଂଘନ କରି ଚାଲିଛନ୍ତି । ଫଳରେ ଜିଲାରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ପ୍ରଦୂଷଣ ଆଇନ ଉଲ୍ଲଂଘନ କରିଥିବା ଜଣାପଡିବା ପରେ ଶନିବାର ବରପାଲିରେ ଥିବା ନଜଲ୍ ଫ୍ଲୋଏକ୍ସ (ବିଭିନ୍ନ କାରଖାନା ପାଇଁ ଆବଶ୍ୟକ ଗ୍ରାଫାଇଟ, କ୍ରୋମାଇଟ, କ୍ୱାର୍ଟଜାଇଟ୍ ମିଶ୍ରିତ ଏକ ପ୍ରକାର ଗୋଲା) ଫ୍ୟାକ୍ଟ୍ରି ଏନ. କେ. ଏଣ୍ଟରପ୍ରାଇଜେସ୍ ମାଲିକ ନବୀନ କୁମାର ସିଂଘାଣିଆଙ୍କୁ ମିଲ୍ ଚଲାଇବା ପାଇଁ ଅନୁମତି ଦେବାକୁ ମନା କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୋଟିସ୍ ଇସ୍ୟୁ ହେବାର ୧୫ଦିନ ମଧ୍ୟରେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିଲେ ମିଲ୍‌କୁ ବନ୍ଦ ନିର୍ଦ୍ଦେଶ ଦିଆଯିବ ବୋଲି ଏଥିରେ କୁହାଯାଇଛି ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପତ୍ରସଂଖ୍ୟା-୩୧୫୭ତା୧।୯।୨୦୧୮ରିଖ ଅନୁସାରେ, ଉକ୍ତ ଶିଳ୍ପାନୁଷ୍ଠାନରେ ବାର୍ଷିକ ୨୪୦୦ ମେଟ୍ରିକ ଟନ ନଜଲ୍ ଫ୍ଲୋଏକ୍ସ ଉତ୍ପାଦନ ପାଇଁ ୨୦୧୩ ମେ ୭ ତାରିଖରେ ଅନୁମତି ମିଳିଥିଲା। ସେହି ଅନୁମତିର ଅବଧି ଚଳିତବର୍ଷ ମାର୍ଚ୍ଚ ଶେଷସୁଦ୍ଧା ରହିଥିଲା। ତେବେ ଅନୁମତି ଅବଧି ବିତିଯିବା ସତ୍ତ୍ୱେ ବିନା ଅନୁମତିରେ ଏହା ଚାଲୁଥିଲା ଏବଂ ଗତ ଜୁଲାଇ ୨ତାରିଖରେ ଶିଳ୍ପାନୁଷ୍ଠାନର ମାଲିକ ଅନୁମତିର ନବୀକରଣ ପାଇଁ ଅନଲାଇନ ଯୋଗେ ଆବେଦନ କରିଥିଲେ। ଆବେଦନ ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଏକ ଟିମ୍ ଗତ ଜୁଲାଇ ୨୦ତାରିଖରେ ଏହି ଶିଳ୍ପାନୁଷ୍ଠାନ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁମତି ନ ଥିବା ସତ୍ତ୍ୱେ ରାଇସ ମିଲରୁ ନିର୍ଗତ ପାଉଁଶ(ରାଖଡ଼) ବ୍ୟବହାର କରିବା, ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା, ବର୍ଜ୍ୟବସ୍ତୁ ନିଷ୍କାସନ ତଥା ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା ।

# ପୁତୁରା ଠେଙ୍ଗାମାଡ଼ରେ ସମ୍ପର୍କୀୟ କାକା ମୃତ

**ଲୋଇସିଂହା, ୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ରାମପୁର ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପୁତୁରା ଠେଙ୍ଗାମାଡରେ ସମ୍ପର୍କୀୟ କାକା ସନ୍ତୋଷ ବେହେରା(୩୪)ଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ପୁତୁରା(୧୭)ଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ରବିବାର ଲୋଇସିଂହା ଥାନା ପୋଲିସ ଜବତ ମୃତଦେହକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ପୋଲିସ ସୂଚନାମତେ, ଶନିବାର ଅପରାହ୍ନରେ ରାମପୁର ଗ୍ରାମକୁ କାଚ ସାମଗ୍ରୀ ବିକ୍ରି କରିବାକୁ ଜଣେ ଫେରିବାଲା ଆସିଥିଲେ । ଏହି ସମୟରେ ଅଭିଯୁକ୍ତ ପୁତୁରା ଗଣେଶ ପୂଜା ପାଇଁ ତାଙ୍କୁ ୫ଶହ ଟଙ୍କା ଚାନ୍ଦା ମାଗିଥିଲେ । ଛୋଟ ବ୍ୟବସାୟୀ ହୋଇଥିବାରୁ ଏତେ ଟଙ୍କା ଦେବାକୁ ଫେରିବାଲା ଅକ୍ଷମତା ପ୍ରକାଶ କରିଥିଲେ। ହେଲେ ଗାଁକୁ ସବୁ ସମୟରେ ବ୍ୟବସାୟ କରିବାକୁ ଆସୁଥିବାରୁ ଟଙ୍କା ଦେବାକୁ ଯୁବକ ଜଣକ ଜିଦ୍ ଧରିଥିଲେ। ଏହି ସମୟରେ ସମ୍ପର୍କୀୟ କାକା ସନ୍ତୋଷ ସେଠାରେ ପହଞ୍ଚି ପୂଜା ଚାନ୍ଦା ମାଗିବାକୁ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଏକ ଠେଙ୍ଗାରେ ସନ୍ତୋଷଙ୍କୁ ପିଟି ଦେଇଥିଲେ। ତେଣୁ ସନ୍ତୋଷ ତଳେ ପଡି ଗୁରୁତର ହୋଇଥିଲେ। ପଡୋଶୀଙ୍କ ସହାୟତାରେ ସ୍ୱାମୀଙ୍କୁ ଉଦ୍ଧାର କରି ସ୍ତ୍ରୀ ଫାଲ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଆଇଆଇସି ଏଲ.ଏଲ ବାର୍ଲାଙ୍କୁ ପଚାରିବାରୁ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି । ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ ହୋଇଛି। ସ୍ୱାମୀଙ୍କୁ ହତ୍ୟା ନେଇ ସ୍ତ୍ରୀ ଫାଲ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତି କରି ଏକ ମାମଲା(ନଂ.୧୫୧/୧୮) ରୁଜୁ ହୋଇଛି। ଅଭିଯୁକ୍ତ ନାବାଳକ ହୋଇଥିବାରୁ ସୋମବାର ବଲାଙ୍ଗୀର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବ ବୋଲି ଜଣାପଡିଛି।

# ବାଇକ୍‌ରୁ ପଡି ଗୁରୁତର ମହିଳାଙ୍କ ମୃତ୍ୟୁ

**ଲୋଇସିଂହା,୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ପ୍ରତିଭା ସାହୁ(୨୩) ନାମ୍ନୀ ଜଣେ ମହିଳା ବାଇକରୁ ପଡି ଶନିବାର ଗୁରୁତର ହୋଇଥିଲେ। ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମୃତାଙ୍କର ଏକ ୨ବର୍ଷର ଶିଶୁପୁତ୍ର ଅଛି। ପ୍ରାପ୍ତ ଖବର ମତେ, ଝାଡାବାନ୍ତିରେ ଆକ୍ରାନ୍ତ ଶିଶୁପୁତ୍ରର ଚିକିତ୍ସା ପାଇଁ ନଅଗାଁ(ଖ) ଗ୍ରାମର ଦିଲୀପ ସାହୁ ଓ ତାଙ୍କ ସ୍ତ୍ରୀ ପ୍ରତିଭା ବଲାଙ୍ଗୀର ଆସିଥିଲେ। ସନ୍ଧ୍ୟାରେ ପିଲାକୁ ଧରି ସାହୁ ଦମ୍ପତି ବାଇକ ଯୋଗେ ଗାଁକୁ ଫେରୁଥିବା ବେଳେ ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ଛତାମଖନା ନିକଟରେ ଭାରସାମ୍ୟ ହରାଇ ଏକ ଗର୍ତ୍ତରେ ପଡିଯାଇଥିଲେ । ଏହି ଘଟଣାରେ ଦିଲୀପ ଓ ଶିଶୁପତ୍ର ସାମନ୍ୟ ଆହତ ହୋଇଥିବାବେଳେ ପ୍ରତିଭା ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବଲାଙ୍ଗୀର ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

> ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।
> - ମେରି ଆଶ୍ୱିନ

## ସଂକ୍ଷେପରେ

### ଅପରେସନ ମୁସ୍କାନ, ୧୧ ଶିଶୁ ଶ୍ରମିକ ଉଦ୍ଧାର

**ମନମୁଣ୍ଡା, ୨।୯(ଡି.ଏନ.ଏ.)-** ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ଶନିବାର ଅପରେସନ ମୁସ୍କାନ ଜରିଆରେ ଚଢାଉ କରି ୧୧ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି । ଚଢାଉରେ ମନମୁଣ୍ଡାରୁ ୩ଜଣ, ଖଟଖଟିଆରୁ ୨ଜଣ, ପଲସାଗୋରାରୁ ୬ଜଣଙ୍କୁ ବିଭିନ୍ନ ହୋଟେଲ, ସାଇକେଲ ଦୋକାନରୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ସମସ୍ତ ଶିଶୁଙ୍କୁ ବୌଦ୍ଧ ବୁଟୁପାଲିସ୍ଥିତ ଶିଶୁ ମଙ୍ଗଳ ଅଫିସ୍‌କୁ ପଠାଇ ଦିଆଯାଇଥିବା ଆଇଆଇସି ଭାବାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି ।

### ମା' ମାହେଶ୍ୱରୀ କଲେଜରେ ଗଙ୍ଗାଧର ଜୟନ୍ତୀ

**ବାଉଁଶୁଣୀ,୨।୯( ଡ଼ି.ଏନ.ଏ.)-** ବୌଦ୍ଧ ବ୍ଲକ ଅନ୍ତର୍ଗତ ମା ମାହେଶ୍ୱରୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି । ଶଶିକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟ ସଂସଦ ସମ୍ପାଦକ ଦେଶବନ୍ଧୁ ମହାକୁଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ମାନଭଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି, ଦେବାର୍ଚ୍ଚନ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଶେଷରେ ବାବାରାମ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଅବସର

**ବାଉଁଶୁଣୀ,୨।୯(ଡ଼ି.ଏନ.ଏ)-** ବାଉଁଶୁଣୀ ବ୍ଲକ ଦଧିବାମନ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ମଦନ ମୋହନ ଜଟି ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି । ସେ ଗତ ତା ୧।୯।୮୯ରିଖରୁ ବିଦ୍ୟାଳୟର ଖେଳ ଶିକ୍ଷକ ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନ ସଭା ହୋଇଥିଲା। ସଭାରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସନତ କୁମାର ମହାକୁଳ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରଥ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ମହାକୁଳ ସରକାରଙ୍କ ବ୍ଲକଗ୍ରାଣ୍ଟ ପ୍ରଥାରେ ଦୀର୍ଘ ୩୦ ବର୍ଷ ଶିକ୍ଷାଦାନ କରିବା ପରେ ମଧ କୌଣସି ପେନସନ ବ୍ୟବସ୍ଥା ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ।

# ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨।୯**

ବରଗଡ଼ ଜିଲା ଯୋଜନା କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନା ଗୁଡ଼ିକର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଭିଜନ ୨୦୨୦ କିଭଳି ସଫଳ ରୂପାୟନ ହୋଇପାରିବ, ସେ ବିଷୟରେ ଉପସ୍ଥିତ ସଭ୍ୟାସଭ୍ୟ ନିଜ ମତାମତ ଉପସ୍ଥାପନ କରିଥିଲେ । ଜିଲାରେ ଚାଲିଥିବା ଗୋପବନ୍ଧୁ ଗ୍ରାମୀଣ ଯୋଜନାର ମନ୍ଥରତା ଉପରେ ସଭ୍ୟାସଭ୍ୟ ଉଦବେଗ ପ୍ରକାଶ କରିତିଲେ । ଅଧ୍ୟକ୍ଷ ଆଚାର୍ଯ୍ୟ ସଭ୍ୟମାନଙ୍କ ଉଦବେଗକୁ ଗୁରୁତ୍ୱର ସହିତ ବିଚାର କରି ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଯୋଜନା ଗୁଡ଼ିକ କିଭଳି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରିବ, ସେ ବିଷୟରେ ସ୍ୱତନ୍ତ୍ର ଦୃଷ୍ଟିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାରେ ଅବହେଳା କରିଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସେ ତାଗିଦ କରିଥିଲେ ।



ଜିଲା ଯୋଜନା କମିଟି ବୈଠକରେ ମଞ୍ଚାସୀନ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀମାନେ ।

୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ହୋଇଥିବା ଏବଂ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର କାର୍ଯକାରିତା ସମ୍ବନ୍ଧରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ସରକାରଙ୍କ ସମସ୍ତ ଯୋଜନା ଗୁଡ଼ିକ କିଭଳି ଠିକ୍ ସମୟରେ ସମାପ୍ତ ହେବ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ, ବିଜେପୁର ବିଧାୟିକା ରୀତା ସାହୁ, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଉପାଧ୍ୟକ୍ଷ ମଦନ ଦୀପ, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଡିଆର୍‌ଡିଏ ପିଡି କୃତିବାସ ରାଉତଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।


ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରକ୍ ।

# ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଗଲେ ଚାଳକ

**ଜହ୍ନାପଙ୍କ, ୨।୯ (ଡି.ଏନ.ଏ)**

ଶନିବାର ବିଳମ୍ବିତ ରାତ୍ରିରେ ଏକ ମାଲ ବୋଝେଇ ଟ୍ରକ (ନଂ.ଓଡି୦୭ପି/ ୩୦୦୬) ଚାଳକଙ୍କ ଆଖି ଲାଗିଯିବାରୁ ଜାତୀୟ ରାଜପଥ ନଂ.-୫୭ର ଜହ୍ନାପଙ୍କ ବାହାଲ ପୋଲ ନିକଟରେ ରାସ୍ତା ବାମ ପାର୍ଶ୍ୱକୁ ଓଲଟି ପଡିଥିଲା । ଫଳରେ ଚାଳକଙ୍କ ସମେତ ହେଲପର ଏକ ନିଶ୍ଚିତ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ । ଉକ୍ତ ଟ୍ରକ ରାୟପୁରରୁ ୨୫ ଟନ୍ ହରଡ ଡାଲି ବୋଝେଇ କରି ବ୍ରହ୍ମପୁର ଯାଉଥିବା ବେଳେ ରାତି ପ୍ରାୟ ୧ଟାରେ ଏହି ଦୁର୍ଘଟଣା ଘଟିଥିଲା । ରାସ୍ତାର ଡାହାଣ ପାର୍ଶ୍ୱରେ ନୂଆମାଟି ପଡିଥିବାରୁ ଟ୍ରକଟି ଆଗକୁ ଯାଇ ନ ପାରିବାରୁ ଏକ ବଡ ଦୁର୍ଘଟଣାକୁ ଏଡାଇ ପାରିଥିଲା । ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଧନେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି ।



ଶ୍ରମିକ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଶ୍ରମିକ ସଚେତନତା ଶିବିର

**ଜହ୍ନାପଙ୍କ, ୨।୯ (ଡି.ଏନ.ଏ)**

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି । ଏଥିରେ ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁ ମୁଖ୍ୟଅତିଥି, ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି, ଜିଲା ଶ୍ରମ ଅଧିକାରୀ ମହାଦେବ ଶିବ ସୁନ୍ଦର ଓ ଶ୍ରମ ନିରୀକ୍ଷକ କନ୍ୟାକୁମାରୀ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କୁଶଳୀ, ଅଣକୁଶଳୀ ଓ ଅର୍ଦ୍ଧ କୁଶଳୀ ଶ୍ରମିକମାନେ କିପରି ଜିଲା ଶ୍ରମ ଅଫିସ୍‌ରେ ନାମ ପଞ୍ଜୀକରଣ କରିପାରିବେ ଏବଂ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ପାଇପାରିବେ ସେ ସମ୍ପର୍କରେ ଅତିଥିମାନେ ସୂଚନା ପ୍ରଦାନ କରିଥିଲେ । ପରେ ପଞ୍ଜୀକୃତ ଶ୍ରମିକମାନଙ୍କୁ ଲେବର କାର୍ଡ ପ୍ରଦାନ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପ୍ରଭୁରାମ ଦାସ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ପିଏଲଭି ସନ୍ତୋଷ କୁମାର ସାହୁ, ନାରାୟଣ ଶତପଥି, ଜୟନ୍ତ କୁମାର ସାହୁ, ସୁଧାଂଶୁ ଶେଖର ମିଶ୍ର, ପୁଷ୍ପାଞ୍ଜଳି ମହାପାତ୍ର ସହଯୋଗ କରିଥିଲେ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ବୌଦ୍ଧ,୨।୯ (ସ୍ୱ.ପ୍ର.)**

ବୌଦ୍ଧ ମାରୱାଡି ଯୁବାମଞ୍ଚ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ରବିବାର ହରଭଙ୍ଗା ବ୍ଲକର ତିଳେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମହାନଦୀ ନେତ୍ର ଚିକିତ୍ସାଳୟର ଡାକ୍ତର ପ୍ରଶାନ୍ତ କୁମାର ସିଂ, କର୍ମଚାରୀ ସୁଜିତ ଥାପା, ସରୋଜ ସିଂ, ସୁପ୍ରିୟା ନାଗ, ସନ୍ତୋଷିନୀ ବିଶ୍ୱାଳ, ନିମାଁଇ ଚରଣ ଦଳବେହେରା, ସୌମ୍ୟରଞ୍ଜନ କଲତା, ରବି ନାରାୟଣ ହୋତା ପ୍ରମୁଖ ଯୋଗ ଦେଇ ଚକ୍ଷୁ ପରୀକ୍ଷା କରିଥିଲେ । ୨୫୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୦୭ ଜଣଙ୍କୁ ଅପରେସନ ପାଇଁ ଚିହ୍ନଟ କରାଯାଇଥିବା ବେଳେ ଅନ୍ୟ ମାନଙ୍କୁ ଔଷଧ ଓ ଚଷମା ବିତରଣ କରାଯାଇଥିଲା । ଶିବିର ସଂଯୋଜକ ଅଶୋକ କୁମାର ଭାମିଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସମ୍ପାଦକ କେତନ ଅଗ୍ରୱାଲ, ସଭାପତି ସୁରଜ ଅଗ୍ରୱାଲା, ସମ୍ପାଦକ ଅଙ୍କିତ ଅଗ୍ରୱାଲା, ବିକାଶ ଅଗ୍ରୱାଲା, ନଟବର ଅଗ୍ରୱାଲା ଯୋଗଦାନ କରିଥିଲେ ।


ଶିବିରରେ ଜଣେ ଡାକ୍ତର ରୋଗୀ ପରୀକ୍ଷା କରୁଛନ୍ତି।

### ଯୋଗୀନ୍ଦ୍ରପୁରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ମନମୁଣ୍ଡା, ୨।୯ (ଡି.ଏନ.ଏ.)**

କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁରଠାରେ ଜନ୍ମାଷ୍ଟମୀ ଉପଲକ୍ଷେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି । ପ୍ରକୃତିବନ୍ଧୁ ବିନୋଦିନୀ ଜାଲଙ୍କ ଆହ୍ୱାନ ଏବଂ ସମାଜସେବୀ ଉଷତ କହଁରଙ୍କ ସହଯୋଗରେ ଗ୍ରାମର ମହିଳା ପୁରୁଷ ଓ ଛାତ୍ରୀଛାତ୍ର ଗାଁ ରାସ୍ତାକଡ, ମଇଳା ଆବର୍ଜନା ସଫା କରିଥିଲେ । ଅନାବନା ଗଛ, ଲଟା ଇତ୍ୟାଦି କାଟି ପରିଷ୍କାର କରିଥିଲେ । ପରେ ଏକ ସଚେତନତା ସଭା ହୋଇଥିଲା । ଏଥିରେ ସରପଞ୍ଚ ବିଦ୍ୟାଧର ମହାକୁଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାସ୍ତା କଡରେ ମହିଳା ଆବର୍ଜନା ନ ପକାଇବା ଓ ମଳତ୍ୟାଗ ନ କରିବାକୁ ଅତିଥିମାନେ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

### ୧୦ମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା ଅଭିଯୋଗ

**ସୋନପୁର,୨।୯(ନି.ପ୍ର.)**

ସୋନପୁର ସହର ପୁରୁଣା ସିନେମା ହଲ ନିକଟସ୍ଥ ସ୍ୱର୍ଗତ ଗୋପାଳ ସାହୁଙ୍କ ଝିଅ ପୂଜା (୧୫) ରବିବାର ରାତି ୭ଟାରେ ଆତ୍ମହତ୍ୟା କରିଛନ୍ତି । ଘର ଭିତରେ ବେକରେ ରଶି ବାନ୍ଧି ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ । ତେବେ ପୂଜାଙ୍କ ଗୋଡ ଖଟ ଉପରେ ଲାଗି ଥିବା ବେଳେ ଭିତର ପଟୁ କବାଟ ବନ୍ଦ ନ ଥିଲା । ସୋମବାର ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ରାଧାକୃଷ୍ଣ ବେଶ ହେଲେ ଛାତ୍ରୀଛାତ୍ର

**ବୌଦ୍ଧ,୨।୯ (ସ୍ୱ.ପ୍ର)**

ବୌଦ୍ଧ ସହରର ମଦନ ମୋହନ ମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଦିବ୍ୟପ୍ରକାଶ ଭବନ ଠାରେ ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା । ଏଥିପାଇଁ ସହରର ମଦନ ମୋହନ ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରିବା ସହ ସ୍ୱତନ୍ତ୍ର ଭାବେ ମନ୍ଦିର ପଚିଚାଳନା କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରରେ ଭକ୍ତଙ୍କ ଭିଡ ରହିଥିବା ବେଳେ ମହିଳା ମାନେ ରାତି ସାରା ପୂଜାର୍ଚ୍ଚନା କରିଥିଲେ । ସେହିପରି ବୌଦ୍ଧ ସହରର ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ସୁବର୍ଣ୍ଣପୁର ବିଭାଗ ପ୍ରମୁଖ ରାଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ଶିଶୁ ମନ୍ଦିର ୭୪ ଜଣ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା, ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ । ପ୍ରଜାପତି ବ୍ରହ୍ମ କୁମାରୀ ପକ୍ଷରୁ ଏକ ସୁସଜ୍ଜିତ ଦୋଳିରେ କୃଷ୍ଣଙ୍କ ପ୍ରତିମା ସ୍ଥାପନା କରି ପୂଜା କରାଯାଇଥିଲା ।


ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ରମାନେ।

**ଜହ୍ନାପଙ୍କ, (ଡି.ଏନ.ଏ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଛି। ସକାଳୁ ରାଧା କୃଷ୍ଣ ବେଶଧାରୀ ଶିଶୁମାନେ ଏକ ଗାଡିରେ ବସି ଜହ୍ନାପଙ୍କ ଓ ନାରାୟଣନଗର ଗ୍ରାମ ପରିକ୍ରମା କରିଥିଲେ । ପରେ ଶିଶୁ ମନ୍ଦିରରେ ଅକ୍ଷୟ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ପୋଷ୍ଟ ମାଷ୍ଟର ବାଞ୍ଛାନିଧି ହୋତା ମୁଖ୍ୟଅତିଥି ଓ ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଜନ୍ମାଷ୍ଟମୀ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ମନମୁଣ୍ଡା, (ଡି.ଏନ.ଏ.):** ସରସ୍ୱତୀ ଶିଶୁ ମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡମାଳିଙ୍କ ଅଧ୍ୟକ୍ଷତାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଗୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡମାଳି ଶ୍ରୀକୃଷ୍ଣ ଜନ୍ମ ବୃତ୍ତାନ୍ତ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ଶିଶୁମାନେ କୃଷ୍ଣ, ବଳରାମ, ସୁଦାମା ଓ ରାଧା ବେଶରେ ସଜ୍ଜିତ ହୋଇଥିଲେ। ବାସୁଦେବ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର
**ସଂଶୋଧନ ପତ୍ର**
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ **ଧରିତ୍ରୀ**ରେ ପ୍ରକାଶିତ ଆମ୍ଭର **"ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"**ରେ କ୍ର. ନଂ. ୮ ରେ ଦର୍ଶିତ ରଣଗ୍ରହୀତା: **ମେସର୍ସ ପାବନି ଫେରୋ ଆଲଏଜ୍ ପ୍ରା. ଲି.**ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ **"ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର,** ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, **୨) ବିଶ୍ୱଜିତ ମିଶ୍ର,** ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, **୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର,** ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ୍, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **୪) ରବିନ୍ଦ୍ର ନାଥ ପଟ୍ଟନାୟକ,** ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

# ମନ୍‌ମୁହିଲା ଛୁଆଙ୍କର ଅଭିନଏ ଦୁରୁଶ୍

**ବରଗଡ଼ ଅଫିସ୍,୨।୯**

ବରଗଡ଼ କେଶବ ନଗରରେ ଥିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ) ତର୍‌ଫୁ ରଏବାର ଜନ୍ମାଷ୍ଟମୀ ଉଛବ୍ ପାଲିତ୍ ହେଇଯାଇଛେ। ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ଦାଶଙ୍କର ଦେଖ୍‌ରେଖ୍‌ରେ ଅନୁଷ୍ଠିତ୍ ଇ ସମାରୋହରେ ବରଗଡ଼ ଧନୁଯାତ୍‌ରା ମହୋଛବ୍‌ର ଅକ୍ରୁର କଲାକାର ଲଳିତ ମୋହନ ପଣ୍ଡା ମୁଖିଆ କୁନୁଆଁ ହିସାବେ ଯୋଗ୍‌ଦେଇ ଶ୍ରୀକୃଷ୍ଣ ଜନମାଷ୍ଟମୀ ଉଛବ୍ ପାଲନର ଗୁରୁତ୍ ଆର୍ ଶ୍ରୀକୃଷ୍ଣ ଜୀବ୍‌ନି ଉପ୍‌ରେ ଛାତ୍ରୀଛାତ୍ରକୁଁ ବୁଝେଇଥିଲେ। ବଡ଼ଭାରି ସଂଖ୍ୟାରେ ଭାଇ ବହେନ୍‌ମାନେ ରାଧାକୃଷ୍ଣ ବେଶେ ସଜେଇ ହେଇଥିଲେ। ରାଧାକୃଷ୍ଣଙ୍କର ପୂଜାପାଠ୍ ସଂଗେ ଅନୁଷ୍ଠାନ୍‌ର ଛୁଆମାନେ ଦୁଲି ଝୁଲ୍‌ବାର, ଗୋପାଳ ପିଲାଙ୍କର ସଂଗେ ଶ୍ରୀକୃଷ୍ଣ ଦହି ହାଁଡି ଭାଂଗ୍‌ବାର ଲେଖେନ୍ ଦୁରୁଶ୍ ଅଭିନୀତ୍ ହେଇଥିଲା। ଦିପ୍ତୀ ସେଠ୍ କାର୍‌ୟକରମ୍ ପରିଚାଲନା କରିଥିଲେ। ଛାତ୍ର ଦେବଦୀପ୍ତ ଦାଶ କାର୍‌ୟକରମ୍ ସଂଯୋଜନା କରିଥିଲେ। ପରିଚାଲନା ସମିତି ସଂପାଦକ ଡଃ ଡୋଲାମଣି ଶତପଥୀ ଧଏନ୍‌ବାଦ୍ ଦେଇଥିଲେ। ସେନ୍‌ତା ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ହିନ୍ଦୀ ବିଭାଗ) ତର୍‌ଫୁ ଜନ୍ମାଷ୍ଟମୀ ଉଛବ୍ ପାଲିତ୍ ହେଇଥିଲା। ଇଠାନେ ସାମାଜିକ କର୍‌ମୀ ବିନ୍ଦୁଶ୍ରୀ ନାୟକ ମୁଖିଆ କୁନୁଆଁ ହିସାବେ ଯୋଗ୍ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାଥୁଆ କୁନୁଆଁମାନ୍‌କର ପରିଚେଏ କରେଇଥିଲେ। ବିଦ୍ୟାଳୟର ସଭାପତି ସର୍ଦ୍ଦାର ପ୍ରୀତମ ସିଂ, ସଂପାଦକ ସନ୍ତୋଷ କୁମାର ପଣ୍ଡା, ସଦସ୍ୟା କାମିନୀ ଦାଶ ପର୍‌ମୁଖ୍ ଉପସ୍ଥିତ୍ ଥିଲେ। ରାଧାକୃଷ୍ଣ ବେଶ୍‌ଥି ଆସିଥିବାର ଭାଇ ବହେନ୍‌ମାନେ ଇଠାନେ ବି ଦୁଲି ଝୁଲ୍‌ବାର ଅଭିନଏ କରିଥିଲେ।


ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ଦୁଲି ଝୁଲୁଥିବାର ଦୁରୁଶ୍।

SBC ସମ୍ବଲପୁରୀ ବସ୍ତ୍ରାଳୟ

ଗଣେଶ ପୂଜା ଓ ନୂଆଁଖାଇ
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ବିଶେଷ ସରକାରୀ ରିହାତି
୧୦% + ୨୦%
ଅବଧି ତା୦୨।୦୯।୨୦୧୮ରୁ ତା୧୩।୦୯।୨୦୧୮ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୩ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ଏଆଇସିସି ସଭ୍ୟ ମନୋନୀତ

**ସରଣ୍ଡା, ୨।୯(ଡି.ଏନ.ଏ.):** ଅତାବିରା ଏନଏସିର ପୂର୍ବତନ ଅଧ୍ୟକ୍ଷା ତଥା ରାଜ୍ୟ ଯୁବ କଂଗ୍ରେସ ସମ୍ପାଦିକା ସୁନୀତା ବାଗ ଏଆଇସିସି ସଭ୍ୟ ଭାବେ ପଦୋନ୍ନତି ପାଇଛନ୍ତି । ଏଥିପାଇଁ ସେ ଏଆଇସିସି ସଭାପତି ରାହୁଲ ଗାନ୍ଧୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନବ ଦାସ, ପ୍ରଦୀପ ମାଝୀ, ଚିରଞ୍ଜୀବ ବିଶ୍ୱାଳ, ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ, ପଶ୍ଚିମ ଓଡିଶା ଇନଚାର୍ଜ ମସ୍ତାନ ବାଲିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ପାଇକମାଲ,୨।୯(ଡି.ଏନ୍.ଏ):** ପାଇକମାଲ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଶନିବାର ଅପରାହ୍ଣରେ ଏକ ପ୍ରସ୍ତୁତି ବୈଠକ ଜଗମୋହନ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହରିବନ୍ଧୁ ଜେନା ଗତ ବର୍ଷର ଆୟବ୍ୟୟ ହିସାବ ପଠନ କରିଥିଲେ । ଚଳିତବର୍ଷ ଦୁର୍ଗାପୂଜା ସୁପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ଧବେଶ୍ୱର ସାହୁ ସଭାପତି, ପ୍ରଶାନ୍ତ ମିଶ୍ର ସମ୍ପାଦକ, ପ୍ରମୋଦ ସିଂ କୋଷାଧ୍ୟକ୍ଷ, ମନୋଜ ପ୍ରଧାନ ଉପସଭାପତି, ଇନ୍ଦ୍ରଜିତ ଭୋଇ ସହ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ । ସୁଶୀଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଜୁ ଯୁବ ବାହିନୀର ବୃକ୍ଷରୋପଣ

**ଝାରବନ୍ଧ, ୨।୯(ଡି.ଏନ.ଏ.):** ଝାରବନ୍ଧ ବ୍ଲକ ଭୈଷାଦର୍ହା ଗ୍ରାମପଞ୍ଚାୟତର ଦିୱାନପାଲି ବିଦ୍ୟାଳୟ ପଡିଆଠାରେ ମାଁ ବିନ୍ଧ୍ୟବାସିନୀ ବିଜୁ ଯୁବ ବାହିନୀ ପକ୍ଷରୁ ଚାରା ରୋପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଝାରବନ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ ମୁଖ୍ୟ ଅତିଥି ଓ ଜୟନ୍ତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବ ବାହିନୀ ଅଧ୍ୟକ୍ଷ କିରନ ସିଦାର ଓ ସମ୍ପାଦକ ରବିବାଲ ପଟେଲଙ୍କ ସମେତ ସଞ୍ଜୀବ ସିଦାର, ଧରଣୀ ପଟେଲ, ବିଶ୍ୱାମିତ୍ର ବରିହା, ତାରାଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ଜ୍ଞାନ ବିଜ୍ଞାନ ମେଳା

**ଜାମଟିକ୍ରା, ୨।୯(ଡି.ଏନ.ଏ.):** ଭେଡେନ ସଙ୍କୁଳ ଅତାବିରା ବ୍ଲକ ଝିଲିମିଣ୍ଡାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଛି । ଏଥିରେ ୮୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବାଳବର୍ଗ ଓ ଶିଶୁ ବର୍ଗର କାଜଲ ମେହେର, ରୋଶନ ସାହୁ, ସୌମ୍ୟଶ୍ରୀ ଷଡଙ୍ଗୀ, ବିବେକ ମେହେର, ସ୍ୱୟମ୍ଭୁ ମହାପାତ୍ର, ପ୍ରକଳ୍ପରେ ପ୍ରଥମ ବିବେଚିତ ହୋଇଛନ୍ତି । ବିଦ୍ୟାଳୟ ସଭାପତି ସନ୍ତୋଷ ମେହେର ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଜଗବନ୍ଧୁ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ଧର୍ମରାଜ ପଧାନ, ତାପସ ଭୋଇ ଓ ରିଙ୍କି ମେହେର ବିଚାରକ ଥିଲେ । ଗଜପତି ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ବାଳିକା ହାଇସ୍କୁଲରେ ସଂସ୍କୃତ ଦିବସ

**ପଦ୍ମପୁର, ୨।୯ (ଡି.ଏନ.ଏ):** ପଦ୍ମପୁର ସରକାରୀ ବାଳିକା ହାଇସ୍କୁଲରେ ବିଶ୍ୱ ସଂସ୍କୃତ ଦିବସ ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସଂସ୍କୃତ ଅଧ୍ୟାପକ ପ୍ରଭାତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ପ୍ରସାର ଭବିଷ୍ୟତ ଭାରତର ଉନ୍ନତିର ପ୍ରଧାନ ସହାୟକ ବୋଲି ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଧୀରେନ୍ଦ୍ର କୁମାର ଶାସ୍ତ୍ରୀ, ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ, ସୁରେନ୍ଦ୍ର କୁମାର ଭୋଇ ଓ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରେମାନନ୍ଦ ବେହେରା ଓ ଜୀବନାନନ୍ଦ ସାହୁ ପ୍ରାରମ୍ଭିକ ସଙ୍ଗୀତ ପରିଚାଳନା କରିଥିବା ବେଳେ ଶିକ୍ଷକ ଚିନ୍ତାମଣି ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ରଞ୍ଜନ କୁମାର ହୋତା, ସୁଶୀଲ କୁମାର ବରିହା ସହଯୋଗ କରିଥିଲେ । ମିନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।





ଜନ୍ମାଷ୍ଟମୀ ଅବସରରେ ବରଗଡ଼ ଜିଲା ଭେଡେନ, ଗାଇସିଲେଟ ଓ ପାଇକମାଳ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।

■ ବରଗଡ଼ ଜିଲାରେ ଜନ୍ମାଷ୍ଟମୀ ପାଳିତ

# ରାଧାକୃଷ୍ଣ ବେଶରେ ସଜେଇ ହେଲେ ଶିଶୁ

**ଭେଡ଼େନ, ୨।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକର ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି । ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସଂକୀର୍ତ୍ତନ ଗାୟକ ଗୁଣାକାର ଶତପଥି ମୁଖ୍ୟଅତିଥି, ସ୍କୁଲ କମିଟି ସଭାପତି ସରୋଜ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପପଙ୍ଗା ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନଙ୍କ ପରିଚାଳନାରେ କଂସ ଅଭିନେତା ସୁଶୀଲ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ଦୁର୍ଲଭ ଚନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଜଗଦୀଶ ପ୍ରଧାନ ସମ୍ମାନିତ ଅତିଥି ଥିଲେ । ଆଚାର୍ଯ୍ୟ ଟାଳେଶ୍ୱର ସୁନା ଧନ୍ୟବାଦ ଅର୍ପଣ କରିଥିଲେ । ତେନ୍ତୁଲିଟିକ୍ରା ଶିଶୁମନ୍ଦିରରେ ମଧ୍ୟ ପାଳିତ ହୋଇଛି । ଏଠାରେ ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା ମହାଦେବ ଦେହେରୀ ମୁଖ୍ୟ ଅତିଥି ଓ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁନକୀ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରେଶମ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଛି ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଏଥିରେ ଗଣେଶ ପଟେଲ ପାଲାଗୁରୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅଶ୍ୱିନୀ ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଦିରଥ ପଣ୍ଡା ପୂଜକ ଥିଲେ। ମିନତି ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାୟ ୮୦ଜଣ ଶିଶୁ ଶ୍ରୀକୃଷ୍ଣ ରାଧା ବେଶରେ ସଜ୍ଜିତ ହୋଇ ଦୋଳି ଝୁଲଣ କରିଥିଲେ । ଚୈତନ୍ୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

**ଅତାବିରା, (ଡି.ଏନ.ଏ):** ଭେଡେନ ବ୍ଲକ ଖୁଣ୍ଟୁଲିପାଲି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମରେ ସାଗରିକା ମହାରଣା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଶିଶୁ ବାଟିକା ପ୍ରମୁଖ ପଦ୍ମିନୀ ଭୋଇ, ରଶ୍ମି ସାହୁ, ଜ୍ୟୋତ୍ସ୍ନା ନାୟକ, ଯୋଗେଶ ପାଢ଼ୀ, ସାନ୍ତ୍ୱନା ପୁରୋହିତ, ମୁନୁ ବଢ଼େଇ, ସୁଜିତ କୁମାର ଆଚାର୍ଯ୍ୟପ୍ରମୁଖ ଅଂଶଗ୍ରହ କରିଥିଲେ । ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଦେଶପର୍ଥଲା ଗ୍ରାମରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଛି । ଏହି ଅବସରରେ ଚିତ୍ତରଞ୍ଜନ ଦାଶ ଓ ସହଯୋଗୀ ଭଜନ ପରିବେଷଣ କରିଥିଲେ ।

**ଗାଇସିଲେଟ, (ଡି.ଏନ.ଏ.):** ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ରବିବାର ସକାଳ ୭ଟାରୁ ବାଳିକା ବାଳକମାନେ ଗୋପାଙ୍ଗନା ଓ କୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ । ସେମାନଙ୍କୁ ନନ୍ଦ ଭାବେ ସୁକୁମାର ଶତପଥି ଓ ଯଶୋଦା ଭାବେ ସସ୍ମିତା ମିଶ୍ର ପାଦ ପ୍ରକ୍ଷାଳନ କରି ମିଷ୍ଟାନ ଖୁଆଇଥିଲେ । ଦୋଳି ଝୁଲଣରେ ସୁଦର୍ଶନ ବାରିକ ଓ ନବୀନ କୁମାର ସାହୁ ସହଯୋଗ କରିଥିଲେ । ପରେ ପ୍ରଧାନ ଆଚାର୍ଯ୍ୟ ନରସିଂହ ସାହୁ ସମସ୍ତଙ୍କୁ ଜଗନ୍ନାଥ ମନ୍ଦିରକୁ ନେଇ ଦର୍ଶନ କରାଇଥିଲେ। ଏଥିରେ ୧୨୦ ଜଣ ଶିଶୁ ଭାଗ ନେଇଥିଲେ । ରାଧାକୃଷ୍ଣ ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି ।

**ପାଇକମାଲ, (ଡି.ଏନ.ଏ.):** ପାଇକମାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି । ଏହି ଉତ୍ସବରେ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଥିଲେ । ଏ ନେଇ ଏକ ସଭା ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ତ୍ରିଲୋଚନ ମେହେର, ମୁଖ୍ୟବକ୍ତା ରମାଇ ଚରଣ ଦାସ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ ଅତିଥି ପରିଚୟ ପ୍ରଦାନ ଓ ସୁଶୀଲ ମହାନନ୍ଦ ସଭା ପରିଚାଳନା କରିଥିଲେ। ଶିଶୁ ଛାତ୍ରୀଛାତ୍ରମାନେ ଭଗବାନଙ୍କୁ ଦୋଳିରେ ଝୁଲାଇଥିଲେ।

**ବିଜେପୁର, (ଡି.ଏନ.ଏ):** ରବିବାର ଥିଲା ପବିତ୍ର ଜନ୍ମାଷ୍ଟମୀ । ଭଗବାନ ଶ୍ରୀକୃଷ୍ଣଙ୍କ ସହ ଗୋପପୁରର କଦମ୍ବଗଛର ନିବିଡ ସମ୍ପର୍କ ରହିଥିଲା । ଏହି ସଂସ୍କୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବଦାନ୍ୟ ବନ୍ଧୁ ସଂସ୍ଥା ପକ୍ଷରୁ ବିଜେପୁର ବ୍ଲକ ବିଲେଇପାଲି ସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ନିଆରା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ସଂସ୍ଥାର ସଦସ୍ୟ ଓ ଅନ୍ତେବାସୀ ମାନେ ଆଶ୍ରମ ପରିସରରେ କଦମ୍ବ ବୃକ୍ଷ ରୋପଣ କରିଥିଲେ। ସୁବ୍ରତ କୁମାର ବର୍ଡ଼ିଆ, କବିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ ହୋଇଥିଲା ।

## ପାଇକମାଳରେ ଆଇନ ସଚେତନତା ଶିବିର

**ପାଇକମାଲ,୨।୯(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅପରାହ୍ଣରେ ତାଲୁକ ଆଇନ ସେବା କମିଟି ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଏଡିଜେ ସୁବ୍ରତ କୁମାର ଦେହୁରୀ ମୁଖ୍ୟଅତିଥି, ସବ୍‌ଜଜ୍ ସାବିତ୍ରୀ ନାୟକ, ଏସଡିଜେଏମ ପଲ୍ଲବୀରାଣୀ ସାହି, ପାଇକମାଳ ବିଡିଓ ସରୋଜିନୀ ପ୍ରଶନ କୁଲୁ, ପଦ୍ମପୁର ବାର୍ ସଭାପତି ବିରେନ୍ଦ୍ର ଭୋଇ, ସନ୍ତୋଷ ସତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଯୁକ୍ତ ୩ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ରାମରତନ ପୁରୋହିତ, ରାଜକିଶୋର ସାହୁ ଏବଂ ତାଲୁକ ଆଇନ ସେବା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଆଇନଜୀବୀ ଶାନ୍ତନୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେଶସେବା ପାଇଁ ଉତ୍ସାହିତ କଲେ ସୈନିକ

**ବରଗଡ଼ ଅଫିସ୍,୨।୯**

ଭାରତୀୟ ସେନାବାହିନୀରେ କାର୍ଯ୍ୟରତ ଷଷ୍ଠ ବିହାର ରେଜିମେଣ୍ଟର ସୈନିକ ନାଏକ ଆଶୀଷ ପଧାନଙ୍କୁ ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଶନିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବରଗଡ଼ ନିବାସୀ ପ୍ରଧାନ ବର୍ତ୍ତମାନ ଜମ୍ମୁ କଶ୍ମୀରସ୍ଥିତ ଉରି ସେକ୍ଟରରେ କର୍ତ୍ତବ୍ୟରତ ଥିବାବେଳେ କିଛିଦିନ ଛୁଟିରେ ବରଗଡ଼ ଆସିଥିଲେ। ବିଦ୍ୟାଳୟ ତରଫରୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ତାଙ୍କୁ ବିଦ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ସୈନିକ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦେଶସେବା କରିବା ପାଇଁ ଉତ୍ସାହିତ କରିଥିଲେ । ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମନୋରମା ଷଡ଼ଙ୍ଗୀ, ସୁନୀତା ମିଶ୍ର, ଭାବନା ସାହୁ, ଜ୍ୟୋତ୍ସ୍ନା ସାହୁ, ସୁଧାଂଶୁ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ଡାକ୍ତର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।



ରାଣାପ୍ରତାପ ହାଇସ୍କୁଲରେ ଜଣେ ସୈନିକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରୁଛନ୍ତି ।

## ଆଶା ତାଲିମ ଶିବିର

**ପାଇକମାଲ,୨।୯(ଡି.ଏନ.ଏ)**

ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଓ ଆଜ୍‌କା ସଂସ୍ଥାର ମିଳିତ ସହଯୋଗରେ ୫ଦିନ ଧରି ଚାଲିଥିବା ସହରାଞ୍ଚଳ ଆଶା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିରରେ ୩୭ଜଣ ଆଶା ଏବଂ ୮ଜଣ ଏଏନଏମ ଅଂଶଗ୍ରହଣ କରିଥିଲେ । ବିଶେଷ କରି ସେମାନେ ଅଣ ସଂକ୍ରାମକରୋଗ ଯଥା ଉଚ୍ଚ ରକ୍ତଚାପ, ମଧୁମେହ ଓ କର୍କଟ ରୋଗର କାରଣ, ଲକ୍ଷଣ ଓ ତାର ପ୍ରତିରୋଧ ଉପରେ ତାଲିମ ଦିଆଯାଇଥିଲା । ସୁଶ୍ରୀ ମମତା ମେହେର ଓ ସନ୍ତୋଷିନୀ ମହାପାତ୍ର ତାଲିମ ପ୍ରଦାନ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବୃନ୍ଦବତୀ ସାହୁ ଏବଂ ଏପିଏମ ତିଷାର ନାୟକ ତାଲିମ କେନ୍ଦ୍ର ପରିଦର୍ଶନ କରିଥିଲେ ।

## ଡେଙ୍ଗୁ, ମ୍ୟାଲେରିଆ ସଚେତନତା ଅଭିଯାନ

**ବରଗଡ଼ ଅଫିସ୍,୨।୯**

ବରଗଡ଼ ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ ରବିବାରଠାରୁ ଡେଙ୍ଗୁ, ମ୍ୟାଲେରିଆ ସଚେତନତା ଅଭିଯାନ ବାହାରିଛି । ପ୍ରଥମ ଦିବସରେ ୱାର୍ଡ଼ ନଂ-୭ ବିଶିପଡ଼ା, ହରିଜନପଡ଼ାରେ ସମିତିର ମହିଳାମାନେ ସଚେତନତା ସୃଷ୍ଟି କରିଥିଲେ। ମହିଳାମାନେ ଡେଙ୍ଗୁ, ମ୍ୟାଲେରିଆ ସଚେତନତା ଉପରେ ଉଦ୍ଦିଷ୍ଟ ଲିଫଲେଟ୍ ବଣ୍ଟନ କରିଥିଲେ । ଆଶା କର୍ମୀ ସତ୍ୟଭାମା ନାଗ, ମଞ୍ଜୁ ସୁନା, ରୀତା କୁମ୍ଭାର, ସନ୍ତୋଷିନୀ କୁଅଁର, ପ୍ରେମଶିଳା ଭେସ୍ରାଙ୍କ ସମେତ ପଡ଼ାର ମହିଳାମାନେ ଏଥିରେ ସାମିଲ ହୋଇଥିଲେ ।



ବରଗଡ଼ରେ ଡେଙ୍ଗୁ, ମ୍ୟାଲେରିଆ ଉପରେ ସଚେତନତା ସୃଷ୍ଟି କରାଯାଉଛି ।

## ଫୁଟବଲ: ବରପାଲି ଚାମ୍ପିୟନ



ଭେଡ଼େନ ଫୁଟବଲ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

**ଭେଡ଼େନ,୨।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ରଣଜିତା ଷ୍ଟାଡ଼ିୟମରେ ରବିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ବରପାଲି ଦଳ ଚାମ୍ପିୟନ ହୋଇଛି । ଶ୍ରୀ ଶ୍ରୀ ବୀର ବଜରଙ୍ଗ ଯୁବକ ସଂଘ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ବିଜୟୀ ଦଳ ଭେଡ଼େନ ଦଳକୁ ଟାଇବ୍ରେକର ଯୋଗେ ୫-୩ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଉଦଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ଆମ୍ବା କମିଟି ସଭାପତି ହରିଶଙ୍କର ବେହେରା, ଅରବିନ୍ଦ ହୋତା, ରାଜ ବେହେରା, ତୁଷବନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ସୂର୍ଯ୍ୟ ଦେହେରୀ ସଭା ପରିଚାଳନା କରିଥିଲେ । ରେଫରୀ ଶ୍ରବଣ ସାହୁ, ସୁଶାନ୍ତ ସାହୁ, ଭୈରବ ମେହେର, ଅକ୍ଷୟ ମହାକୁର, ମହମ୍ମଦ ଆତିଫ ଏବଂ ନୀଳ ପଣ୍ଡା ଖେଳ ପରିଚାଳନା କରିଥିଲେ ।

## ନିର୍ମାଣ ଶ୍ରମିକ ସଚେତନତା ଶିବିର

**ବରଗଡ଼ ଅଫିସ୍,୨।୯**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଶ୍ରମ ଅଧିକାରୀଙ୍କ ସହଯୋଗରେ ବୁଧବାର ନିର୍ମାଣ ଶ୍ରମିକଙ୍କ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବାଷ ଚନ୍ଦ୍ର ଧଳ, ସହକାରୀ ଜିଲା ଶ୍ରମ ଅଧିକାରୀ ସୁନିତା କିଶାନ ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ଆଇନଗତ ଅଧିକାର ଏବଂ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଶିବିରରେ ୫୦ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ପଞ୍ଜୀକରଣ କାର୍ଡ଼ ମଧ୍ୟ ପ୍ରଦାନ କରାଯାଇଥିଲା ।

## ଧାନ ଫସଲରେ ରୋଗପୋକ, ଚାଷୀ ହତାଶ

**ଅତାବିରା, ୨।୯ (ଡି.ଏନ.ଏ)**

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଖରିଫ ଧାନ ଫସଲରେ ଗଣ୍ଡି, ପତ୍ର ମୋଡା ପୋକଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି । ଲଗାଣ ବର୍ଷା ଯୋଗୁ ଧାନ ଫସଲରେ ଏଭଳି ରୋଗପୋକ ଦେଖାଦେଇଛି । ବିଭିନ୍ନ କମ୍ପାନୀର କୀଟନାଶକ ଔଷଧ ପ୍ରୟୋଗ କଲେ ମଧ୍ୟ କାମକୁ ଆସୁନି । ଅନ୍ୟପକ୍ଷରେ ଲଟା ନାଶକ ଔଷଧ ଚାଷୀମାନେ ପ୍ରୟୋଗ କରୁଥିଲେ ମଧ୍ୟ ଲଟା ଦମନ ହେଉନାହିଁ। ଏଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

## ଗାଁ ରାସ୍ତା ମରାମତି

**ଜାମଟିକ୍ରା, ୨।୯(ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ ଟାମ୍ପରସରା ଗ୍ରାମପଞ୍ଚାୟତ ଅଧୀନ ଛନ୍ଦପାଲି ବ୍ରିଜ୍ ଉପରେ ରାସ୍ତା ଦବିଯାଇଥିବାରୁ ଲୋକେ ଅସୁବିଧା ଭୋଗୁଥିଲେ । ଫଳରେ ଛନ୍ଦପାଲିର କେତେକ ଯୁବକ ଏକାଠି ହୋଇ ବ୍ରିଜ ରାସ୍ତା ମରାମତି କରିଛନ୍ତି । ସରପଞ୍ଚ ପ୍ରତିନିଧି ସୁନୀଲ କୁମାର ସେଠ, ରମେଶ ଛନ୍ଦ, ନକୁଳ ଅମାତ, ସୁରେନ୍ଦ୍ର ପଶାୟତ, ନିରଞ୍ଜନ ଭୁଏ ପ୍ରମୁଖ ରାସ୍ତା ମରାମତିରେ ସହଯୋଗ କରିଥିଲେ ।

## ତେଜୁଛି ପୋଲିସ ବିରୋଧୀ ସ୍ୱର

**ବରଗଡ଼ ଅଫିସ୍,୨।୯**



ଡିଆଇଜିଙ୍କ ସହିତ ଜିଲା ବଣିକ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା ।

ଗତ ଅଗଷ୍ଟ ୨୮ତାରିଖରେ ବରଗଡ଼ରେ ଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଖବରଦାତାଙ୍କ ପ୍ରତି ଖୋଦ୍ ଏସ୍‌ପି ମୁକେଶ କୁମାର ଭାମୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ପରେ ପୋଲିସ ବିରୋଧୀ ସ୍ୱର ତେଜିବାରେ ଲାଗିଛି। ବରଗଡ଼ ସମେତ ଅନ୍ୟ ଜିଲାର ସାମ୍ବାଦିକ ସଂଘ ଗୁଡ଼ିକ ଏସ୍‌ପିଙ୍କ ଆଚରଣକୁ ନିନ୍ଦା କରିଥିବାବେଳେ ସ୍ଥାନୀୟ ମନ୍ତ୍ରୀ, ବିଧାୟକ, ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସମେତ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ରବିବାର ବରଗଡ଼ ଜିଲା ବ୍ୟବସାୟୀ ସଂଘର ଏକ ପ୍ରତିନିଧି ଦଳ ଜିଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଜିଲା ପୋଲିସର ଆପରାଧିକ ପ୍ରବୃତ୍ତିକୁ ନେଇ ବ୍ୟବସାୟୀ ସଂଘ ଉଦ୍‌ବେଗ ପ୍ରକାଶ କରିଛି । ଗତ ମେ ମାସ ୧୨ତାରିଖରେ ଜଣେ ବ୍ୟବସାୟୀଙ୍କୁ ପୋଲିସ ପ୍ରଥମେ ସର୍ବସାଧାରଣ ସ୍ଥାନ ଏବଂ ପରେ ଥାନା ଭିତରକୁ ଟେକି ନେଇ ନିସ୍ଠୁର ମାଡ଼ ମାରିଥିଲା। ବ୍ୟବସାୟୀ ସଂଘ ଏହାର ପ୍ରତିବାଦ କରିବାରୁ ପୋଲିସ ନିଜ ଶକ୍ତି ପ୍ରଦର୍ଶନ କରି ଆକ୍ରୋଶମୂଳକ ଭାବେ ସଂଘର ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିଥିଲା ଏବଂ ତାଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଛି । ସେହିପରି ଗତ ଅଗଷ୍ଟ ୨୬ତାରିଖରେ ପୋଲିସ କର୍ମଚାରୀମାନେ ପାଇକମାଳର ଜଣେ ବ୍ୟବସାୟୀଙ୍କୁ ବସ୍‌ରୁ ଟେକି ଆଣି ସେ ରଖିଥିବା ସାଢ଼େ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଏତଲା ପରେ ସମ୍ପୃକ୍ତ ପୋଲିସ କନଷ୍ଟେବଲଙ୍କୁ ଗିରଫ କରାଯାଇଥିଲା । କିନ୍ତୁ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ମୁହଁ ଖୋଲା ରଖିବାକୁ ଖବରଦାତାମାନେ କହିବାରୁ ଏସ୍‌ପି ସେମାନଙ୍କ ଉପରକୁ ରାଗିଯାଇ ବାହାରକୁ ଚାଲିଯିବା ପାଇଁ କହିବା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପ୍ରତି ଆଦୌ ଗ୍ରହଣୀୟ ନୁହେଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ପୂର୍ବରୁ ପୋଲିସ ସ୍ପେଶାଲ ସ୍କ୍ୱାଡ଼ ଏଭଳି ଲୁଟ୍‌ପାଟ୍ କରିଥିବା ନଜିର ରହିଛି। ମାତ୍ର ସେଭଳି ସଙ୍ଗୀନ ମାମଲା ଗୁଡ଼ିକୁ ଜାଣିଶୁଣି କେତେକ ପଦସ୍ଥ ଅଧିକାରୀ କୋହଳ କରି ଦେଉଥିବାରୁ ଅପରାଧ କରିବାକୁ ପୋଲିସ କର୍ମଚାରୀ ସାହାସ ଜୁଟାଉଛନ୍ତି । ଏଥିରେ ପୋଲିସ ପଦାଧିକାରୀଙ୍କ ଭୂମିକା ମଧ୍ୟ ସନ୍ଦେହଜନକ ରହିଛି । ଏଭଳି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପାଇଁ ସଂଘ ଦାବି କରିଛି। ସଂଘର ସମ୍ପାଦକ ପ୍ରଦୀପ ଦେବତାଙ୍କ ନେତୃତ୍ୱରେ ଦୀପକ ରଥ, କିଶୋର ଅଗ୍ରୱାଲଙ୍କ ସମେତ ବହୁସଭ୍ୟ ଡିଆଇଜିଙ୍କୁ ଭେଟିଥିଲେ ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ



### ମନ୍ଦିର ସମ୍ମୁଖ ରାସ୍ତାରେ ବୋହୁଛି ଡ୍ରେନ୍ ପାଣି

ସୋନପୁର,୨।୯(ନି.ପ୍ର.): ସୋନପୁର ସହରର ବଡବଜାର(ନୂଆପଡା)ସ୍ଥିତ ସତ୍ୟନାରାୟଣ ମନ୍ଦିର ସମ୍ମୁଖ ରାସ୍ତାରେ ଡ୍ରେନ୍‌ର ମଇଳା ପାଣି ପ୍ରବାହିତ ହେଉଛି। ରବିବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ ଶ୍ରଦ୍ଧାଳୁ ଓ ନୂଆପଡା ବାସୀଙ୍କୁ ଏହି ମଇଳା, ଦୁର୍ଗନ୍ଧ ପାଣିରେ ଯାତାୟାତ କରିବାକୁ ପଡିଲା। ମାତ୍ର ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି। ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାକୁ ବସିଲାଣି। ପ୍ରକାଶ ଯେ, ପ୍ରତାପ ମେହେରଙ୍କ ଘରପାର୍ଶ୍ୱରେ ଦୁର୍ବଳ ଅବସ୍ଥାରେ ଥିବା ଡ୍ରେନ୍‌ଟି ଗତ ୧୫ଦିନ ହେବ ବର୍ଷାରେ ଭାଙ୍ଗିଯାଇଛି। ଅଭିଯୋଗ ପାଇ ପୌର ପରିଷଦର ଯନ୍ତ୍ରୀ ସ୍ଥାନୀୟ କାଉନସିଲର ମଧୁସୂଦନ ମେହେରଙ୍କ ସହିତ ସ୍ଥାନ ପରିଦର୍ଶନ କରିଛନ୍ତି। ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି। ମାତ୍ର ଡ୍ରେନ୍ କାମ ଆରମ୍ଭ ହୋଇପାରିନି। ଅନ୍ୟପକ୍ଷେ ପ୍ରତାପଙ୍କ କାନ୍ଥମୂଳରେ ଡ୍ରେନ୍ ପାଣି ପ୍ରବାହିତ ହେବାରୁ ଏହାପଡିଯିବାର ଭୟ ସୃଷ୍ଟି ହୋଇଥିଲା । ତେଣୁ ଡ୍ରେନ୍ ପାଣିକୁ ଆଗରେ ଅଟକାଯାଇଛି । ୧ ସପ୍ତାହ ହେବ ଏହି ପାଣି ଏବେ ରାସ୍ତା ଉପରେ ପ୍ରବାହିତ ହେଉଛି। କିନ୍ତୁ ପରିଷଦ ମାତ୍ର ୧୫ ଫୁଟର ଡ୍ରେନ୍‌କୁ ନିର୍ମାଣ କରିବାକୁ ଆଗ୍ରହ ଦେଖାଉନି।

■ଅମରପାଲି ଗାଁରେ ୩ କିଡନୀ ରୋଗୀଙ୍କ ମୃତ୍ୟୁ ଘଟଣା

# ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ଅମରପାଲି, ୨।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅମରପାଲି ଗ୍ରାମରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ। ଗତ ୪୦ଦିନ ମଧ୍ୟରେ ଏହି ଗାଁରେ ୩ଜଣ କିଡନୀ ରୋଗୀ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଧରିତ୍ରୀରେ ୪୦ଦିନରେ ୩ ଜୀବନ ନେଲା କିଡନୀ ରୋଗ ଶୀର୍ଷକ ଏକ ଖବର ଗତ ଶୁକ୍ରବାର ପ୍ରକାଶ ପ୍ରକାଶନ ପରେ ବିଭାଗ ତତ୍ପରତା ପ୍ରକାଶ କରିଥିଲା। ସେହିଦିନ ବିଭାଗୀୟ ଏଏନଏମ ତାରାମଣୀ ନାଏକ ସମ୍ପୃକ୍ତ ଗାଁକୁ ଯାଇ ସତ୍ୟାସତ୍ୟ ଅନୁସନ୍ଧାନ କରିଥିଲେ। ଏଏନଏମ ପ୍ରାରମ୍ଭିକ ତଦନ୍ତ କରି ୧୯ଜଣ ବ୍ୟକ୍ତି କିଡନୀ ରୋଗରେ ଆକ୍ରାନ୍ତ ଥିବା ବିଭାଗକୁ ଜଣାଇଥିଲେ। ଏହାପରେ ଶନିବାର ଏକ ମେଡିକାଲ ଟିମ୍ ଗ୍ରାମକୁ ଯାଇଥିଲା। ଉକ୍ତ ଟିମରେ ଡା. ଶିବାନନ୍ଦ ଚାଉଲିଆ, ଡ. ଆଜାଦ କୁମାର ଶବର, ଫାର୍ମାଶିଷ୍ଟ ଗଦାଧର ସୂର୍ଯ୍ୟୱାଲ,ସ୍ୱାସ୍ଥ୍ୟକର୍ମୀ ଗିରିଧାରୀ ସାହୁ, ତାରାମଣୀ ନାଏକ ପ୍ରମୁଖ ଆସି କିଡନୀ ଆକ୍ରାନ୍ତଙ୍କୁ ଭେଟିଥିଲେ। ସେମାନେ କେତେଦିନ ହେଲା କିଡନୀରେ ଆକ୍ରାନ୍ତ ହୋଇଛନ୍ତି, କେଉଁଠି ଚିକିତ୍ସିତ ହେଉଛନ୍ତି ଏବଂ ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା କିପରି ଅଛି ତାହାର ତଦାରଖ କରିଥିଲେ। ସେମାନେ ସବିଶେଷ ତଥ୍ୟ ନେଇ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ନଳକୂଅର ପାନୀୟ ଜଳ ନମୂନାକୁ ପରୀକ୍ଷା କରିବାକୁ ନିଆଯାଇଛି ।

■ଚିହ୍ନଟ ହେଲେ ୧୯ କିଡନୀ ରୋଗୀ

■ନଳକୂଅର ପାଣି ନମୂନା ପରୀକ୍ଷା ପାଇଁ ପଠାଗଲା

■ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କଲା ଟିମ୍

■ମାଗଣା ଚିକିତ୍ସା, ଔଷଧ ଯୋଗାଇ ଦେବାକୁ ଦାବି



ସ୍ୱାସ୍ଥ୍ୟ ଅଧିକାରୀ ଆସି କିଡନୀ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝୁଛନ୍ତି ।

**ଧରିତ୍ରୀ ପ୍ରଭାବ**

ସୂଚନା ମୁତାବକ ୧୯ ଜଣ ବ୍ୟକ୍ତି କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ଗୁରୁତର ଅଛନ୍ତି । ଆଉ କେତେକ ଅର୍ଥାଭାବରୁ ଚିକିତ୍ସା ହୋଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମର ଅନନ୍ତ ସାହୁ, ଚତୁର୍ଭୁଜ ବିଶ୍ୱାଳ ଓ ଶ୍ରୀରାମ ବଘାରଙ୍କ ଇତିମଧ୍ୟରେ ଏହି ରୋଗରେ ମୃତ୍ୟୁ ଘଟିଛି। ରିପୋର୍ଟ ମୁତାବକ ଗ୍ରାମର ମାଧବ ପଧାନ, ଦଧି କମିଲ, ବେହେରା ସାହୁ, ସୁରେଶ ସାହୁ, ଉପେନ୍ଦ୍ର ସେଠ, ବ୍ରହ୍ମାନନ୍ଦ ପତି, ବ୍ରଜ ଦୀପ, ବାବୁ ବଗର୍ତ୍ତି, ରାମ ନାଏକ, ଲକ୍ଷ୍ମୀବତୀ ସାହୁ, ସୁରୁନନୀ ସାହୁ, ହୃଷିକେଶ ପଧାନ, ଲଳିତା ସିନ୍ଧିଆ, ଦୌଲଥ ସିନ୍ଧିଆ, ଶୁକ୍ରୁ ଭୋଇ, ଜଗନ୍ନାଥ ସାହୁ, ଶଙ୍କରୀ ଭୋଇ, ବୁଇ ଭୋଇ ଓ ବିଶ୍ୱାମିତ୍ର ସାମଲ ପ୍ରମୁଖ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଆକ୍ରାନ୍ତମାନେ ସାଧାରଣତଃ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ମାଗଣା ଚିକିତ୍ସା ଓ ଔଷଧ ଯୋଗାଇ ଦେବାକୁ ଦାବି ହେଉଛି।

## ଅଷ୍ଟବିଷ୍ଣୁଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ସୋନପୁର,୨।୯(ନି.ପ୍ର.)

ଜନ୍ମାଷ୍ଟମୀ ଲୀଳାପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କର ଜନ୍ମତିଥି। ଭାଦ୍ରବ ମାସ କୃଷ୍ଣପକ୍ଷ ସପ୍ତମୀ ତିଥିରେ ସୁବର୍ଣ୍ଣପୁରର ପୁରପଲ୍ଲୀରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମୋତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଅଷ୍ଟବିଷ୍ଣୁଙ୍କ ମନ୍ଦିର ଗୋପାଳଜୀଉ, ଦେବାଙ୍ଗନ ଗୋପାଳଜୀଉ, ଜଗନ୍ନାଥ, ନୃସିଂହନାଥ, ଦଧିବାମନ, ରାମଜୀ, ଗୋପିନାଥ ଓ ବୃନ୍ଦାବନ ବିହାରୀ ମନ୍ଦିରରେ ଏଥିପାଇଁ ରବିବାର ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ମନ୍ଦିରରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ଉପବାସ ରହି ବ୍ରତ ପାଳନ କରିଥିଲେ। ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ଜନ୍ମାଷ୍ଟମୀ ନାମରେ କଥିତ। ସେହିପରି ଜିଲାର ତରଭା ଶ୍ରୀ ଜଗନ୍ନାଥ ମନ୍ଦିର, ଉଲୁଣ୍ଡା ଗୌଡଗାଁର ଦଧିବାମନ ଓ ନିମ୍ନାର ଦଧିବାମନ ମନ୍ଦିରରେ ମଧ୍ୟ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଜିଲାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରମାନଙ୍କରେ କୃଷ୍ଣବେଶ ପ୍ରତିଯୋଗିତା ଓ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା ।

# କୃଷ୍ଣ ବଳରାମ ବେଶରେ ବସ୍ତି ବୁଲିଲେ ବିଦ୍ୟାର୍ଥୀ



ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାର୍ଥୀଗଣ କୃଷ୍ଣ ବଳରାମ ବେଶରେ ମନ୍ଦିର ଦର୍ଶନ କରୁଛନ୍ତି।

ବୀରମହାରାଜପୁର, ୨।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି।ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା। ପ୍ରଧାନଆଚାର୍ଯ୍ୟ ବଳରାମ ପୂଜାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଶାନ୍ତ ମିଶ୍ର ମୁଖ୍ୟଅତିଥି, ପରିଚାଳନା ସମିତି ସଭାପତି ଭଗବାନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ପରିଚାଳନା ସମିତିର କୋଷାଧକ୍ଷ ଅଶୋକ ଅଗ୍ରୱାଲା ମଞ୍ଚାସୀନ ଥିଲେ। ଆଚାର୍ଯ୍ୟା ଦୀପାରାଣୀ ଆଚାର୍ଯ୍ୟଙ୍କ ସଂଯୋଜନାକ୍ରମେ ସମ୍ପାଦିତ ଉତ୍ସବ ଶେଷରେ ସହ ପ୍ରଧାନଶିକ୍ଷକ ଉମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ କୁନି ବିଦ୍ୟାର୍ଥୀଗଣ କୃଷ୍ଣ ବଳରାମ ବେଶ ଧାରଣ କରି ବସ୍ତି ପରିକ୍ରମା କରିବା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇ ଆଶିଷ ଭିକ୍ଷା କରିଥିଲେ।

# ପାରମ୍ପରିକ ଟେରାକୋଟା ଚିତ୍ରାଙ୍କନ ପ୍ରତିଯୋଗିତା

■ବରିଷ୍ଠରେ ନରୋତ୍ତମ, କନିଷ୍ଠ ବିଭାଗରେ ଅଭିଷେକ ପ୍ରଥମ

ସୋନପୁର,୨।୯(ନି.ପ୍ର.)

ଆସନ୍ତା ଭାଦ୍ରବ ଅମାବାସ୍ୟା ୯ତାରିଖ ସୁବର୍ଣ୍ଣପୁରର ପ୍ରସିଦ୍ଧ ଲଙ୍କାପୋଡି ମହୋତ୍ସବ ପରିପ୍ରେକ୍ଷିରେ ପାରମ୍ପରିକ ଟେରାକୋଟା ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ଟାଉନ ହଲଠାରେ ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ମୋଟ ୬୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନରୋତ୍ତମ ମହାରଣା ପ୍ରଥମ, ଶାଶ୍ୱତୀ ମହାରଣା ଦ୍ୱିତୀୟ, ସୁକାନ୍ତି ଇଣ୍ଟର ନ୍ୟାଶନାଲ ସ୍କୁଲର ଅନୁଭବ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଭିଷେକ ମେହେର ପ୍ରଥମ, ପ୍ରିତମ ମେହେର ଦ୍ୱିତୀୟ ଓ ଦୟାନନ୍ଦ ପ୍ଲେ/ପବ୍ଲିକ ସ୍କୁଲର ସୃତି ପ୍ରଜ୍ଞା ବିଶି ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ଲଙ୍କାପୋଡି ମହୋତ୍ସବ ପାଳନ ଅବସରରେ ଟାଉନ ହଲଠାରେ ପୁରସ୍କୃତ କରାଯିବ ବୋଲି ମହୋତ୍ସବର ମୁଖ୍ୟ ଆୟୋଜକ ଶ୍ୟାମା ଓଁ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଏହି ଦିନ ପାରମ୍ପରିକ ଟେରାକୋଟା ହନିମାନ ସାଜସଜ୍ଜା ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ମିଶ୍ର ଅନୁରୋଧ କରିଛନ୍ତି। କମିଟିର ସଦସ୍ୟ ପଦ୍ମଲୋଚନ ମହଲା, କାଶିନାଥ ମିଶ୍ର, ବ୍ରଜେନ୍ଦ୍ର ବିଶି ଓ ରଞ୍ଜନ ବାରିକ ଚିତ୍ରାଙ୍କନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରମାନେ ପାରମ୍ପରିକ ଟେରାକୋଟା ଚିତ୍ର ଅଙ୍କନ କରୁଛନ୍ତି।

# ଡୁଙ୍ଗୁରିପାଲି ବ୍ଲକରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ

■ଅନ୍ତର୍ନିହିତ ଶକ୍ତିକୁ ଚିହ୍ନଟ କରି ସ୍ୱୀକୃତି ଦେବା ମୂଳଲକ୍ଷ୍ୟ

ଡୁଙ୍ଗୁରିପାଲି, ୨।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ରବିବାର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପୂର୍ବାହ୍ନ ୧୦ଟାରେ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରେ ଗଠିତ ବିଜୁ ଯୁବ ବାହିନୀର ସଦସ୍ୟମାନେ ସ୍ଥାନୀୟ ଆରଏମସି ପରିସରରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି କଲେଜ ପଡିଆରେ ପହଞ୍ଚିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୋନପୁର ବିଧାୟକ ତଥା ରାଜ୍ୟ ଜଳ ସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ପିଡି ସୂର୍ଯ୍ୟନାରାୟଣ ଦାଶ, ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ଏବିଡିଓ ଶଶୀଭୂଷଣ ପଧାନ, ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ଡୁଙ୍ଗୁରିପାଲି ଡିଗ୍ରୀ କଲେଜ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁ, ଯୁକ୍ତ ଦୁଇ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ରମେଶ ପୁଜାରୀ, ହାକିମ ଖାଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ କବାଡି ଖେଳାଳି ଶ୍ରଦ୍ଧାଞ୍ଜଳି ବଗର୍ତ୍ତି, ଜାତୀୟସ୍ତରୀୟ କବାଡି ଖେଳାଳି ସୁନାରାମ ସେଠୀ, ରାଜ୍ୟସ୍ତରୀୟ ଭଲିବଲ ଖେଳାଳି ଦେବାଶିଷ ବିଶ୍ୱାଳ ଓ ଜାତୀୟସ୍ତରର ଆଥେଲେଟିକ କଲିମ ଖାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକର ସମସ୍ତ ପଞ୍ଚାୟତରେ ଗଠିତ ହୋଇଥିବା ବିଜୁ ଯୁବ ବାହିନୀର ୧୫ରୁ ୩୫ ବର୍ଷ ବୟସର ଯୁବତୀଯୁବକଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଚିହ୍ନଟ କରି ତାକୁ ସ୍ୱୀକୃତି ଦେବା ହେଉଛି ମୁଁ ହିରୋ ମୁଁ ଓଡିଶା ଅଭିଯାନର ଲକ୍ଷ୍ୟ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିପିଓ ଶୁଭ୍ରାଂଶ ଶେଖର ମଲ୍ଲିକ ସଂଯୋଜନା କରିଥିଲେ। ଧର୍ମେନ୍ଦ୍ର ବିଶ୍ୱାଳ, ବଦ୍ରି ନାରାୟଣ ପାଣ୍ଡିଆ, ପ୍ରଦୀପ ସା, ପ୍ରକାଶ ଚନ୍ଦ୍ର ସାହୁ, ସନ୍ତୋଶ ବେହେରା, ଲବ ମେହେର ପ୍ରମୁଖ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ।



ଡୁଙ୍ଗୁରିପାଲି ବ୍ଲକରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

# ସଂସ୍କାର ଭାରତୀ ପକ୍ଷରୁ କୃଷ୍ଣବେଶ ପ୍ରତିଯୋଗିତା

ସୋନପୁର,୨।୯(ନି.ପ୍ର.)

ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ସଂସ୍କାର ଭାରତୀ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ରବିବାର ଏକ ବିଦ୍ୟାଳୟସ୍ତରୀୟ କୃଷ୍ଣବେଶ ପ୍ରତିଯୋଗିତା ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାରେ ପ୍ରଜ୍ଞାଜ୍ୟୋତି ପୂଜାହାରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱୟଂକାର ତ୍ରିପାଠୀ ଦ୍ୱିତୀୟ ଓ ତୋଫାନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଦିଲ୍ଲୀପ ପାତ୍ର ଓ ବଳରାମ ପଟ୍ଟନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେ । ସଂସ୍କାର ଭାରତୀ ସୁବର୍ଣ୍ଣପୁର ଜିଲାର ଜିଲା ସଂଯୋଜକ ମନୋଜ କୁମାର ବାରିକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଶାଖା ସଭାପତି ତଥା ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ସମ୍ପାଦକ ଜଗନ୍ନାଥ ତ୍ରିପାଠୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦୟାନିଧି କରଣ ଓ ଶିଶୁ ମନ୍ଦିରର ସମ୍ପାଦକ ନିରଞ୍ଜନ ପାଣ୍ଡିଆ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଂସ୍କାର ଭାରତୀ ଜିଲା ଶାଖାର ସଂଗଠନ ସମ୍ପାଦକ ପଦ୍ମଲୋଚନ ମହଲା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରୁଛନ୍ତି।

# ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବିକୁ ଅଣଦେଖା

ସୋନପୁର,୨।୯(ନି.ପ୍ର.)

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଗମନାଗମନକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଏକ ନୂତନ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ପୂର୍ବରୁ ନିର୍ମାଣ ହୋଇଥିବା ଛୋଟ ବସ୍‌ଷ୍ଟାଣ୍ଡ ଆବଶ୍ୟକତା ମେଣ୍ଟାଇ ପାରୁନି। ଯାତ୍ରୀଙ୍କ ପାଇଁ ଏଠାରେ ସର୍ବନିମ୍ନ ସୁବିଧା ନାହିଁ। ଶୌଚାଳୟଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ବର୍ଷାରେ ଭିଜୁଥିବା ବେଳେ ଖରାରେ ସିଝୁଛନ୍ତି। ତେବେ ଜିଲା ଗଠନର ୨୫ବର୍ଷ ବିତି ଯାଇଥିଲେ ହେଁ ଏହି ଦାବିପ୍ରତି ପ୍ରଶାସନ ଓ ଲୋକପ୍ରତିନିଧି ଅଣଦେଖା କରୁଥିବା ଅଭିଯୋଗ ହୋଇ ଆସୁଛି। ଦୈନିକ ୫୦ରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ବସ୍ ଏଠାକୁ ଯିବା ଆସିବା କରୁଛନ୍ତି। ମାତ୍ର ଯାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନି। ସହରର ଯୋଜନାବଦ୍ଧ ବିକାଶ ପାଇଁ ଏକ ଖୋଲା ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

**ଡେଙ୍ଗୁ ଜ୍ୱରରେ ଯୁବକଙ୍କ ମୃତ୍ୟୁ**
ନୂଆପଡ଼ା ଜିଲା ସଦର ବ୍ଲକ ଆମୋଦି ଗାଁର ସୁରଜ ମାଝି (୩୨)ନାମକ ଜଣେ ଯୁବକଙ୍କ ଡେଙ୍ଗୁ ଜ୍ୱରରେ ମୃତ୍ୟୁ ଘଟିଛି । ରବିବାର ଅପରାହ୍ନରେ ତାଙ୍କୁ ଘରୁ ରାୟପୁର ନେବା ବାଟରେ ମୃତ୍ୟୁ ଘଟିଛି ।

## ସଂକ୍ଷେପରେ

### ୪ ଶିଶୁ ଉଦ୍ଧାର

ଖଡିଆଳ,୨।୯(ଡି.ଏନ.ଏ.)
ଓଡିଶା ସରକାରଙ୍କ ପରି ୨ କାର୍ଯ୍ୟକ୍ରମରେ ରବିବାର ନୂଆପଡା ଜିଲା ଖଡିଆଳ ସହର ବିଭିନ୍ନ ସ୍ଥାନରେ ଚଢାଉ କରି ପୋଲିସ ୪ଜଣ ଶିଶୁ ଉଦ୍ଧାର କରିଥିବା ଜଣାପଡିଛି । ଉଦ୍ଧାର ପରେ ଶିଶୁମାନଙ୍କୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏହି ଚଢାଉରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ, ଖଡିଆଳ ଥାନା ଇନ୍ସପେକ୍ଟର ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

### ଆଧ୍ୟାତ୍ମିକ ପରିବେଶରେ ଜନ୍ମାଷ୍ଟମୀ ପାଳିତ

ଖଡିଆଳ,୨।୯(ଡି.ଏନ.ଏ.)
ନୂଆପଡା ଜିଲା ତଥା ଆଖପାଖ ଅଞ୍ଚଳରେ ଶ୍ରୀକୃଷ୍ଣଙ୍କ ଜନ୍ମ ଜୟନ୍ତୀ ଉତ୍ସବ ବା ଜନ୍ମାଷ୍ଟମୀ ରବିବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଧୁମଧାମରେ ପାଳିତ ହୋଇଯାଇଛି । ରବିବାର ସକାଳୁ ଖଡିଆଳ ସହରରେ ଥିବା ରାମ ସ୍ୱାମୀ ମାର୍ଗ, ଦମାପାଲା ଗାଁସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରମୁଖରେ ସକାଳୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା ।

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ନୂଆପଡା ଅଫିସ/କୋମନା,୨।୯
ନୂଆପଡ଼ା ଜିଲା କୋମନା ଥାନା ପୋଲିସ ରବିବାର ଉଦ୍ୟାନବନ୍ଧ ବଜାରରେ ଏକ ଜୁଆ ଆଡ୍ଡାରେ ଚଢାଉ କରି ଘୁଡୁଘୁଡି ପଟି ସହ ୧୦ ହଜାର ୫୪୦ ଟଙ୍କା ଜବତ କରିଛି । ଜୁଆ ଖେଳୁଥିବା ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଦିଲିପ ଅହୀର (୨୨), ଲମ୍ବୋଦର ସାଗର (୨୨), ରାମେଶ୍ୱର ଲୁହା (୫୮), ପୂର୍ଣ୍ଣ ମେହେର(୫୦), ଚୈତନ୍ୟ ବିଶ୍ୱାଳ (୩୮), ମିଶରାମ ଶବର (୨୧) । ଏ ନେଇ ଦଫା ୩ ଓପିଜି ଆକ୍ଟରେ ଏକ ମାମଲା (ନଂ.୨୦୫/୧୮) ରୁଜୁ ହୋଇଛି । ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନିର୍ମଳ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

ଚିଟଫଣ୍ଡରେ ସ୍ୱାହା ହେଲେ ବୁଡି ଅଞ୍ଚଳବାସୀ

# ଟଙ୍କା ନ ମିଳିଲେ ଗାଁ ଛାଡିବୁନାହିଁ

ଘନଶ୍ୟାମ ଭୋଇ,
ନୂଆପଡା ଅଫିସ,୨।୯

ପ୍ରକଳ୍ପରେ ବୁଡିଯାଉଥିବା ପରିବାର ଗୁଡିକର ଆର୍ଥିକ, ସାମାଜିକରେ ଥଇଥାନ କରି ପୁନର୍ବାସ କରିବା ପର୍ଯ୍ୟନ୍ତ ସରକାରଙ୍କ ଦାୟିତ୍ୱ ରହିଛି । ଏଥିପାଇଁ ଲୋକଙ୍କୁ କ୍ଷତିପୂରଣ ସହାୟତା ଦେବା ଅପେକ୍ଷା ଥଇଥାନ କରିବା ଗୁରୁତ୍ୱ ଅଧିକ ରହିଛି । ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ କ୍ଷତିପୂରଣ ରାଶି ମିଳିବା ଏବଂ ତାକୁ ତତକ୍ଷଣାତ ଚିଟଫଣ୍ଡ ସଂସ୍ଥା ଆସି ଲୁଟି ନେବା ଘଟଣା ବୁଡି ଅଞ୍ଚଳବାସୀଙ୍କୁ ଶକ୍ତ ଝଟକା ଦେଇଛି । ଏଥିଯୋଗୁ ସର୍ବହରା ଲୋକେ ଅନ୍ୟ କୌଣସି ଜାଗାରେ ଥଇଥାନ ହୋଇପାରୁନାହାନ୍ତି। ଡ୍ୟାମ କର୍ତ୍ତୃପକ୍ଷ ଏମାନଙ୍କ ପାଇଁ କିଛି କରିବା ପରିବର୍ତ୍ତେ ଡ୍ୟାମରେ ପାଣି ଫୁଲି ଆସୁଥିବାରୁ ଡ୍ୟାମ କର୍ତ୍ତୃପକ୍ଷ ଅଞ୍ଚଳ ଛାଡିବାକୁ ପିଛା କରିଛନ୍ତି । କୋମନା ବ୍ଲକ ଅନ୍ତର୍ଗତ ଅଗ୍ରେନ ଗ୍ରାମପଞ୍ଚାୟତ ସନବାହାଲି ଗାଁ ଏଥିରୁ ଅନ୍ୟତମ ।

ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ମୋଟ ୧୦ ଖଣ୍ଡ ଗାଁ ସମ୍ପୂର୍ଣ୍ଣ ବୁଡୁଥିବାବେଳେ ତନ୍ମଧ୍ୟରୁ ଅଗ୍ରେନ ଗ୍ରାମପଞ୍ଚାୟତ ସନବାହାଲି ଗାଁ ଗୋଟିଏ । ଏହି ଗାଁରେ ମୋଟ ଶହେ ପରିବାର ଆଦିବାସୀ, ପଛୁଆ ବର୍ଗର ଲୋକ ରହୁଛନ୍ତି । ଗତ ୬ ବର୍ଷ ତଳେ ସେମାନଙ୍କୁ ବିସ୍ଥାପିତ ସହାୟତା ରାଶି ମିଳିଥିଲା । ସେତେବେଳେ ଏହି ଅଞ୍ଚଳକୁ ଭିଷ୍ଟା, ସିସୋର ଭଳି ଚିଟଫଣ୍ଡ ସଂସ୍ଥାର ବିଷ ଦୃଷ୍ଟି ପଡିଥିଲା । ଏଜେଣ୍ଟମାନେ ଆସି ଲୋକଙ୍କୁ ନାନା ପ୍ରଲୋଭନ ଦେଖାଇ ଟଙ୍କା ନେବାରେ ସଫଳ ହେଲେ । ଲୋକେ ସ୍ୱପ୍ନ ଦେଖିଥିଲେ ଯେ ଏହି ଅଞ୍ଚଳ ଛାଡିବାବେଳକୁ ବେଶ ଦୁଇପଇସା ମିଳିଯିବ । ୨ଲକ୍ଷ ଦେଲେ


ସନବାହାଲି ଗାଁର ଚିଟଫଣ୍ଡ ସଂସ୍ଥାରେ ଜମା କରିଥିବା ହିତାଧିକାରୀମାନେ ଗାଁ ଦାଣ୍ଡରେ ଠୁଳ ହୋଇଛନ୍ତି ।

ଦ୍ୱିଗୁଣା ହେବ ବୋଲି ସ୍ୱପ୍ନ ଦେଖାଇଲେ ସଂସ୍ଥାର ଏଜେଣ୍ଟମାନେ । ବୁଡି ଅଞ୍ଚଳବାସୀଙ୍କ ନିରକ୍ଷତାର ସୁଯୋଗ ନେଇ ସବୁପରିବାରରୁ ଏକା ସାଙ୍ଗରେ ୨ କୋଟି ଟଙ୍କା କମ୍ପାନୀ ଆକାଉଣ୍ଟକୁ ଚାଲିଗଲା । ଦିନ ପରେ ଦିନ ଗଡିଚାଲିଲା ଟଙ୍କା ମିଳିଲାନି କି କମ୍ପାନୀ ଧରାଛୁଆଁ ଦେଉନାହାନ୍ତି । ବର୍ତ୍ତମାନ ଏହି କମ୍ପାନୀ ସବୁ ଚିଟଫଣ୍ଡ ଭାବେ ଘୋଷିତ ହୋଇ ସରକାରଙ୍କ ଲଗାମରେ ରହିଛନ୍ତି । ହେଲେ ନିରୀହ ଲୋକେ କରିବେ କ'ଣ ବୋଲି ଚନ୍ତାରେ ରହିଛନ୍ତି । ଏ ସମ୍ପର୍କରେ ଗାଁର ଲକ୍ଷ୍ମୀ ଅହୀର ନାମ୍ନୀ ଭିଷ୍ଟା କମ୍ପାନୀରେ (ପଲିସି ନମ୍ବର୧୦୪୨୭୩) ପୋଲିସି କରିଥିବା ଜଣେ ମହିଳାଙ୍କ କହିବାନୁଯାୟୀ ସେ ୨୦୧୨ ଅକ୍ଟୋବର ୩୧ ତାରିଖରେ ୨ ଲକ୍ଷ ଟଙ୍କା ଜମା କରିଥିଲେ । ତାଙ୍କୁ ୩ବର୍ଷ ପରେ ଦ୍ୱିଗୁଣା ହେବ ବୋଲି କୁହାଯାଇଥିଲା । ୩ ବର୍ଷ ପୁରିବା ପରେ କାହାରି ଦେଖାନାହିଁ । ସେହିଭଳି ଗାଁର ଜଣେ ମୁଖିଆ ନାରାୟଣ ଅହୀରଙ୍କ କହିବାନୁଯାୟୀ ତାଙ୍କର ବହୁ ଟଙ୍କା ଭିଷ୍ଟା କମ୍ପାନୀରେ ବୁଡିଯାଇଛି । ଗୋଟିଏ ପଟେ ସେ ଡ୍ୟାମରେ ସର୍ବହରା

**କୋମନା ବ୍ଲକ**
- ସନବାହାଲି ଗାଁରୁ ୨ କୋଟି ଟଙ୍କା ନେଇ ଛୁ
- ପ୍ରଶାସନ ପାଖରେ ଖବର ନାହିଁ
- ଥଇଥାନ ଅଧିକାରୀଙ୍କ ନାକତଳୁ ଲୁଟି

ହୋଇଥିବା ବେଳେ ଅନ୍ୟପଟେ କମ୍ପାନୀ ସର୍ବନାଶ କରିଛନ୍ତି । ବାହାରେ ଜମି ଟିକକ କିଣିପାରିନାହାନ୍ତି। ଯିବେ କୁଆଡେ ବୋଲି କହିଛନ୍ତି । କମ୍ପାନୀବାଲା ମାସାଧିକକାଳ ଏହି ଅଞ୍ଚଳରେ ବୁଲି ଟଙ୍କା ନେଇଛନ୍ତି । ହେଲେ ଡ୍ୟାମ ବିଭାଗ ତରଫରୁ କେବେ ପଦିଏ ହେଲେ ସଚେତନତା କରାଯାଇ ନ ଥିଲା । ଏବେ ଆମର ଚେତାପଶିଛି ବୋଲି ନାରାୟଣ କହନ୍ତି । ସେହିଭଳି ଗାଁର କାର୍ତ୍ତିକ ଅହୀର, ଜାନକୀ ମାଝି, ଶାନ୍ତାବାଇ ଅହୀର, ଭୁବନେଶ୍ରୀ ଅହୀର, କୁମର ମାଝି, କମଳ ପଟେଲ, ଘନଶ୍ୟାମ ପଟେଲ, ପଦୁ ମାଝି, ରାଇବନୀ ମାଝିଙ୍କ ଭଳି ଶତାଧିକ ଲୋକ ଭିଷ୍ଟା ଏବଂ ସିସୋର କମ୍ପାନୀରେ ୨ଲକ୍ଷ ଟଙ୍କା ଲେଖାଏଁ ଜମା କରିଛନ୍ତି । ଏହି ଟଙ୍କା ନ ମିଳିବା ପର୍ଯ୍ୟନ୍ତ ଗାଁ ଛାଡିବେ ନାହିଁ ବୋଲି ଗ୍ରାମବାସୀ ଗୋଟିଏ କଣ୍ଠରେ କହିଛନ୍ତି । ଏହା ଉପରେ ଡ୍ୟାମ କର୍ତ୍ତୃପକ୍ଷ ଡ.ହିମାନଚଳ ମାଝିଙ୍କୁ ପଚାରିବାରେ ବିଭାଗ ତରଫରୁ ସବୁବେଳେ ସଚେତନତା କରାଯାଉଛି । ଏହା ଉପରେ ଆମରି ପାଖରେ କୌଣସି ଅଭିଯୋଗ ନାହିଁ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ସରକାର ଚିଟଫଣ୍ଡ ସଂସ୍ଥାରେ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବାର ବ୍ୟବସ୍ଥା କରିଥିବା ଘୋଷଣା କରିଛନ୍ତି । ଏହି ଜମାକାରୀମାନଙ୍କ ତାଲିକା ପ୍ରଶାସନ ପାଖରେ ଅଛିକି ନାହିଁ ବୋଲି ଆମେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲଙ୍କୁ ପଚାରିଥିଲୁ । ତାଙ୍କ କହିବାନୁଯାୟୀ ରାଜ୍ୟ ସରକାରଙ୍କ ପଠାଇଥିବା ତାଲିକାରେ ଏହି ଗାଁର କୌଣସି ନାଁ ନାହିଁ । ଏସଂକ୍ରାନ୍ତରେ ଆଜି ପର୍ଯ୍ୟନ୍ତ କୌଣସି ଅଭିଯୋଗ ମଧ୍ୟ ହସ୍ତଗତ ହୋଇନାହିଁ ବୋଲି କହିଛନ୍ତି । ଏହାକୁ ଗୁରୁତ୍ୱର ସହ ବିଚାର କରି ଜିଲା କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ କରିବା ଜରୁରି ବୋଲି ମତପ୍ରକାଶ ପାଇଛି ।

# ଦ୍ୱାର ମୁହଁରେ ବ୍ୟାଙ୍କ ସେବା ପହଞ୍ଚାଇବ ଡାକ ବିଭାଗ

**ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ଖୋଲିଲା**

ନୂଆପଡା ଅଫିସ,୨।୯

ଡାକ ସେବା ଏକ ମହତ ସେବା । ଏହା ଉପରେ ସମସ୍ତଙ୍କ ଆସ୍ଥା ଏବଂ ବିଶ୍ୱାସ ରହିଛି । ତାକୁ କିପରି ମଜଭୁତ କରି ଆଜିର ଦୁନିଆରେ ଅଧିକରୁ ଅଧିକ ଜନାଦୃତ କରାଯାଇ ପାରିବ ସେଥିପାଇଁ ବିଭାଗ ତତ୍ପର ହୋଇଛି । ଏଥିପାଇଁ ଜନତାଙ୍କୁ ସଚେତନ ହୋଇ ସରକାରୀ ସେବାକୁ ନିଜେ କିପରି ଉପଯୋଗ କରିପାରିବେ ସେଥିପ୍ରତି ଆଗଭର ହେବା ଆବଶ୍ୟକତା ରହିଛି । ଲୋକଙ୍କ ଦ୍ୱାର ମୁହଁରେ ବର୍ତ୍ତମାନ ବ୍ୟାଙ୍କ ସେବା ଯୋଗାଇଦେବ ବୋଲି ବିଭାଗୀୟ ମୁଖ୍ୟ ଅଧିକାରୀମାନେ କହିଛନ୍ତି । ସ୍ଥାନୀୟ ଜିଲା ସଦର ମହକୁମାର କଲ୍ୟାଣ ମଣ୍ଡପରେ ଆୟୋଜିତ ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ସ୍ଥାନୀୟ ପୋଷ୍ଟ ମାଷ୍ଟର ଦିଲୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ଖାମସିଂ ମାଝି, ପୂର୍ବତନ ଆୟକର ସଚିବ ଶ୍ରୀକାନ୍ତ ଚର୍ଟ୍ଟର୍ଜି, କଳାହାଣ୍ଡି ଏସପିଓ ନୀଳମଣୀ ଜେନା, ସ୍ଥାନୀୟ ପୋଷ୍ଟାଲ ବ୍ୟାଙ୍କ ପରିଚାଳକ ପ୍ରୟାସ ନାଏକ, ଇନ୍ସପେକ୍ଟର ସୌମ୍ୟରଞ୍ଜନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଡାକ ବିଭାଗର ବିଭିନ୍ନ କାର୍ଯ୍ୟକଳା ସମ୍ପର୍କରେ ଅଧିକାରୀମାନେ ଉପସ୍ଥାପନ କରିଥିଲେ । ଧୀରେ ଧୀରେ ଲୋକଙ୍କ ନିକଟକୁ ଅତିଶୀଘ୍ର ସେବା ପହଞ୍ଚାଇବାକୁ ବିଭାଗ କାମ କରୁଛି । ଲୋକଙ୍କ ନିତ୍ୟ ଆବଶ୍ୟକ ବ୍ୟାଙ୍କ ସେବା ମଧ୍ୟ ଦ୍ୱାର ମୁହଁରେ ଦେବା ଲାଗି ଏହି ପ୍ରୟାସ କରାଯାଇଛି । ଲୋକଙ୍କ ନାଁରେ ଜିରୋ ଆକାଉଣ୍ଟରେ ବ୍ୟାଙ୍କ ଖାତା ଖୋଲାଯିବା ବ୍ୟବସ୍ଥା କରାଯାଇଛି । ଯେ କୌଣସି ମୁହୂର୍ତ୍ତରେ ଲୋକେ ଜମା କରିପାରିବେ ଏବଂ ନିଜ ଟଙ୍କା ଘର ଦ୍ୱାରରେ ପାଇପାରିବେ ସେଥି ପାଇଁ ସେବା ଖଞ୍ଜାଯାଇଛି । ପୋଷ୍ଟାଲ ବ୍ୟାଙ୍କ ସେବା ଲୋକମାନଙ୍କ ଏବଂ ଲୋକମାନଙ୍କ ପାଇଁ ବୋଲି କୁହାଯାଇଛି । ଏହି ଅବସରରେ ପୋଷ୍ଟ ଅଫିସରେ ନୂତନ ପୋଷ୍ଟାଲ ବ୍ୟାଙ୍କକୁ ଉଦ୍‌ଘାଟନ କରାଯାଇଛି । ଏଥିରେ କେତେଜଣ ନୂତନ ଖାତାଧାରୀଙ୍କୁ ଅତିଥିଙ୍କ ହାତରେ ଖାତା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସହରର ବହୁ ଲୋକ ଯୋଗଦେଇଥିଲେ ।



ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ ।

# ଜିଲା ବହୁଭାଷୀ ଶିକ୍ଷା ସହାୟକ ସମ୍ମେଳନ

ଲାଞ୍ଜିଗଡ,୨।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ କଦମଗୁଡାଠାରେ ବହୁଭାଷୀ ଶିକ୍ଷା ସହାୟକାଙ୍କ ଏକ ସମ୍ମେଳନ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିର ବହୁଭାଷୀ ଶିକ୍ଷା ସହାୟକଙ୍କ ସୁବିଧା ଅସୁବିଧା ବିଷୟରେ ଅଲୋଚନା ହୋଇଥିଲା । ୨୦୧୪ରୁ ବହୁଭାଷୀ ଶିକ୍ଷା ସହାୟକମାନେ ଦୀର୍ଘ ୫ ବର୍ଷା ହେଲା ଜିଲାର ଅନେକ ଦୁର୍ଗମ ଅଞ୍ଚଳରେ କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ କରି ଆସୁଛନ୍ତି । ସରକାର ଏମାନଙ୍କୁ ଆଜି ଯାଏଁ କନିଷ୍ଠ ଶିକ୍ଷକ ଭାବେ ପଦୋନ୍ନତି ଦେଇନାହାନ୍ତି । ଶିକ୍ଷା ସହାୟକଙ୍କ ନିୟମା ଅନୁଯାୟୀ ନିଯୁକ୍ତିର ୩ ବର୍ଷ ପରେ ସେମାନଙ୍କୁ କନିଷ୍ଠ ଶିକ୍ଷକ ଭାବେ ପଦୋନ୍ନତି ହେବା କଥା ହେଲେ


ସମ୍ମେଳନରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକବୃନ୍ଦ ।

ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ଏଯାଏଁ ପୂରଣ ହୋଇପାରିଲା ନାହିଁ । ଏହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାର ଏ ଦିଗରେ ଯଥାଶୀଘ୍ର ଚିନ୍ତା ନ କଲେ ଆଗାମୀ ଦିନରେ ଏକ ଆନ୍ଦୋଳନ ହେବ ବୋଲି ବହୁଭାଷି ଜିଲା ଶିକ୍ଷକ ସଂଘ ସଭାପତି ଜଳନ୍ଦର ମାଝି ଚେତାବନୀ ଦେଇଛନ୍ତି । ଜିଲାର ଆଦିବାସୀ ଅଧ୍ୟୁଷିତ ବ୍ଲକ ଲାଞ୍ଜିଗଡ, ଥୁଆମୁଳ ରାମପୁର ଓ ମଦନପୁର ରାମପୁରରେ ୮୦ଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ଏହି ଶିକ୍ଷା ସହାୟକମାନେ ଅନେକ ଦୁର୍ଗମ ଅଞ୍ଚଳକୁ ଯାଇ ବହୁଭାଷୀ ଛାତ୍ରଛାତ୍ରୀଙ୍କୁ ତାଙ୍କ ଭାଷାରେ ଶିକ୍ଷାଦାନ କରିଥାନ୍ତି । ଜିଲା ସଭାପତି ଜଳନ୍ଦର ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମେଳନରେ ଥୁଆମୂଳରାମପୁର ବ୍ଲକ ସଭାପତି ଗଜେନ୍ଦ୍ର ମାଝି, ସମ୍ପାଦକ ଲବ ମାଝି, ମଦନପୁର ରାମପୁର ବ୍ଲକ ସଭାପତି ମେରଲୁ ମାଝି ଓ ସମ୍ପାଦକ ବିପିନ ଭୋଇ ଯୋଗଦେଇ ବହୁଭାଷି ଶିକ୍ଷକ ସମାଜର ଅନେକ ଅସୁବିଧା ଉପରେ ଆଲୋକପାତ କରିଥିଲେ । ଭିସ୍ମ ମାଝି ବିଶେଷ ସହଯୋଗ କରିଥିବା ବେଳେ ଲଳିତ ଭୋଇ କାର୍ଯ୍ୟ ପରିଚାଳନା କରିଥିଲେ । ୩ଟି ବ୍ଲକର ସମସ୍ତ ବହୁଭାଷି ଶିକ୍ଷା ସହାୟକ ଯୋଗଦେଇଥିଲେ । ଲାଞ୍ଜିଗଡ ବ୍ଲକ ସମ୍ପାଦକ ନିରଞ୍ଜନ ମାଝି ଧନ୍ୟବାଦ ଦେଇଥିଲେ ।

# ସ୍ୱାମୀ ବିବେକାନନ୍ଦ ସ୍କୁଲରେ ଜନ୍ମାଷ୍ଟମୀ

ଭବାନୀପାଟଣା,୨।୯(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଅଧ୍ୟକ୍ଷ ଶିବରାମ ନାୟକଙ୍କ ଅଧ୍ୟକ୍ଷତାରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଏଥିରେ ସ୍କୁଲ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । କୁନି ପିଲାମାନଙ୍କ ଶ୍ରୀକୃଷ୍ଣ ବେଶଧାରୀ ରୂପରେ ସ୍କୁଲ ପ୍ରାଙ୍ଗଣ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଉକ୍ତ ଦିବସରେ ସ୍କୁଲ ବରିଷ୍ଠ ଶିକ୍ଷକ ତ୍ରିଲୋଚନ ସିଂ, ସ୍କୁଲ ଉପଦେଷ୍ଟା ମଣ୍ଡଳର ସଭାପତି ସୁରମ ନାୟକ ଯୋଗଦେଇଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌତୁହଳ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ଛାତ୍ରୀଛାତ୍ରମାନଙ୍କୁ ଗୋଟିଏ ଗୋଟିଏ ବୃକ୍ଷ ଚାରା ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟ ପରିଚାଳନା କରିବାରେ ରସିଲା ଦେବୀ, ବିଷ୍ଣୁପ୍ରିୟା ସାମନ୍ତରାୟ, ମନିଷା ସିହ୍ନା, ଶୋନୁ ଅହମ୍ମଦ, ମୋନିକା ଶତପଥୀ, ଅନ୍ୱେଷା ସାହୁ, ଦକ୍ଷ ସାହୁ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ନିରୁପା ସୋନି ଧନ୍ୟବାଦ ଦେଇଥିଲେ ।


ବିବେକାନନ୍ଦ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଜନ୍ମାଷ୍ଟମୀ ଉତ୍ସବରେ ବିଭିନ୍ନ ବେଶରେ ସଜ୍ଜିତ କୁନିପିଲା ।

# ପର୍‌ହର୍ ପିଁଢ଼ାରେ ମା'ପୁଓର ଜୀବନ୍ ବିତୁଛେ

ଲଡୁଗାଁ,୨।୯(ଡି.ଏନ.ଏ.):

**ଆବାସ ଯୋଜ୍‌ନା ବାଟବନା**
- ୪ ବଛର୍ ତଲେ ଆପ୍‌ନେ ଆରପାର୍‌କେ ଚାଲିଗଲେ
- ସରକାରୀ ଯୋଜ୍‌ନାରେ ଘର୍‌ଖଁଡେ ପାଏବାର ଲାଗି ହଟ୍‌ହଟା
- ପୁଓ ୯ ଶ୍ରେଣୀରେ ନାଁ ଲେଖେଇ ନାଇଁପାରି ପାଠ୍‌ପଢ଼ା ଛାଡ୍‌ଲେ

ସରକାର ଗରିବ୍‌କର ଲାଗି ବିଜୁ ପକ୍କା ଘର୍, ମୋ କୁଡ଼ିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନା ଲେଖେଁ ହିତ୍‌କାରୀ ଯୋଜ୍‌ନା କାଯ୍‌କାରୀ କରୁଛନ୍ । ହେଲେ କେତେ ସରକାରୀ ଅଧିକାରୀ, କରମ୍‌ଚାରୀକର ଉଦାସୀନ୍‌ତା ଲାଗି ଗରିବ୍ ଲୋକ୍ ଯୋଜ୍‌ନାମାନ୍‌କର ସୁଫଲ୍ ପାଏବାରୁ ବଁଚିତ୍ ହେଉଛନ୍ । ଯେନ୍‌ଥିର୍‌ଲାଗି ଗରିବ୍‌କର ଅବସ୍ତା କେଭେ ନାଇଁ ସୁଧ୍‌ରି ପାର୍‌ବାର । ସେମାନେ ଭଂଗା ଦଦ୍‌ରା କୁରିଆରେ ଆଶ୍‌ରେ ନେଉଥିଲା ବେଲେ ଆର୍‌କେତେ ପର୍‌ଆଶ୍‌ରି ହେଇ ଇତାର ତାର ପିଁଢ଼ାରେ ଆଶ୍‌ରେ ନେଉଥିବାର ଦେଖ୍‌ବାକେ ମିଲୁଛେ । ଏନ୍‌ତା ଗୁଟେ ଘଟ୍‌ନା କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଲଡୁଗାଁ ପଁଚ୍‌ଚେତ୍‌ର ଆଇଁଲି ଗାଁରେ ଦେଖ୍‌ବାକେ ମିଲିଛେ । ଗାଁର ନିସାହା ବିଧବା ମହିଲା ଦୁତିକା ମାଝି ନିଜର ୧୪ ବଛର୍‌ର ପୁଓ ଅଶ୍ୱିନକେ ଧରି ପର୍‌ହର୍ ପିଁଢ଼ାରେ ଗଲା ୨ ବଛର୍ ହେଲା ପଲିଥିନ୍ ଢ଼ାଁପି ରହିଆସୁଛନ୍ । ଗାଁବାସୀକର କହେବାର ହିସାବେ ୪ ବଛର୍ ତଲେ ଦୁତିକାର ଆପ୍‌ନେ ଆରପାର୍‌କେ ଚାଲିଗଲା ଉତାରୁ ମା'ପୁଓ ଗୁଟେ


ପୁଓ ଅଶ୍ୱିନର ସଂଗେ ଦୁତିକା ଆଶ୍‌ରେ ନେଇଥିବାର ଦଦ୍‌ରା କୁରିଆ ଆଘେ ।

ମାଏଟ୍ କୁରିଆରେ ରହିଆସୁଥିଲେ । ହେଲେ ସେଟା ବର୍‌ଷାରେ ଭାଂଗିଯାଇଥିଲା । ଦୁତିକାର ଦୁଖ୍ ଦୁର୍‌ଦଶା ଦେଖି ଗାଁର ପୀତାମ୍ବର ମାଝି ନିଜର ଘର୍‌ପିଁଢ଼ାରେ ଅଶ୍‌ରେ ଦେଇଥିବାର ସେ କହିଛନ୍ । ସେଦିନ୍‌ଠାନୁ ଆଏଜ୍‌କେ ପାଖାପାଖି ୨ ବଛର୍ ହେଲା ମା'ପୁଓ ସେ ପିଁଢ଼ାରେ ରହିଆସୁଛନ୍ । ହେଲେ ଇ ନିସାହା ବିଧବାକଁର ଉପ୍‌ରେ ଆଏଜ୍‌ତକ୍ କେହେନ୍‌ସି ସରକାରୀ ଅଧିକାରୀ କି ରାଜ୍‌ନେତାକର ଶୁଭ୍ ଦୁରୁଷ୍ଟି ନୁହେପଡେ । ସେନ୍‌ତା ବର୍‌ଷା ଦିନେ ମା'ପୁଓ ସାଁପ୍ କଁଟିଆ ଭଏରେ ରାଏତ୍‌ଭର ଉଜାଗର ରହୁଛୁଁ ବଲି ଦୁତିକା କଁଦ୍‌କଁଦ୍‌ନିଆଁ ହେଇ କହିଥିଲେ । ସରକାରୀ ଯୋଜ୍‌ନାରେ ଘର୍‌ଖଁଡେ ପାଏବାର ଲାଗି ଦୁତିକା ପଁଚ୍‌ଚେତ୍‌ରୁ ମୂଲ୍ କରି ବ୍ଲକ୍ ପର୍‌ଶାସନ୍ ତକ୍ ସମ୍‌କୁ ତାକର ଦୁଖ୍ ଦୁର୍‌ଦଶା ବାବ୍‌ଦେ ଜନେଇଥିଲେ ବି କେହି ନାଇଁ ଶୁନିଥିବାର ସେ ଅଭିଯୋଗ୍ କରିଛନ୍ । ଏହେଦେ ଭାଏଗ୍‌କେ ଆଦ୍‌ରି ରହେବାର ଛଡା ତାକରନେ ଆର୍ ଅଲଗ୍ ଉପେ ନାଇଁନ । ରାଶନ କାର୍ଡରେ ପାଉଥିବାର ଚାଉଲ୍ ଦୁରା ଆର୍ ବିଧବା ଭତାରୁ ମା'ପୁଓ ଦିନାକେତେ ଚଲିଯାଉଥିଲା ବେଲେ ବାକି ଦିନ୍ ଦୁଖ୍‌ସୁଖ୍ କରି ଚଲୁଛନ୍ । ସେନ୍‌ତା ଦୁତିକାର ପୁଓ ଅଶ୍ୱିନ ଗାଁ ସ୍କୁଲ୍‌ରେ ଅଷ୍ଟମ ଶ୍ରେଣୀ ତକ୍ ପଢ଼ିଥିଲା ବେଲେ ଟଁକା ପଏସା ଅଭାବୁ ୯ ଶ୍ରେଣୀରେ ନାଁ ଲେଖେଇ ନାଇଁପାରି ପାଠ୍‌ପଢ଼ା ଛାଡିଦେଇଛନ୍ । ପୁଓକେ ପାଠ୍ ଦୁଇଅଖର ପଢ଼େଇ ମୁନୁଷ୍ କର୍‌ବାର ଚିନ୍‌ତାରେ ଦୁତିକା ସବୁବେଲେ ଘାରି ହେଉଛନ୍ । ଏହେଦେ ଅଶ୍ୱିନ ପାଠ୍‌ପଢ଼ା ଛାଡି ମା'କେ ସାହାଯ୍ କର୍‌ବାର ସଂଗେ ଘର୍ ବଖ୍‌ରେ ବନାବାର ଲାଗି ସେ କାମ୍‌ବୁତା କର୍‌ବାକେ ଅଁଟା ଭିଡିଛନ୍ । ଏହେଦେ ବର୍‌ଷା ଦିନେ ପଲିଥିନ୍ ଢ଼ାଁପି ରହେବାରଟା ଯେତ୍‌କି ବିପଦ୍ ସାଜିଛେ, ସେଥିରୁ ଜହ ଦାଉ ସାଧୁଛେ ପର୍‌ଶାସନ୍ ବଲି ମା'ପୁଓ ଅଭିଯୋଗ୍ କରିଛନ୍ । ଇ ବାବ୍‌ଦେ ଲଡୁଗାଁ ସରପଁଚ୍ କହ୍ନେଇ ଚରଣ ଦାସକୁଁ ପଚ୍‌ରାବାରେ ଘଟ୍‌ନା ବାବ୍‌ଦେ ମୋର ପାସେ ଖବର ନାଇଁଥାଇ, ଯେତେ ଜଲ୍‌ଦି ହେବା ବ୍ଲକ୍ ପର୍‌ଶାସନ୍ ସଂଗେ କଥା ହେଇ ସରକାରୀ ଯୋଜ୍‌ନାରେ ଘର୍‌ଖଁଡେ ଯୁଗେଇ ଦିଆଯିବା ବଲି କହିଥିଲେ ।

# ଡେଙ୍ଗୁ ଜ୍ୱରରେ ଯୁବକଙ୍କ ମୃତ୍ୟୁ

ନୂଆପଡା ଅଫିସ,୨।୯

ନୂଆପଡ଼ା ଜିଲା ସଦର ବ୍ଲକ ଆମୋଦି ଗାଁର ସୁରଜ ମାଝି (୩୨)ନାମକ ଜଣେ ଯୁବକଙ୍କ ଡେଙ୍ଗୁ ଜ୍ୱରରେ ପଡି ମୃତ୍ୟୁ ଘଟିଛି । ରବିବାର ଅପରାହ୍ନରେ ଯୁବକଙ୍କୁ ଘରୁ ରାୟପୁର ନେବା ବାଟରେ ମୃତ୍ୟୁ ଘଟିଥିବା ଜଣାପଡିଛି । ଗତ ୮ ଦିନ ତଳେ ସୁରଜ ଜ୍ୱରରେ ପୀଡିତ ହୋଇଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରତର ହେବାରୁ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ଡେଙ୍ଗୁ ଥିବା ଚିହ୍ନଟ କରି ବୁର୍ଲାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ କରିଥିଲେ । ହେଲେ ଗରିବ ପରିବାର ହେତୁ ବୁର୍ଲାକୁ ନେବା ସକ୍ଷମ ନ ଥିବାରୁ ଘରକୁ ନେଇଯାଇଥିଲେ । ରବିବାର ସଙ୍କଟାପନ୍ନ ଅବସ୍ଥାରେ ଘରୁ ରାୟପୁରକୁ ନେଉଥିବା ବେଳେ ମୃତ୍ୟୁ ଘଟିଛି । ଗରିବ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର
**ସଂଶୋଧନ ପତ୍ର**
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୮ ରେ ଦର୍ଶିତ ଋଣଗ୍ରହୀତା: ମେସର୍ସ ପାବନି ଫେରୋ ଆଲଏଜ୍ ପ୍ରା. ଲିଃ.ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ "ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର, ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, ୨) ବିଶ୍ୱଜିତ ମିଶ୍ର, ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, ୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର, ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ୍, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪) ରବିନ୍ଦ୍ର ନାଥ ପଟ୍ଟନାୟକ, ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢିବାକୁ ଅନୁରୋଧ । ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

SBC
ସମ୍ବଲପୁରୀ ବସ୍ତ୍ରାଳୟ



ଗଣେଶ ପୂଜା ଓ ନୂଆଁଖାଇ
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ବିଶେଷ ସରକାରୀ ରିହାତି
୧୦% + ୨୦%
ଅବଧି ତା୦୨।୦୯।୨୦୧୮ରୁ ତା୧୩।୦୯।୨୦୧୮ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ ।

## ସଂକ୍ଷେପରେ

### ପରୀ ୨- କାର୍ଯ୍ୟକ୍ରମ
## ୧୭ ବାଳ ଶ୍ରମିକ ଉଦ୍ଧାର

ଜୁନାଗଡ,୨।୮(ସ୍ୱ.ପ୍ର)
ସରକାରଙ୍କ ପରୀ ୨- କାର୍ଯ୍ୟକ୍ରମରେ ରବିବାର କଳାହାଣ୍ଡି ଜିଲା ଜୁନାଗଡ଼ ସହରର ବିଭିନ୍ନ ହୋଟେଲ, ଗ୍ୟାରେଜ ଓ ବ୍ୟବସାୟୀକ ପ୍ରତିଷ୍ଠାନରେ ଚଢାଉ କରି ୧୭ ଜଣ ବାଳ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ସୋମବାର ସମସ୍ତ ଉଦ୍ଧାର ବାଳ ଶ୍ରମିକଙ୍କୁ ଶିଶୁ ମଙ୍ଗଳ ୟୁନିଟରେ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ଏହି ବାଳ ଶ୍ରମିକମାନେ ବିଭିନ୍ନ ଗ୍ରାମ ସମେତ କୋକସରା ଓ ଥୁଆମୁଳ ରାମପୁର ବ୍ଲକରୁ ଆସି ସହର ପ୍ରତିଷ୍ଠିତ ଢାବା, ଜଳଖିଆ ଓ ହୋଟେଲ, ଗ୍ୟାରେଜ ଇତ୍ୟାଦିରେ କମ ମଜୁରିରେ କାମ କରୁଥିଲେ। ଜୁନାଗଡ ପୋଲିସ ପକ୍ଷରୁ ସବ ଇନିସପେକ୍ଟର ପୀତବାସ ଶବର, ପ୍ରସନ୍ନ କୁମାର ଜେନା ଓ ଧିରେନ୍ଦ୍ର ନାଥ ମଲ୍ଲିକଙ୍କ ନେତୃତ୍ୱରେ ରବିବାର ଦିନ ତମାମ ଏହି ଚଢାଉ କରାଯାଇଥିଲା ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ପଲମ,୨।୯(ଡି.ଏନ.ଏ.)
କଳାହାଣ୍ଡି ନର୍ଲା ବ୍ଲକ ଅଧୀନ ନର୍ଲା ଘୋଡାବନ୍ଧ ପଞ୍ଚାୟତସ୍ଥିତ ସିର୍ଲିପଡା ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ବିକ୍ରମ କେଶରୀ ପଧାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟକାଳୀନ ସଭାରେ ନର୍ଲା ଏବିଇଓଙ୍କ ସମେତ ଶିକ୍ଷା ସଂଘର ଶିକ୍ଷକ ବୃନ୍ଦ ଯୋଗଦାନ ଦେଇଥିଲେ । ସମସ୍ତଙ୍କ ମିଳିତକ୍ରମେ ପଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଉପଢୌକନ ପ୍ରଦାନ କରାଯାଇ ତାଙ୍କ ଜୀବନର ଦୀର୍ଘାୟୁ କାମନା କରିଥିଲେ ।

# ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭ

ଭବାନୀପାଟଣା,୨।୯(ଡି.ଏନ.ଏ.)


ଖବରଦାତା ସମ୍ମିଳନୀରେ ଉପଜିଲାପାଳ ଏବଂ ନିର୍ବାଚନ ଅଧିକାରୀ ସୂଚନା ଦେଉଛନ୍ତି ।

କଳାହାଣ୍ଡି ଜିଲାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ କରାଯାଇଛି। ଏହି ପ୍ରକ୍ରିୟା ୩୧।୧୦।୨୦୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକାଧିକ ସ୍ଥାନରେ ଭୋଟର ଭାବେ ନିଜ ନାମକୁ ପଞ୍ଜୀକୃତ କରିବା ବେଆଇନ ଓ ଏହା ଏକ ଦଣ୍ଡନୀୟ ଅପରାଧ । ଜେଲ୍ ଓ ଜରିମାନା ଉଭୟ ଦଣ୍ଡରେ ଦଣ୍ଡିତ ବ୍ୟବସ୍ଥା କରାଯାଇଛି ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ଉପଜିଲାପାଳ ତଥା ଇଆରଓ ମିର୍ଦ୍ଧା ଟୋପୋ ଏବଂ ନିର୍ବାଚନ ଅଧିକାରୀ ରୁକ୍ମଣ ମେହେର ମିଳିତ ଭାବେ ସୂଚନା ଦେଇଛନ୍ତି । ଉପଜିଲାପାଳ ତଥା ଇଆରଓ ମିର୍ଦ୍ଧା ଟୋପୋ ପ୍ରକାଶ କରିଥିଲେ ଯେ ସେପ୍ଟେମ୍ବର ୧ ତାରିଖଠାରୁ ଆସନ୍ତା ଅକ୍ଟୋବର ୩୧ ସୁଦ୍ଧା ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟର ତାଲିକା ସଂଶୋଧନ କରାଯିବ। ଏହିସବୁ ଭୋଟ କେନ୍ଦ୍ରରେ ଭୋଟରଙ୍କୁ ସହାୟତା ପାଇଁ ବିଏଲଓ/ବିଏଲଏ ନିଯୁକ୍ତି ଦିଆଯାଇଛି। ବିଡିଓ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ମ୍ୟୁନିସିପାଲଟି ଓ ଏନଏସି ଏବଂ ଉପଜିଲାପାଳ କାର୍ଯ୍ୟାଳୟରେ ମଧ୍ୟ ଭୋଟରଙ୍କ ସହାୟତା ନିମନ୍ତେ ଭୋଟର ସହାୟତା କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ଯେଉଁମାନଙ୍କ ବୟସ ୧।୧।୨୦୧୯ ସୁଦ୍ଧା ୧୮ ବର୍ଷ ହୋଇଥିବା କିମ୍ବା ଭୋଟର ତାଲିକାରେ ନାମ ପଞ୍ଜୀରଣ ହୋଇନାହିଁ ସେମାନେ ନିଜ ନାମ ପଞ୍ଜୀକରଣ କରିବା ପାଇଁ ଫର୍ମ ନମ୍ବର ୬ରେ ଆବେଦନ କରିପାରିବେ। ଭୋଟ ତାଲିକାରେ ନାମ ବାଦ କରିବା ପାଇଁ ଫର୍ମ ନମ୍ବର ୭ରେ ଆବେଦନ ଗ୍ରହଣ କରାଯିବ। ୨୦୧୯ ଜାନୁୟାରୀ ୪ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଭୋଟର ତାଲିକାରେ ଶତ ପ୍ରତିଶତ ଭୋଟରଙ୍କ ଫଟୋ ସ୍ଥାନିତ କରିବା ନିମନ୍ତେ ଗୁରୁତ୍ୱ ଦେବା ସହ ଭୋଟର ତାଲିକାରେ ଥିବା ତ୍ରୁଟିପୂର୍ଣ୍ଣ ତଥ୍ୟ ସଂଶୋଧନ କରିବା ଉପରେ ପ୍ରାଧାନ୍ୟ ଦିଆଯାଇଛି । ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଜଣେ ଯୋଗ୍ୟ ଭୋଟର ଫର୍ମ ନଂ.୬ରେ ନିଜର ରଙ୍ଗୀନ ପାସପୋର୍ଟ ଫଟୋ, ଜନ୍ମ ତାରିଖ ଏବଂ ବାସସ୍ଥାନ ପ୍ରମାଣପତ୍ର ସହ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଖରେ ଭୋଟର ପରିଚୟ ପତ୍ର ପାଇଁ ନିର୍ଦ୍ଧାରିତ ୨୫ ଟଙ୍କ ପୈଠ କରି ଫର୍ମ ନଂ.୧ ରେ ଆବେଦନ କରିବେ । ଏପରିକି ଭୋଟରମାନେ ପ୍ରତି ବ୍ଲକ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ଭୋଟର ସହାୟତା କେନ୍ଦ୍ରରେ ମଧ୍ୟ ସହାୟତା ନେଇପାରିବେ। ଏତଦ୍‌ବ୍ୟତୀତ ଭୋଟରମାନେ ଅନଲାଇନରେ ମଧ୍ୟ ଦରଖାସ୍ତ କରିପାରିବେ । ଦରଖାସ୍ତକାରୀମାନେ ଅନଲାଇନରେ ଦେଇଥିବା ସଦ୍ୟତମ ସ୍ଥିତି ଜାଣିପାରିବେ ବୋଲି ପ୍ରକାଶ କରିଥିଲେ । କଳାହାଣ୍ଡି ଜିଲାରେ ୭୭- ଲାଞ୍ଜିଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ୨୮୩ଟି ଭୋଟ କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ଆଉ ୧୦ଟି ନୂତନ ଭୋଟ କେନ୍ଦ୍ର ମିଶ୍ରଣ କରାଯିବ । ଫଳରେ ୨୯୩ଟି ଭୋଟ କେନ୍ଦ୍ରକୁ ବୃଦ୍ଧି ପାଇବ । ସେହିପରି ୭୮- ଜୁନାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ୨୫୪ଟି ଭୋଟ କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ଆଉ ୧୯ଟି ନୂତନ ଭୋଟ କେନ୍ଦ୍ର ମିଶ୍ରଣ କରାଯାଇ ଗୋଟିଏ ବୁଥ୍ କଟା ଯାଇ ବର୍ତ୍ତମାନ ୨୭୨ଟି ଭୋଟ କେନ୍ଦ୍ରକୁ ହେବ। ସେହିପରି ୭୯- ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ୨୬୬ଟି ଭୋଟ କେନ୍ଦ୍ର ରହିଛି । ଆଉ ୨୯ଟି ନୂତନ ଭୋଟ କେନ୍ଦ୍ର ହେଉଥିବା ବେଳେ ସେଥିରୁ ୨ଟି ବୁଥକେନ୍ଦ୍ର ମିଶ୍ରଣ ହେବ ଫଳରେ ୨୯୩ଟି ଭୋଟ କେନ୍ଦ୍ରକୁ ବୃଦ୍ଧି ପାଇବ । ସେହିପରି ୮୦– ଭବାନୀପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ୨୪୫ଟି ଭୋଟ କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ଆଉ ୨୩ଟି ନୂତନ ଭୋଟ କେନ୍ଦ୍ର ମିଶ୍ରଣ କରାଯିବା ଫଳରେ ମୋଟ ୨୬୮ଟି ଭୋଟ କେନ୍ଦ୍ରକୁ ବୃଦ୍ଧି ପାଇବ। ୮୧– ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୩ଟି ଭୋଟ କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ଆଉ ୨୬ଟି ନୂତନ ଭୋଟ କେନ୍ଦ୍ର ମିଶ୍ରଣ କରାଯାଇ ୨୭୯ଟି ଭୋଟ କେନ୍ଦ୍ରକୁ ବୃଦ୍ଧି ପାଇବ । ପୂର୍ବରୁ ୧୩୦୧ ଭୋଟ କେନ୍ଦ୍ର ଥିବା ବେଳେ ୧୦୪ଟି ନୂତନ ଭୋଟ କେନ୍ଦ୍ର ହେବା ଫଳରେ ୧୪୦୫ ଭୋଟକେନ୍ଦ୍ର ହେବ ବୋଲି ଉପଜିଲାପାଳ ଟୋପୋ ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଡିଆଇପିଆରଓ ଗୁରବିର ସିଂ ଉପସ୍ଥିତ ଥିଲେ ।

**କଳାହାଣ୍ଡି ଜିଲା**
- ଅକ୍ଟୋବର ୩୧ ସୁଦ୍ଧା ସଂଶୋଧନ କରାଯିବ
- ୨୦୧୯ ଜାନୁୟାରୀ ୪ରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ

# ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଉଦ୍‌ଘାଟନ

ଭବାନୀପାଟଣା,୨।୯(ଡି.ଏନ.ଏ.)
ଭାରତୀୟ ଡାକ ବିଭାଗ ପକ୍ଷରୁ ଦେଶରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି)ର ଶୁଭାରମ୍ଭ ଶନିବାର କରାଯାଇଛି । ଏହି କ୍ରମରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ କଳାହାଣ୍ଡି ଡାକ ମଣ୍ଡଳ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କଳାହାଣ୍ଡି ଲୋକ ସଭା ସଦସ୍ୟ ଅର୍କକେଶରୀ ଦେଓ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ଭବାନୀପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ତୋଷୀ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ଡାକ ଅଧୀକ୍ଷକ ପଦ୍ମନାଭ ଦାସ ଓ ସହକାରୀ ଡାକ ଅଧୀକ୍ଷକ ମୋହନ ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇପିପିବି ଦ୍ୱାରା ଆଧାର କାର୍ଡ କିମ୍ବା ପାନ୍ କାର୍ଡ ଦେଇ ଜଣେ ଆକାଉଣ୍ଟ ଖୋଲିପାରିବ। ଦ୍ୱାରରେ ଗ୍ରାହକମାନଙ୍କୁ ବ୍ୟାଙ୍କ ସେବା ଉପଲବ୍ଧ ହେବ। ଗ୍ରାହକମାନେ ଅନ୍‌ଲାଇନ୍‌ରେ ମଧ୍ୟ ଆଇପିପିବି ଦ୍ୱାରା ଟଙ୍କା ଜମା କରିପାରିବେ ବୋଲି ଡାକ ଅଧୀକ୍ଷକ ସୂଚନା ଦେଇଥିଲ। ପ୍ରଥମ ପର୍ଯ୍ୟାୟରେ ଶନିବାର କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମୁଖ୍ୟ ଡାକଘର ସମେତ ଗାନ୍ଧିଛକ ଉପ ଡାକଘର, ବାହାଦୂର ବଗିଚାପଡା ଉପ ଡାକଘର, ପରମାନନ୍ଦପୁର ଓ ମେଦିନିପୁରଠାରେ ଏକ୍ସେସ୍ ପଏଣ୍ଟରେ ଆଇପିପିକବି ଶୁଭାରମ୍ଭ କରାଯାଇଛି। ଡିସେମ୍ବର ସୁଦ୍ଧା ଦେଶର ୧ ଲକ୍ଷ ୫୫ ହଜାର ଡାକଘରେ ଆଇପିପିବି ସୁବିଧା ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡାକ ଅଧୀକ୍ଷକ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି କଳାହାଣ୍ଡି ଲୋକସଭା ସଦସ୍ୟ ଅର୍କ କେଶରୀ ଦେଓଙ୍କ ଦ୍ୱାରା କଳାହାଣ୍ଡିରେ ଆଇପିପିବିର ଶୁଭାରମ୍ଭ କରାଯିବା ସହ ଆକାଉଣ୍ଟ ଧାରୀଙ୍କୁ କ୍ୟୁଆର୍ କାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆରତି ପୃଷ୍ଟି ପରିଚାଳନା କରିଥିବା ବେଳେ ଶୁସାନ୍ତ କୁମାର ବିଶି, ସୁଦାମ ଚରଣ ସାହୁ, ସୁଜିତ ମହାନ୍ତି ଓ ତପନ ନାଏକ ପ୍ରମୁଖ ସହଯୋଗ କରିଥିଲେ ।



ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



## କାପସରା ସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ

ଭବାନୀପାଟଣା,୨।୯(ଡି.ଏନ.ଏ.)
ଭବାନୀପାଟଣା ସଦର ବ୍ଲକ କାପସରା ପ୍ରାଥମିକ ସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା । ପ୍ରଧାନ ଶିକ୍ଷକ ମନୋଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାସ ମୁଖ୍ୟଅତିଥି, ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାଖୁଡ, ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ, ଏବିଇଓ ଠାକୁର ସାହୁ, ଗୟାଧର ପରିଡା, କୁଟୁଖମାର ସରପଞ୍ଚ ବାସନ୍ତୀ ମଲ୍ଲିକ, ସିଆର୍‌ସିସି ରବୀନ୍ଦ୍ର ମହାନ୍ତି, ୱାର୍ଡସଭ୍ୟ ଗଜିନ୍ଦ୍ର ମାଝି ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇଥିଲେ । ଗ୍ରାମବାସୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅତିଥିମାନେ ଗାଁ ରାସ୍ତାର ଦୁଇ ପାର୍ଶ୍ୱରେ ବୃକ୍ଷରୋପଣ କରିଥିଲେ । ଶିକ୍ଷୟିତ୍ରୀ ସରୋଜିନୀ ମୁଣ୍ଡ, ଭକ୍ତ ବାଗ, ମଗଶିର ବିଭାର, ସନ୍ଧ୍ୟା ମଲ୍ଲିକ, ଅନୁପମା ନାଗ, ସଙ୍ଗୀତା ସୁନାନୀ, କୁଳମଣି ମାଭ, ଶ୍ୟାମଘନ ଚଲାନ, ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

# ନକଲି ଗୋପାଲ ଜର୍ଦ୍ଦା ବୋଝେଇ ପିକଅପ୍ ଜବତ

ଜୁନାଗଡ,୨।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ମଥୁରା ବିଲକୁଲ ଡଙ୍ଗରି ନିକଟ ୨୬ ନଂ. ଜାତୀୟ ରାଜପଥ ଉପରେ ଶନିବାର ମଧ୍ୟାହ୍ନରେ ନକଲି ଗୋପାଲ ଜର୍ଦ୍ଦା ବୋଝେଇ ଏକ ପିକଅପ ଗାଡିକୁ ଜୁନାଗଡ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି।
ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ନକଲି ଗୋପାଲ ଜର୍ଦ୍ଦା ବୋଝେଇ ଏକ ପିକଅପ୍ (ନଂ. ଓଆର୦୮ଇ–୯୪୨୨)ଗାଡି ଜୁନାଗଡରୁ ମୋଟେର ଆଡେ ଯାଉଥିଲା । ମଥୁରା ବିଲକୁଲ ଡଙ୍ଗରି ନିକଟରେ କୌଣସି ସୂତ୍ରରୁ ଖବର ପାଇ ଗୋପାଲ ଜର୍ଦ୍ଦା କମ୍ପାନୀ କର୍ତ୍ତୃପକ୍ଷ ସେଠାରେ ଗାଡିକୁ ଅଟକାଇ ଥିଲେ। କମ୍ପାନୀ କର୍ତ୍ତୃପକ୍ଷ ପୂର୍ବରୁ ଏହି ଗାଡିରେ ନକଲି ଗୋପାଲ ଜର୍ଦ୍ଦା ଯାଉଥିବା ଜାଣି ଯୋଜନା ବଦ୍ଧ ଭାବରେ ସେଠାରେ ଛକି ରହିଥିଲେ। ଗାଡିକୁ ଅଟକ ରଖିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଜୁନାଗଡ ପୋଲିସରେ ଖବର ଦେଇଥିଲେ। ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନକଲି ଗୋପାଲ ଜର୍ଦ୍ଦା ବୋଝେଇ ପିକଅପ ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ଏପଟେ ଗୋପାଲ ଜର୍ଦ୍ଦା କମ୍ପାନୀ ପ୍ରତିନିଧି କୈଳାସ ସିଂହ ଚୌହାନ ଏଭଳି କାମ କରିଥିବା ବ୍ୟବସାୟୀ ଜୁନାଗଡ ସହରର ୨ ଭାଇ ଗୋବିନ୍ଦ ମିତ୍ତଲ ଓ କାଲୁ ମିତ୍ତଲ ସହ ଡ୍ରାଇଭର ତରଣ ମେହେରଙ୍କ ନାମରେ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜବତ ଗାଡିରୁ ତଦନ୍ତ ପରେ କିରାନା ସାମଗ୍ରୀ ସହ ୫ ଶହ ଗ୍ରାମର ୨୦ଟି ନକଲି ଗୋପାଲ ଜର୍ଦ୍ଦା ପ୍ୟାକେଟ ବାହାରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୁନଶ୍ଚ ଜବତ ପ୍ୟାକେଟରେ ଗୋପାଲର ଓରଜିନାଲ ଲୋଗୋ ଚିହ୍ନଥିବା ଖୋଳ (କଭର) ଲାଗିଥିବା ବେଳେ ଭିତରେ ଥିବା ସାମଗ୍ରୀ ନକଲି ବୋଲି ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ୨ଭାଇ ଫେରାର ଥିବା ଜଣାପଡିଛି। ଏ ନେଇ ଜୁନାଗଡ ଥାନାରେ ଭାରତୀୟ ଦଣ୍ଡବିଧାନ ଆଇନ ଧାରା ୪୨୦/୨୭୯/୨୭୩ ଅନୁଯାୟୀ ଏକ ମାମଲା (ନଂ. ୨୪୫/୧୮) ରୁଜୁ ହୋଇଥିବା ନେଇ ତଦନ୍ତକାରୀ ଅଧିକାରୀ ଡମ୍ବରୁଧର ପ୍ରଧାନୀ ପ୍ରକାଶ କରିଛନ୍ତି।


ଜବତ ନକଲି ଜର୍ଦ୍ଦା ବୋଝେଇ ପିକଅପ୍ ।

## ସାପ କାମୁଡ଼ାରେ ବୃଦ୍ଧ ମୃତ

କେସିଙ୍ଗା,୨।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଲଇଦରା ଗ୍ରାମପଞ୍ଚାୟତ ଜୋଲକୋ ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି । ସେ ହେଲେ ଜୋରକୋ ଗ୍ରାମର ଅଭିରାମ ମହଲା (୭୦) । ବୃଦ୍ଧ ଶନିବାର ସନ୍ଧ୍ୟା ସାଢେ ୫ଟାରେ ନିଜ ଘରେ ସାଇତି ରଖିଥିବା ଜାଳେଣି କାଠ ଆଣିବା ବେଳେ ବିଷାକ୍ତ ନାଗ ସାପ ଚୋଟ ମାରିଥିଲା । ବୃଦ୍ଧ ଜଣକ ଚେତାଶୁନ୍ୟ ହୋଇଯାଇଥିଲେ। ପରିବାର ଲୋକେ ପଡୋଶୀଙ୍କୁ କହିବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ଆସି ନ ଥିଲା । ଗ୍ରାମବାସୀ ବାରମ୍ବାର ୧୦୮ ଆମ୍ବୁଲାନ୍ସକୁ ଫୋନ କରିବାରୁ କେସିଙ୍ଗାରେ ଆମ୍ବୁଲାନ୍ସ ନାହିଁ, କର୍ଲାମୁଣ୍ଡା କିମ୍ବା ଭବାନୀପାଟଣାରୁ ପଠାଯାଇ ପାରିବ ବୋଲି କୁହାଯାଇଥିଲା। ଶେଷରେ ଗ୍ରାମବାସୀଙ୍କ ଉଦ୍ୟମରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧୨ଟାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରବିବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ବୃଦ୍ଧ ଜଣକ ଅତି ଗରିବ ହୋଇଥିବାରୁ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ଜଣାଇଛନ୍ତି ।

# ମୋ ସ୍କୁଲ ଅଭିଯାନରେ ଚାରାରୋପଣ କାର୍ଯ୍ୟକ୍ରମ

ଭବାନୀପାଟଣା,୨।୯(ଡି.ଏନ.ଏ.)
ଭବାନୀପାଟଣା ବ୍ଲକ ଉଦେପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଉଚ୍ଚ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତଙ୍କ ଅଧ୍ୟକ୍ଷତାରେ ମୋ ସ୍କୁଲ ଅଭିଯାନ ପରିପ୍ରେକ୍ଷୀରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ସ୍ୱାଧୀନ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ପ୍ରଧାନ ଓ ଜଗନ୍ନାଥ ଦାଶ ପ୍ରମୁଖ ଯୋଗଦାନ କରିଥିଲେ । ବିଦ୍ୟାଳୟର ଛାତ୍ରୀ ଶୃତି ବାଗ, ପ୍ରିୟଙ୍କା ସାଗର, ବର୍ଷାସାଗର ଓ ବିନୋଦିନୀ ବାଗ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଛାତ୍ର ବିକାଶ ବିଶି ଓ ଅଭୟ ଦୁର୍ଗା ଉଦେପୁର ବିଦ୍ୟା ମନ୍ଦିର ଶୀର୍ଷକ ଗୀତିନାଟ୍ୟ ପରିବେଷଣ କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ବିଦ୍ୟାଳୟ ପରିସରରେ ପଞ୍ଚାୟତ ପରିସରରେ ଏବଂ ଉଦେପୁର ଗ୍ରାମରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା । ବିଦ୍ୟାଳୟ ପୁରାତନ ଛାତ୍ରୀ ଲତା ସାଗର ବିଦ୍ୟାଳୟର ପରିବେଷ୍ଟିନୀରେ ଦୀର୍ଘ ୧୦ ବର୍ଷ ଅଧ୍ୟୟନ କରି ଯାଇଥିବା ନିଜର ଅନୁଭବୀ ଜୀବନୀ ଉପସ୍ଥାପନ କରିତିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଶିକ୍ଷକ ରୋହିତ ମାଝି ଓ ନିରୋଦ ମାଝି ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୌଦାମିନୀ ମିଶ୍ର ଓ ସୁଜାତା ଆଚାର୍ଯ୍ୟା ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ମନୋରମା ଦାସ, ପୁଷ୍ପାଞ୍ଜଳୀ ସାହୁ, ସୌଭାଗିନୀ ଦେବୀ, ପ୍ରତିମୟୀ ଆଚାର୍ଯ୍ୟ, ସଙ୍ଗୀତା ନାଗ, ପଦ୍ମାଳୟା ମାଝି ଓ ସାସ୍ୱତ ମହାପାତ୍ର ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରି ଧନ୍ୟବାଦ ଦେଇଥିଲେ ।



ମୋ ସ୍କୁଲ ଅଭିଯାନ ପରିପ୍ରେକ୍ଷୀରେ ଶିକ୍ଷୟିତ୍ରୀଶିକ୍ଷକମାନେ ଚାରାରୋପଣ କରୁଛନ୍ତି ।

# ପ୍ଲାଷ୍ଟିକ୍, ପଲିଥିନ୍ ବର୍ଜନ ସଚେତନତା ଶୋଭାଯାତ୍ରା



ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ ନେଇ ଆୟୋଜିତ ଜନସଚେତନତା ଶୋଭାଯାତ୍ରା ।

ଭବାନୀପାଟଣା,୨।୯(ଡି.ଏନ.ଏ.)
ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ କର୍ଲାପଡାସ୍ଥିତ ବିଦ୍ୟାଧର ନୋଡାଲ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଆନୁକୂଲ୍ୟରେ ପ୍ରଧାନଶିକ୍ଷକ ବାହାଦୁର ସାଗରଙ୍କ ତତ୍ତ୍ୱାବଧାନରେ ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ ଉପରେ ଏକ ଜନସଚେତନ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ଲା–କାର୍ଡ ଧରି ବିଭିନ୍ନ ସ୍ଲୋଗାନ୍ ମାଧ୍ୟରେ ଗ୍ରାମ ପରିକ୍ରମା କରିଥିଲେ । ଏହି ରାଲିରେ ଛାତ୍ରୀଛାତ୍ର ସମେତ ବିଦ୍ୟାଳୟ କ୍ରୀଡା ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଶିକ୍ଷକ ସୁବଳଚନ୍ଦ୍ର ପ୍ରଧାନ, ଶିକ୍ଷକ ସୁରେନ୍ଦ୍ର କୁମାର ନାଗ, କମ୍ପ୍ୟୁଟର ଶିକ୍ଷକ ତରୁଣ କୁମାର ମହାରଣା, ହିନ୍ଦି ଶିକ୍ଷୟିତ୍ରୀ ଅଞ୍ଜଳୀ ଭୋଇ, ବୈଦ୍ୟନାଥ ପ୍ରଧାନ, ବ୍ରଜ କିଶୋର ପ୍ରଧାନ, ମହାଦେବ ବାଗ, ସୁନୟନା ଦାସ, ସୁକାନ୍ତ ପାଢୀ, ସ୍ୱପ୍ନା ସେଠୀ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ୍ ଅପକାରିତା ସମ୍ପର୍କରେ ଗାଁର ଘରମାନଙ୍କୁ ଯାଇ ଲୋକମାନଙ୍କୁ ବୁଝାଇଥିଲେ। ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ ।

# ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା

ରିଷିଡା,୨।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଦିଲୀପ କୁମାର ରଣା, ମୁଖ୍ୟବକ୍ତା ଶିକ୍ଷକ ଦୁର୍ଗାପ୍ରସାଦ ସାହୁ, ପରିଚାଳନା କମିଟି ସମ୍ପାଦକ କରୁଣାକର ରଣା, କୋଷାଧ୍ୟକ୍ଷ ସୂର୍ଯ୍ୟମଣି ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧା ଓ କୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ରାଜେନ୍ଦ୍ର ସାହୁ, ସତ୍ୟନାରାୟଣ କୁମାର, ଗଙ୍ଗାଧର ରଣା ଯୋଗଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କୁବେର ନାଗ ପରିଚାଳନା କରିଥିଲେ । ଆଚାର୍ଯ୍ୟ ବାସୁଦେବ ସେଲମା ଧନ୍ୟବାଦ ଦେଇଥିଲେ । ଆଚାର୍ଯ୍ୟ ରଞ୍ଜନ ଗୁରୁ, ପ୍ରଦୀପ ପଧାନ, ପରମାନନ୍ଦ ରଣା ପ୍ରମୁଖ ସହାୟତା କରିଥିଲେ ।

କର୍ଲାମୁଣ୍ଡା,୨।୯(ଡି.ଏନ.ଏ.)
କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାବା ଭଗବାନ ଦାସ, ଗୁରୁଜୀ ତୁମେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଭାଇ ଭଉଣୀମାନଙ୍କୁ ପାଠ ପଢା ସହ ଆଧ୍ୟାତ୍ମିକ ଭାବନା ପ୍ରତି ମନ ନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଭାଇ ଭଉଣୀମାନେ କୃଷ୍ଣ, ବଳରାମ, ରାଧା, ସୁଦାମାଙ୍କ ବିଭିନ୍ନ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ତୁକେରମାଲ ଗ୍ରାମବାସୀ ସମସ୍ତଙ୍କ ଘର ସାମନାରେ କଳସ ସ୍ଥାପନା ସହ ବିଭିନ୍ନ ବେଶରେ ଥିବା ଭାଇ ଭଉଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଯୁଗଳ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି କୋଷାଧ୍ୟକ୍ଷ ଡୋଳାମଣି ଭୋଇ, ଗୁରୁଜୀ କୁଶ ପୁଟେଲ, ଚନ୍ଦ୍ରଶେଖର ଥନାପତୀ, ଶେଷଦେବ ରଣା, ସ୍ୱର୍ଣ୍ଣଲତା ନାଏକ, ମାଧୁରୀ ଭୋଇ, ଜଗଦୀଶ ଭୋଇ, ସୁମନ୍ତ ସାହୁ, ଲକ୍ଷ୍ମିକାନ୍ତ ଜ୍ୟୋତିଷ, ସୁଜିତ ଭୋଇ, ଯଶପାଲ ସାହୁ, ଅର୍ଜୁନ ବାଗ, ଟୁନୁ ନନ୍ଦ, କୋଦଣ୍ଡ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


କର୍ଲାମୁଣ୍ଡାରେ ବିଭିନ୍ନ ବେଶରେ ସଜ୍ଜିତ ହୋଇ କୁନିପିଲାମାନେ ନଗର ପରିକ୍ରମା କରୁଛନ୍ତି

ଧର୍ମଗଡ,୨।୯(ଡି.ଏନ.ଏ.)
ଧର୍ମଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ରବଣ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଶିକ୍ଷାବିତ ରଜନୀ କାନ୍ତ ପଣ୍ଡା, ସମ୍ମାନିତ ଅତିଥି ବିଦ୍ୟାଳୟ ସମ୍ପାଦକ ଚୌବନ ଗୋପାଳ ଯୋଗଦେଇଥିଲେ । ଏହି ଅବସରରେ ଜୁନିୟର ଓ ସିନିୟ ବିଭାଗରେ କୃଷ୍ଣ ବେଶ ପ୍ରତିଯୋଗିତା କରାଯାଇଥିଲା । ପ୍ରତିଯୋଗିତାରେ କୃତୀ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷକ ନରେନ୍ଦ୍ର ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ମଳୟ କୁମାର ଦାସ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହେଯାଗ କରିଥିଲେ ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଏସ୍‌ଡିପିଓ ଅଫିସରେ ୨ ଶହ ଚାରା ଲାଗିଲା

ଟିଟିଲାଗଡ,୨।୯ (ଡି.ଏନ.ଏ.): ଟିଟିଲାଗଡ ଏସ୍‌ଡିପିଓଙ୍କ ନୂଆ କାର୍ଯ୍ୟାଳୟ ପରିସରରେ 'ଉଇକ୍ୟାନ' ପକ୍ଷରୁ ରବିବାର ବୃକ୍ଷରୋପଣ ସହ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ସରୋଜ ମହାପାତ୍ର ଏଥିରେ ସଭାପତିତ୍ୱକରିଥିଲେ। ଏହି ସଭାରେ ସହକାରୀ ଜିଲାପାଳ ଦେବାଶିଷ ସାମଲ, ଟିଟିଲାଗଡ ଥାନା ଆଇଆଇସି ବିଜୟାନନ୍ଦ କରକରା, ଜେଲର ଆଲୋକ କର, ସଇଁତଲା ଥାନା ଓଆଇସି ଅବନି ସାହୁ, ଏସଆଇ ଜେ. ଆବଦିନ, ପ୍ରଭୁଦତ୍ତ ବିଶ୍ୱାଳ, ପି.ସି. ଦଲେଇ, ଅନସୂୟା ନାଏକ, ସାବିତ୍ରୀ ଖାକା, ବି.ସି. ପଟେଲ, ଜେ.କେ. ପୋଦ୍ଦ, ଶିକ୍ଷାବିତ କୁଳମଣୀ ଯୋଷୀ, ଗୋପାଳ ହୋତା ପ୍ରମୁଖ ଯୋଗଦେଇ ପରିବେଶ ସଚେତନତା ନେଇ ବିଷଦ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଫରେଷ୍ଟର ବିରଞ୍ଚି ମିଶ୍ର ପରିବେଶ ସୁରକ୍ଷା ନେଇ ଆଲୋକପାତ କରିଥିଲେ। ଶିକ୍ଷକ ରାମନାରାୟଣ ଦାସ ସଭା ପରିଚାଳନା କରିଥିବା ବେଳେ ସଞ୍ଜୀବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଏସଡିପିଓ କାର୍ଯ୍ୟାଳୟ ପରିସରରେ ବିଭିନ୍ନ କିସମର ୨ ଶହ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମିନକେତନ ଡାଙ୍ଗ, ମିଟୁ ଭୋଇ, ସୁମିତ ସୁନା, ମୁକେଶ କର୍ମୀ, ଡେଙ୍ଗ ହାଇସ୍କୁଲର ଜୁନିୟର ରେଡକ୍ରସ ସଦସ୍ୟ ବାଲକୃଷ୍ଣ, ମୁରଲିରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।

### ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ

ଗୁଡ଼ଭେଲା,୨।୯(ଡି.ଏନ.ଏ.)-ତୁଷୁରା ଏନଏସି ଅଫିସରେ ରବିବାର ବିଜେଡ଼ି ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ଏଥିରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆଲୋଚନା କରିଥିଲେ।

### ଗାଁ ବୁଲିଲେ, ଝୁଲଣରେ ଝୁଲିଲେ

ଖପ୍ରାଖୋଲ,୨।୯ (ଡି.ଏନ.ଏ.)- ଖପ୍ରାଖୋଲ ବ୍ଲକର ଖପ୍ରାଖୋଲ ସମେତ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ରବିବାର ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମନ୍ଦିରର କୁନିକୁନି ଛାତ୍ରୀଛାତ୍ର ସକାଳୁ କୃଷ୍ଣ ଏବଂ ରାଧା ବେଶରେ ସଜ୍ଜିତ ହୋଇ ସ୍କୁଲକୁ ଆସିଥିଲେ। ବିଦ୍ୟାଳୟ ପରିସରରେ ପୂଜାର୍ଚ୍ଚନା ପରେ ନାଚଗୀତ ପରିବେଷଣ କରିବା ସହ ଝୁଲଣରେ ଝୁଲିଥିଲେ। ରାଧାକୃଷ୍ଣ ବେଶରେ ସୁସଜ୍ଜିତ ଛାତ୍ରୀଛାତ୍ର କୀର୍ତ୍ତନ ମଣ୍ଡଳି ସହ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲେ। ଶଙ୍ଖ ଘଣ୍ଟ, ମୃଦଙ୍ଗ ତାଳେ ତାଳେ ଗାଁରେ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଧାନ ଅଚାର୍ଯ୍ୟ ରାକେଶ ପଧାନ, ନବୀନ କୁମାର ଦାସ, ମନୋଜ ପଧାନ, ଚିତ୍ତ ବେହେରା, କାହ୍ନା ବେଜ, ସୁଶିଲ ଭୁଏ, କାର୍ତ୍ତିକେଶ୍ୱର ବେହେରା, ହରିବୋଲ ପୋଦ୍ଦ, ଆଶିଷ ଭୋଇ, ରାଜେଶ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।



### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ହୃଦ୍‌ଘାତରେ ମୃତ୍ୟୁ

ବେଲପଡା,୨।୯ (ଡି.ଏନ.ଏ.)- ଗଙ୍ଗାସାଗର ସିଲେଟପଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବପ୍ରସାଦ ହୋତାଙ୍କ ହୃଦଘାତରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ବର୍ଷ ହୋଇଥିଲା। ସିଲେଟପଡାସ୍ଥିତ ବାସଭବନଠାରେ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ସୋମେଶ (ଗୌତମ) ମୁଖାଗ୍ନି ଦେଇଥିଲେ।

ବିକାଶ ତଥା ଉନ୍ନତିମୂଳକ କାମ ହେଉନି

# ତୁଷୁରାରେ ପୁଣି ଲାଗିଲା ପୋଷ୍ଟର

ଗୁଡ଼ଭେଲା,୨।୯ (ଡି.ଏନ.ଏ.)

ତୁଷୁରା ଏନଏସି ଗଠନ ହେବାର ପ୍ରାୟ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଗଲାଣି। ଲୋକେ କିନ୍ତୁ ମୌଳିକ ସୁବିଧା ସୁଯୋଗ ପାଇ ପାରି ନାହାନ୍ତି। ଏଠାରେ ଉନ୍ନତିମୂଳକ କାମ ହୋଇନି। ଏଣୁ ଜନ ଅସନ୍ତୋଷ ବଢୁଛି। ଏଣୁ ଏ ନେଇ ପୂର୍ବରୁ ୧୨।୧୨।୨୦୧୭, ୧୯।୪।୨୦୧୮ରେ ସହରର ବିଭିନ୍ନ ଜାଗାରେ ପୋଷ୍ଟର ଲାଗିଥିଲା। ଏବେ ପୁଣି ଥରେ ରବିବାର ସହରର ବିଭିନ୍ନ ସ୍ଥାନରେ ସେଭଳି ପୋଷ୍ଟର ଲାଗିଛି। ସହରରେ କିଛି ଆଖି ଦୃଶିଆ ତଥା ଉନ୍ନତିମୂଳକ କାର୍ଯ୍ୟ କରା ଯାଇ ନ ଥିବା ଏଥିରେ ଦର୍ଶା ଯାଇଛି। ଏହି ପୋଷ୍ଟରଗୁଡ଼ିକ ସହରର ମୁଖ୍ୟ ରାସ୍ତା, ବସଷ୍ଟାଣ୍ଡ, ବିଶ୍ରାମାଗାର ଆଦି ସ୍ଥାନରେ ଲାଗିଛି।

୨୭।୧୨।୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁଷରା ଆସି ବିକାଶର ସ୍ୱପ୍ନ ଦେଖାଇ ଥିଲେ। କଲ୍ୟାଣ ମଣ୍ଡପ, ବସଷ୍ଟାଣ୍ଡ, ଶିଶୁ ଉଦ୍ୟାନ ଆଦି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ହେଲେ ଏ ଯାଏ କୌଣସି ଆଖି ଦୃଶିଆ ଉନ୍ନତି ହୋଇନି। ତେବେ ଏ ନେଇ ତୁଷରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ କହିଛନ୍ତି ଯେ, ବହୁ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ସେ ଗୁଡିକ ସମାପ୍ତ ହେଲେ ଲୋକଙ୍କ ମଧ୍ୟରେ ଥିବା ଅସନ୍ତୋଷ ଦୂର ହୋଇଯିବ। ଅନ୍ୟପକ୍ଷେ ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁଙ୍କ ତୁଷୁରା ଗସ୍ତକୁ ନେଇ ଏହା ବିରୋଧୀ ଗୋଷ୍ଠୀଙ୍କ ଚାଲ ବୋଲି ମଧ୍ୟ ପ୍ରଶ୍ନ ଉଠିଛି।




ତୁଷରା ସହରରେ ଲାଗିଥିବା ପୋଷ୍ଟର।

**ସ୍ଥାଣୁ ପାଲଟିଛି ଏନଏସି**

- ଆଗରୁ ୨ ଥର ପୋଷ୍ଟର ଲାଗିଛି
- ୨୦୧୪ରେ ମୁଖ୍ୟମନ୍ତ୍ରୀ ବିକାଶର ସ୍ୱପ୍ନ ଦେଖାଇଥିଲେ

ବଲାଙ୍ଗୀର ଫୁଟ୍‌ବଲ ଲିଗ୍

# ୫ମ ଦିନରେ ୭ ମ୍ୟାଚ୍

ବଲାଙ୍ଗୀର ଅଫିସ,୨।୯

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଆୟୋଜିତ ବଲାଙ୍ଗୀର ଫୁଟବଲ ଲିଗ୍ ଜିଲାର ୭ଟି ପଡିଆରେ ରବିବାର ଅନୁଷ୍ଠିତ ହୋଇଥିଲା। ଖୋଲାନ ପଡିଆରେ ଅଡିନାକ୍ସ ଫେକ୍ଟି ବଡମାଳ ଦଳ ୩-୨ ଗୋଲରେ ନାରିକଟା ଦଳକୁ ହରାଇ ବିଜୟୀ ହୋଇଛି। ଖେଳକୁ ବିନୋଦ ପ୍ରଧାନୀ, ଆଶିଷ ଦେବ ସା, ମୋହନ ପଧାନୀ ଓ ଆଶୀର୍ବାଦ ସା ପରିଚାଳନା କରିଥିଲେ। ଲୋଇସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଏବିଏଫ୍‌ଏ ଲୋଇସିଂହା ଦଳ ଟାଇବ୍ରେକର ଜରିଆରେ ୪-୨ ଗୋଲରେ କୁଶଙ୍ଗକୁ ହରାଇ ବିଜୟୀ ହୋଇଛି। ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ଜିଲା ପରିଷଦ ସଭ୍ୟ ସାଇ ଶଙ୍କର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ଦିଲୀପ ଧରୁଆ, ଅଞ୍ଜନ ବେଶ୍ରା, ବିଜୟ ରଣା ଓ ପ୍ରଦୀପ ବରର୍ତ୍ତୀ ପରିଚାଳନା କରିଥିଲେ।

ଖୁଜେନପାଲି ପଡିଆରେ ଅନୁଷ୍ଠିତ ଖେଳରେ ଖଲିଆପାଲି ଇଏସ ୧-୦ ଗୋଲରେ ମହୀମୁଣ୍ଡାକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ କ୍ରୀଡାବିତ ଦିଲୀପ ସେଠ୍ ଓ ପ୍ରଦୀପ ତ୍ରିପାଠୀ ଯୋଗ ଦେଇଥିଲେ। ଖେଳକୁ ଦୋଳ ଗୋବିନ୍ଦ ମୁଣ୍ଡା, ନରସିଂ ସ୍ୱାମୀ ନାଇଡୁ, ପ୍ରଫୁଲ୍ଲ ବରର୍ତ୍ତୀ ଓ ସଞ୍ଜିତ ମହାନ୍ତି ପରିଚାଳନା କରିଥିଲେ। ଚୁଡାପାଲି ପଡିଆରେ କୁତମୁଣ୍ଡା ୩-୧ ଗୋଲରେ ଚାଣ୍ଡିମୁଣ୍ଡାକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ କ୍ରୀଡା ସଂସଦ କୋଷାଧକ୍ଷ ପ୍ରଭାତ କୁମାର ମିଶ୍ର ଯୋଗ ଦେଇଥିଲେ। ଖେଳକୁ ଦେବରାଜ ନାହାକ, ବୈକୁଣ୍ଠ ଜେନା, ଜଳନ୍ଧର ସାହୁ ଓ ଶରତ ନନ୍ଦ ପରିଚାଳନା କରିଥିଲେ। ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଅନୁଷ୍ଠିତ ଖେଳରେ ଅମାମୁଣ୍ଡା ୨-୦ ଗୋଲରେ ଏନ୍‌ୱାଇଏସ ବରକାନୀକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ବଲାଙ୍ଗୀର ବ୍ଲକ ଅଧକ୍ଷ ଗୋଲାପ ବାଗ ଯୋଗ ଦେଇଥିଲେ। ଖେଳକୁ ସୁଶାନ୍ତ ନାଗ, ସୁଧାଂଶୁ ସେଠ୍, ଦେବାଶିଷ ବାଗ ଓ ଈଶ୍ୱର ମଛଖଣ୍ଡ ପରିଚାଳନା କରିଥିଲେ। ଜରାସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଜରାସିଂହା ୪-୧ ଗୋଲରେ କରେଲଧୁଆଁକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ କ୍ରୀଡାବିତ ଚିତ୍ତରଞ୍ଜନ ଥନାପତି ଯୋଗ ଦେଇଥିଲେ। ଖେଳକୁ କୁନ୍ତେ ମେହେର, ଲକ୍ଷ୍ମୀଧର ମହାନ୍ତି, ପ୍ରଶାନ୍ତ ଥନାପତି ଓ ଶ୍ରୀବତ୍ସ ମେହେର ପରିଚାଳନା କରିଥିଲେ। ପାଟଣାଗଡ ପଡିଆରେ ଅନୁଷ୍ଠିତ ଖେଳରେ ରୁଗୁଡିମୁଣ୍ଡା ଦଳ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଖୁଣ୍ଟସମଲାଇକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ କଂଗ୍ରେସ ଯୁବନେତା ଅନୀଲ ମେହେର ଯୋଗ ଦେଇଥିବାବେଳେ ଖେଳକୁ ରାଜେନ୍ଦ୍ର ଧରୁଆ, ଦୀପକ ରାଜ ହଂସ, ଖୁସିରାମ ମଲ୍ଲିକ, ଚୈତନ୍ୟ ସାହୁ ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିଲେ।

## ୫ ଶହ ନିର୍ମାଣ ଶ୍ରମିକ ସହାୟତା ପାଇଲେ

ଗୁଡ଼ଭେଲା,୨।୯ (ଡି.ଏନ.ଏ.)

ରାଜ୍ୟ କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସହାୟତାରେ ଜିଲା ଶ୍ରମ ବିଭାଗ ପକ୍ଷରୁ ତୁଷୁରାସ୍ଥିତ ଗୋରୁ ବଜାର ପଡିଆଠାରେ ରବିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଗୁଡଭେଲା, ସଇଁତଲା ଓ ତୁଷୁରା ଏନଏସିର ୫ଶହ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ଦିଆଯାଇଛି। ବିବାହ ସହାୟତା ବାବଦକୁ ୨ ଜଣଙ୍କୁ ୨୦ହଜାର ଟଙ୍କା ଲେଖାଏ ମିଳିଛି। ଜଣେ ମହିଳା ଶ୍ରମିକଙ୍କୁ ପ୍ରସୂତିକାଳୀନ ସହାୟତା ବାବଦକୁ ୧୦ ହଜାର ଟଙ୍କା ଦିଆଯାଇଛି। ଘର ନିର୍ମାଣ କରିବା ପାଇଁ ୨ ଜଣଙ୍କୁ ୧ଲକ୍ଷ ୩୦ହଜାର ଟଙ୍କା ଲେଖାଏ ଚେକ୍ ବିଧାୟିକା ପ୍ରଦାନ କରିଥିଲେ। ତେବେ ସିନ୍ଦୂରମମୁଣ୍ଡା ଗ୍ରାମର ପ୍ରଦୀପ କୁମ୍ଭାର, ଡୁଙ୍ଗିବାହାର ଗ୍ରାମର ନରୋତ୍ତମ ମନହିରା ଓ କପିଳ ରଣାଙ୍କ ସମେତ ଆଉ କିଛି ଶ୍ରମିକ ୨୦୧୧ ମସିହାରୁ ପଞ୍ଜୀକରଣ କରିଛନ୍ତି। ହେଲେ ସେମାନଙ୍କୁ କିଛି ସୁବିଧା ମିଳି ନ ଥିବା ଜିଲା ଶ୍ରମଧିକାରୀଙ୍କଠାରେ ଅଭିଯୋଗ ଉଠିଥିଲା। ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ବଣ୍ଟନ କରିଥିଲେ। ଏନଏସି ଅଧ୍ୟକ୍ଷା ଭାଗ୍ୟଶ୍ରୀ ନାଗ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ଶ୍ରମ ନିରିକ୍ଷକ ଦେବୀ ପ୍ରସାଦ ମହାନ୍ତି ଓ ଜିଲା ମଙ୍ଗଳ ସଂଯୋଜକ ବସନ୍ତ ବାହିନୀପତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲା ଶ୍ରମ ନିରିକ୍ଷକ ନିରଞ୍ଜନ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।




ମୁଖ୍ୟ ଅତିଥି ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ନିର୍ମାଣ ଶ୍ରମିକଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

### ମହୀମୁଣ୍ଡାରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

ବଲାଙ୍ଗୀର ଅଫିସ, ୨।୯

ମହୀମୁଣ୍ଡା ଜଗନ୍ନାଥ ମନ୍ଦିର ପରିସରରେ ମହୀମୁଣ୍ଡା ନାଗରିକ କମିଟି ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ଗୀତା ମର୍ମଜ୍ଞ ଯୁଗଳ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ କବି ସନ୍ଦୀପ କୁମାର କୁଅଁର, ମୁଖ୍ୟବକ୍ତା ଭାବେ ନାଟ୍ୟଭୁଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ସ୍ୱଭାବ କବିଙ୍କ କବିତାର ବିଶେଷତ୍ୱ ବର୍ଣ୍ଣନା କରି ସାମ୍ପ୍ରତିକ ସମୟରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ରାମଚନ୍ଦ୍ର ବିଶ୍ୱାଳ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ନାଗରିକ କମିଟିର ମୁଖ୍ୟ ସଚ୍ଚିଦାନନ୍ଦ ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗଙ୍ଗାଧରଙ୍କ କବିତାର ଭାବ ଜ୍ଞାପନ କରିଥିଲେ। ଶିକ୍ଷକ ରାମଚନ୍ଦ୍ର ପ୍ରସାଦ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳିଆ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କବି କରୁଣାକର ଭୋଇଙ୍କ ସ୍ମୃତିରେ କବିତା ଆସର

ଖପ୍ରାଖୋଲ,୨।୯ (ଡି.ଏନ.ଏ.)

ହରିଶଙ୍କର ମହାବିଦ୍ୟାଳୟ ପରିସରରେ କବି ସ୍ୱର୍ଗତ କରୁଣାକର ଭୋଇଙ୍କ ସ୍ମୃତିରେ ଏକ କବିତା ଆସର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କବି ଦେବରାଜ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ପରିଷଦ ସଭ୍ୟ ବିପ୍ର ବିଶି, କବି ନରୋତ୍ତମ ସାହୁ, ସୁରୁଚି ମିଶ୍ର, ସଂଯୁକ୍ତା ପରିଚ୍ଛା, ପ୍ରଦୀପ ଦାଶ, ରାଜକିଶୋର ଭୁଏ ପ୍ରମୁଖ ଯୋଗଦେଇ କରୁଣାକରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତାଙ୍କ ଲିଖିତ ଅନେକ ଓଡିଆ ଓ କୋଶଲି କବିତା ପାଠ କରାଯାଥିଲା। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କବିଙ୍କୁ ନେଇ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅଭିଲାସ ଭୋଇ, କବି ଧରମସିଂ ଧରୁଆ, ପୂର୍ଣ୍ଣଚନ୍ଦ୍ର ଭୋଇ, ମୁକେଶ ସୁନା, ସଂଯୁକ୍ତା ମେହେର, ସବିତା ଭୋଇ, ପୁରନ୍ଦର ସାହୁ, ସନ୍ତୋଷ କୁମାର ଦାଶ, ଟେକେନ୍ଦ୍ର ଜାଲ, ଗୁପ୍ତେଶ୍ୱର କୁଅଁର, ଶତୃଘନ ନାଏକ, ଅଭୟ ତ୍ରିପାଠୀ, ଗଜ ନାଗ, ବଳଭଦ୍ର ଦାସ, କ୍ଷମାନିଧି ଭୋଇ, ଡୋଳାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ବେଶରେ ସଜେଇ ହେଲେ କୁନିପିଲା

ମୁରିବାହାଲ, ୨।୯ (ଡି.ଏନ.ଏ)

ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ରବିବାର ଜନ୍ମାଷ୍ଟମୀ ପାଳନ କରାଯାଇଛି। ଏହି ଅବସରରେ ରାଧାକୃଷ୍ଣ ବେଶରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ୨୫ଜଣ ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବରେ ପରିଚାଳନା କମିଟିର ସଭାପତି ଶ୍ରୀବତ୍ସ ବେହେରା, ଉପସଭାପତି ରାଜୀବ କୁମାର ମହାନ୍ତି ଓ ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ବିଦ୍ୟାଳର ଛାତ୍ରୀଛାତ୍ର ନଗର ପରିକ୍ରମା କରି ରାଧାକୃଷ୍ଣ ମନ୍ଦିର, ହନୁମାନ ମନ୍ଦିର ଓ ଷ୍ଟେଶନପଡାରେ ନୃତ୍ୟଗୀତ ପରିବେଷଣ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁମନ କୁମାର ଖମାରୀ ସଂଯୋଜନା କରିଥିଲେ। ସରୋଜ ବାଗ, ଗିରିଧାରୀ ବାଗ, କମଳନୀ ଦନ୍ତା, ନିଲେନ୍ଦ୍ରୀ ନାଗ, ନିହାରିକା ପଣ୍ଡା, ଜ୍ୟୋତିର୍ମୟୀ ଛନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମୁରିବାହାଲରେ କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜେଇ ହୋଇଛନ୍ତି।



ଦେଓଗାଁ ବ୍ଲକ ଜରାସିଂହା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରୀ।



ଗୁଡ଼ଭେଲା ଧାନଘରା କୃଷ୍ଣଗୁରୁ ଆଶ୍ରମରେ ରାଧାକୃଷ୍ଣ ବେଶରେ ଛୋଟ ପିଲାମାନେ।



ଖପ୍ରାଖୋଲ ଶିଶୁମନ୍ଦିର।

### ପ୍ରତି ଘରେ କଳସ ବସାଇ ସ୍ୱାଗତ

ଦେଓଗାଁ, (ଡି.ଏନ.ଏ.)- ଦେଓଗାଁ ବ୍ଲକ ଜରାସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଶିଶୁ ମନ୍ଦିରର ଶିଶୁ ଭଉଣୀ ଭାଇମାନେ ଶ୍ରୀକୃଷ୍ଣ, ବଳରାମ, ଯଶୋଦା, ସୁଦାମ, ଦେବକୀ, ବସୁଦେବ, ଗୋପି ବେଶରେ ସୁସଜ୍ଜିତ ହୋଇ ଜରାସିଂହା ଗ୍ରାମ ପରିକ୍ରମା କରିଥିଲେ। ଏ ଅବସରରେ ଗ୍ରାମର ପ୍ରତ୍ୟେକ ଘରେ କଳସ ସ୍ଥାପନ କରି ଶୋଭଯାତ୍ରାକୁ ସ୍ୱାଗତ କରିଥିଲେ। ପରେ ଶିଶୁ ମନ୍ଦିର ପରିସରରେ ଝୁଲଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁଶୀଲ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମକର୍ତ୍ତା ସହଯୋଗ କରିଥିଲେ।

### କୃଷ୍ଣ ଜନ୍ମ ନାଟକରେ ଅଭିନୟ କଲେ

ଗୁଡ଼ଭେଲା, (ଡି.ଏନ.ଏ.)- ଗୁଡଭେଲା ଓ ତୁଷୁରା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଧାନଘରା କୃଷ୍ଣଗୁରୁ ଆଶ୍ରମରେ ଧୁମଧାମ ସହ ଜନ୍ମାଷ୍ଟମୀ ପାଳିତ ହୋଇଛି। ଶିଶୁମାନେ କୃଷ୍ଣ ଜନ୍ମ ନାଟକ ପରିବେଷଣ କରିଥିବା ବେଳେ ରାଧା, କୃଷ୍ଣ, କଂସ ବେଶରେ ସଜ୍ଜିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆଚାର୍ଯ୍ୟା, ଆଚାର୍ଯ୍ୟ ଏବଂ କର୍ମଚାରୀ ସହଯୋଗ କରିଥିଲେ।



ଖପ୍ରାଖୋଲ ଧଣ୍ଡାମୁଣ୍ଡା ଶିଶୁମନ୍ଦିର।



"ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ



**ସଂକ୍ଷେପରେ**

## ପୁରୁଣାବସ୍ତି ପୋଖରୀରୁ ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା ଅଫିସ,୨।୯**- ମାମୁଙ୍କ ମୃତଦେହ ସତ୍କାର କରି ଗାଧୋଇବାକୁ ଯାଇଥିବା ଭଣଜା ପୋଖରୀରେ ବୁଡ଼ିଯାଇଥିଲେ। ଶନିବାର ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି ପରେ ଉଦ୍ଧାର କରାଯାଇ ପାରି ନ ଥିଲା। ରବିବାର ପୂର୍ବାହ୍ନରେ ମୃତଦେହ ମିଳିଛି। ମୃତକ ଜଣକ ହେଲେ ଶୁଖୁଆଗୋଦାମ ଅଞ୍ଚଳର ପ୍ରେମ ରଞ୍ଜନ ଶର୍ମା (୨୨)। ମୃତଦେହ ଜିଲା ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଝାରସୁଗୁଡ଼ା ଟାଉନଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶୁକ୍ରବାର ରାତିରେ ପୁରୁଣାବସ୍ତିର ରତନ ଠାକୁରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଶନିବାର ମୃତଦେହ ସତ୍କାର ପରେ ପୁରୁଣାବସ୍ତି ପୋଖରୀକୁ ଗାଧୋଇବାକୁ ଯାଇଥିବା ପ୍ରେମ ରଞ୍ଜନ ସେଠାରେ ବୁଡ଼ି ଯାଇଥିଲେ। ରବିବାର ମୃତଦେହ ଭାସିବା ପରେ ଏହାକୁ ଉଦ୍ଧାର କରାଯାଇଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

**ନୂଆପଡା ଅଫିସ/କୋମନା,୨।୯**
ନୂଆପଡ଼ା ଜିଲା କୋମନା ଥାନା ପୋଲିସ ରବିବାର ଉଦ୍ୟାନବନ୍ଧ ବଜାରରେ ଏକ ଜୁଆ ଆଡ୍ଡାରେ ଚଢାଉ କରି ଘୁଡୁଘୁଡି ପଟି ସହ ୧୦ ହଜାର ୫୪୦ ଟଙ୍କା ଜବତ କରିଛି । ଜୁଆ ଖେଳୁଥିବା ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଦିଲିପ ଅହୀର (୨୨), ଲମ୍ବୋଦର ସାଗର (୨୨), ରାମେଶ୍ୱର ଲୁହା (୫୮), ପୂର୍ଣ୍ଣ ମେହେର(୫୦), ଚୈତନ୍ୟ ବିଶ୍ୱାଳ (୩୮), ମିଶରାମ ଶବର (୨୧) । ଏ ନେଇ ଦଫା ୩ ଓପିଜି ଆକ୍ଟରେ ଏକ ମାମଲା (ନଂ.୨୦୫/୧୮) ରୁଜୁ ହୋଇଛି । ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନିର୍ମଳ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

ବୁଲା ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ

# ଜୀବନ ବଞ୍ଚାଇବାକୁ ନୂଆ ପ୍ରୟାସ

**ଝାରସୁଗୁଡ଼ା ଅଫିସ,୨।୯**

ବୁଲା ଗୋରୁଙ୍କ ଅବାଧ ବିଚରଣ ଉପରେ ଅଙ୍କୁଶ ଲାଗିପାରୁନାହିଁ। ସେଥିପାଇଁ ଅନେକ ସମୟରେ ଘଟୁଛି ଦୁର୍ଘଟଣା। ଏଥିରେ କେତେବେଳେ ଗୋରୁଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ମଣିଷଙ୍କର। ଅନ୍ଧାରରେ ଘଟୁଥିବା ଦୁର୍ଘଟଣା ଯୋଗୁ ଅଧିକାଂଶ ସମୟରେ ରାସ୍ତାରେ ବୁଲୁଥିବା ଗାଈ, ବାଛୁରୀ, ଷଣ୍ଢଙ୍କ ଜୀବନ ଯାଉଛି। ସେମାନଙ୍କ ସୁରକ୍ଷା ପାଇଁ ଝାରସୁଗୁଡ଼ା ସହରାଞ୍ଚଳର ଜଣେ ଯୁବକ ଆଗେଇ ଆସିଛନ୍ତି। ଦୁର୍ଘଟଣା ଏଡ଼ାଇବାକୁ ସେ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ରାସ୍ତାରେ ବୁଲୁଥିବା ଗାଈ, ବାଛୁରୀ, ଷଣ୍ଢଙ୍କ ବେକରେ ରେଡିୟମ୍ ବେଲ୍ଟ ବାନ୍ଧୁଛନ୍ତି। ଏହାଦ୍ୱାରା ଅନ୍ଧାରରେ ରାସ୍ତାରେ ଶୋଇ ରହିଥିବା ଗୋରୁ ଗାଡ଼ି ଆଲୁଅରେ ସ୍ପଷ୍ଟ ଭାବେ ଦେଖାଯିବେ। ଫଳରେ ଗାଡ଼ି ଚାଳକ ସତର୍କ ହୋଇପାରିବେ ଓ ଦୁର୍ଘଟଣାକୁ



ବୁଲା ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ବାନ୍ଧୁଛନ୍ତି ରଞ୍ଜିତ।

ଏଡ଼ାଇ ଯାଇହେବ ବୋଲି ସେ କହିଛନ୍ତି। ସେ ହେଲେ ଝାରସୁଗୁଡ଼ା ସରବାହାଲର ରଞ୍ଜିତ ଉପାଧ୍ୟାୟ।
ଯୁକ୍ତ ୨ରୁ ପାଠପଢ଼ାରେ ଡୋରି ବାନ୍ଧିଥିବା ରଞ୍ଜିତ ପେସାରେ ଜଣେ ଗାଡ଼ି ଚାଳକ। ଗାଡ଼ି ଚଲାଉଥିବା ସମୟରେ ରାସ୍ତାରେ ଗୋରୁଙ୍କ ବିଚରଣ ଏବଂ ଘଟୁଥିବା ଦୁର୍ଘଟଣାକୁ ନେଇ ସେ ଚିନ୍ତିତ ଥିଲେ। ଅନ୍ଧାରରେ ଘଟୁଥିବା ଏଭଳି ଦୁର୍ଘଟଣା ରୋକିବାକୁ ରଞ୍ଜିତ ମନସ୍ଥ କରିଥିଲେ। ଏତିକି ବେଳେ ମୁଣ୍ଡରେ ଯୁଟିଥିଲା ଏହି ଉପାୟ। ବୁଲା ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ବାନ୍ଧି ଦୁର୍ଘଟଣା ଏଡ଼ାଇବାର ପ୍ରୟାସ ଆରମ୍ଭ କରିଥିଲେ ସେ। ଗତ ୨ ମାସ ପୂର୍ବରୁ ରଞ୍ଜିତଙ୍କ ଏହି ଉଦ୍ୟମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସେ ସହରାଞ୍ଚଳରେ ୧୫୦ରୁ ୨୦୦ ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ବାନ୍ଧି ସାରିଲେଣି। ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ସେ କହିଛନ୍ତି। ଗୋଟିଏ ରେଡିୟମ ବେଲ୍ଟ ପ୍ରସ୍ତୁତ କରିବାରେ ପ୍ରାୟ ୪୦ରୁ ୫୦ ଟଙ୍କା ଖର୍ଚ୍ଚ ହେଉଛି। ଆର୍ଥିକ ଦୃଷ୍ଟିରୁ ରଞ୍ଜିତ ଏତେଟା ସ୍ୱଚ୍ଛଳ ନ ଥିବା ଏବଂ ଏକାକୀ ଏହି ମିଶନକୁ ଆଗେଇ ନେଉଥିବାରୁ ଏହା ବିଳମ୍ବିତ ହୋଇପାରେ ବୋଲି ସେ କହିଛନ୍ତି।
ବୁଲା ଗୋରୁଙ୍କ ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ପୌର ପରିଷଦ ଉପରେ ନ୍ୟସ୍ତ। ହେଲେ ପୌର ପରିଷଦ ପାଖରେ କାଞ୍ଜିଆହୁଦା ନାହିଁ। ବୁଲା ଗୋରୁଙ୍କୁ ଧରି ଗୋଶାଳାରେ ରଖାଗଲେ ମଧ୍ୟ ସେଗୁଡ଼ିକର ମାଲିକମାନେ ନେବାପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେଥିପାଇଁ ପୌର ପରିଷଦ ମଧ୍ୟ ବୁଲା ଗୋରୁଙ୍କୁ ଧରିବା ବନ୍ଦ କରିଦେଇଛି।



ମ୍ୟାଚ ଅବସରରେ ଉପସ୍ଥିତ ଖେଳାଳି ଓ ଅତିଥି।

ଜିଲା ଫୁଟବଲ୍ ଲିଗ୍

## ଆଦିବାସୀ କ୍ଲବ, ନେତାଜୀ କ୍ଲବ ବିଜୟୀ

**ଝାରସୁଗୁଡ଼ା ଅଫିସ,୨।୯**
ଝାରସୁଗୁଡ଼ା ଓଏମ୍‌ପି ସ୍ଥିତ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ରବିବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଗୋଟିକରେ ବରମାଳ ଆଦିବାସୀ କ୍ଲବ ଓ ଦ୍ୱିତୀୟ ମ୍ୟାଚ୍‌ରେ ନେତାଜୀ କ୍ଲବ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍ ଆଦିବାସୀ କ୍ଲବ ଓ ବ୍ରଜରାଜନଗର ଏମ୍‌କେଏଫ୍‌ସି ମଧ୍ୟରେ ଖେଳାଯିବାର ଥିଲା। ହେଲେ ଏମ୍‌କେଏଫ୍‌ସି ଟିମ୍ ଅନୁପସ୍ଥିତ ଥିବାରୁ ଆଦିବାସୀ କ୍ଲବକୁ ବିଜୟୀ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଗୋଲଡେନ କ୍ଲବ ଓ ନେତାଜୀ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ନେତାଜୀ କ୍ଲବ୍ ଗୋଲଡେନ୍ କ୍ଲବକୁ ୩–୧ ଗୋଲରେ ପରାସ୍ତ କରିଛି। ଅତିଥି ଭାବେ ରିଜର୍ଭ ପୋଲିସ ଇନ୍ସପେକ୍ଟର ଉତାନ୍ ବାସ୍କୀ ଯୋଗଦେଇଥିଲେ। ସୁଜିତ କୁଜୁର, ଅଜିତ କୁଜୁର, ସଞ୍ଜୟ ଦାସ, ଅମିରା ପ୍ରଧାନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।





ବିଜ୍ଞାନ କର୍ମଶାଳାରେ ଜଣେ ଅଧ୍ୟାପକ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ ପଚାରି ପ୍ରତିଭା ପରୀକ୍ଷା କରୁଛନ୍ତି।

## ବିଜ୍ଞାନ କର୍ମଶାଳାରେ ଯୋଗଦେଲେ ୨୩୮ ଛାତ୍ରୀଛାତ୍ର

**ବେଲପାହାଡ଼,୨।୯(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବି.ଆର୍ ହାଇସ୍କୁଲରେ ପ୍ରଥମଥର ପାଇଁ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସକାଶେ ଦୁଇଦିନିଆ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସଙ୍କ ତତ୍ତ୍ୱବଧାନରେ ଶନିବାର ପୂର୍ବାହ୍ନରେ ଆରମ୍ଭ ହୋଇଥିବା କର୍ମଶାଳା ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। କଟକସ୍ଥିତ ୟୁରାନିୟମ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଧାଂଶୁ ଶେଖର ତ୍ରିପାଠୀ ଓ କଟକ ଷ୍ଟୁଆର୍ଟ ବିଜ୍ଞାନ କଲେଜ ରସାୟନ ବିଭାଗ ଅଧ୍ୟାପିକା ଡ. ଅପର୍ଣ୍ଣା ଦତ୍ତ କର୍ମଶାଳା ପରିଚାଳନା କରିଥିଲେ। ଏମାନଙ୍କୁ ବି.ଆର୍. ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଗିରୀଶ ଚନ୍ଦ୍ର ତ୍ରିପାଠୀ, ରବୀନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ତନୁଶ୍ରୀ ଦତ୍ତ ଓ କୁସୁମାଞ୍ଜଳି ସାହୁ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ତଥା ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜର ବରିଷ୍ଠ ପ୍ରବନ୍ଧକ ସୁଶାନ୍ତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାରେ ବି.ଆର୍. ହାଇସ୍କୁଲର ୨୧୮ ଓ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଗରିଧରଲାଲ ଉଚ୍ଚ ବିଦ୍ୟାଳୟର ୧୦ ଜଣ ଲେଖାଏଁ ଛାତ୍ରୀଛାତ୍ର ଯୋଗଦେଇଥିଲେ। କର୍ମଶାଳାରେ ନବମ ଓ ଦଶମ ଶ୍ରେଣୀ ପାଠ୍ୟ ପୁସ୍ତକର ୬ଟି ପାଠ ଉପରେ ଆଲୋଚନା କରାଯିବା ସହ ପରୀକ୍ଷା ସମ୍ପର୍କିତ ସମ୍ଭାବିତ ପ୍ରଶ୍ନଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା।

## ଲଇକେରାରେ ସଙ୍କୁଳସ୍ତରୀୟ କ୍ରୀଡ଼ା ମହୋତ୍ସବ

**ଲଇକେରା,୨।୯(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଇକେରା ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ମିନି ଷ୍ଟାଡିୟମଠାରେ ଶନିବାର ୬ଷ୍ଠ ସଙ୍କୁଳସ୍ତରୀୟ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କ୍ରୀଡ଼ାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଭୁପାଳ ଚନ୍ଦ୍ର ବେହେରା ଯୋଗଦେଇ କ୍ରୀଡ଼ା ଶାରୀରିକ ଓ ମାନସିକ ବିକାଶ କରିବା ସହ ମନରେ ଉତ୍ସାହ ଆଣିଥାଏ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ବିଇଓ ହିମସାଗର ବାଗ, ଏବିଇଓ ବିଦେଶୀ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ପ୍ରଧାନ, ପରିଚାଳନା କମିଟି ସଭାପତି ପଞ୍ଚାନନ ନାଏକ, ସମ୍ପାଦକ ସଞ୍ଜୀବ ବେହେରା, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସରାଫ, ପୂର୍ବତନ ସରପଞ୍ଚ ଟଙ୍କଧର ନାଏକ, ଉପସଭାପତି ସଚ୍ଚିନ୍ଦ୍ର ସରାଫ, ଯୁଗ୍ମ ସମ୍ପାଦକ ରୁଦ୍ର ଧୁରୁଆ, ବବିତା ନାଏକ, ଝରଣା ନାଏକ, ଦିବାକର ନାଏକ, ବିଜୟ ମିଶ୍ର, ହରେକୃଷ୍ଣ ନାଏକ, ରମେଶ ଚନ୍ଦ୍ର ମେହେଣା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ କେଦାରନାଥ ମହାନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍କୁଳ ଅନ୍ତର୍ଗତ ୮ଟି ବିଦ୍ୟାଳୟରୁ ୧୭୦



କ୍ରୀଡ଼ା ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗୁରୁଜୀ, ଗୁରୁମାଙ୍କ ସମେତ ସଙ୍କୁଳ ସଂଯୋଜକ ବାବୁଲାଲ ସାହୁ ଖେଳ ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମେହେର ସମାଜ ପକ୍ଷରୁ ଗଙ୍ଗାଧର ଜୟନ୍ତୀ

**ବେଲପାହାଡ଼,୨।୯ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ମେହେର ସମାଜ ପକ୍ଷରୁ ରବିବାର ଗଙ୍ଗାଧର ଭବନରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଉତ୍ସବରେ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ଓ କାଉନସିଲର ବାସୁଦେବ କୁର୍ମି ସମ୍ମାନିତ ଅତିଥି, ସାହିତ୍ୟ ସଂସଦ ସମ୍ପାଦକ ସୁରେଶ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମେହେର ସମାଜ ସଭାପତି ଗୋପାଳ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମୋତିରାମ ମେହେର ସଭା ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଅତିଥି ଓ ଆୟୋଜକ କମିଟି କର୍ମକର୍ତ୍ତା କବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଛାତ୍ରୀ ପୁଷ୍ପାଞ୍ଜଳି ମେହେର ସ୍ୱଭାବକବିଙ୍କ ରଚିତ ବିଶ୍ୱ ଦେଖ ମଧୁମୟ ସଙ୍ଗୀତ ପରିବେଷଣ କରିଥିଲେ। ସଭାରେ ମୁଖ୍ୟଅତିଥି ସାହୁ ଉଦ୍‌ବୋଧନ ଦେଇ କବି ଗଙ୍ଗାଧର ମେହେରଙ୍କ ଅମୂଲ୍ୟ କାବ୍ୟକୃତୀ ଯୋଗୁ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ହୋଇପାରିଛି ବୋଲି କହିଥିଲେ।



ଗଙ୍ଗାଧର ମେହେର ଜୟନ୍ତୀ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଉଦ୍‌ବୋଧନ ଦେଉଛନ୍ତି।

## ଡେଙ୍ଗୁ ଜ୍ୱରରେ ଯୁବକଙ୍କ ମୃତ୍ୟୁ

**ନୂଆପଡା ଅଫିସ,୨।୯**
ନୂଆପଡ଼ା ଜିଲା ସଦର ବ୍ଲକ ଆମୋଦି ଗାଁର ସୁରଜ ମାଝି (୩୨)ନାମକ ଜଣେ ଯୁବକଙ୍କ ଡେଙ୍ଗୁ ଜ୍ୱରରେ ପଡି ମୃତ୍ୟୁ ଘଟିଛି । ରବିବାର ଅପରାହ୍ନରେ ଯୁବକଙ୍କୁ ଘରୁ ରାୟପୁର ନେବା ବାଟରେ ମୃତ୍ୟୁ ଘଟିଥିବା ଜଣାପଡିଛି । ଗତ ୮ ଦିନ ତଳେ ସୁରଜ ଜ୍ୱରରେ ପୀଡିତ ହୋଇଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରତର ହେବାରୁ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଡେଙ୍ଗୁ ଥିବା ଚିହ୍ନଟ କରି ବୁର୍ଲାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ କରିଥିଲେ। ହେଲେ ଗରିବ ପରିବାର ହେତୁ ବୁର୍ଲାକୁ ନେବା ସକ୍ଷମ ନ ଥିବାରୁ ଘରକୁ ନେଇଯାଇଥିଲେ । ରବିବାର ସଙ୍କଟାପନ୍ନ ଅବସ୍ଥାରେ ଘରୁ ରାୟପୁରକୁ ନେଉଥିବା ବେଳେ ମୃତ୍ୟୁ ଘଟିଛି । ଗରିବ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ୪ ଶିଶୁ ଉଦ୍ଧାର

**ଖଡିଆଳ,୨।୯(ଡି.ଏନ.ଏ.)**
ଓଡିଶା ସରକାରଙ୍କ ପରି ୨ କାର୍ଯ୍ୟକ୍ରମରେ ରବିବାର ନୂଆପଡା ଜିଲା ଖଡିଆଳ ସହର ବିଭିନ୍ନ ସ୍ଥାନରେ ଚଢାଉ କରି ପୋଲିସ ୪ଜଣ ଶିଶୁ ଉଦ୍ଧାର କରିଥିବା ଜଣାପଡିଛି । ଉଦ୍ଧାର ଶିଶୁମାନଙ୍କୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ, ଖଡିଆଳ ଥାନା ଇନ୍ସପେକ୍ଟର ପୁଷ୍ପାଞ୍ଜଳି ପ୍ରଧାନ ସାମିଲ ଥିଲେ ।

## ଶିଶୁ ବିକାଶ ବିଦ୍ୟାମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ

**ଝାରସୁଗୁଡ଼ା ଅଫିସ,୨।୯**

ଝାରସୁଗୁଡ଼ା ଶିଶୁ ବିକାଶ ବିଦ୍ୟାମନ୍ଦିର ପକ୍ଷରୁ ରବିବାର ରାଧାମାଧବ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଅତିଥିଭାବେ ଶିକ୍ଷକ ରୂପାନନ୍ଦ ଚୌଧୁରୀ, ରାଧାମୋହନ ତ୍ରିପାଠୀ, ଜୟଶଙ୍କର ପଟେଲ, ପୁଷ୍ପଲତା ପଟେଲ, ନିତୁ ବହିଦାର, କ୍ଷୀରୋଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲର ୩୫ ଛାତ୍ରୀଛାତ୍ର କୌତୁକ ପୋଷାକ ଏବଂ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ର ସାଇକ୍ରିଷ୍ଣା ଏବଂ ପ୍ରତ୍ୟୁଷ ଦହିହାଣ୍ଡି ଭାଙ୍ଗିଥିଲେ। ସ୍କୁଲ ସମ୍ପାଦକ ଦିଗମ୍ବର ମାଝୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରତିଯୋଗିତାରେ ଅଙ୍କିତା ନାହାକ, ଭବେଶ କୁମାର ବେହେରା, ଶ୍ରଦ୍ଧା ତରିଆ, ବୈଦ୍ୟନାଥ ପାତ୍ର, ଶୁଭମ ସାହୁ, ଓମକୁମାର ସିଂ ପ୍ରମୁଖ ପୁରସ୍କୃତ ହୋଇଥିଲେ। ପ୍ରିୟଙ୍କା ସାହୁ, ଝରଣା ସୁନାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମମତା ସିଂ ଧନ୍ୟବାଦ ଦେଇଥିଲେ।



କୌତୁକ ପୋଷାକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ବ୍ରଜରାଜନଗରରେ ଜନ୍ମାଷ୍ଟମୀ ପୂଜା ପାଳିତ

**ବ୍ରଜରାଜନଗର,୨।୯ (ଡି.ଏନ୍.ଏ.)**

ସ୍ଥାନୀୟ ଗୋପବନ୍ଧୁ ଛକ ଦୁର୍ଗା ମଣ୍ଡପରେ ଚଳିତବର୍ଷ ପ୍ରଥମ କରି ଜନ୍ମାଷ୍ଟମୀ ପାଳନ କରାଯାଇଛି। ଅଞ୍ଚଳର ଯୁବକମାନେ କମିଟି ଗଠନ କରି ପୂଜା ଆରମ୍ଭ କରିଛନ୍ତି। ସନ୍ଧ୍ୟାରେ ଶତାଧିକ ମହିଳା ପୂଜା ମଣ୍ଡପରେ ଏକତ୍ରିତ ହୋଇଥିଲେ। ରାତି ୧୨ଟା ପର୍ଯ୍ୟନ୍ତ ପୂଜା କାର୍ଯ୍ୟ ଚାଲିଥିଲା। ଆସନ୍ତା ମଙ୍ଗଳବାର ମଟ୍‌କି ଫୋଡ଼ା ପ୍ରତିଯୋଗିତା କରାଯିବ। ଏହାର ବିଜେତାଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର
**ସଂଶୋଧନ ପତ୍ର**
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ **ଧରିତ୍ରୀ**ରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୮ ରେ ଦର୍ଶିତ ଋଣଗ୍ରହୀତା: **ମେସର୍ସ ପାବନି ଫେରୋ ଆଲଏଜ୍ ପ୍ରା. ଲିଃ**.ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ **"ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର,** ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, **୨) ବିଶ୍ୱଜିତ ମିଶ୍ର,** ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, **୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର,** ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ୍, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **୪) ରବିନ୍ଦ୍ର ନାଥ ପଟ୍ଟନାୟକ,** ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

**ସମ୍ବଲପୁରୀ ବସ୍ତ୍ରାଳୟ**



**ଗଣେଶ ପୂଜା ଓ ନୂଆଁଖାଇ**
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
**ବିଶେଷ ସରକାରୀ ରିହାତି**
**୧୦% + ୨୦%**
ଅବଧି ତା୦୨।୦୯।୨୦୧୮ରୁ ତା୧୩।୦୯।୨୦୧୮ ପର୍ଯ୍ୟନ୍ତ
**ନୂତନ ବସ୍ତ୍ରର ସମ୍ଭାର**
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ ।



ନିଜର ଅହଂ ଭାବକୁ ସନ୍ତୁଷ୍ଟ କରିବା ପାଇଁ ଲୋକେ ଅନ୍ୟର ନିନ୍ଦା କରନ୍ତି ବୋଲି ବହୁ କ୍ଷେତ୍ରରେ ପ୍ରମାଣିତ ହୋଇଛି।
-କନ୍‌ଫୁସିୟସ

## ସଂକ୍ଷେପରେ

### ୩ ଦିନ ହେବ ଅନ୍ଧାରରେ ସୀମାନ୍ତ ଅଞ୍ଚଳ

**କୁଆଁରମୁଣ୍ଡା,୨।୯(ଡି.ଏନ.ଏ.)-** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ୱେଷ୍ଟୋ ଅନ୍ତର୍ଗତ ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସଲଙ୍ଗାବାହାଲ ଓ ଦଲକି ପଞ୍ଚାୟତର ଅଧିକାଂଶ ଗ୍ରାମ ଗତ ୩ ଦିନ ହେବ ଅନ୍ଧାର ଘେରରେ ରହିଛି । ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ନ ରହିବା ଅଞ୍ଚଳବାସୀଙ୍କ ପାଇଁ ଏକ ପ୍ରକାର ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ହେଲେ ଏ ନେଇ ଅଞ୍ଚଳବାସୀ ବିଦ୍ୟୁତ ବିଭାଗର ସ୍ଥାନୀୟ କର୍ମଚାରୀମାନଙ୍କୁ ବରାବର ଅଭିଯୋଗ କରୁଥିଲେ ମଧ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ । ଫଳରେ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଏପରି ସ୍ଥିତିରେ ସୀମାନ୍ତ ଅଞ୍ଚଳବାସୀଙ୍କ ବିଦ୍ୟୁତ ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି ।

### ପୋଖରୀରୁ ଉଦ୍ଧାର ହେଲା ମୃତଦେହ

**ବେଦବ୍ୟାସ,୨।୯(ଡି.ଏନ.ଏ.)-** ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ରବିବାର ଖବରପାଇ ଖଇରବନ୍ଧସ୍ଥିତ ବାଗିଆଟୋଲା ପୋଖରୀ ପାଣିରେ ଭାସୁଥିବା ଏକ ମୃତଦେହକୁ ଉଦ୍ଧାର କରିଛି । ମୃତ ଜଣଙ୍କ ହେଲେ ମାରକୁସ ହରୋ । ପୋଲିସ ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ମାରକୁସ ଘରୁ ବାହାରକୁ ଯାଇଥିଲେ। ରବିବାର ସକାଳେ ଘର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ନିକଟସ୍ଥ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ । ଏ ନେଇ ବ୍ରାହ୍ମଣୀ ତରଙ୍ଗ ଥାନାରେ ପରିବାର ଲୋକେ ଏକ ଲିଖିତ ଅଭିଯୋଗ କରିଥିଲେ । ପୋଲିସ କେସ୍ ନଂ .୩୯/୧୮ରେ ଏକ ଅପମୃତ୍ୟୁ ମାଲା ରୁଜୁ କରି ତଦନ୍ତ ଜାରି ରଖିଛି । ରବିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କଲା ପରେ ଘର ଲୋକଙ୍କୁ ହସ୍ତାନ୍ତର କରିଛି ।

### ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଲହୁଣିପଡା,୨।୯(ଡି.ଏନ.ଏ)-** ଲହୁଣିପଡା ଥାନା ସଭାଗୃହଠାରେ ରବିବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ଲହୁଣିପଡା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ଯୁଧିଷ୍ଠୀର ତ୍ରିପାଠୀ, ମାଲୁ ବେହେରା, ଉପେନ୍ଦ୍ର ବେହେରା, ରମେଶ କର, ଦାଶରଥି ପଣ୍ଡା, ଚଳତ ପଣ୍ଡା, ଆନନ୍ଦ ମାହାନ୍ତ ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । କଲେଇପୋଷ ଛକ, ଲହୁଣିପଡା ମୁଖ୍ୟ ବଜାରରେ ଟ୍ରାଫିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ସେହିପରି ବୁଲେଟ ଗାର୍ଡର ଶବ୍ଦ ପ୍ରଦୂଷଣ, ବିଦ୍ୟାଳୟ ନିକଟରେ ହର୍ଣ୍ଣ ଏବଂ ଦୃତ ଗତିରେ ଗାଡି ଚାଳନାକୁ ବନ୍ଦ କରିବା ସହ ରାତିରେ ପାଟ୍ରୋଲିଂକୁ ଅଧିକ କ୍ରିୟାଶିଳ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଶେଷରେ ସବଇନ୍ସପେକ୍ଟର ଅଲେଖ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

କବି ବିନୋଦ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ବିନୋଦଙ୍କ ଗ୍ରନ୍ଥାବଳୀ ପ୍ରକାଶନ ଦିଗରେ ଗୁରୁତ୍ୱାରୋପ

**ସୁନ୍ଦରଗଡ,୨।୯(ଡି.ଏନ୍.ଏ.)**




ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ ।

ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ସ୍ଥାନୀୟ ବିକାଶ ଭବନଠାରେ କବି ବିନୋଦ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ରବିବାର ପାଳିତ ହୋଇଯାଇଛି। ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡଃ ପ୍ରଭାତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ । ଏଥିରେ ବିଶିଷ୍ଟ ଗାଳ୍ପିକ ରାଜକିଶୋର ଷଡଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କବି ବିନୋଦ ନାଏକଙ୍କର ସାହିତ୍ୟ କୃତି, ନିଜ ମାଟିମାଆ, ଭାଷା ସାହିତ୍ୟ ପ୍ରତି ତାଙ୍କର ଗଭୀର ଅନୁରକ୍ତି ଥିବା ପ୍ରକାଶ କରିଥିଲେ। ଆସନ୍ତା ବର୍ଷ କବିଙ୍କ ଜୟନ୍ତୀ ଶତବାର୍ଷିକୀ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ତାଙ୍କର ସମସ୍ତ ରଚନାବଳୀକୁ ଗ୍ରନ୍ଥାବଳୀ ଭାବେ ପ୍ରକାଶନ ପାଇଁ ମଧ ଏହି ଅବସରରେ ପ୍ରସ୍ତାବ ଦେଇଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କବି ବିନୋଦ ଜଣେ ବିଶିଷ୍ଟ କାବ୍ୟ ଶିଳ୍ପୀ ଓ ତାଙ୍କରକାବ୍ୟକୃତିରେ ସ୍ଥାନୀୟତା ଠାରୁ ବହୁଦୂରାନ୍ତ ବୈଦେଶିକ ଅବସ୍ଥିତି ତାଙ୍କ ବୌଦ୍ଧିକତାକୁ ସାର୍ଥକ କରିଛି ବୋଲି ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ଭାବେ ରାଉରକେଲା ସୁଶୀଳାବତୀ ମହାବିଦ୍ୟାଳୟର ପ୍ରାଧାପକ ଡଃ ସଂଜୟ ହାତୀ ଯୋଗଦେଇ କବି ବିନୋଦଙ୍କ କାବ୍ୟକୃତିରେ ସବୁଜ କାବ୍ୟ ଚେତନା ଫୁଟି ଉଠିବା ସଙ୍ଗେ ସଙ୍ଗେ କବି ବାସ୍ତବତା ଓ ସ୍ୱପ୍ନକୁ ଅତିକ୍ରମ କରିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ଡଃ ନଗେନ ଦାସ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ଗ୍ରାମପଥଠାରୁ ଲବଙ୍ଗଦୀପ ପର୍ଯ୍ୟନ୍ତ ପରିବ୍ୟାପ୍ତ ତାଙ୍କର ସର୍ଜନା ବୋଲି ଆଲୋଚନା କରି ସେ ସ୍ଥିତବାଦଦର୍ଶନର ବାହକ ବୋଲି ପ୍ରକାଶ କରିଥିଲେ । ସମ୍ମାନିୟ ବକ୍ତା ଭାବେ ଡଃ ଭଗବାନ ପଟେଲ ବିନୋଦ ମୁକ୍ତଛନ୍ଦର କବି ବୋଲି କହିବା ସହ ଉଭୟ ଓଡିଆ ଓ ଇଂଲିଶ ସାହିତ୍ୟରେ ସେ ଧୁରୀଣ ବୋଲି କହିଥିଲେ । ଝାରସୁଗୁଡା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅଧକ୍ଷ ଡଃ ଚିରବ୍ରତ ଦତ୍ତ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବି ବିନୋଦଙ୍କ କାବ୍ୟକୃତି ସରୀସୃପର ଇଂଲିଶ ଅନୁବାଦ କବିତାପାଠ କରିଥିଲେ। ସେହିପରି ଆଗାମୀ ବର୍ଷ କବିଙ୍କର ଜନ୍ମ ଶତବାର୍ଷିକୀ ସମାରୋହକୁ ତାଙ୍କ କର୍ମଭୂମି ଝାରସୁଗୁଡା ଓ ଜନ୍ମଭୂମି ସୁନ୍ଦରଗଡ ଜିଲାର ମିଳିତ ଆନୁକୂଲ୍ୟରେ ପାଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଅଧାପିକା ମମତା ପ୍ରିୟ ଦର୍ଶିନୀ ସାହୁ କବି ବିନୋଦ ନାଏକ ଜଣେ ରୋମାଣ୍ଟିକ ଚେତନାର କାବ୍ୟ ଶିଳ୍ପୀ ବୋଲି କହିଥିଲେ । ଅଧାପକ ଅତୁଲ୍ୟ ମହାକୁଳ କବିଙ୍କ ସଂସ୍ପର୍ଶରେ ଆସିଥିବା ସ୍ମୃତିଚାରଣ କରି ୧୯୭୬ରେ ପ୍ରକାଶିତ କବିଙ୍କର ଏକ ଅପ୍ରକାଶିତ କବିତା ପାଠ କରି ସମସ୍ତଙ୍କୁ ଚମତ୍କୃତ କରିଥିଲେ । ଅଧାପିକା ସୁସ୍ମିତା ଭୋଇ କବି ବିନୋଦଙ୍କ କାବ୍ୟକୃତିରେ ଅପୂର୍ବ ଶବ୍ଦବିନ୍ୟାସ ତାଙ୍କ କାବ୍ୟକୃତିକୁ ଋଦ୍ଧିମନ୍ତ କରିଛି ବୋଲି ମତବ୍ୟକ୍ତ କରି ଗ୍ରାମପଥ କବିତାର ସମୀକ୍ଷା କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟା ଅଧାପିକା ମନ୍ଦାକିନୀ ଶତପଥୀ ବିନୋଦ ନାଏକଙ୍କ ଗ୍ରନ୍ଥାବଳୀର ପ୍ରକାଶ ପାଇଁ ଏକାଡେମୀ ତରଫରୁ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ସୂଚନା ଦେଇଥିଲେ । ଡଃ କୃପାସିନ୍ଧୁ ନାଏକ କବିଙ୍କ କାବ୍ୟଧାରା ଇଛାନଦୀର ଗ୍ରାମପଥରୁ ଭଲଗା ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ବୋଲି କହିଥିଲେ । ଯୁବ ଗାଳ୍ପିକ ବିବିଧ ବିଶ୍ୱ କାର୍ଯ୍ୟକ୍ରମର ସଂଯୋଜନା କରି ଅତିଥି ପରିଚୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମାପଟେଲଙ୍କ ସଙ୍କଳିତ ପୁସ୍ତକ ଚିନ୍ତାକଳ୍ପ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବି ମାନସ କୁମାର ପଣ୍ଡା ଓ ଗଣେଶ ତ୍ରିପାଠୀଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ତଥା ଝାରସୁଗୁଡା ଜିଲାର ବହୁ ବୁଦ୍ଧିଜୀବୀ, କବି ଲେଖକ, ସାହିତ୍ୟ ପ୍ରେମୀ ଯୋଗଦେଇଥିଲେ ।

## ଆଦିବାସୀ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଜୁଏଲଙ୍କ ପ୍ରତିଶ୍ରୁତି

**ସୁନ୍ଦରଗଡ,୨।୯(ଡି.ଏନ୍.ଏ.)**

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଶନିବାର ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ପରିଦର୍ଶନରେ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ମହାବିଦ୍ୟାଳୟରେ ଏକ ବକ୍ସିଂ ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡଃ କିଶୋର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ଓରାମ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ପାଇଁ ସବୁ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ଲାଭ ସହ କ୍ରୀଡା କ୍ଷେତ୍ରରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେବାର ପ୍ରତିଶ୍ରୁତି ମଧ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବଟକିଶୋର ମିଶ୍ର, ଆଡଭୋକେଟ ଗିରୀଶ ଚନ୍ଦ୍ର ସାହୁ, ବିକାଶ ନାଏକ, ଯଶୋବନ୍ତ ନାଏକ, ସହଦେବ ଖାଖା ପ୍ରମୁଖ ଉପସ୍ଥିତ ଥିଲେ । ପରେ କେନ୍ଦ୍ରମନ୍ତ୍ରୀ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନରେ ଯାଇ ବିଭିନ୍ନ ସମସ୍ୟାର ଅନୁଧ୍ୟାନ ସହ ନୂତନ ଭାବେ ଆରମ୍ଭ ହୋଇଥିବା ଡାଇଲିସିସ କେନ୍ଦ୍ର ପରିଦର୍ଶନ କରିଥିଲେ । ପରେ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କୁ ରନ୍ଧନ ଗ୍ୟାସ ବଣ୍ଟନ କରିଥିଲେ ।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ

**କୁଆଁରମୁଣ୍ଡା,୨।୯(ଡି.ଏନ.ଏ.)**

ପବିତ୍ର ଜନ୍ମାଷ୍ଟମୀ ଓ କୃଷ୍ଣ ଜନ୍ମ ଉପଲକ୍ଷେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ଶିଶୁ ମନ୍ଦିରରୁ ବାହାରି ବ୍ଲକ ଲିଙ୍କରୋଡ଼ ହୋଇ ଚେକ୍‌ଗେଟ ଓ ସେଠାରୁ ୧୪୩ନମ୍ବର ଜାତୀୟ ରାଜପଥ ଦେଇ ବ୍ୟାଙ୍କ ଅଫ ଇଣ୍ଡିଆ ଛକରେ ଥିବା ଲୋକନାଥ ମନ୍ଦିରକୁ ଯାଇଥିଲା । ସେଠାରେ ମନ୍ଦିର କମିଟି ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଶୈଳେଶ ତିୱାରୀ, ସମ୍ପାଦକ ଗୌରାଙ୍ଗ ଚରଣ ସାହୁ, କୋଷାଧକ୍ଷ ଘନଶ୍ୟାମ ଦେବତା, ଶଙ୍କର ପୂଝାରୀ, ଦିଲ୍ଲୀପ ପଟେଲ, ବାଲକ୍ରୀଷ୍ଣ ଅଗ୍ରୱାଲ, ରୀନା ମେହେର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ ।

**ଲହୁଣିପଡ଼ା–**ଲହୁଣିପଡା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ରବିବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଓ ରାଧାବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଦିନେଶ ମାହାନ୍ତ ଯୋଗଦେଇ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପରେ ଆଲୋକପାତ କରିବା ସହ ପ୍ରତିଯୋଗୀମାନଙ୍କୁ ପ୍ରଶ୍ନ ପଚାରିଥିଲେ। ଏହିକାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦିକ୍ଷିତଙ୍କ ତତ୍ତ୍ୱାବଧାନରେ ଗୁରୁମାଗୁରୁଜୀମାନେ ସହଯୋଗ କରିଥିଲେ ।

**କୁତ୍ରା/ରାଜଗାଙ୍ଗପୁର–**କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ ଅଞ୍ଚଳରେ ଜନ୍ମାଷ୍ଟମୀ ଉତ୍ସବ ଅତି ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କୁତ୍ରା ବ୍ଲକର ସମସ୍ତ ମନ୍ଦିରଗୁଡିକୁ ଅତି ଆକର୍ଷଣୀୟ ଭାବେ ସଜାଯାଇଥିଲା। ଠିକ୍ ସେହିପରି ରାଜଗାଙ୍ଗପୁର ବ୍ଲକର ଓସିଏଲସ୍ଥିତ ଶ୍ରୀକୃଷ୍ଣ ମନ୍ଦିର ତଥା ରାଜଗାଙ୍ଗପୁର ବସଷ୍ଟାଣ୍ଡଠାରେ ଥିବା ବାବା ଆଖଣ୍ଡଳ ମଣି ମନ୍ଦିର ପରିସରରେ ଅତି ଧୂମଧାମ ସହିତ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ବାବା ଆଖଣ୍ଡଳ ମଣି, ମନ୍ଦିରକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିବାବେଳେ ସକାଳୁ ସନ୍ଧ୍ୟା ଯାଏ ଭକ୍ତଙ୍କ ଲମ୍ବା ଲାଇନ ନଜରକୁ ଆସିଥିଲା । ସନ୍ଧ୍ୟାରେ ବାବା ଆଖଣ୍ଡଳମଣି ମନ୍ଦିରରେ ଭଜନ କୀର୍ତ୍ତନ ଦ୍ୱାରା ମନ୍ଦିରଟି ଉତ୍ସବ ମୁଖରିତ ହୋଇ ଉଠିଥିଲା ।



ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ କୁଆଁରମୁଣ୍ଡା ଶିଶୁ ମନ୍ଦିରରୁ ରାଧାକୃଷ୍ଣ ବେଶ ହୋଇ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।



କନଭେନସନ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ।

## ଏଆଇଟିୟୁସି ପକ୍ଷରୁ କନ୍‌ଭେନସନ କାର୍ଯ୍ୟକ୍ରମ

**ବଡଗାଁ,୨।୯(ଡି.ଏନ.ଏ.)**

ବଡଗାଁସ୍ଥିତ ପୂର୍ତ୍ତ ଡାକ ବଙ୍ଗଳାଠାରେ ରବିବାର ଏଆଇଟିୟୁସି ଜିଲା ଶାଖା ପକ୍ଷରୁ କନଭେନସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଆଇଟିୟୁସି ଜିଲା ସମ୍ପାଦକ କମଳ ଷଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ସଂଘର ରାଜ୍ୟ ସଭାପତି ଅଶୋକ ଦାସ, ଜିଲା ସଂଘ (ଯୁବ)ର ସମ୍ପାଦକ ରାଜେନ୍ଦ୍ର ନାଏକ, କୃଷକ ନେତା ଶୁକଦେବ ପ୍ରଧାନ, ଆଶା ସଂଘ ଜିଲା ସଭାନେତ୍ରୀ ମାତିଲଦା କୁଲୁ, ସାମାଜିକକର୍ମୀ ଧନଞ୍ଜୟ ରୋହିଦାସ, ବଉଳ ରାଉତ, ରେବତୀ ବନଛୁର, ସାବିତ୍ରୀ ପଟେଲ ଅତିଥି ଭାବେ ଯୋଗଦେଇଥିଲେ । ଆସନ୍ତା ୧୮ ତାରିଖ ଭୁବନେଶ୍ୱରରେ ବିଶାଳ ସମାବେଶରେ ଯୋଗ ଦେବା ଉପରେ ଆଲୋଚନା ହୋଇଥିଲା । ମୋଦି ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ, ଜନ ବିରୋଧୀ, ନୀତି ବିରୋଧରେ ମୋଦି ହଟାଓ ଶ୍ରମିକ ବଞ୍ଚାଅ, ଦେଶ ବଞ୍ଚାଅ ଆହ୍ୱାନ ଦିଆଯାଇଥିବା ଓ ଏହା ଉପରେ ୧୮ ତାରିଖ ହେବାକୁ ଥିବା ସମାବେଶକୁ ସଫଳ କରିବା ଉପରେ ବିଶଦ ଆଲୋଚନା ହୋଇଥିଲା । ଏହା ସହିତ ଶ୍ରମିକଙ୍କୁ ମାସିକ ୧୮ହଜାର ଟଙ୍କା ପ୍ରାପ୍ୟ ଦେବା ଏବଂ ଅଙ୍ଗନୱାଡି ଆଶା, ପାଚିକା, ନିର୍ମାଣ ଶ୍ରମିକ, କେନ୍ଦୁପତ୍ର ତୋଳାଳୀ, ଅଟୋ ଚାଳକଙ୍କୁ ସର୍ବନିମ୍ନ ମଜୁରୀ, ସାମାଜିକସୁରକ୍ଷା ପ୍ରଦାନ, ସ୍କିମ ୱାର୍କସଙ୍କୁ ସରକାରୀ ମାନ୍ୟତା, ପେନସନ ଦେବାକୁ କେନ୍ଦ୍ର ସରକାର ଅଣଦେଖା କରୁଥିବା ଓ ବଜେଟରେ ଏ ନେଇ ଟଙ୍କା ହ୍ରାସ କରାଯାଇଥିବାରୁ କ୍ଷୋଭ ପ୍ରକଟ କରାଯାଇଥିଲା । ଶ୍ରମିକମାନଙ୍କ ବିଭିନ୍ନ ଦାବି, ଆବଶ୍ୟକତାଗୁଡିକୁ ହାସଲ କରିବାକୁ ହେଲେ ସମସ୍ତ କ୍ଷେତ୍ରରେ ଥିବା ଶ୍ରମିକଙ୍କୁ ଏକଜୁଟ ହେବାକୁ ପଡିବ ବୋଲି ଏଆଇଟିୟୁସି ନେତାମାନେ ଆହ୍ୱାନ ଦେଇଥିଲେ ।

# ଲିମଗୁଡ଼ା, ଚୁହୁରାରେ ପ୍ରଶାସନର ପାଦ ପଡିଲା

**ବଡଗାଁ,୨।୯(ଡି.ଏନ.ଏ.)**

**ଅପହଞ୍ଚ ଇଲାକା**
- ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ପ୍ରଶାସନିକ ତତ୍ପର
- ବିଭିନ୍ନ ସମସ୍ୟା ଶୁଣିଲେ ବିଡିଓ

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ଝାଡଖଣ୍ଡ ସୀମାବର୍ତ୍ତି ରୁନଗାଁ ପଞ୍ଚାୟତର ପାହାଡ, ଜଙ୍ଗଲ ଘେରା ଲକ୍ରାଘରା ଗ୍ରାମଠାରୁ ୨କିମିରୁ ସାଢ଼େ ୩କିମି ଦୂରରେ ଅବସ୍ଥିତ ଲିମଗୁଡା, ଚୁହୁରା ଓ ବଡ ଚୁହୁରା ଗ୍ରାମ । ଏଠାକୁ ସ୍ୱାଧୀନତାର ୭୦ବର୍ଷ ପରେ ମଧ ବ୍ଲକ ଓ ଜିଲାସ୍ତରର କେହି ଜଣେ ପ୍ରଶାସନିକ ଅଧିକାରୀ କିମ୍ବା ବିଧାୟକ, ଏମ୍‌ପି, ବ୍ଲକ ଅଧକ୍ଷଙ୍କ ଭଳି ଛୋଟ ବଡ ଜନ ପ୍ରତିନିଧିଙ୍କ ପାଦ ପଡି ନ ଥିଲା । ସମସ୍ୟା ଜର୍ଜରିତ ଏହି ଗ୍ରାମରେ ଅନେକ ବୃଦ୍ଧାବୃଦ୍ଧ, ବିଧବା ଭତ୍ତାରୁ ବଞ୍ଚିତ ହୋଇଥିଲାବେଳେ ଗାଁକୁ

**ଧରିତ୍ରୀର ପ୍ରଭାବ**

ରାସ୍ତା ନ ଥିବା, ବିଜୁଳି ଆଲୁଅ ନ ଥିବା, ଗ୍ରୀଷ୍ମ ଋତୁରେ ୨କିମି ପାହାଡ଼ ଚଢ଼ି ମହିଳାମାନେ ପିଇବା ପାଣି ଆଣୁଥିବା ଭଳି ବିଭିନ୍ନ ସମସ୍ୟା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ପ୍ରଶାସନିକ ସ୍ତରରେ ଏହାକୁ ନେଇ ତତ୍ପରତା ଦେଖାଦେଇଛି। ଶୁକ୍ରବାର ବିଡିଓ ସୁଶାନ୍ତ ସିଂ ଲିମଗୁଡା, ଚୁହୁରା, ବଡଚୁହୁରା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଛନ୍ତି । ଲିମଗୁଡା ଗ୍ରାମର ବିପଦ ସଙ୍କୁଳ ରାସ୍ତାରେ ପହଞ୍ଚିଲା ପରେ ଦଲରସା ବୁଡ, ଫୁଲଜେନସିଆ ଟପ୍ପୋ, କ୍ରେସେନସିଆ ବୁଡ, ଶାନ୍ତି ବୁଡ, ଆଲେକ୍ସସୁସ୍ ଯଯୋ, ଫୁଲମନ ବୁଡ, ଇଲିଆସ୍ କାଙ୍ଗାଡି, ପ୍ରବୀଣ ଓ ବୃଦ୍ଧାବୃଦ୍ଧଙ୍କ ସହ ଆଲୋଚନାବେଳେ ମହିଳାମାନେ ପାନୀୟ ଜଳ ପାଇଁ ଗ୍ରୀଷ୍ମ ଋତୁରେ ପାହାଚ ଚଢ଼ି ୨କିମି ଦୂରରୁ ପାଣି ଆଣୁଥିବା ସମସ୍ୟା ସମ୍ପର୍କରେ କହିଥିଲେ। ସେହିପରି କୁନି କୁନି ପିଲାମାନେ ୨କିମି ଦୂର ସଡକପଡା ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଯାଉଥିବାବେଳେ, ଗାଁକୁ ଭଲ ରାସ୍ତା ନ ଥିବା, କେତେକ ବୃଦ୍ଧାବୃଦ୍ଧ ଭତ୍ତା ପାଉ ନ ଥିବା ଆଦି ଆଉ କେତେକ ସମସ୍ୟା ଉପରେ ଜଣାଇଥିଲେ । ବିଡିଓ ସମସ୍ୟା ଶୁଣିବା ପରେ ଟିକିନିଖି ଆଲୋଚନା କରିଥିଲେ । ପାନୀୟ ଜଳ ପାଇଁ ନଳକୂଅ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ଲୋକଙ୍କ ଜମିରେ କୂଅ ଖୋଳି ପାନୀୟ ଜଳ ସମସ୍ୟା ଦୂର କରିବାକୁ ବିଡିଓଙ୍କ ପରାମର୍ଶକ୍ରମେ ଗାଁ ସାଥି ସୁନୀଲ ବୁଡ, ଫିଲିସିଆ ବୁଡ, ଫେଲିକ୍ସ ବୁଡଙ୍କ ଜମିରେ କୂଅ ଖୋଳାଇବାକୁ ଗ୍ରାମବାସୀ ସମ୍ମତି ଜଣାଇଥିଲେ । ଏହା ସହିତ ଜମି ମରାମତି କାମ ପାଇଁ ଲୋକେ ନାମ ଲେଖାଇଥିଲେ। ୧୫ ପରିବାର ଥିବା ଲିମଗୁଡା ଗ୍ରାମର ୧୨ଜଣ ବୃଦ୍ଧାବୃଦ୍ଧଙ୍କ ମଧ୍ୟରୁ ୮ଜଣ ବାର୍ଦ୍ଧକ୍ୟ ଭତ୍ତା ପାଉ ନ ଥିବା ବିଡିଓ ଚିହ୍ନଟ କରିଥିଲେ । ଦମନିକ ବୁଡ, ହିଲାରୁସ ବୁଡ, ଫିଲିସିଆ ବୁଡ, ସିସିଲିଆ ବୁଡ, ଶାନ୍ତି ବୁଡ, ସାବିନା ଯୋଯୋ, ଫିଲିସିଆ ଯୋଯୋ, ମେରୀ ଯୋଯୋ ଭତ୍ତାରୁ ବଞ୍ଚିତଙ୍କ ଭତ୍ତା ଫର୍ମ ପୁରୁଣ କରି ଶୀଘ୍ର ଦାଖଲ କରିବାକୁ ଉପସ୍ଥିତ ସରପଞ୍ଚ ରାଜିତ ଏକ୍କାଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ । ଗାଁ ରାସ୍ତା କାମ ଏମଜିଏନଆରଇଜିଏସରେ କରାଇବାକୁ ଉପସ୍ଥିତ ଜେଇ ଚନ୍ଦନ ମୁର୍ମୁଙ୍କୁ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ବୈଷ୍ଣବ ଉର୍ମାଙ୍କୁ କହିଥିଲେ । ଇଓ ଏବଂ ଜେଇ କାର୍ଯ୍ୟ ସମ୍ପର୍କରେ ଗ୍ରାମବାସୀଙ୍କ ନାମ ତାଲିକା ଭୁକ୍ତ କରିଥିଲେ । ଗ୍ରାମର କେତେକ ପିଲା ଅଛନ୍ତି, ପାଠ ପଢୁଛନ୍ତି, ଜବ କାର୍ଡ, ଆଧାର ଓ ଭୋଟର ପରିଚୟ ପତ୍ର ଆଦି ଏବଂ କୃଷି, ସ୍ୱାସ୍ଥ୍ୟ ଉପରେ ପଚାରି ବୁଝିବା ବେଳେ ମହିଳାମାନେ ଆଶା ଦିଦି ୬ମାସ ହେଲା କେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗ କରିଥିଲେ । ବିଡିଓ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ କିପରି ଅର୍ଥ ଉପାର୍ଜନ ସହ ସମସ୍ୟା ମଧ ଦୂର କରିପାରିବେ ପରାମର୍ଶ ଦେଇଥିଲେ। ଏହାପରେ ଦୂର୍ଗମ ରାସ୍ତାରେ ବାଇକରେ ଚୁହୁରା ଗ୍ରାମକୁ ଯାଇ ପହଞ୍ଚିଥିଲେ । ବିଧବା ବୃଦ୍ଧ ତାରିସିଲା ଗୁଡିଆ, ଲୁସିଆ ସମାଦଙ୍କ ଭତ୍ତା, ପାନୀୟ ଜଳ ସମସ୍ୟାର ଦୂରିକରଣ ପାଇଁ ଲୋକଙ୍କ ଜମିରେ କୂଅ ଖୋଳାଇବା, ଜମି ମରାମତି କାମ କରାଇବାକୁ ସରପଞ୍ଚ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇ କାର୍ଯ୍ୟ ତାଲିକା ଏବଂ ନାମ ତାଲିକା କରାଇଥିଲେ । ଗ୍ରାମର ମଞ୍ଜୁପ୍ରଭା ବୁଡ, ରେସମା ସାମାଦ, ସୁସ୍ମିତା ସାମାଦ, ସୁନିତା ବୁଡଙ୍କ ସହିତ ମହିଳାମାନେ ଉପସ୍ଥିତ ଥିଲେ ।



ଲିମଗୁଡା ଗ୍ରାମବାସୀଙ୍କ ସହିତ ବିଡିଓ ସୁଶାନ୍ତ କୁମାର ସିଂ ଆଲୋଚନା କରୁଛନ୍ତି ।

## ଗଳାକାଟି ଆତ୍ମହତ୍ୟା କଲେ ରୋଷେୟା

**ରାଜଗାଙ୍ଗପୁର,୨।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ଓସିଏଲ ମାର୍କେଟରେ ଥିବା ଏକ ଫାଷ୍ଟଫୁଟ ହୋଟେଲର ରୋଷେୟା କରଣ ପରମାଣିକ(୩୨) ଶନିବାର ରାତିରେ ଏକ ଛୁରିରେ ଗଳାକାଟି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ରାଜଗାଙ୍ଗପୁର ପୋଲିସ ରବିବାର ଜବତ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଝାରଖଣ୍ଡ ରାଜ୍ୟ ସରେଇକେଲ ଜିଲା ଲାଞ୍ଜିଗଡ ଥାନା ଅଧିନ କୁଲଟାନଡି ଗାଁରେ କରଣଙ୍କ ଘର। ଗତ ୨ବର୍ଷ ହେବ ସେ ଓସିଏଲ ମାର୍କେଟସ୍ଥିତ ଫାଷ୍ଟଫୁଡ ଦୋକାନରେ ରୋଷେୟା କାମ କରୁଥିବା କରଣ ସପ୍ତାହେ ତଳେ ଅସୁସ୍ଥ ହେବାରେ ଦୋକନର ମାଲିକ ବାରୁପଡାର ଏକ ଗୁଣିଆ ପାଖକୁ ତାଙ୍କୁ ନେଇ କୁଆଡେ ଝଡାଫୁଙ୍କା କରିଥିଲେ। ହେଲେ ଶନିବାର କରଣଙ୍କ ଦେହ ଅଧିକ ଖରାପ ହୋଇ ପଡିବାରୁ ମାଲିକ ଡାକ୍ତରଖାନା ନେବା ବଦଳରେ ତାଙ୍କୁ ପାଖରେ ଥିବା ଲାଲ ବାବା ମଜାରକୁ ନେଇଥିଲେ। ପରେ ସନ୍ଧ୍ୟାରେ କରଣ ହୋଟେଲର ଷ୍ଟାର ରୁମକୁ ଆସି ଶୋଇ ପଡିଥିଲେ। ହେଲେ ରାତି ପାଖାପାଖି ୯ଟା ବେଳକୁ ଚିତ୍କାର ଶୁଣାଯାଇଥିଲା। ପାଖରେ ଥିବା ଲୋକେ ସେଠାକୁ ଯିବାରେ ତାଙ୍କ ବେକ କଟା ଯାଇଥିବା ଦେଖିବାକୁ ପାଇଥିଲେ। ପାଖରେ ଏକ ରକ୍ତଲଗା ଛୁରି ପଡିଥିବା ଦେଖାଯାଇଥିଲା। ପରେ ହୋଟେଲ ମାଲିକ ଘଟଣାସ୍ଥଳରେ ପହଞ୍ଚି କରଣଙ୍କୁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜଗାଙ୍ଗପୁର ପୋଲିସ ଏ ନେଇ ଏକ ମାମଲା(ନଂ ନଂ. ୪୭/୧୮)ରୁଜୁ କରି ତଦନ୍ତ ଚଳାଇଛି।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ



### ଷଣ୍ଢ ଆକ୍ରମଣରେ ଜଣେ ଆହତ

**ରାଉରକେଲା ଅଫିସ,୨।୯-** ସେକ୍ଟର-୬ ଏଚ୍ ବ୍ଲକ ବଜାର ଅଞ୍ଚଳରେ ଷଣ୍ଢ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ତାଙ୍କ ନାଁ ଦିଲୀପ ଲେଙ୍କା। ଦିଲୀପ ବାଜାର ରାସ୍ତାରେ ଯାଉଥିବାବେଳେ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ଏହି ମାରଣା ଷଣ୍ଢ ସମ୍ପୃକ୍ତ ଅଞ୍ଚଳରେ ଘୂରି ବୁଲୁଛି। ରାସ୍ତାରେ ଯାତାୟାତ କରୁଥିବା ବ୍ୟକ୍ତିଙ୍କୁ ଗୋଡ଼ାଇ ଆକ୍ରମଣ କରୁଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### 'ସାଥୀ'ର ସାଧାରଣ ପରିଷଦ ବୈଠକ

**ରାଉରକେଲା ଅଫିସ,୨।୯-** ସାମାଜିକ ଓ ସାଂସ୍କୃତିକ ସଂଗଠନ ସାଥୀର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଅନସ୍ୱାର ପ୍ରତିଷ୍ଠାତା ସଦସ୍ୟ ତଥା ସଭାପତି ସଦାନନ୍ଦ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ ସହ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ନେଇ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏଥିରୁ ସୁଫଳ ମିଳୁ ନ ଥିବାରୁ ଉପସ୍ଥିତ କର୍ମକର୍ତ୍ତା ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ପ୍ରଦୂଷଣ ବିଭାଗର ନିଷ୍କ୍ରିୟତା ଯୋଗୁ ବାୟୁ, ଜଳ ତଥା ପରିବେଶ ପ୍ରଦୂଷଣ ବଢ଼ି ଚାଲିଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସରକାରୀ ନିୟମକୁ ଉଲ୍ଲଂଘନ କରାଯାଉଛି। ପ୍ରଦୂଷଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ଅଧିକାରୀ ଅବହେଳା କରୁଛନ୍ତି। ଏନେଇ ଆଗାମୀ ଦିନରେ ଉପରିସ୍ଥ ଅଧିକାରୀଙ୍କୁ ଫେରାଦ ହେବାକୁ ସଂଗଠନ ପକ୍ଷରୁ ନିଷ୍ପତ୍ତି ହୋଇଛି। ସରକାର ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବାକୁ କାଗଜ କଲମରେ ନିୟମ କରିଥିଲେ ବି ଏଥିରୁ କାଣିଚାଏ ସୁଫଳ ମିଳିନାହିଁ। ସାଧାରଣ ଭାବେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ସରକାରୀ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ଆଜି ବି ଇଂଲିଶ ଲେଖା ଫଳକ ଲଗାଯାଇଛି ବୋଲି ଏଥିରେ ଅଭିଯୋଗ ଉଠିଥିଲା। ଉପରୋକ୍ତ ଅନିୟମିତତା ତଥା ସହରର ଅବସ୍ଥା ନେଇ ସଂଗଠନ ଆଗାମି ଦିନରେ ସ୍ୱର ଉତ୍ତୋଳନ କରିବ ବୋଲି କୁହାଯାଇଛି। ଏଥିରେ ରାଜନୀକାନ୍ତ ସ୍ୱାଇଁ, ବସନ୍ତ ପାଠୀ, ଶ୍ରୀକାନ୍ତ ସାମଲ, ଗୋବିନ୍ଦ ନାୟକ, ପ୍ରଫୁଲ୍ଲ ନାୟକ, ଜସ୍ମିତା ପ୍ରଧାନ, ସ୍ୱାଗତିକା ମହାନ୍ତି, ଗଦାଧର ସାହୁ, ଶ୍ରୀକାନ୍ତ ନାୟକ ଓ ଦୁର୍ଗା ବାଦ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରୁ ନାବାଳିକା ଉଦ୍ଧାର

**ରାଉରକେଲା ଅଫିସ,୨।୯**

- ଚାକରାଣୀ ଭାବେ କାମ କରୁଥିଲେ
- କଟକରୁ ନାବାଳିକାଙ୍କ ସାନ ଭଉଣୀ ବି ଉଦ୍ଧାର
- ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ପାଖରେ ଥିଲେ
- ବଡ଼ ଭଉଣୀଙ୍କୁ ନୂଆଦିଲ୍ଲୀ ପଠାଯାଇଛି

ସେକ୍ଟର-୪ ଡି ବ୍ଲକ ଅଞ୍ଚଳରେ ରହୁଥିବା କାଂସବାହାଲର ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରେ ଚଢ଼ାଉ କରି ରବିବାର ଚାଇଲ୍ଡ ଲାଇନ୍ ଜଣେ ୧୪ ବର୍ଷର ନାବାଳିକାଙ୍କୁ ଉଦ୍ଧାର କରିଛି। ଗତ ୩ବର୍ଷ ହେଲା ନାବାଳିକା ଜଣକ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରେ ଚାକରାଣୀ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି। ପ୍ରଧାନ ଶିକ୍ଷୟିତ୍ରୀ ଜଣକ ତାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ନାବାଳିକା କହିଛନ୍ତି। ନାବାଳିକାଙ୍କ ସାନ ଭଉଣୀ (୧୦ ବର୍ଷ) କଟକ ଖପୁରିଆ ଅଞ୍ଚଳରେ ରହୁଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ପାଖରେ ଚାକରାଣୀ ଭାବେ କାମ କରୁଥିଲେ। ରାଉରକେଲା ଚାଇଲ୍ଡ ଲାଇନ୍ କଟକ ଚାଇଲ୍ଡ ଲାଇନ୍ ସହ ଯୋଗାଯୋଗ କରି ତାଙ୍କୁ ସେଠାରୁ ଉଦ୍ଧାର କରିଥିବା ସୂଚନା ମିଳିଛି। ସେହିପରି ନାବାଳିକାଙ୍କ ବଡ଼ ଭଉଣୀ (୧୬ ବର୍ଷ)ଙ୍କୁ ନୂଆଦିଲ୍ଲୀ ପଠାଯାଇଥିବା ବେଳେ ତାଙ୍କ ଖୋଜଖବର ମିଳୁନାହିଁ। ଏନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସାନ ପୁଅଙ୍କୁ ସେକ୍ଟର-୩ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ସୂଚନାନୁସାରେ ସେକ୍ଟର-୪ ଅଞ୍ଚଳରେ ରହୁଥିବା ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ କ୍ୱାର୍ଟର୍ସ ପଛ ଘରେ ରହନ୍ତି ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ। ତାଙ୍କ ସାନ ପୁଅ ଜଣେ ଆର୍‌ଏସ୍‌ପି କର୍ମଚାରୀ। ଏହି ୩ ନାବାଳିକା ଭଉଣୀ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ତାମଡ଼ା ଅଞ୍ଚଳର ଏକ ଗରିବ ତଥା ଦିନମଜୁରିଆ ଦମ୍ପତିଙ୍କ ଝିଅ ଅଟନ୍ତି। ରାଉରକେଲା ସିଭିଲ ଟାଉନଶିପ ଅଞ୍ଚଳର ଲାଲୁ ନାମକ ଜଣେ ଠିକାଦାର ୩ବର୍ଷ ପୂର୍ବେ ଏହି ୨ଭଉଣୀଙ୍କୁ ଆଣି ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରେ ଛାଡ଼ିଥିଲେ। ବଡ଼ ଭଉଣୀଙ୍କୁ କେଉଁ ପରିସ୍ଥିତିରେ ଓ କାହା ସାଙ୍ଗରେ ନୂଆଦିଲ୍ଲୀ ପଠାଗଲା ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଚାଇଲ୍ଡ ଲାଇନ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରାଉରକେଲା ଓ କଟକରୁ ଉଦ୍ଧାର ୨ ଭଉଣୀଙ୍କୁ ସମ୍ପୃକ୍ତ ଶିକ୍ଷୟିତ୍ରୀ କଟକ ତଥା ରାଉରକେଲାରେ ଅଦଳ ବଦଳ କରି ଚାକରାଣୀ ଭାବେ ଖଟାଉଥିଲେ। ଏମାନେ ଯେତେ ନେହୁରା ହେଲେ ବି ତାଙ୍କୁ ଛଡ଼ାଯାଉ ନ ଥିଲା ବୋଲି ଉଦ୍ଧାର ମଝିଆ ଭଉଣୀ ପ୍ରକାଶ କରିଛନ୍ତି। ଶନିବାର ରାତିରେ ପ୍ରଧାନ ଶିକ୍ଷୟିତ୍ରୀ ଜଣକ କଟକରୁ (ସ୍ୱାମୀଙ୍କ ନିକଟରୁ) ମଝିଆ ଭଉଣୀଙ୍କୁ ସାଙ୍ଗରେ ଧରି ବସ୍‌ରେ ରାଉରକେଲା ଫେରୁଥିବା ବେଳେ ସେହି ବସ୍‌ରେ ଆସୁଥିବା ପୂର୍ବତନ ସିଡବ୍ଲୁସି ଅଧ୍ୟକ୍ଷାଙ୍କ ହାବୁଡ଼ରେ ପଡ଼ିଥିଲେ। ନାବାଳିକାଙ୍କୁ ପଚରାଉଚୁରା କରିବାରୁ ତାଙ୍କର ସନ୍ଦେହ ହୋଇଥିଲା। ଏନେଇ ସେ ରାଉରକେଲା ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ। ବସ୍ ରାଉରକେଲାରେ ପହଞ୍ଚିବା ପରେ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ସେକ୍ଟର-୩ ଥାନା ପୋଲିସ ସହ ଶିକ୍ଷୟିତ୍ରୀଙ୍କ ଘରକୁ ଆସି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସାନ ପୁଅ ଥାନାରେ ପହଞ୍ଚି ପାଟିତୁଣ୍ଡ କରିବାରୁ ପୋଲିସ ତାଙ୍କୁ ଅଟକ ରଖିଛି। ସୂଚନାଯୋଗ୍ୟ, ଦଲାଲ ଲାଲୁଙ୍କ ଘରୁ ଗତବର୍ଷ ଛତିଶଗଡ଼ ଅଞ୍ଚଳର ଜଣେ ନାବାଳିକାକୁ ଉଦ୍ଧାର କରାଯାଇଥିଲା। ଗ୍ରାମାଞ୍ଚଳରୁ ନିରୀହ ନାବାଳିକାଙ୍କୁ ପ୍ରଲୋଭିତ କରି ଲାଲୁ ଚାକରାଣୀ ଭାବେ କାମ କରିବାକୁ ବିଭିନ୍ନ ଲୋକଙ୍କ ହାତରେ ଟେକି ଦେଉଥିବା ସନ୍ଦେହ ସୃଷ୍ଟି ହୋଇଛି। ତଦନ୍ତ କରାଗଲେ ବହୁ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ଆଲୋଚନା ହେଉଛି। ତେବେ ସିଡବ୍ଲୁସି ଅଧ୍ୟକ୍ଷ କହିଛନ୍ତି, ମୋ ଘର ପଛରେ କିଏ ରହୁଛି ମୋତେ ଜଣାନାହିଁ। ଏଣୁ ନାବାଳିକାକୁ ରଖି ସେ କାମ କରାଉଥିଲେ ବୋଲି ମୁଁ ଜାଣିନାହିଁ। ଚାଇଲ୍ଡ ଲାଇନ ଅଧ୍ୟକ୍ଷ ଅବଦୁଲ କଲାମ ଆଜାଦ କହିଛନ୍ତି ଦିଲ୍ଲୀରେ ଥିବା ବଡ଼ ଭଉଣୀଙ୍କ ମଧ୍ୟ ଉଦ୍ଧାର ଦିଗରେ ପଦକ୍ଷେପ ନିଆଯିବ।

## ଦୁର୍ଘଟଣାରେ କ୍ରେନ୍ ଅପରେଟର ଆହତ

**ରାଉରକେଲା ଅଫିସ/ବେଦବ୍ୟାସ, (ଡି.ଏନ୍.ଏ.)୨।୯**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗୋଇଭଙ୍ଗା ଅଞ୍ଚଳରେ ଥିବା ଏକ ଘରୋଇ ଇସ୍ପାତ ଉଦ୍ୟୋଗରେ ନିୟୋଜିତ ଜଣେ କ୍ରେନ ଅପରେଟର ରବିବାର ସକାଳେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ସହରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ସମ୍ପୃକ୍ତ କମ୍ପାନୀ କିମ୍ବା ଆହତ ଶ୍ରମିକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନାହିଁ। ଘଟଣାକୁ ଚାପିଦେବାକୁ କାରଖାନା କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା କହିଛନ୍ତି ସେହି କାରଖାନାର କିଛି ଶ୍ରମିକ।



ଓଡ଼ିଶା ପ୍ରଦେଶ ହରିଜନ ସମିତି ପକ୍ଷରୁ ସେକ୍ଟର-୧୮ରେ ଆୟୋଜିତ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# ସେକ୍ଟର-୧୮ରେ ହରିଜନ ସମିତି ବୈଠକ

**ରାଉରକେଲା ଅଫିସ,୨।୯**

ଓଡିଶା ପ୍ରଦେଶ ହରିଜନ ସମିତି ସ୍ଥାନୀୟ ଶାଖା ପକ୍ଷରୁ ଏକ ବୈଠକ ରବିବାର ସକାଳେ ସେକ୍ଟର-୧୮ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ସୁକମନି ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଗଣେଶ ପୂଜା ଓ ନୂଆଖାଇ ଉତ୍ସବ ପାଳନ ନେଇ ଏଥିରେ ଆଲୋଚନା ହୋଇଥିଲା। ସଂଗଠନର ବିଗତ ଓ ଆଗାମୀ କାର୍ଯ୍ୟକ୍ରମ ନେଇ କେତେଜଣ ସଭ୍ୟ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ସଂଗଠନ କାର୍ଯ୍ୟରୁ ଦୂରେଇ ରହୁଥିବା କର୍ମକର୍ତ୍ତାଙ୍କୁ ଅପସାରଣ ନେଇ ନିଷ୍ପତ୍ତି ନିଆଯାଇଛି। ଗଣେଶ ପୂଜା ଓ ନୂଆଖାଇ ପାଳନ ପାଇଁ ରାଜକିଶୋର ସୁନା, ଅରୁଣ ସୁନା, ବିକାଶ ସୁନା ଓ ଜିତେନ ମୁଖୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ଚତୁର୍ଭୁଜ କୁମ୍ଭାର, ଲଳିତ କୁମାର, ସହଦେବ ବେହେରା, ଅଭିଷେକ ପତରଖମିଆ, ଶିବ ସୁନା, କୈଳାସ କୁମ୍ଭାର, କିଶନ ରଣବଂଶୀ ଓ ଦୀପକ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# 'ଆଖି' ପକ୍ଷରୁ ମାନସିକ ଦିବ୍ୟାଙ୍ଗଙ୍କୁ ସହାୟତା

**ରାଉରକେଲା ଅଫିସ,୨।୯**

ସାମାଜିକ ସଂଗଠନ ଆଖି ପକ୍ଷରୁ ପ୍ରତ୍ୟେକ ସପ୍ତାହରେ ସେବାକାର୍ଯ୍ୟ ଜାରି ରହିଥିବାବେଳେ ରବିବାର ରାଉରକେଲା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଅବହେଳିତ ଭାବେ ପଡ଼ି ରହିଥିବା ଜଣେ ମାନସିକ ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ କରାଯାଇଛି। ତାଙ୍କୁ ପ୍ରଥମେ ସଫାସୁତୁରା କରାଯାଇ ନୂଆ ପୋଷାକ ଓ ସ୍ୱାଦିଷ୍ଟ ଖାଦ୍ୟ ପ୍ରଦାନ କରାଯାଇଥିଲା। ପରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେହିଭଳି ଡିଏଭି ଛକରୁ ହନୁମାନ ବାଟିକା ମୁଖ୍ୟ ରାସ୍ତାରେ ୨୫ଟି ଚାରାରୋପଣ କରାଯାଇଥିଲା। ଏଥିରେ ସଭାପତି ଅବିନାଶ ଶୁକ୍ଳା, ନିର୍ମଳ ପାଲ, ସିଲୁ ଦାସ, ନାରାୟଣ ସ୍ୱାଇଁ, ଜିତୁ ପ୍ରଧାନ, ଚିନ୍ମୟ ସାମଲ, ଦୁଷ୍ମନ୍ତ ଦଳେଇ ଓ ବିବେକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍ଧାର ହୋଇଥିବା ମାନସିକ ଦିବ୍ୟାଙ୍ଗଙ୍କ ସହ ଆଖିର କର୍ମକର୍ତ୍ତାମାନେ।

# ଗଣେଶ ପୂଜା ଓ ନୂଆଖାଇ ଉପଲକ୍ଷେ ଉତ୍କଳିକାର ସ୍ୱତନ୍ତ୍ର ପ୍ରଦର୍ଶନୀ

**ରାଉରକେଲା ଅଫିସ,୨।୯**

ଓଡିଶା ହସ୍ତଶିଳ୍ପ ନିଗମ ଦ୍ୱାରା ସେକ୍ଟର-୫ଠାରେ ଆୟୋଜିତ ପ୍ରଦର୍ଶନୀକୁ ରବିବାର ସନ୍ଧ୍ୟାରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ଏନ୍‌ଆଇଟି କୁଳସଚିବ ସନ୍ତୋଷ ଉପାଧ୍ୟାୟଙ୍କ ସମେତ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କୁହାଯାଇଥିଲା ଯେ ହସ୍ତଶିଳ୍ପ ପ୍ରଚାର ପ୍ରସାର ନେଇ ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୀର୍ଘ ୬୦ବର୍ଷ ଧରି ଉତ୍କଳିକା ରାଜ୍ୟର କୁଶଳୀ ହସ୍ତ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ନିଜସ୍ୱ କେନ୍ଦ୍ର ମାଧ୍ୟମରେ ବିକ୍ରି କରି ଆସୁଛି। ଏହା କେବଳ ଓଡ଼ିଶା ମଧ୍ୟରେ ସୀମିତ ନାହିଁ। ରାଜ୍ୟ ବାହାରେ ଏହାର କାରବାର ନେଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ବୋଲି ଉପସ୍ଥିତ କର୍ମକର୍ତ୍ତା ସୂଚନା ପ୍ରଦାନ କରିଥିଲେ। ଓଡ଼ିଶା ସମେତ ରାଜ୍ୟ ବାହାରେ ଉତ୍କଳିକାର ୧୪ଟି ଶାଖା ରହିଥିବା ବେଳେ ଖୁବଶୀଘ୍ର ଆଉ ୪ଟି ଶାଖା ଖୋଲିବାକୁ ଯାଉଛି ବୋଲି କୁହାଯାଇଥିଲା। ଗତ ଆର୍ଥିକବର୍ଷରେ ଉତ୍କଳିକା ସମୁଦାୟ ୨୧୬୩. ୪୫ଲକ୍ଷ ବ୍ୟବସାୟ କରିଛି। ଏଥିରୁ ୧୩. ୬୩ଲକ୍ଷ ମୂଲ୍ୟର ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଇଛି। ରାଜ୍ୟର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ପଥର ଖୋଦେଇ, ତାରକସି, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଝୋଟରୁ ପ୍ରସ୍ତୁତ ସାମଗ୍ରୀ ସହ ବମକେଇ, ଖଣ୍ଡୁଆ, ଟସର, ମଣିବନ୍ଧା ଓ ବେଡ୍‌ଶିଟ୍ ଆଦି ସାମଗ୍ରୀ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ହସ୍ତଶିଳ୍ପ ଉପରେ ୧୦ପ୍ରତିଶତ ସରକାରୀ ରିହାତି ସାଙ୍ଗକୁ ହସ୍ତତନ୍ତ ସାମଗ୍ରୀ ଉପରେ ୧୦% +୨୦% ସରକାରୀ ରିହାତି ବ୍ୟବସ୍ଥା ରହିଥିବା ଉତ୍କଳିକା ଶାଖା ପରିଚାଳକ ମିହିର ଲେଙ୍କା ସୂଚନା ପ୍ରଦାନ କରିଛନ୍ତି।



## ଦୀପିକା ଶିକ୍ଷା ସଦନ ଛାତ୍ରୀ ପାଇଲେ ମେଧାବୃତ୍ତି

**ରାଉରକେଲା ଅଫିସ,୨।୯**

ଆର୍‌ଏସ୍‌ପି ଦ୍ୱାରା ପରିଚାଳିତ ନିଶୁଳ୍କ ବିଦ୍ୟାଳୟ ଦୀପିକା ଶିକ୍ଷା ସଦନର ୭ମ ଛାତ୍ରୀ ସନ୍ଧ୍ୟା ଦାସ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସଫଳତା ପାଇବାରେ ସେ ହେଉଛନ୍ତି ବିଦ୍ୟାଳୟର ପ୍ରଥମ ଛାତ୍ରୀ। ବିଦ୍ୟାଳୟରେ ଆନନ୍ଦ ପ୍ରକାଶ ପାଇଛି। ସେକ୍ଟର-୫ ଗୋଲ ଘର ଅଞ୍ଚଳରେ ରହୁଥିବା ସନ୍ଧ୍ୟାଙ୍କ ପାରିବାରର ଆର୍ଥିକ ଅବସ୍ଥା ଅତି ଦୟନୀୟ। ପିଲାବେଳୁ ମା'ବାପାଙ୍କ ମଧ୍ୟରେ ବିଚ୍ଛେଦ ଘଟିଥିଲା। ମା' ମୁନି ଦାସ ଏକ ହୋଟେଲ ଶ୍ରମିକ ଭାବେ କାମ କରି ସନ୍ଧ୍ୟାଙ୍କୁ ପାଠ ପଢ଼ାଉଛନ୍ତି। ପ୍ରତିକୂଳ ପରିସ୍ଥିତି ସାଙ୍ଗକୁ ଅସଜଡ଼ା ପରିବାରିକ ସ୍ଥିତି ତାଙ୍କ ମନୋବଳ ଭାଙ୍ଗି ପାରିନି। ସନ୍ଧ୍ୟା ମେଧାବୀ ଛାତ୍ରୀ ହୋଇଥିବା ବେଳେ ବିଦ୍ୟାଳୟ ଗାଇଡ୍ ଦଳର ମଧ୍ୟ ସକ୍ରିୟ ସଦସ୍ୟ ଭାବେ କାମ କରୁଛନ୍ତି।

■ ରାଫେଲ ଡିଲ ଦୁର୍ନୀତି

# କେନ୍ଦ୍ର ବିରୋଧରେ କଂଗ୍ରେସର ଆନ୍ଦୋଳନ ଧମକ

**ରାଉରକେଲା ଅଫିସ,୨।୯**

କେନ୍ଦ୍ର ଏନ୍‌ଡିଏ ସରକାର ରାଫେଲ ଯୁଦ୍ଧ ବିମାନ କିଣା ନେଇ ମହାଦୁର୍ନୀତିରେ ଛନ୍ଦି ହୋଇ ପଡ଼ିଥିବା ରବିବାର ସେକ୍ଟର-୨୧ ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଜିଲା ସଭାପତି ରବି ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସମ୍ପାଦକ ରଶ୍ମିରଞ୍ଜନ ପାଢ଼ୀ, ଗଜେନ୍ଦ୍ର ତନ୍ତୀ, ବରିୟମ ସିଂ, ଦୁସା ନାୟକ, ଅଜିତ ସାମଲ ଓ ଆର୍.ଏନ୍. ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲା ସଭାପତି ରାୟ ଅଭିଯୋଗ କରିଥିଲେ ଯେ ରାଫେକ ଯୁଦ୍ଧ ବିମାନ କିଣାରେ ବଡ଼ ଦୁର୍ନୀତି ହୋଇଛି। କଂଗ୍ରେସ ସରକାର ସମୟରେ ଏନେଇ ବିଡ୍ ଡକାଯାଇଥିବା ବେଳେ ପ୍ରତି ଯୁଦ୍ଧ ବିମାନ ପିଛା ମାତ୍ର ୫୨୬.୧୦ କୋଟି ବ୍ୟୟ ବରାଦ କରାଯାଇଥିଲା। ମୋଦି ସରକାର ଏହାକୁ କେମିତି ୧୬୭୦ କୋଟିକୁ ବୃଦ୍ଧି କଲେ ସେନେଇ ତଦନ୍ତ କରାଯିବା ଆବଶ୍ୟକ। ନିର୍ବାଚନୀ ଖର୍ଚ୍ଚ ତୁଲାଇବାକୁ ରାଜକୋଷ ଲୁଟ୍ ଉଦ୍ଦେଶ୍ୟରେ ଏଭଳି ଏକ ଅସାଧୁ ଡିଲ୍ ହୋଇଥିବା ସେ ଅଭିଯୋଗ କରିଥିଲେ। ୨୦୧୨ରେ ୟୁପିଏ ସରକାର ଏନେଇ ଅନ୍ତର୍ଜାତୀୟ ଟେଣ୍ଡର ଅନୁସାରେ ୧୨୬ଟି ରାଫେଲ ବିମାନ କିଣିବାକୁ ବ୍ୟବସ୍ଥା କରିଥିଲେ। ଫ୍ରାନ୍ସରୁ ୧୮ଟି ବିମାନ କିଣାଯିବା ପରେ ଅବଶିଷ୍ଟ ୧୦୮ଟି ବିମାନ ଭାରତୀୟ କମ୍ପାନୀ ସହାୟତା ଓ ଫ୍ରାନ୍ସ ପ୍ରଯୁକ୍ତିବିଦ୍ୟାରେ ପ୍ରସ୍ତୁତ କରାଯାଇଥାନ୍ତା। ୨୦୧୫ ଏପ୍ରିଲ ୧୦ରେ ମୋଦି ସରକାର ୩୬ଟି ରାଫେଲ ବିମାନ କିଣା ନେଇ ୧୬୭୦. ୭୦ କୋଟି ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ମୋଦି ସରକାର ଏହାକୁ କେତେ ଚଢ଼ା ମୂଲ୍ୟରେ କିଣିବାକୁ ଅସାଧୁ ଡିଲ୍ କରିଛନ୍ତି। ରାତିଅଧିଆ ଗଢ଼ାଯାଇଥିବା କମ୍ପାନୀକୁ ଏନେଇ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯିବା ପଛରେ କି ରହସ୍ୟ ରହିଛି ସେ ନେଇ ମୋଦି ସରକାର ଉତ୍ତର ରଖନ୍ତୁ ବୋଲି ରାୟ ଦାବି କରିଥିଲେ। ପୂର୍ବତନ ବିଧାୟକ ମହାପାତ୍ର, ପିସିସି ସମ୍ପାଦକ ପାଢ଼ୀ, କାର୍ଯ୍ୟକାରୀ ସଭାପତି ହୁସେନ ପ୍ରମୁଖ ବକ୍ତବ୍ୟ ରଖି ରାଫେଲ ଦୁର୍ନୀତି ମୋଦି ସରକାରଙ୍କ ମୁଖା ଖୋଲିଦେଇଛି ବୋଲି କହିଥିଲେ। ଏନେଇ ବିଭାଗୀୟ ମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ମୁହଁ ନ ଖୋଲିବା ପଛରେ କି ରହସ୍ୟ ରହିଛି ତାହା ଦେଶବାସୀ ଜାଣିବା ଆବଶ୍ୟକ ବୋଲି ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ। ଆଗାମୀ ଦିନରେ ଏନେଇ ଦଳର ସର୍ବୋଚ୍ଚ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି କହିଥିଲେ ଉପସ୍ଥିତ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହାପାତ୍ର।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

■ ସରକାରୀ ଅବହେଳାର ଶିକାର ଅବସରପ୍ରାପ୍ତ ସେନା କର୍ମଚାରୀ

# ମିଳୁନି ଅନୁକମ୍ପା ନିଯୁକ୍ତି, ଦୁର୍ଦ୍ଦିନରେ ପରିବାର

**ରାଉରକେଲା ଅଫିସ,୨।୯**

୧୯୭୮ରେ ଭାରତ ସରକାରଙ୍କ ଗେଜେଟ୍ ନୋଟିଫିକେଶନ ଅନୁଯାୟୀ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପାଇଁ ୧୪.୫ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ଏହା ସତ୍ତ୍ୱେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଏହି ନିୟମ ମାନୁ ନ ଥିବା ପଶ୍ଚିମ ଓଡ଼ିଶା ଯବାନ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଛେଣ୍ଡ କଲୋନୀଠାରେ ଥିବା ସୈନିକ ଭବନରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ ସରକାର ଅବସରପ୍ରାପ୍ତ ସେନା କର୍ମଚରୀଙ୍କ ନିଯୁକ୍ତି ନେଇ ଆଗ୍ରହୀ ନୁହନ୍ତି। ୧୯୯୫ରେ ଜିଲା ଓ ରାଜ୍ୟ ସୈନିକ ବୋର୍ଡ ସୁପାରିସ କ୍ରମେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ୫୬ଜଣ ଅବସରପ୍ରାପ୍ତ ସୈନିକଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରିଥିଲେ। ତା' ପରଠାରୁ ଆଜିପର୍ଯ୍ୟନ୍ତ ଆଉ ନିଯୁକ୍ତି ଦିଆଯାଇନାହିଁ। ୧୯୯୮ରୁ ୨୦୧୪ ପର୍ଯ୍ୟନ୍ତ ଆର୍‌ଏସ୍‌ପିରେ ଦିଆଯାଇଥିବା ନିଯୁକ୍ତି ନେଇ ଏମାନଙ୍କୁ ଆବେଦନର ସୁଯୋଗ ମଧ୍ୟ ମିଳିନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଜିଲା ପ୍ରଶାସନ ଯାଏ ସମସ୍ତଙ୍କୁ ଅବଗତ କରାଯାଇଥିଲେ ହେଁ ସବୁ ନିଷ୍ଫଳ ହୋଇଛି। ନାନା କଟକଣା ତଥା ସର୍ତ୍ତ ଯୋଗୁ ୨୦୧୫ରେ ୬୩ପଦ ପୂରଣ ନେଇ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ୧୪୨ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୩ଜଣଙ୍କୁ ନିଯୁକ୍ତି ମିଳିଲା। କାରଣ ସୈନ୍ୟ ବିଭାଗରୁ ପ୍ରାପ୍ତ ବୈଷୟିକ ପ୍ରାମଣପତ୍ରକୁ ଏଠି ସ୍ୱୀକୃତି ପ୍ରଦାନ କରାଗଲା ନାହିଁ। ସେଲ୍ ଅଧୀନ ଅନ୍ୟ ୟୁନିଟରେ ଏହି ପ୍ରମାଣପତ୍ରକୁ ସ୍ୱୀକୃତି ମିଳୁଥିବା ବେଳେ ଆର୍‌ଏସ୍‌ପିରେ ଏହାକୁ ମାନ୍ୟତା ପ୍ରଦାନ କରାଯାଉନି। ଆହୁରି ଆଶ୍ଚର୍ଯ୍ୟର କଥା ଯେ ବଳିଥିବା କୋଟାରେ ରାଜ୍ୟ ବାହାର ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି। ଏମାନଙ୍କ ପ୍ରମାଣପତ୍ରକୁ ଠିକ୍ ଭାବେ ଯାଞ୍ଚ କରା ନ ଯାଇ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ କରିଥିଲେ ବିକାଶ ପରିଷଦ କର୍ମକର୍ତ୍ତା। ଏହାର ତଦନ୍ତ ପାଇଁ ସଂଗଠନ ପକ୍ଷରୁ କେନ୍ଦ୍ର ଭିଜିଲାନ୍ସକୁ ପତ୍ର ଲେଖାଯାଇଛି। କେବଳ ଏତିକି ନୁହେଁ ବିଭିନ୍ନ କେନ୍ଦ୍ରୀୟ ଉଦ୍ୟୋଗରେ ମଧ୍ୟ ପୂର୍ବ ସୈନିକଙ୍କ ନିଯୁକ୍ତି ନେଇ ଅଣଦେଖା କରାଯାଉଛି। ଦେଶ ଓ ଜାତି ପାଇଁ ଜୀବନ ଉତ୍ସର୍ଗ କରୁଥିବା ପୂର୍ବ ସେନା କର୍ମଚାରୀ ପରିବାର ପ୍ରତି ସରକାରଙ୍କ ଏଭଳି ଅବହେଳା ଯୋଗୁ ଆଜି ଅନେକ ପରିବାର ଦୁର୍ଦ୍ଦିନରେ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଯେଉଁ କେତେଜଣ ଅବସରପ୍ରାପ୍ତ ସୈନିକ ସୁରକ୍ଷା ସଂସ୍ଥା ପଞ୍ଜୀକରଣ କରି ଏଥିରେ ପୂର୍ବ ସେନା କର୍ମଚାରୀଙ୍କୁ ଥଇଥାନ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି, ସେମାନଙ୍କୁ ନୀତିନିୟମ ଆଳରେ ସରକାର ଅଣଦେଖା କରୁଛନ୍ତି। ଏଣୁ ସୁନ୍ଦରଗଡ଼ ଜିଲାରେ ବାସ କରୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଆର୍ଥିକ ଓ ପାରିବାରିକ ଅବସ୍ଥା ଭଲ ନାହିଁ ବୋଲି ଅଭିଯୋଗ କରିଥିଲେ ସଂଗଠନ ସଭାପତି ତଥା ଅବସରପ୍ରାପ୍ତ ମେଜର ଡ. ଅକ୍ଷୟ ସାମଲ, ଇଂ. ନିର୍ମଳ ଦାସ, ଇଂ. ଚକ୍ରାନ୍ତ ଜେନା ଓ ଇଂ ପ୍ରକାଶ ପରିଜା ପ୍ରମୁଖ।




ଖବରଦାତା ସମ୍ମିଳନୀରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ଖବରଦାତାଙ୍କୁ ସମ୍ବୋଧିତ କରୁଛନ୍ତି।